ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅକ୍ଟୋବର ୨୦୨୩ ସଂଖ୍ୟା



 କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Cover Image Courtesy : Devotional.ai

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com



Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଶାରଦୀୟ ଦଶହରା ପର୍ବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ଗଳ୍ପ ବିଭାଗ** | | **୩୧** |
| ଅନେକ କଳାଛାଇ - ୭ | ଅଶୋକ ବିଶ୍ୱାଳ | ୩୨ |
| ଉପସ୍ଥାନ | ଅମୃତନାରାୟଣ ଶତପଥି | ୪୪ |
| ଲେଉଟା ପାର୍ବଣ | ଅମରନାଥ ବାରିକ | ୪୬ |
| ପିତାମାତାଙ୍କ ଭୂମିକା | ନିତ୍ୟ ରଞ୍ଜନ ନନ୍ଦ | ୫୨ |
| ଉପହାର | ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା | ୫୫ |
| ପ୍ରେମ ପିଶାଚ | ତ୍ରିନାଥ ନନ୍ଦୀ | ୫୯ |
| ଶ୍ରାବଣୀର ଦୁଃଖ | ବିରଞ୍ଚି ନାରାୟଣ ମିଶ୍ର | ୬୧ |
| କେହିଜଣେ ନିଶ୍ଚିତ ଫେରିବ | ଶଙ୍କର ବିଶ୍ୱାଳ | ୬୫ |
| ରଫ୍ ଖାତା | ସୁଦ୍ୟୁମ୍ନା ପଣ୍ଡା | ୬୮ |
| ସୁନା ଝିଅ | ମନୋଜ କୁମାର ଦାସ | ୭୧ |
| ମନ୍ଦିର ନିର୍ମାଣ | ବାଲାଜୀ ସେଠୀ | ୭୪ |
| ସେକାଳ ପଖାଳ | ବିନୟ ମହାପାତ୍ର | ୭୯ |
| **କବିତା ବିଭାଗ** | | **୮୯** |
| ଜଗନ୍ନାୟୀ | ଶିବ ନାରାୟଣ ଦାଶ | ୯୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆମ ଗାଁ (୩) | ସ୍ୱର୍ଗତ ମାୟାଧର ଦାଶ | ୯୪ |
| ନାଆଁ ମୋର ରସଗୋଲା | ଜୟନ୍ତ କୁମାର ମଲ୍ଲିକ | ୯୯ |
| ତମେ ଓ ଆମେ | ପ୍ରଦୀପ୍ତ କିଶୋର ମିଶ୍ର | ୧୦୦ |
| ଘୋର କଳିକାଳ | ଅଲେଖ ମେହେର | ୧୦୧ |
| ଜହୁରୀକୁ ଜଣା | ଶିବ ପ୍ରସାଦ ଚାନ୍ଦ | ୧୦୨ |
| ସେଦିନର ସକାଳ ଓ ସଞ୍ଜ | ଡଃ ଅମୀୟ ମହାପାତ୍ର | ୧୦୩ |
| ଜ୍ୟୋତିବିହାରରେ ସକାଳ | ବର୍ଷାରାଣୀ ମହାମଲ୍ଲିକ | ୧୦୬ |
| ଗୋରୀ ତୁ ମୁହଁ ଲୁଚାଉ କେତେ | ସୁହଂସ ଭୋଇ | ୧୦୭ |
| ହେ ସିଂହବାହିନୀ | ନୀଳମଣି ଚାନ୍ଦ | ୧୦୮ |
| ଦୁର୍ଗତି ନାଶିନୀ | ନଳିନୀ ଦାଶ | ୧୦୯ |
| ପାର୍ବଣର ସ୍ୱତନ୍ତ୍ର ସ୍ୱାକ୍ଷର | ନିରଞ୍ଜନ ସାହୁ | ୧୧୦ |
| ଆସୁଛନ୍ତି ଜଗତଜନନୀ | ଇଂ ସୌମ୍ୟରଞ୍ଜନ ଲେଙ୍କା | ୧୧୨ |
| ଶରତ ଶୋଭା | ପ୍ରଶାନ୍ତ କୁମାର ନାଥ | ୧୧୩ |
| ଶରତ ପାର୍ବଣ | ବନ୍ଦନା ମହାପାତ୍ର | ୧୧୫ |
| କାଶତଣ୍ଡୀ | ପଙ୍କଜିନୀ ଉପାଧ୍ୟାୟ | ୧୧୬ |
| କାଶତଣ୍ଡୀ | ସତ୍ୟବ୍ରତ ବାରିକ | ୧୧୮ |
| ମାଆ ଗୋ ତ୍ରିପୁରା ସୁନ୍ଦରୀ | ଦେବାର୍ଚ୍ଚନ ମେହେର | ୧୧୯ |
| ଜଳିବାରେ ବେଶି ମୁଁ | ତାରା ପ୍ରସାଦ ଜେନା | ୧୨୦ |
| କୁଆଡ଼େ ଗଲା ମୋ ପିଲାଦିନ | ହରେରାମ ପଣ୍ଡା | ୧୨୨ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ନାରୀ | ସୁଧାଂଶୁ ଶେଖର ପ୍ରଧାନ | ୧୨୩ |
| ଦୂର ପାହାଡ଼ର ଫୁଲ | ଆଶୁତୋଷ ମେହେର | ୧୨୬ |
| ଆଜି ସେହି ଶୁଭ ତାଳନବମୀ | ପ୍ରଦୀପ୍ତ କୁମାର ଦାସ | ୧୨୭ |
| ବିରହ | ବାଲାଜୀ ସେଠୀ | ୧୩୧ |
| ସ୍ମୃତି | ଆଦରମଣି ପ୍ରଧାନ | ୧୩୩ |
| ସ୍ୱାମୀ ହେବାପରେ | ବିଶ୍ୱଜିତ ନାୟକ | ୧୩୪ |
| କୃଷ୍ଣଲୀଳା | ମୋନାଲିସା ପାଣିଗ୍ରାହୀ | ୧୩୫ |
| ଇତିହାସ | ସୁନୀଲ କୁମାର ଅଗସ୍ତି | ୧୩୮ |
| ମୁଁ ତତେ ଭଲ ପାଏ | ପ୍ରଭାସ କୁମାର ମହାପାତ୍ର | ୧୩୯ |
| ଲୁହ | କୀର୍ତ୍ତନ ସାହୁ | ୧୪୦ |
| ଜାତୀୟ ଚରିତ୍ର | ଅମରନାଥ ବାରିକ | ୧୪୨ |
| ସୃଷ୍ଟିରେ ବୁଦ୍ଧିଆ ମଣିଷ | ନାରାୟଣ ଚନ୍ଦ୍ର ସେନାପତି | ୧୪୪ |
| ନାରୀ | ସ୍ୱର୍ଣ୍ଣଲତା ପଟ୍ଟନାୟକ | ୧୪୬ |
| ଆଶିଷ ଦିଅ ହେ ଗଣେଶ ବିଘ୍ନେଶ | ସବିତା ଜେନା | ୧୪୮ |
| ବିଘ୍ନ ବିନାଶକ | ଲେଖିକାଙ୍କ ନାମ ପଠାଇ ନାହାନ୍ତି | ୧୫୦ |
| ପାହାଡ଼ ସେପଟେ ତୁମ ଘର | ରୀତା ଅପରାଜିତା ମହାନ୍ତି | ୧୫୧ |
| ସବୁ ଜାଳିଦିଏ ସନ୍ଦେହ ନିଆଁ | ବିଦ୍ୟୁତପ୍ରଭା ମିଶ୍ର | ୧୫୩ |
| ସନ୍ଦେହ ନିଆଁଟା ସବୁ ଜାଳିଦିଏ | ତୃପ୍ତିରାଣୀ ପାତ୍ର | ୧୫୪ |
| ସବୁ ଜାଳିଦିଏ ସନ୍ଦେହ ନିଆଁ | ସନ୍ତୋଷିନୀ ଦାଶ | ୧୫୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସବୁ ଜାଳିଦିଏ ସନ୍ଦେହ ନିଆଁ | କୁମୁଦିନୀ ପତି | ୧୫୭ |
| ବଦଳି ଯାଉଥିବା ପୃଥିବୀ ଛାତି | ଜିତେନ୍ଦ୍ର କୁମାର ବେହେରା | ୧୫୮ |
| ଏମାଟି ମୋର ସରଗ | ଭାରତୀ ହୋତା | ୧୬୦ |
| ଅସହାୟ ଜହ୍ନ | ସରସ୍ୱତୀ ପଣ୍ଡା | ୧୬୨ |
| ଶେଷ ଠିକଣା | ବିବାସିନୀ ପଟ୍ଟନାୟକ | ୧୬୪ |
| ମେରୀ ମାଟି ମେରୀ ଦେଶ | ବିନୋଦିନୀ ଦାଶ | ୧୬୫ |
| ଉଭାସୁ ଜୀବନ | ଭରତବନ୍ଧୁ ବିଶ୍ୱାଳ | ୧୬୬ |
| କୁପୋଷଣ | ଉମାକାନ୍ତ ଦାସ | ୧୬୭ |
| ସାହିତ୍ୟର ଅର୍ଥ ବୁଝିବା | ସତ୍ୟନାରାୟଣ ସାହୁ | ୧୬୯ |
| ସାହିତ୍ୟର ଅର୍ଥ ବୁଝିବା | ନଳିନୀ ପ୍ରଭା ମିଶ୍ର | ୧୭୨ |
| ସାହିତ୍ୟର ଅର୍ଥ ବୁଝିବା | ରାଧାଶ୍ୟାମ ମହାନ୍ତି | ୧୭୩ |
| ସାହିତ୍ୟର ଅର୍ଥ ବୁଝିବା | ଡାନଶ୍ରୀ ପାଣିଗ୍ରାହୀ | ୧୭୪ |
| ମନ ମୁହଁ କିଆଁ କରୁନ ଏକା | ସନ୍ତୋଷ କୁମାର ସାହୁ | ୧୭୫ |
| ମନ ମୁହଁ କିଆଁ କରୁନ ଏକା | ଭାସ୍କର ରାଉତ | ୧୭୬ |
| ଗାନ୍ଧୀଙ୍କୁ ଝୁରୁଛି ଭାରତ ଭୂଇଁ | ସୁଦ୍ୟୁମ୍ନା ପଣ୍ଡା | ୧୭୭ |
| ମାନବ ସେବା ହିଁ ମାଧବ ସେବା | ପ୍ରତାପ କିଶୋର ରାଉତ | ୧୭୮ |
| କେତେ ସ୍ୱଚ୍ଛ ଥିଲେ ଶାସ୍ତ୍ରୀ ଆମର | ନୂତନ କୁମାର ବେହେରା | ୧୮୦ |
| ନୂଆଖାଇ | ଶୋଭାଗିନୀ ନନ୍ଦ | ୧୮୪ |
| ଶ୍ରୀ ରାଧେ | ଜ୍ୟୋତ୍ସ୍ନାମୟୀ ସାହୁ | ୧୮୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଝିଅ ପାଇଁ କେରେ ଗୀତ | ଦେବାଶିଷ ଚକ୍ରବର୍ତ୍ତୀ | ୧୮୭ |
| ପ୍ରଶଂସା ଦେବାକୁ କୃପଣ କିଆଁ | ସ୍ୱପ୍ନା ମହାନ୍ତି | ୧୮୮ |
| ସପନେ ହଜିଲା ସପନ ରାଣୀ | ସରିତା ମହାନ୍ତି | ୧୮୯ |
| ଆମେ ଶାନ୍ତି ଚାହୁଁ | ପ୍ରାଣବନ୍ଧୁ ରାଉତ | ୧୯୧ |
| ଅଭୁଲା ସ୍ମୃତି | ନନ୍ଦିତା ବଡ଼ାଇ | ୧୯୨ |
| ଏକବିଂଶ ଶତାବ୍ଦୀର ନାରୀ | ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ | ୧୯୩ |
| ଆପଣାପଣ | ମହେନ୍ଦ୍ର ପ୍ରସାଦ ଦାସ | ୧୯୫ |
| ମେଲାଣି | ଚିତ୍ତରଞ୍ଜନ ମହାପାତ୍ର | ୧୯୭ |
| ଏ କାହାର କ୍ରନ୍ଦନ | ସୁପ୍ରିୟା ମହାନ୍ତି | ୧୯୮ |
| ନିରୁଦ୍ଦିଷ୍ଟ | ରଞ୍ଜିତା ଦାଶ | ୧୯୯ |
| ଏ ବଉଳ | ଦିପ୍ତୀ ଦେବଦର୍ଶିନୀ ସୁତାର | ୨୦୨ |
| ଜୀବନ ଏମିତି | ପ୍ରଭଞ୍ଜନ ତ୍ରିପାଠୀ | ୨୦୩ |
| ପ୍ରହଶିତ ଶିକ୍ଷା | ଜୟଦେବ ସେନାପତି | ୨୦୪ |
| ଜାଗ ହେ ନାରୀ ଜାଗ | ଆହ୍ଲାଦିନୀ ପାଣିଗ୍ରାହୀ ଦାସ | ୨୦୬ |
| ନୀରବ ମୃତ୍ୟୁ | ଗୀତାଞ୍ଜଳୀ ଭୂୟାଁ | ୨୦୮ |
| ପାଦ ଥାପିଦେଲେ | ଶାନ୍ତିଲତା ପଣ୍ଡା | ୨୧୦ |
| ହେବି ମୁଁ ଝରା ଶେଫାଳୀ | ବୀଣା ସାହୁ | ୨୧୨ |
| ଭଗ୍ନ କୋଣାର୍କ | ସୁବାସ ଚନ୍ଦ୍ର ତାରିଣୀ | ୨୧୩ |
| ଚିର ଅମର ଲୌହମାନବ | ବିକାଶ କୁମାର ମହାନ୍ତ | ୨୧୫ |


Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ହୃଦୟର ଭାବନା | ଜୟଦେବ ମାଝୀ | ୨୧୬ |
| ଆଖି ବୁଜିଦେଲେ | ହରେରାମ ପଣ୍ଡା | ୨୧୯ |
| ଆକାଶର ମୁକ୍ତ ଶାରୀ | ଅନୁପମା ବିଶ୍ୱାଳ | ୨୨୦ |
| ଏକାନ୍ତ | ପଙ୍କଜ କୁମାର ମଙ୍ଗଳ | ୨୨୧ |
| ସାତ ସ୍ୱରେ ବନ୍ଧା ଏ ଜୀବନ | ବାସନ୍ତୀଲତା ଜେନା | ୨୨୨ |
| ଗାନ୍ଧୀ ହେ ତୁମ ରାଇଜରେ | ଗୁଣମତି ଭୋଇ | ୨୨୪ |
| ନିଜ କଥା | ଡଃ ମନୋରଞ୍ଜନ ବିଷୋୟୀ | ୨୨୫ |
| ବାପା, ତୁମେ ଗଲାପରେ | ସାଇଶ୍ରୀ ସୌମିତ୍ରୀ ହରପ୍ରସାଦ | ୨୨୬ |
| ଇଜ୍ଜତ ନାହିଁ ବୋଲି | ବିଜୟ କୁମାର ସାହୁ | ୨୨୮ |
| ହେ ଈଶ୍ୱର, ଆମକୁ ରକ୍ଷାକର ! | ରାଧାମୋହନ ପୂଜାହାରୀ | ୨୩୦ |
| ଡଃ ସୁଦର୍ଶନ ଆଚାର୍ଯ୍ୟ ସ୍ମୃତିରେ | ଦଣ୍ଡାସି ପ୍ରଧାନ | ୨୩୩ |
| ବିଘ୍ନ ବିନାଶନ | ପ୍ରହ୍ଲାଦ ସାହୁ | ୨୩୪ |
| ଗୋଟିଏ ଦିନରେ କୋଟିଏ ସ୍ୱପ୍ନ | ବିଶ୍ୱ ରଞ୍ଜନ ମହାନ୍ତି | ୨୩୭ |
| କବିତା କଥା | କିରନ୍ ସ୍ୱାଇଁ | ୨୩୯ |
| **ଲୋକଭାଷା ବିଭାଗ** | | **୨୪୦** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୨୪୧ |
| ଆମେ ସମ୍ବଲପୁରୀଏନ୍ | ବର୍ଷାରାଣୀ ମହାମଲ୍ଲିକ | ୨୪୪ |
| ନୂଆଁଖାଇ ଜୁହାର | ନିତ୍ୟାନନ୍ଦ ଖମାରୀ | ୨୪୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କଏଁଶ ଫୁଲ | ଶୋଭାରାଣୀ ମାଝୀ | ୨୪୮ |
| ମାଁ ସମଲେଇ | ଶୋଭାରାଣୀ ମାଝୀ | ୨୪୯ |
| ଫୁଲ ଘମଲା | ଅଜିତ କୁମାର ପାଢ଼ୀ | ୨୫୦ |
| **ପ୍ରବନ୍ଧ ବିଭାଗ** | | **୨୫୨** |
| ଉତ୍କଳୀୟ ନବବର୍ଷ | ପ୍ରହ୍ଲାଦ ସାହୁ | ୨୫୩ |
| ଆଦିତ୍ୟ ଏଲ୍-୧ : ସୂର୍ଯ୍ୟ ମିଶନ୍ | ଅସିତ ମହାନ୍ତି | ୨୫୭ |
| ହିନ୍ଦୁ ଭାବନାକୁ କୁଠାରଘାତ | ଆଶୁତୋଷ ନାୟକ | ୨୬୩ |
| ପୁଅ ଜିଉଁତିଆ | ସାଇ ପ୍ରସାଦ ସାହୁ | ୨୬୯ |
| ବହୁମୁଖୀ କୁନି ପ୍ରତିଭା `ସାଇ ଲିପ୍ସା' | ରାମଚନ୍ଦ୍ର ପ୍ରଧାନ | ୨୭୩ |
| ସ୍ୱାସ୍ଥ୍ୟ ହିଁ ସମ୍ପଦ | ଜଗଜ୍ଜୀବନ ସେଠୀ | ୨୭୬ |
| ମହାକାଶ ଆଇନ ଓ ଆନ୍ତର୍ଜାତୀୟ ଚୁକ୍ତି | ସୀମା କାନୁନଗୋ | ୨୭୯ |
| ଶରତେ ଶାରଦୀୟ | ବନ୍ଦନା ମହାପାତ୍ର | ୨୮୩ |
| ଗାନ୍ଧୀ ଓ ଗାନ୍ଧିବାଦୀ ବ୍ୟକ୍ତି | ପ୍ରଭାସ କୁମାର ମହାପାତ୍ର | ୨୮୫ |
| **ବିଶେଷ ସୂଚନା** | | **୨୯୧** |



ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବିଶେଷ ଶାରଦୀୟ ସଂସ୍କରଣ ସହିତ ମୁଁ ଉପସ୍ଥିତ । ଆଶା କରୁଛି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ଥିବ । ଆପଣଙ୍କ ମାନସିକ ସ୍ୱାସ୍ଥ୍ୟପାଇଁ ଆହ୍ୱାନ ଇପତ୍ରିକାର ଏହି ସଂସ୍କରଣ ବହୁତ ଉପାଦେୟ ହେବ ବୋଲି ଆଶା କରୁଛି । ପ୍ରତ୍ୟେକ ମାସ ପରି ଚଳିତ ସଂସ୍କରଣରେ ମଧ୍ୟ ଅନେକ ନବୀନ ଓ ପ୍ରବୀଣ ଲେଖିକା ଓ ଲେଖକଙ୍କ କୃତି ସ୍ଥାନ ପାଇଛି । ପ୍ରତ୍ୟେକ ସାହିତ୍ୟ ପତ୍ରିକା ବର୍ଷର ଦୁଇଟି ସମୟରେ ଅନ୍ତତଃ ଅଧିକ ଉତ୍ସାହ ଓ ଉଦ୍ଦୀପନା ଦେଖାଇ ଥାଆନ୍ତି, ସେମଧ୍ୟରେ ଶାରଦୀୟ ଦଶହରା ପର୍ବ ସମୟ ଏବଂ ବିଷୁବ ସଂକ୍ରାନ୍ତି ସମୟ ଅନ୍ୟତମ । ବିଷୁବ ସଂକ୍ରାନ୍ତି ସମୟରେ ପାଠକଙ୍କ ପାଖରେ ସମୟରେ ଅଭାବ ଥାଏ କିନ୍ତୁ ଶାରଦୀୟ ଉତ୍ସବ ସମୟରେ ପାଠକମାନଙ୍କ ପାଖରେ ଅତ୍ୟଧିକ ସମୟ ଥାଏ, ତେଣୁ ଅଧିକାଂଶ ସାହିତ୍ୟ ପତ୍ରିକା ଏହି ସମୟରେ ବୃହତ କଳେବର ନେଇ ପ୍ରକାଶିତ ହୋଇଥାଏ । ଆହ୍ୱାନର ଚଳିତ ସଂସ୍କରଣ ଅଧିକ ଲେଖାରେ ସମୃଦ୍ଧ । ଆଶା କରୁଛି ଆପଣଙ୍କୁ ଏହା ଆପ୍ୟାୟିତ କରିବ ।

ସାହିତ୍ୟ ବିଷୟ ସମ୍ବଳିତ କିଛି କବିତା ଏହି ସଂସ୍କରଣରେ ସ୍ଥାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଛି । ଏହାକୁ ପଠନ କରିଲେ ଆପଣ ସାହିତ୍ୟ ଓ ସାହିତ୍ୟ ସମ୍ବନ୍ଧରେ ଅନେକ କିଛି ବୁଝିବାକୁ ପାଇବେ । ଏହି ବିଷୟରୁ ଗୋଟିଏ କଥା କହିବାକୁ ଉଚିତ ମନେ କରୁଛି । ବିଗତ ଦିନରେ ଜଣେ ସାହିତ୍ୟିକ ବନ୍ଧୁଙ୍କ ସହ ବାର୍ତ୍ତାଳାପ କରିବା ସୁଯୋଗ ପାଇଲି । ସାମ୍ପ୍ରତିକ ସମୟରେ ଓଡ଼ିଆ ସାହିତ୍ୟର ଦୁର୍ବଳ ସ୍ଥିତି ବିଷୟରେ ସେ ମୋତେ ଅବଗତ କରାଇବା ସହ ଏଥିରୁ କିଭଳି ଆମେ ଉନ୍ନତିର ପଥରେ ଅଗ୍ରଗତି କରିବା ସେଇ ବିଷୟରେ ପ୍ରଶ୍ନ କରିଥିଲେ । ସ୍ୱାଭାବିକ କଥା, ଗୋଟିଏ ଶିକ୍ଷିତ ସମାଜ ହିସାବରେ ଆମେ ଓଡ଼ିଆ ମାନେ ପତ୍ରପତ୍ରିକା କିଣାକିଣି ପାଇଁ କେବେ ବି ଆଗ୍ରହ ଦେଖାଇ ନାହୁଁ । ଅନେକ ବନ୍ଧୁ ମାଗଣାରେ ମିଳିଲେ, ପତ୍ରପତ୍ରିକାକୁ ହାତେଇବାକୁ ଆଗେଇ ଆସନ୍ତି, ହେଲେ ଅର୍ଥ ବିନିମୟରେ ପତ୍ରପତ୍ରିକା ଖରିଦ୍ କରିବା ଭଳି ସତସାହାସ କେହି କରନ୍ତି ନାହିଁ । ତେଣୁ ଦିନକୁ ଦିନ ପତ୍ରପତ୍ରିକା ପ୍ରକାଶକ ମାନେ ନିରୁତ୍ସାହିତ ହେବାକୁ ଲାଗିଲେଣି । ସ୍ୱାଭାବିକ କଥା, ଦିନକୁ ଦିନ ସବୁକିଛି ମହଙ୍ଗା ହେବାକୁ ଲାଗିଲାଣି, ସେହିପରି ପତ୍ରିକା ପ୍ରକାଶନ ପାଇଁ ମଧ୍ୟ ବହୁତ କଷ୍ଟ କରିବାକୁ ହେଉଛି, ହେଲେ ସେହି ତୁଳନାରେ ଯଦି ପ୍ରାପ୍ୟ ନ ମିଳେ ତା ହେଲେ କିଏ ବା କାହିଁକି ପତ୍ରିକା ପ୍ରକାଶନରେ ମନୋନିବେଶ କରିବ ! କାଗଜରେ ଛପା ହେଉଥିବା ପତ୍ରିକା ହେଉ ବା ଇ-ପତ୍ରିକା, ଉଭୟ କ୍ଷେତ୍ରରେ ଆର୍ଥିକ ବ୍ୟୟର ଭରଣା କରିବାପାଇଁ କିଛି କିଛି ପତ୍ରପତ୍ରିକା ପ୍ରକାଶନ ପାଇଁ ଅର୍ଥ ବି ଦାବୀ କରନ୍ତି । ଏଇ କିଛି ଦିନ ତଳେ ମୋତେ ହ୍ୱାଟ୍ସଆପରେ ଏଭଳି କିଛି ସୂଚନା ମିଳିଛି, କିଛି ପତ୍ରିକା ପ୍ରକାଶନ ସଂସ୍ଥା ତରଫରୁ ବିଶେଷ ଶାରଦୀୟ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରିବା ସହ ଲେଖା ସହ ଶହେ ଟଙ୍କାର ଆର୍ଥିକ ସହାୟତା ପାଇଁ ନିବେଦନ କରାଯାଇଛି । ଖରାପ ଲାଗୁଥିଲେ ସୁଦ୍ଧା, ଏହା ବାସ୍ତବିକତା । କାରଣ ନିଃଶୁଳ୍କ ପ୍ରକାଶନ କରିବା ଭଳି କୌଣସି ବ୍ୟବସ୍ଥା ତ ନାହିଁ, ତା ହେଲେ ସମ୍ପାଦକ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକାଶକ କାହିଁକି ବହି ଛାପିବେ ?

ଆହ୍ୱାନ ଇ-ପତ୍ରିକାର ପ୍ରକାଶନରେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଃଶୁଳ୍କ ବ୍ୟବସ୍ଥା ରହିଛି, ଅବଶ୍ୟ ଏଥିପାଇଁ ହେଉଥିବା ବ୍ୟୟ ମୋତେ ହାତରୁ ଦେବାକୁ ପଡୁଛି । ଅନେକ ପତ୍ରପତ୍ରିକା ବିଜ୍ଞାପନ ମାଧ୍ୟମରେ ଖର୍ଚ୍ଚ ଉଠାଉଥିବା ବେଳେ ଆହ୍ୱାନ ଇ-ପତ୍ରିକା କୌଣସି ବିଜ୍ଞାପନକୁ କେବେ ବି ପ୍ରୋତ୍ସାହନ ଦେଇନାହିଁ । ତେଣୁ ଭବିଷ୍ୟତରେ ଏହାକୁ ବଞ୍ଚାଇ ରଖିବାକୁ ହେଲେ, ଆର୍ଥିକ ସହାୟତା କରିବାକୁ ପଡ଼ିବ । ପତ୍ରିକା ପ୍ରକାଶନରେ ହେଉଥିବା ଅର୍ଥ ଓ ସମୟ ବ୍ୟୟକୁ ଭରଣା କରିବାକୁ ହେବ । ତେଣୁ ପତ୍ରିକାରେ ନିୟମିତ ଲେଖା ପ୍ରକାଶିତ କରୁଥିବା ସାହିତ୍ୟିକ ବନ୍ଧୁଙ୍କୁ ନିବେଦନ ସେମାନେ ସାମର୍ଥ୍ୟାନୁସାରେ ସହାୟତା କରି ଏହି ପତ୍ରିକାକୁ ନିରବଚ୍ଛିନ୍ନ ଭାବରେ ପ୍ରକାଶନ କରିବାରେ ସାହାଯ୍ୟ କରି ପାରନ୍ତି । ପାରସ୍ପରିକ ସହଯୋଗ ଏବଂ ସହାୟତା ହିଁ ଏହି ପତ୍ରିକାକୁ ଦୀର୍ଘଜୀବି କରିବ ।

ଆସନ୍ତୁ ଜାଣିବ ସାମ୍ପ୍ରତିକ ସମୟରେ କିଛି ଉଲ୍ଲେଖନୀୟ ଘଟଣାବଳୀ, ଯାହା ନା କେବଳ ଖବର କାଗଜ ପୃଷ୍ଠା ମଣ୍ଡନ କରିଥିଲା, ବରଂ ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଆମ ଜୀବନ ଓ ସମାଜକୁ ପ୍ରଭାବିତ କରିଛି । ସାମାଜିକ ଓ ରାଜନୈତିକ, ଦେଶ ଓ ବିଦେଶର ଅନେକ ଖବରର ବିଶ୍ଳେଷଣ ଯାହା ଆମେ ସମସ୍ତେ ଜାଣିବା ଉଚିତ । ବିଶେଷତଃ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଶିକ୍ଷାର୍ଥି ମାନଙ୍କ ପାଇଁ ଅତ୍ୟନ୍ତ ଲାଭପ୍ରଦ ହେବ । ଚାଲନ୍ତୁ ଜାଣିବା କିଛି ଗୁରୁତ୍ୱପୂର୍ଣ୍ଣ ଖବର ।

ଚଳିତ ସମୟର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଖବର ହେଉଛି, ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଜାରୀ ରହିଥିବା ଯୁଦ୍ଧର ଖବର । ସୂଚନାଯୋଗ୍ୟ ଯେ ଚଳିତ ମାସ ସାତ ତାରିଖ ଦିନ ହଠାତ ପାଲେଷ୍ଟାଇନର ଏକ ଆତଙ୍କବାଦୀ ସଙ୍ଗଠନ ହମାସର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦସ୍ୟମାନେ ଇସ୍ରାଏଲ୍ ଭିତରକୁ ପ୍ରବେଶ କରି ବ୍ୟାପକ ଭାବରେ ନରସଂହାର କରିଥିଲେ । ଇସ୍ରାଏଲର ଦକ୍ଷିଣ ପ୍ରାନ୍ତରେ ଚାଲିଥିବା ଏକ ସଂଗୀତ କାର୍ଯ୍ୟକ୍ରମରେ ବିଶ୍ୱର ଅନେକ ଦେଶରୁ ଆସିଥିବା ପ୍ରତିନିଧି ମାନଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ ଏବଂ ଏଥିରେ ପାଖାପାଖି ଅଢ଼େଇଶହ ନିରୀହ ଅଂଶଗ୍ରହଣକାରୀ ମୃତ୍ୟୁବରଣ କରିଥିଲେ । ଏହାବ୍ୟତୀତ ସେମାନେ ଅନେକ ଲୋକଙ୍କୁ ବନ୍ଧକ ଭାବରେ ଅପହରଣ କରି ନେଇଥିଲେ । ହମାସ୍ ଦ୍ୱାରା ସଂଗଠିତ ଏହି ଘଟଣାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ସେମାନେ ପ୍ରସାର କରାଇ ଭୟଙ୍କର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ଶୁଣାଯାଏ, ପ୍ରାରମ୍ଭିକ ଅଟକଳ ଅନୁଯାୟୀ ପାଖାପାଖି ସାତ ଶହ ଇସ୍ରାଏଲ୍ ନାଗରିକ ମୃତ୍ୟୁବରଣ କରିଥିଲେ । ଏଥିରେ ପ୍ରତିକ୍ରିୟା ସ୍ୱରୂପ ଇସ୍ରାଏଲ୍ ପାଲେଷ୍ଟାଇନ୍ ସ୍ଥିତ ହମାସର କାର୍ଯ୍ୟାଳୟ ମାନଙ୍କ ଉପରେ ବୋମାମାଡ଼ କରିଥିଲା ।

ହମାସ ଭଳି ଏକ ଅମାନବୀୟ ଓ ହିଂସ୍ରକ ଗୋଷ୍ଠୀ ପାଖରେ ପାଞ୍ଚହଜାର ମିସାଇଲ୍ କେଉଁଠୁ ଆସିଲା ତାହା ଏବେ ତଦନ୍ତର ଅଂଶ । ଅନବରତ ମିସାଇଲ୍ ମାଡ଼ରେ ଇସ୍ରାଏଲ ଉପରେ ଘନଘନ ଆକ୍ରମଣ ଜାରୀ ରହିଥିବା ବେଳେ ଇସ୍ରାଏଲ୍ ତରଫରୁ ପାଲଟା ଜବାବରେ ବର୍ତ୍ତମାନ ଗାଜା ଅଞ୍ଚଳ ସମ୍ପୁର୍ଣ୍ଣ ଭାବରେ ଧରାଶାୟୀ । ପ୍ରାୟ କୋଡ଼ିଏ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଗାଜା ଅଞ୍ଚଳ ନିଜର ନିତିଦିନିଆ ଆବଶ୍ୟକତା ପାଇଁ ଇସ୍ରାଏଲ୍ ଉପରେ ନିର୍ଭର କରିଥାଏ । ହମାସର ଆକ୍ରମଣ ପରେ ଇସ୍ରାଏଲ୍ ସରକାର ଗାଜାକୁ ଦିଆଯାଉଥିବା ବିଦ୍ୟୁତ ଓ ଜଳ ଆଦିକୁ ବନ୍ଦ କରିଦେଇଛନ୍ତି । ଘନ ଘନ ଆକ୍ରମଣ କରି ହମାସର ସମସ୍ତ ବଡ଼ ବଡ଼ କାର୍ଯ୍ୟାଳୟକୁ ଧ୍ୱସ୍ତ କରିବାକୁ ଲାଗିଛନ୍ତି । ଇସ୍ରାଏଲ୍ ମୁଖ୍ୟ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ଏହି ପରିସ୍ଥିତି ଇସ୍ରାଏଲ୍ ଦ୍ୱାରା ସୃଷ୍ଟି କରାଯାଇ ନାହିଁ । ହମାସର ଅତର୍କିତ ଓ ହିଂସ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକ୍ରମଣ ଏହି ପରିସ୍ଥିତି ପାଇଁ ଦାୟୀ । ସେମାନେ ଆମ ଦେଶ ଉପରେ ଯୁଦ୍ଧ ଭଳି ପରିସ୍ଥିତି ଥୋପିଛନ୍ତି, ତେଣୁ ବର୍ତ୍ତମାନ ଆଉ ପଛକୁ ଫେରିବାର ପ୍ରଶ୍ନ ଉଠୁନାହିଁ । ହମାସ୍ ଆରମ୍ଭ କରିଥିବା ଯୁଦ୍ଧ ଇସ୍ରାଏଲ୍ ହିଁ ସମାପ୍ତ କରିବ । ଇତିହାସ କହେ, ଯେବେ ବି ଇସ୍ରାଏଲ୍ ଉପରେ କୌଣସି ଦେଶ ଆକ୍ରମଣ କରିଛି, ସବୁବେଳେ ହାରିଛି । ଏବେ ହମାସର ଆକ୍ରମଣର ଭିଡ଼ିଓ ସବୁ ପ୍ରସାର ହେବାପରେ ବିଶ୍ୱବ୍ୟାପୀ ଅନେକ ଦେଶ ଇସ୍ରାଏଲ ସମର୍ଥନରେ ଆଗେଇ ଆସିଛନ୍ତି ।

ଭାରତ ସରକାର ଏହି ପରିସ୍ଥିତିରେ ଇସ୍ରାଏଲର ସବୁ ପ୍ରକାର ସହାୟତା ପାଇଁ ନିର୍ଭରଯୋଗ୍ୟ ପ୍ରତିଶୃତି ଦେଇଛନ୍ତି । ଆମେରିକା ଓ ଅନେକ ଦେଶ ଇସ୍ରାଏଲ୍ କୁ ସବୁ ପ୍ରକାର ସହାୟତା ପାଇଁ ବଦ୍ଧପରିକର ହୋଇଛନ୍ତି । ହମାସ ଗୋଷ୍ଠୀର କାପୁରୁଷପଣ ତାହାର ଆକ୍ରମଣରୁ ଦେଖାଯାଉଛି । ଚାରିବର୍ଷର ଶିଶୁ, ଅଶୀ ବର୍ଷର ମହିଳା, ପଶୁପକ୍ଷୀ ଯାହାକୁ ଆଗରେ ପାଇଛନ୍ତି ସମସ୍ତଙ୍କୁ ମାରିଛନ୍ତି । ଏଭଳି ବିଭତ୍ସ ହତ୍ୟାକାଣ୍ଡ କରୁଥିବା ଗୋଷ୍ଠୀକୁ ଯେଉଁମାନେ ସମର୍ଥନ ଦେଉଛନ୍ତି ସେମାନେ ନିଜର ମାନସିକ ଚିକିତ୍ସା କରାଇବା ଉଚିତ ହେବ ।

ବର୍ତ୍ତମାନ ମଧ୍ୟ ଅସଂଖ୍ୟ ଇସ୍ରାଏଲ୍ ନାଗରିକ ହମାସ ନିକଟରେ ପଣବନ୍ଦୀ ହୋଇ ରହିଛନ୍ତି ଏବଂ ହମାସ୍ ଗୋଷ୍ଠୀ ଇସ୍ରାଏଲକୁ ଧମକ ଦେଉଛନ୍ତି ଯେ ଯଦି ପାଲେଷ୍ଟାଇନ୍ ଉପରେ ଆକ୍ରମଣ ଜାରୀ ରହେ ତାହେଲେ ସେମାନେ ସେଇ ଅପହୃତ ଲୋକମାନଙ୍କୁ ଆଇଏସଆଇଏସ୍ ଢାଞ୍ଚାରେ ହତ୍ୟାକରି ତାହାର ଭିଡ଼ିଓ ପ୍ରସାରିତ କରିବେ । ଏତେ କଥା ଶୁଣିବା ପରେ ବି ଯଦି ଆପଣଙ୍କ ମନରେ ହମାସ ଗୋଷ୍ଠୀ ପ୍ରତି କୋହଳ ମନୋଭାବ ରହୁଛି ତାହେଲେ ଆପଣ ଜଣେ ସୁସ୍ଥ ମସ୍ତିଷ୍କର ବ୍ୟକ୍ତି ନୁହନ୍ତି । ସଦ୍ୟ ପ୍ରାପ୍ତ ଖବର ଅନୁସାରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହମାସ ବନ୍ଧକ ରଖିଥିବା କିଛି ନାବାଳକଙ୍କୁ ଗଳାକାଟି ହତ୍ୟା କରି ତାହାର ଭିଡ଼ିଓ ଇସ୍ରାଏଲ୍ ସମେତ ସମଗ୍ର ବିଶ୍ୱକୁ ଭେଟି ଦେଇଛି । ଇସ୍ରାଏଲ ସମର୍ଥନରେ ଆସିଥିବା ଆମେରିକାକୁ ମଧ୍ୟ ଧମକାଇବାକୁ ହମାସ୍ ପଛାଇ ନାହିଁ ।

ହମାସ୍ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଯେ ଏକ ନିର୍ଣ୍ଣାୟକ ଯୁଦ୍ଧ ହେବ, ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ଏଥିରେ ଅନେକ ନାଗରିକ ପ୍ରାଣ ହରାଇବେ । ହମାସ ସମେତ ଅସଂଖ୍ୟ ନିରୀହ ନାଗରିକ ବି ନିଜର ଧନଜୀବନ ହରାଇବେ । ଗାଜା ସହର ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସସ୍ତୁପରେ ପରିଣତ ହୋଇ ସାରିଛି । କୋଡ଼ିଏ ଲକ୍ଷରୁ ଅଧିକ ନାଗରିକ ଏବେ ଆଶ୍ରୟ ଆଶାରେ ବିଭିନ୍ନ ଦେଶରେ ଶରଣାର୍ଥୀ ଭାବରେ ରହିବା ପାଇଁ ବାଧ୍ୟ ହେବେ । ଏଥିପାଇଁ ସଂଯୁକ୍ତ ରାଷ୍ଟ୍ର ସମେତ ବିଶ୍ୱବ୍ୟାଙ୍କ ଓ ଅନେକ ସଂସ୍ଥା ଏହି ଯୁଦ୍ଧକୁ ବନ୍ଦ କରିବାକୁ ନିବେଦନ କରିଛନ୍ତି । ପ୍ରତିଶୋଧ ପରାୟଣ ହୋଇ ଗୋଟିଏ ଦେଶକୁ ଧ୍ୱଂସାଭିମୁଖୀ କରିବା ଅନୁଚିତ ବୋଲି ଅନେକ ମତ ଦେଉଛନ୍ତି । ଏହିଭଳି ପରିସ୍ଥିତିରେ କିନ୍ତୁ ଆମେ ଇସ୍ରାଏଲକୁ ନିଃସର୍ତ୍ତ ସମର୍ଥନ ଦେଉ । ଯଦି କୌଣସି ସଂଗଠନ ଆମ ଦେଶ ଉପରେ ଆକ୍ରମଣ କରେ ତା ହେଲେ ଆମେ କଣ ମାନବ ଅଧିକାର ଆଳ ଦେଖାଇ ସେମାନଙ୍କୁ ଛାଡ଼ି ଦେଇପାରିବା ? ଆମ ଦେଶ ମଧ୍ୟ ଏହିଭଳି ଏକ ଭୌଗଳିକ ସ୍ଥିତିରେ ଅଛି ଯେ ଯେଉଁଠି ବିଗତ ଅନେକ ଦଶନ୍ଧୀ ଧରି ସୀମାପାର ଆତଙ୍କବାଦୀ ଗତିବିଧି କରି ଆସୁଛି । ବିଗତ ଅନେକ ବର୍ଷରୁ ଭାରତରେ ସୁଦୃଢ଼ ସରକାର ହେତୁ ଏହିଭଳି ଗତିବିଧି ବହୁତ ପରିମାଣରେ କମ ହୋଇଛି । କିନ୍ତୁ ଯେତେବେଳେ ୨୬/୧୧ ମୁମ୍ବାଇ ଆକ୍ରମଣ ଭଳି ପରିସ୍ଥିତି ସୃଷ୍ଟି ହୁଏ, ସେତେବେଳେ କଣ ଆମ ସରକାର ନିରବ ରହିବା ଉଚିତ ହେବ ? ଅତୀତର ସରକାରମାନେ କେଜାଣି କେଉଁ କାରଣରୁ ଆମ ଦେଶ ଓ ଭୂମି ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାରିନଥିଲେ, କିନ୍ତୁ ଚଳିତ ସରକାର ୟୁରି ଓ ପଠାନକୋଟ୍ ଆକ୍ରମଣର ସଠିକ ପ୍ରତିଶୋଧ ନେଇ ବିଶ୍ୱରେ ନିଜର ସ୍ଥିତିକୁ ସୁଦୃଢ ବୋଲି ପ୍ରମାଣ କରିଦେଇଛନ୍ତି । ବର୍ତ୍ତମାନ କୌଣସି ଦେଶ ଭାରତର ସଂପ୍ରଭୂତା ଏବଂ ଭୂମି ଉପରେ ଆକ୍ରମଣ କରିବା ପୂର୍ବରୁ ଅନେକ ଥର ଭାବୁଥିବେ ।

ଆଉ ଗୋଟିଏ ଖବର ଯାହା ଆମକୁ ଶୁଣିବାକୁ ମିଳିଲା ତାହା ଥିବା ଦିଲ୍ଲୀରେ ରାଜତ୍ୱ କରୁଥିବା ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂଙ୍କ ଗିରଫଦାରୀ । କରୋନା କାଳରେ ଦିଲ୍ଲିରେ ସଂଘଟିତ ଲିକର୍ ସ୍କାମ୍ ରେ ସଂପୃକ୍ତି ନେଇ ସଞ୍ଜୟ ସିଂଙ୍କୁ ଗିରଫ କରାଯାଇଛି । ଆଗରୁ ଏହି ମାମଲାରେ ମନିଷ ଶିଶୋଦିଆ ଗିରଫ ହୋଇ ଜେଲରେ ଅଛନ୍ତି । ଶୁଣାଯାଉଛି ଯେ ମଦ ବେପାରୀମାନଙ୍କ ଠାରୁ କୋଟି କୋଟି ଟଙ୍କା ଲାଞ୍ଚ ନେଇ ସେମାନଙ୍କୁ ଲାଭ ପହଞ୍ଚାଇବା ଭଳି ବ୍ୟବସ୍ଥା କରାଯାଇଥିଲା ଏବଂ ଏଥିରେ ସଞ୍ଜୟ ସିଂ ମଧ୍ୟ ସଂପୃକ୍ତ ଥିଲେ । ଅବଶ୍ୟ ମନିଷ ଶିଶୋଦିଆ ଗିରଫ ହେବାପରେ ସଞ୍ଜୟ ସିଂ ମୁଖର ଭାବରେ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିବା ସହ ଆମ୍ ଆଦମୀ ପାର୍ଟି ନିଷ୍କଳଙ୍କ ବୋଲି ଦାବୀ କରି ଆସୁଥିଲେ । ହେଲେ ବିଗତ ଦିନରେ ସିବିଆଇ ଏବଂ ଇଡ଼ିର ଅଧିକାରୀମାନେ ସଞ୍ଜୟ ସିଂଙ୍କ ବାସଭବନରେ ଚଢ଼ଉ କରି ଦଶଘଣ୍ଟା କାଳ ଜେରା କରିବାପରେ ତାଙ୍କୁ ଗିରଫ କରିଥିଲେ । ମାନ୍ୟବର ଅଦାଲତ ଏହି ଗିରଫଦାରୀକୁ ସଠିକ ବୋଲି ଦର୍ଶାଇବା ସହ ତାଙ୍କର ଜେଲ ରହଣୀକୁ ବୃଦ୍ଧି କରିଛନ୍ତି । ଯେଉଁ ଦଳ ଭ୍ରଷ୍ଟାଚାର ବିରୋଧୀ ଭାବରେ ନିଜକୁ ପ୍ରଚାର କରାଇ ଶାସନକୁ ଆସିଥିଲା, ସେହି ଦଳର ତିନିଜଣ ପୁରୁଖା ନେତା ବର୍ତ୍ତମାନ ଭ୍ରଷ୍ଟାଚାର ମାମଲାରେ ଗିରଫ ହୋଇଛନ୍ତି । ବିନା କୌଣସି ସାକ୍ଷ୍ୟ ପ୍ରମାଣରେ ଏତେ ମାସ କେମିତି ତାଙ୍କୁ ଜେଲରେ ରଖାଯାଇ ପାରିବ । ଅର୍ଥାତ ନିଶ୍ଚୟ ସେମାନେ କିଛି ଭ୍ରଷ୍ଟାଚାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଛନ୍ତି । ଦଳ ଯେତେ ପ୍ରେସ୍ ମିଟ୍ କରି ନିଜକୁ ଇମାନଦାର ବୋଲି ପ୍ରଚାର କରିଲେ ସୁଦ୍ଧା ଏବେ ସମସ୍ତେ ଜାଣି ସାରିଲେଣି ଯେ, ଏହି ଦଳ ନିଜର ପ୍ରତିଶୃତି ବିପରୀତ ଭ୍ରଷ୍ଟାଚାରରେ ଜଡ଼ିତ ।

ଗତ ମାସରେ ଭାରତରେ ଆୟୋଜିତ ଜି୨୦ ସମ୍ମିଳନୀ ପରେ ଅନେକ କାରଣରୁ ନିନ୍ଦିତ ହୋଇଥିବା କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ପରେ, ସଂସଦରେ ଭାଷଣ ଦେଉଥିବା ବେଳେ ଜନୈକ ଆତଙ୍କବାଦୀ ହରଦିପ୍ ସିଂ ନିଜରର ହତ୍ୟାକାଣ୍ଡରେ ଭାରତ ସରକାରଙ୍କ ହାତ ରହିଛି ବୋଲି ଘୋଷଣା କରିଦେଲେ । ଏବଂ ଭାରତକୁ ଏହି ହତ୍ୟାକାଣ୍ଡରେ ସିଧାସଳଖ ଦୋଷୀ ବୋଲି କହି ଭାରତୀୟ ଉଚ୍ଚ ଅଧିକାରୀଙ୍କୁ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ଭାରତ ସରକାର କାନାଡ଼ିୟ ରାଷ୍ଟ୍ରଦୁତଙ୍କୁ ଡକାଇ ମାତ୍ର ଚାରି ମିନିଟରେ ଭାରତ ଛାଡ଼ି ଯିବାପାଇଁ ନୋଟିସ ଜାରି କରିଥିଲେ ।

କାନାଡ଼ା ସରକାରଙ୍କ ଅପ୍ରତ୍ୟାଶିତ ବ୍ୟବହାର ବିଶ୍ୱ ପରିବାର ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ବିନା କୌଣସି ଦୃଢ଼ ପ୍ରମାଣରେ ସିଧା ସଳଖ ଭାରତକୁ କାନାଡ଼ାରେ ସଂଘଟିତ ଏକ ହତ୍ୟାକାଣ୍ଡରେ ଦୋଷୀ ବୋଲି ଦାବୀ କରିବା ପିଲାଳିଆମୀ ଛଡ଼ା ଆଉ କିଛି ନ ହୋଇପାରେ । ବର୍ତ୍ତମାନ ବିଶ୍ୱ ଦରବାରରେ ଭାରତର ସୁଦୃଢ଼ ସ୍ଥିତିକୁ ଦେଖି କାନାଡ଼ାର ବିପକ୍ଷ ଦଳ ଟ୍ରୁଡୋଙ୍କୁ ସମାଲୋଚନା କରିବା ସହ ଭାରତ ସହ ଶତ୍ରୁତା ଠିକ୍ ନାହିଁ ବୋଲି କହିବା ସତ୍ତ୍ୱେ ସେ ନିଜ ମନ୍ତବ୍ୟରେ ଅଟଳ ରହିଲେ ଏବଂ ଘୋଷଣା କରିଲେ ଯେ ଭାରତରେ ସୁରକ୍ଷା ବ୍ୟବସ୍ଥା ଠିକ୍ ନାହିଁ, ତେଣୁ କାନାଡ଼ାର କୌଣସି ନାଗରିକ୍ ଭାରତ ଭ୍ରମଣ କରିବାକୁ ଯାଆନ୍ତୁ ନାହିଁ । ଏହି ଘୋଷଣାର ଅଳ୍ପ ସମୟ ମଧ୍ୟରେ ଭାରତ ସମସ୍ତ କାନାଡ଼ିୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାଗରିକଙ୍କ ଭାରତରେ ପ୍ରବେଶ ପାଇଁ ଭିସା ଆବେଦନକୁ ଅଗ୍ରାହ୍ୟ କରାଯିବା ବୋଲି ଘୋଷଣା କରିଦେଲେ । ଏହି ସବୁ ଘଟଣାଚକ୍ର ବିଶ୍ୱ ରାଜନୀତିରେ ଅନେକ ପରିବର୍ତ୍ତନ ଆଣିଦେଇଛି । ଅନେକ ଦେଶ କାନାଡ଼ାର ଏତାଦୃଶ ବ୍ୟବହାରକୁ ନିନ୍ଦା କରିବାକୁ ଆଗେଇ ଆସିଛନ୍ତି ।

ସଦ୍ୟ ସମାପ୍ତ ହୋଇଥିବା ଏସିଆନ୍ ଗେମସରେ ଭାରତର ଉଚ୍ଛ୍ୱସିତ ପ୍ରଦର୍ଶନ ବର୍ତ୍ତମାନ ସବୁ ଖବରକାଗଜର ଶିରୋନାମା ମଣ୍ଡନ କରିଛି । ଚଳିତ ବର୍ଷର ଏସିଆନ୍ ଗେମ୍ ସଂସ୍କରଣରେ ଭାରତ ଶହେରୁ ଅଧିକ ପଦକ ଜିତିବାର ସାମର୍ଥ୍ୟ ହାସଲ କରିଛି । ଅନେକ ଦଶନ୍ଧିରୁ ଯାହା ଆମ ଦେଶପାଇଁ ସ୍ୱପ୍ନ ଭଳିଥିଲା, ଏବେ ତାହା ସାକାର ହେଉଥିବାର ଦେଖିବାକୁ ମିଳୁଛି । ଚଳିତ ସଂସ୍କରଣରେ ୧୦୭ ପଦକ ଭାରତକୁ ମିଳିଥିବା ବେଳେ ଏଥିରେ, ୨୮ ସ୍ୱର୍ଣ୍ଣ ପଦକ, ୩୮ ରଜତ ପଦକ ଓ ୪୧ ବ୍ରୋଞ୍ଜ୍ ପଦକ ରହିଛି । ସୂଚନାଯୋଗ୍ୟ ଯେ ବର୍ଷ ୨୦୧୮ରେ ଆୟୋଜିତ ଏସିଆନ୍ ଗେମସରେ ଭାରତ ୮୦ ପଦକ ଜିତି ରେକର୍ଡ୍ କରିଥିଲା । ବର୍ତ୍ତମାନ ତାହାଠାରୁ ବି ଅଧିକ ପଦକ୍ ଜିତି ନିଜର ରେକର୍ଡକୁ ହିଁ ଭାଙ୍ଗିଥିବା ଜଣାପଡିଛି । ଭାରତ ସରକାର ଖେଳକୁଦକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି ଏବଂ ନୁଆ ନୁଆ ଖେଳ ଓ ଖେଳାଳୀଙ୍କୁ ଉତ୍ସାହିତ କରାଯାଉଛି । ଭାରତ ଇତିହାସରେ ଏହା ପ୍ରଥମ ଥର ଯେଉଁଠି ଭାରତ ତିନିଅଙ୍କିଆ ପଦକ ଜିତିବାରେ ସକ୍ଷମ ହୋଇଛି ।

ବିଗତ ମାସ ଊଣେଇଶି ତାରିଖରେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବିଶେଷ ସଂସଦ ସଭାରେ ସଂବିଧାନରେ ଶହେ ଅଠେଇଶିତମ ସଂଶୋଧନ ବିଲ୍ ଉପସ୍ଥାପନ କରିଥିଲେ । ଏହି ବିଲ ଅନ୍ତର୍ଭୁକ୍ତ ସଂସଦ ତଥା ରାଜ୍ୟ ବିଧାନ ସଭାର ସଦସ୍ୟତାରେ ମହିଳା ମାନଙ୍କ ପାଇଁ ୩୩% ସଂରକ୍ଷଣର ବ୍ୟବସ୍ଥା ରହିଛି । ଏହି ସଂରକ୍ଷଣ ଅନୁସୁଚିତ ଜାତି ଓ ଜନଜାତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାରେ ମଧ୍ୟ ଲାଗୁ ହେବ ।

ଏହି ବ୍ୟବସ୍ଥା ଦ୍ୱାରା ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ଭାଗିଦାରୀତାକୁ ସୁନିଶ୍ଚିତ କରାଯାଇ ପାରିବ ଏବଂ ମହିଳା ତଥା ଶିଶୁମାନଙ୍କ ସମସ୍ୟା ଆଦି ବିଷୟରେ ଗୁଣାତ୍ମକ ନିଷ୍ପତ୍ତି ନେବାରେ ସୁବିଧା ହେବ । ସମାଜରେ ଥିବା ଲିଙ୍ଗଗତ ପାର୍ଥକ୍ୟ ଦୂର ହୋଇପାରିବ ।

ମଧ୍ୟପ୍ରଦେଶର ଖଣ୍ଡବା ଜିଲ୍ଲା ଅନ୍ତର୍ଭୁକ୍ତ ଓମକାରେଶ୍ୱର ଠାରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଏକ ଶହେ ଆଠ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି । ଏକାତ୍ମର ପ୍ରତିମା ନାମରେ ନାମିତ ଏହି ମୂର୍ତ୍ତି ଭାରତର ଧାର୍ମିକ ଓ ଆସ୍ଥାଗତ ପରମ୍ପରାର ଏକ ଉତ୍କୃଷ୍ଟ ନିଦର୍ଶନ ।

ମାନ୍ଧାତା ଦ୍ୱୀପ, ନର୍ମଦା ନଦୀ ଉପତ୍ୟାକାରେ ଏକ ଅଞ୍ଚଳ ଯେଉଁଠି ଦୁଇଟି ଜ୍ୟୋତିର୍ଲିଙ୍ଗ ରହିଛି, ଓମକାରେଶ୍ୱର ଓ ଅମରେଶ୍ୱର । ଏହା ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଉଜ୍ଜୟିନୀ ଠାରୁ ଅତି ନିକଟରେ ଅବସ୍ଥିତ । ଏହି ଅଞ୍ଚଳରେ ଚତୁର୍ଦ୍ଦଶ ଏବଂ ଅଷ୍ଟାଦଶ ଶତାବ୍ଦୀର ଅନେକ ଶୈବ ପୀଠ, ବୈଷ୍ଣବ ପୀଠ ଏବଂ ଜୈନ ମନ୍ଦିର ଦେଖିବାକୁ ମିଳିଥାଏ ।

ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଏହି ପ୍ରତିମା ସ୍ଥାପନ ପାଇଁ ୨୦୧୭ ନିର୍ବାଚନ ସମୟରେ ଘୋଷଣା କରିଥିଲେ । ଏଥିପାଇଁ ସମୁଦାୟ ରାଜ୍ୟର ୨୩ ହଜାର ଗ୍ରାମାଞ୍ଚଳରୁ ଧାତୁ ସଂଗ୍ରହ କାର୍ଯ୍ୟ କରାଯାଇଥିଲା । ଜୁନ ୨୦୨୨ରେ ଲାର୍ସନ୍ ଏବଂ ଟୁବ୍ରୋ କମ୍ପାନୀକୁ ଏହି କାର୍ଯ୍ୟପାଇଁ ଆଦେଶ ଦିଆଯାଇଥିଲା । ଏହି ପ୍ରତିମାକୁ ଅଷ୍ଟଧାତୁରେ ନିର୍ମାଣ କରାଯାଇଛି ଏବଂ ଏହା ଆଗାମୀ ପାଞ୍ଚ ଶତାବ୍ଦୀ ଧରି ସ୍ଥାୟୀ ହୋଇ ରହିବ ବୋଲି କୁହାଯାଇଛି ।

ଓଡ଼ିଶା ରାଜନୀତିରେ ମଧ୍ୟ ଅନେକ ଘଟଣା ଏହି ସମୟରେ ଘଟି ଯାଇଛି । ସରକାରରେ ଯୋଗ ଦେଇଥିବା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରକାରଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା ନିଜ ଖବର କାଗଜରେ କରୁଥିବାରୁ ତାଙ୍କୁ ଦଳର ଉଚ୍ଚ ପଦବୀରୁ ବରଖାସ୍ତ କରାଯାଇଥିଲା ଏବଂ ପରେ ପରେ ତାଙ୍କୁ ଦଳରୁ ନିଷ୍କାସନ କରାଯାଇଥିଲା । ଦଳରୁ ତାଙ୍କୁ ନିଷ୍କାସନ କରିବା ପରେ ପରେ ସମ୍ବାଦ ଖବରକାଗଜ ସଂସ୍ଥା ଉପରେ ସରକାରୀ ସଂସ୍ଥା ଦ୍ୱାରା ବିଭିନ୍ନ ଅନିୟମିତତା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । ସାରା ରାଜ୍ୟରେ ଏଇ ବିଷୟ ନେଇ ଉଡ଼ା ଖବରମାନ ଶୁଣିବାକୁ ମିଳିଥିଲା । ଲୋକ କହିବାର ଶୁଣାଯାଉଥିଲା ଯେ ଯଦି କେହି ନବୀନଙ୍କ ବିରୋଧରେ ଯାଏ ତାହେଲେ ତାଙ୍କର ଅବସ୍ଥା ଏଭଳି ହୁଏ । ଘଟଣା କଣ ତାହା ଆମେ ଭଲ ଭାବରେ ଜାଣିନଥିଲେ ସୁଦ୍ଧା, ସବୁକିଛି ପ୍ରତିଶୋଧମୂଳକ ହେଉଥିବା ଭଳି ମନେ ହେଉଥିଲା । ଆପଣମାନେ ଯଦି ଏହି ବିଷୟରେ ଅଧିକ ଜାଣିଛନ୍ତି ଆମକୁ ଜଣେଇବେ ।

ଆଶା କରୁଛି ଆହ୍ୱାନର ଏହି ସଂସ୍କରଣ ଆପଣଙ୍କୁ ଭଲ ଲାଗିବ । ଆପଣଙ୍କ ସ୍ନେହ, ସଦିଚ୍ଛା ଓ ସହଯୋଗ ପାଇଁ ଧନ୍ୟବାଦ । ଆହ୍ୱାନ ଇ-ପତ୍ରିକା ବର୍ତ୍ତମାନ ଏକ୍ସଆଇଏମ୍ ଭୁବନେଶ୍ୱର ଓ ଆଇଆଇଟି ଖଡ୍‌ଗପୁରରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଆନୁଷ୍ଠାନିକ ମେଡ଼ିଆ ପାର୍ଟନର୍ ଭାବରେ ସମ୍ମାନିତ ହୋଇଛି । ଏହା ଆପଣମାନଙ୍କ ସଦିଚ୍ଛା ଓ ଶୁଭକାମନା ହେତୁ ସମ୍ଭବ ହୋଇ ପାରିଛି ।

ଶାରଦୀୟ ପାର୍ବଣ ପର୍ବର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

XIM UNIVERSITY, XAVIER INSTITUTE OF MANAGEMENT, BHUBANESWAR

XIM - Old Campus Xavier Square,

Bhubaneswar - 751 013, Odisha Tel: 0674-3012345 Fax: 0674-2300995

E-mail: media-oc@xim.edu.in

Web: https://ximb.edu.in/

## ଏକ୍ସଆଇମ୍ ଭୁବନେଶ୍ୱରଠାରେ ବିଜିନେସ୍ ଏକ୍ସଲେନ୍ସ୍ ସମିଟ୍, ୨୦୨୩ ଆୟୋଜିତ




ଭୁବନେଶ୍ୱର, (ଆହ୍ୱାନ ଇ-ପତ୍ରିକା ପ୍ରତିନିଧି): ୩୬ ବର୍ଷରୁ ଊର୍ଦ୍ଧ୍ୱ ସମୃଦ୍ଧ ପରମ୍ପରା ରଖିଥିବା ଏକ୍ସଆଇଏମବି, ଭୁବନେଶ୍ୱର ବିଜ୍ ନେସ ଏକସିଲେନ୍ସ ସମିଟ (ବିଇଏସ)ର ପଞ୍ଚମ ସଂସ୍କରଣ ଆୟୋଜନ କରିଥିଲା । ଏହି ବର୍ଷର ମୁଖ୍ୟ ବିଷୟ ଥିଲା "ଅଜଣାନନ୍ତ ଦିଗନ୍ତ" ।

ଏହି ସମ୍ମେଳନର ଦ୍ୱିତୀୟ ଦିନ ଏକ୍ସଆଇଏମବିର ସମ୍ମାନୀୟ ପ୍ରଫେସର ଶ୍ରୀଧର କୁମାର ଦାସଙ୍କ ସହ ମାନ୍ୟବର ମୁଖ୍ୟବକ୍ତା, ଶ୍ରୀ ଚିତ୍ତରଞ୍ଜନ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ ।

ଶ୍ରୀ ଚିତ୍ତରଞ୍ଜନ ମହାନ୍ତି, ସମ୍ସି ହାୟଫ୍ରେସର ପ୍ରତିଷ୍ଠାତା ଏବଂ ଏକ୍ସଆଇଏମ ଭୁବନେଶ୍ୱରର ଜଣେ ସମ୍ମାନିତ ପୁରାତନ ଛାତ୍ର । ଗୋଟିଏ ପ୍ରେରଣାଦାୟକ ଭାଷଣ ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାତ୍ରଛାତ୍ରୀ ମାନଙ୍କୁ ପ୍ରଭାବିତ କରିଥିଲେ । ସେ "ଜୀବନର ଅନିଶ୍ଚିତତାକୁ ନେଭିଗେଟ୍ କରିବା, ଏକ ମୂଲ୍ୟବାନ ଟୁଲକିଟ୍ ନିର୍ମାଣ ଏବଂ ନେଟୱାର୍କିଂ ସୁଯୋଗକୁ ଲିଭର୍ କରିବା" ବିଷୟ ଉପରେ ନିଜର ମତାମତ ଦେଇଥିଲେ । ସେ ନିଜ ବକ୍ତବ୍ୟ ବିଫଳତା ବିଷୟରେ ଦର୍ଶନ କରି ଶେଷ କରିଥିଲେ । ସେ କହିଥିଲେ, "ଯଦି ଜାହାଜଟିଏ ସମୁଦ୍ର ପାର ହେବାକୁ ପଡ଼ିବ, ତେବେ ଏହା କୂଳ ଛାଡ଼ିବାକୁ ପଡ଼ିବ, ସେହି ହିସାବରେ ସଫଳ ହେବାକୁ ହେଲେ ତମକୁ ନିଜ ଶାନ୍ତବାସ ପରିଧି ତ୍ୟାଗ କରି କଷ୍ଟ କରିବାକୁ ପଡ଼ିବ" ।

ଶ୍ରୀ ଅଭିଷେକ ଆସ୍ଥାନା, ହୁଡ଼ର ସହ ପ୍ରତିଷ୍ଠାତା ଏବଂ ଜିଞ୍ଜର୍-ମଙ୍କିର ପ୍ରତିଷ୍ଠାତା ନିଜ ଜୀବନ ଅନୁଭୂତି ଏବଂ ବୃତ୍ତିଗତ ବୃତ୍ତି ସହ ଇଞ୍ଜିନିୟରିଂ ଠାରୁ ଏମବିଏ ପର୍ଯ୍ୟନ୍ତ ଏକାଡେମିକ୍ସ ବିଷୟରେ ବୁଝାଇ କହିଥିଲେ । ସେ ଏମବିଏ ଏବଂ କର୍ପୋରେଟ୍ ଦୁନିଆର ଶିକ୍ଷା ଏବଂ ପରିଶ୍ରମର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ । ଏହାପରେ ସେ ନିଜ ଉଦ୍ୟୋଗ ଯାତ୍ରା ଏବଂ ଶାର୍କ ଟାଙ୍କର ଅନୁଭୂତି ବିଷୟରେ କହିଥିଲେ । ସେ ତାଙ୍କର ଟ୍ୱିଟର୍ ହ୍ୟାଣ୍ଡଲ୍ 'ଗଝର୍ ସିଂ'ର ଉତ୍ପତ୍ତି ବିଷୟରେ ଏବଂ ଏହା ତାଙ୍କୁ ନେଟୱାର୍କିଂରେ କିପରି ସାହାଯ୍ୟ କରିଛି ସେ ବିଷୟରେ ଏକ ରୋମାଞ୍ଚକର କାହାଣୀ ମଧ୍ୟ ବର୍ଣ୍ଣନା କରିଥିଲେ । ସେ ନିଜ ବକ୍ତବ୍ୟ "ଲୋକମାନେ ତୁମର ମତାମତ ପାଇଁ ତୁମର ଅନୁସରଣ କରନ୍ତି, ତୁମର ଦୃଷ୍ଟିକୋଣ ଯାହା ମାଧ୍ୟମରେ ତୁମେ ଦୁନିଆକୁ ଦେଖ" ଦେଇ ଶେଷ କରିଥିଲେ ।

ଶ୍ରୀମତୀ ରିନା ସେଠୀ, ମୋବାଇଲ୍ ବ୍ୟବସାୟ ବିକାଶର ମୁଖ୍ୟ, **ଆମାଜନ** ଏବଂ **ଏକ୍ସଆଇଏମ** ଭୁବନେଶ୍ୱରର ଜଣେ ସମ୍ମାନିତ ପୂର୍ବତନ ଛାତ୍ରୀ, ନିଜର ବ୍ୟକ୍ତିଗତ ବୃତ୍ତି ସହ "ଅଭିନବ ସହ ଆଗକୁ ବଢ଼ିବା" ବିଷୟରେ ବୁଝାଇଥିଲେ । ବ୍ୟବସାୟ କ୍ଷେତ୍ରରେ ଉଦ୍ଭାବନ ବିଷୟରେ ଗୁରୁତ୍ୱ ଦେବା ସହ ଏହି ଉଦ୍ଭାବନ କେମିତି ଗ୍ରାହକମାନଙ୍କୁ ସୁବିଧା ପ୍ରଦାନ କରୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହା ବିଷୟରେ ଜ୍ଞାନ ଦେଇଥିଲେ । ସେ ପୁଣି ବୁଝେଇଲେ ଯେ ବିଭ୍ରାନ୍ତିକର ଉଦ୍ଭାବନ ବା ପରିବର୍ତ୍ତନ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ପରିବର୍ତ୍ତନ ଯାହା ନିରନ୍ତର ଏବଂ ଗ୍ରାହକଙ୍କ ହିତ ବୋଲି ଇଙ୍ଗିତ କରିଥିଲେ । ସେ ନିଜ ବକ୍ତବ୍ୟ ଶେଷରେ "ଆଜିର ପ୍ରଶ୍ନ ହେଉଛି ଆସନ୍ତା କାଲିର ଉତ୍ତର" ଉପରେ ଆଲୋକପାତ କରିଥିଲେ ।

ଶ୍ରୀମତି ଜେନ୍ ସାକ୍ୟୁରିଆ କୁମାର୍, ପିଡବ୍ଲ୍ୟୁସିର ଅଂଶୀଦାର ଏବଂ ଏକ୍ସଆଇଏମ ଭୁବନେଶ୍ୱରର ଜଣେ ସମ୍ମାନିତ ପୁର୍ବତନ ଛାତ୍ରୀ ଆମକୁ " ମିଶ୍ରଣ ଏବଂ ଅଧିଗ୍ରହଣ" ବିଷୟରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ । ଏକ ନିବେଶ ବ୍ୟାଙ୍କର ଭାବରେ ନିଜର ଅନୁଭବ ବର୍ଣ୍ଣନା କରିବା ସହ ଆପିଓ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ । ଏହା ସହିତ ସେ ମିଶ୍ରଣ ଏବଂ ଅଧିଗ୍ରହଣ ଯେ କୌଣସି ସଂସ୍ଥା ପାଇଁ କଣ ମହତ୍ତ୍ୱ ରଖେ ଏବଂ କେତେ ମାତ୍ରାରେ ତାହା ଆବଶ୍ୟକ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଆମର ପରବର୍ତ୍ତି ବକ୍ତା ଶ୍ରୀ ତୁଷାର ସାହୁ, ନିର୍ଦ୍ଦେଶକ ଇଞ୍ଜିନିୟରିଂ ଗୁଗୁଲ, ଆଜିର ସମୟରେ ଏଆଇ'ର ଆଧୁନିକ ପ୍ରଣାଳୀ ଏବଂ ଏହି ମାଧ୍ୟମରେ ରୋଜଗାର ଉପୁଜୁଥିବା ସୁଯୋଗ ଉପରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ବଦଳୁଥିବା ସମୟ ସହ ନୁଆ ପ୍ରଣାଳୀ କିପରି ବିଭିନ୍ନ ବିଭାଗ ଉପରେ ନିଜର ପ୍ରଭାବ ପକାଉଛି, ଏହି ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ ।




ଶ୍ରୀମତୀ ଜାଗୃତି କୁମାର, କ୍ରୀଡା ମେଡିସିନ୍ ଫ୍ରାଞ୍ଚାଇଜ୍ ଲିଡ୍, ସ୍ମିଥ୍ ଆଣ୍ଡ ନେଫ୍ୟୁ, ବାଣିଜ୍ୟିକ ପ୍ରଣାଳୀ ଉପରେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗୁରୁତ୍ୱାରୋପ କରିଥିଲେ । ଏହାକୁ ପ୍ରମାଣ କରିବା ପାଇଁ ବିଭିନ୍ନ ଉଦାହରଣ ମଧ୍ୟ ଦେଇଥିଲେ । ଏହା ସହିତ ସେ କହିଥିଲେ ଯେ ଯେତେବେଳେ ଆମେ ଖୋଲା ବିଚାର ସହ ଅନ୍ୟମାନଙ୍କୁ ଶୁଣିଥାଉ,, ସେତେବେଳେ ଆମକୁ ଅନେକ ପ୍ରଶ୍ନର ଉତ୍ତର ସହଜ ଭାବରେ ମିଳିଥାଏ ।

ଅପରାହ୍ନରେ ଆୟୋଜିତ ହୋଇଥିବା ଉଦଯାପନୀ ଉତ୍ସବରେ କଲଚରାଲ୍ ସଭାପତି, କମଲେଶ ସାହୁ, ବିଇଏସ୍‌ରେ ଯୋଗ ଦେଇଥିବା ଅତିଥି ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଦୁଇ ଦିନର ସଫଳ ଆୟୋଜନ ଉପରେ ଆଲୋକପାତ କରି ଅନୁରାଗ ମହାପାତ୍ର, ସଭାପତି, ବିଶ୍ୱବିଦ୍ୟାଳୟର କୂଳପତି, ଡିନ୍, ମାନନୀୟ ଅଧ୍ୟାପକ ଏବଂ ସମସ୍ତ ଛାତ୍ରଛାତ୍ରୀ ସମେତ କାର୍ଯ୍ୟକ୍ରମର ସମସ୍ତ ଅଂଶୀଦାର ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।







ଆହ୍ୱାନ ଇ-ପତ୍ରିକା ବିଗତ ଅନେକ ବର୍ଷରୁ XIM ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏକାଧିକ କାର୍ଯ୍ୟକ୍ରମର ଗଣମଧ୍ୟମ ସହଭାଗିତା କରି ଆସୁଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# Shaurya'23, the annual sports festival of IIT Kharagpur

Shaurya'23, the annual sports festival of IIT Kharagpur, is back with a bang after a long hiatus ! The festival, which aims to propagate the spirit of sports amongst the Indian youth, will be held from the 13th to the 15th of October this year. The event provides an ideal platform for students across the country to showcase their sporting talent and establish their supremacy over others in a highly charged and competitive atmosphere.

Shaurya came into existence in 2008 with the vision of promoting a strong sports culture. In its first year, it witnessed a participation of more than 400 sportsmen across 5 sports, thus turning out to be a legitimate success. After the positive response to the first edition, Shaurya came up with a new theme, “INDIA RISING”, in 2009. The event this time included 8 games for men and 3 for women; the grandeur of this edition made Shaurya one of the most eminent sports meets in India.

**Aahwaan ePatrika is Official Media Partner of the Event**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com




With the force of lightning came "BLITZKREIG", the theme of Shaurya 2010 held from 28th -31st October, which saw immense participation from all over the country in its 9 games for men and 3 for women. Shaurya also collaborated with PETA and Gopali Youth Welfare Society, taking an active initiative in increasing awareness of social issues through these associations.

Shaurya has always been supported and lauded by various renowned sports organisations and personalities of India for its role in the promotion of sports. Badminton legend Pullela Gopichand have also expressed their personal appreciation and support for Shaurya. Zee News, realizing the power of youth and sports in uniting the nation, lauded the efforts of Shaurya in 2009 and presented a 36-minute coverage of the fest.

The 5th edition of Shaurya, comes back with a theme of "Shadow Warrior", wholly organised and managed by the students of the Indian Institute of Technology, Kharagpur, brings with it more excitement, more innovation and more competition. Hosted in IIT's own iconic campus in

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

Kharagpur, Shaurya '23 promises to set a new bar for excellence. This year the festival goes even bigger, with a plethora of competitions for both boys and girls. The events this time include cricket, volleyball, basketball, hockey, athletics, badminton, football lawn tennis, table tennis, chess and powerlifting.

Shaurya, this year, also included various events before the fest such as Shaurya Cube Open, National Sports quiz, Knuckle Pushups Challenge, Skipathon, Dutch Grand Prix Live Stream, Asia Cup India Vs Pak Live Stream, Shaurya Yoga Quest Challenge

IIT Kharagpur boasts of one of the best infrastructure and sports facilities in India with a state-of-the-art Student Activity Centre which has 2 gymnasiums, 1 squash court, 4 badminton courts, 3 basketball courts, 4 volleyball courts, 2 hockey fields, 2 football fields, 2 cricket grounds, 2 synthetic tennis courts and flood-lights. Shaurya '23 promises to be a test of conviction and determination for athletes from all over the country who would be coming down to be a




Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

part of this sporting extravaganza. With over 15 titular sports events, combined with guest lectures, recreational sport and non-sporting activities (marathons, F1 simulation, etc), among many more, Shaurya aims to become the pinnacle of sport for India's present and future generations.

Shaurya is conducted with a firm belief that sports are an inalienable part of the educational process, and also a factor for promoting peace, friendship, cooperation and understanding among people. Colleges from all over India come to Kharagpur every year to battle it out for the top honours. Shaurya provides the ideal platform for college students from all over the nation to showcase their talents in the field of sports. This year's meet promises to challenge all preconceived notions about what it means to be an athlete.

Come and witness this rewriting of the history. Shaurya'23 awaits you...

For further details about the event, visit www.shauryafest.in

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନେକ କଳାଛାଇ - ୭



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ-୪

ମୋ ହାତ କ'ଣ ଭାରି ଅସନିଆ ଲାଗୁଛି ନା କ'ଣ ?- ବୁଢା ପଚାରିଲେ ।

ନାଇଁ, ଟିକିଏ ପରିଷ୍କାର ହୋଇନି ।

ଆଖି ପରିଷ୍କାର ହେଲେ ହାତ ପରିଷ୍କାର ଦିଶିବ । ମନକୁ ଭିତରରୁ ପରିଷ୍କାର କରିବାକୁ ଅଛି । ନିଜ ମିଛ ବଡେଇପଣିଆକୁ ମାଟିକୁ ନେଇ ଆସିବାର ଅଛି । ତାହାହେଲେ ସବୁ ପରିଷ୍କାର ଦିଶିବ । ତା'କୁ ସେମାନେ ଅପରିଷ୍କାର କହିଦେଲେ ନା, ସେଥିପାଇଁ ତା'କୁ ବହୁତ ଖରାପ ଲାଗିଲା । ମାତ୍ର ଚାରିଦିନରେ ତା'ର ଆତ୍ମବଡିମା ଛୋଟ ହୋଇଗଲା । ମାଟିର କଣ୍ଢେଇ ନା କ'ଣ ?

ମଣିଷ ତ ମାଟି । ତା' ଘର ପଟେ ତୁମେ ବିରାଟ ବିରାଟ ପଡିଆ ଦେଖିବ । କ୍ଷେତରେ ଫସଲ ଭରିଯାଇଥିବ । ସେ ଫସଲ କ୍ଷେତରେ ଅନେକ ଲୋକ ଠିଆ ହୋଇଥିବେ । ସମସ୍ତେ ଝାଳନାଳ ହୋଇ କାମ କରିକରି ଟିକେ ବସିଯାଇଥିବେ । ସମସ୍ତଙ୍କ ମୁହଁ ଖରାରେ ସିଝି ବାଇଗଣ ଭଳି କଇଥା ହୋଇଯାଇଥିବ । ଏକ ସିପାହୀ ନିଜ ଚକଚକିଆ ପୋଷାକ ପିନ୍ଧି ଗର୍ବର ସହ ସେମାନଙ୍କ ପାଖକୁ ଆସୁଥିବ । ତା' ଘୋଡାର ଝେପାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତେ ଆଶ୍ଚର୍ଯ୍ୟର ସହ ଚାହୁଁଥିବେ । ସେ ପାଖକୁ ଆସିଲାରୁ ସମସ୍ତେ ଉଠି ଠିଆ ହେଉଥିବେ । ସମସ୍ତେ ତା'କୁ ହାତ ଉଠାଇ ସଲାମ କରୁଥିବେ । ତା' ମଥା ଗର୍ବରେ ସିଧା ହୋଇଯାଉଥିବ । ଆଉ ସେହି ସିପାହୀ! ଚାକିରୀ କଲେ ଲାଗେ ସେତେବେଳେ ତା' ଦେହରେ ରଙ୍ଗ ଚଢେଇ ଦିଆଯାଇଛି ।

କହିବାକୁ କ'ଣ ଚାହୁଁଛନ୍ତି ?

ଭେକ ଦେଖି ତୁମେ ବୁଝିଯିବା କଥା । ଯିଏ ଗର୍ବରେ ଚାଲୁଥିଲା ଆଜି ସିଏ ଛୋଟ ହୋଇଗଲେ ଭାଙ୍ଗି ପଡ଼ିବ । ଆଜି ସେହି ସିପାହୀ ଏକ କଇଦୀର ପୋଷାକ ପିନ୍ଧିଛି । ହାଫ ପ୍ୟାଣ୍ଟ, ହାଫ ସାର୍ଟ । ତା' ଅଣ୍ଟାରେ ବେଲ୍ଟ ନାହିଁ । ପାଖରେ ଘୋଡା ନାହିଁ ଚଢ଼ିବାକୁ । ସେ ଖାଲି ପାଦରେ ଚାଲୁଛି । ତା' ଦେହରୁ ଗମ୍‌ଗମ୍ ଝାଳ ବାହାରୁଛି । ଦେହସାରା କାଦୁଅ । ବସିବାକୁ, ଶୋଇବାକୁ ଠିକ ଜାଗାଟିଏ ନାହିଁ । ନଚାଲିଲେ ତା'କୁ କିଏ ଢିଅଟାଏ ଦେଉଛି । ତା'କୁ ଲାଗୁଛି ସେ ଯେମିତି ଏକ ଗଧ ବା ଏକ ବଳଦ । କେହି ତା'କୁ ସଲାମ କରୁନାହାନ୍ତି । ଓଲଟି ତା'କୁ ଠିଆହୋଇ ମାଡ ଗାଳି ସହିବାକୁ ପଡୁଛି । ଏହା କିଛି କମ ଅପମାନ ନୁହେଁ । ତେଣୁ ତା'କୁ ବେଶି କାନ୍ଦ ଲାଗିଲା ।– ବୁଢା କହିଲେ ।

ଅବିନାଶ ଭାବିଲା ସତ କଥା । ମୂର୍ତ୍ତୀ ଦେହରୁ ରଙ୍ଗ ଛାଡିଗଲାଣି । ବିଶ୍ୱକର୍ମା ମୂର୍ତ୍ତୀକୁ ବିସର୍ଜ୍ଜନ ନାଁରେ ଲୋକେ ଗଛ ମୂଳେ ଛାଡିଦିଅନ୍ତି ଆଉ ସେଥିରୁ ରଙ୍ଗ ଛାଡି କେତେ ମଳିଆ ଦିଶେ । ମନରୁ ତା'ର ରଙ୍ଗ ଉତ୍ତରି ଗଲା । ଆଜି ଯେ ରାଜନ୍ଦ୍ରାସନେ କାଲି ସେ ଫକୀର । ଦୁନିଆର ଏହି ତ ନିୟମ । ଫକୀରର ଯାତ୍ରା ଆଉ ଫକୀରର ଭେକ । ଚାଥାମରେ ଏକ କାଠ ତିଆରି ବିଶ୍ୱକର୍ମା ମୂର୍ତ୍ତୀ ଅଛି । ଲୋକେ ଏହାକୁ ପୂଜା କରନ୍ତି, ଏକ ମାଟି ମୂର୍ତ୍ତୀକୁ ବିସର୍ଜ୍ଜନ ଦିଅନ୍ତି । ମୂଖ୍ୟ ମୂର୍ତ୍ତୀ ମୋଟେ ବାହାରେ ରଖାଯାଏନା । ଆଉ ତିଥି ହିସାବରେ ପଡୁ ବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନପଡୁ ପ୍ରତିବର୍ଷ ୧୭ ସେପ୍ଟେମ୍ବର ଦିନ ବିଶ୍ୱକର୍ମା ପୂଜା ବଡ଼ ଧୁମଧାମରେ ହୁଏ । ସମସ୍ତେ ନିଜ ନିଜ ଯନ୍ତ୍ରକୁ ପୂଜା କରନ୍ତି । ଏ କାରଖାନାରେ କାଠର ବିଶ୍ୱକର୍ମା ସବୁବେଳେ ଜୀବନ୍ତ ରୁହେ । କାଠ ମୂର୍ତ୍ତୀ ହେବା ଭଲ, ତେଣୁ ନିରଞ୍ଜନ ଭଳି ମାଟିର ବିସର୍ଜ୍ଜିତ ହୋଇଥିବା ମୂର୍ତ୍ତୀ ସେ ମୋଟେ ହେବାକୁ ଚାହାଁନ୍ତାନି ।

ତେଣୁ ନିଜର ପୂର୍ବ ରଙ୍ଗ କଥା ଭାବିଭାବି ସେ ଶୋଇ ଯିବାକୁ ଚାହିଁଲା । ଅତିକମରେ ଲୋକେ ତା' ନିଦରେ ବାଧା ଦେବେନି ।–ବୁଢ଼ା କହିଲେ ।

ତା' ମରିଯିବାଟା କିନ୍ତୁ ଏକ ଡରୁଆ ଲୋକର ମରିବା ଭଳି ହୋଇଗଲା ।- ଅବିନାଶ କହିଲା । ନରଞ୍ଜନ ସିଂହ ଜଲଦି ଏକ ନିଜର ଆବରଣ ଖୋଜିନେଲା, ସେ ଭିତରୁ ଆଉ ତା'କୁ କିଏ ନୂଆ ଭାବରେ ଆବିଷ୍କାର କରିପାରିବେନି । ନିଜ ହିସାବରେ ସେ ଜୀବନକୁ ଆଉ ଛୋଟ କରିପାରିବନି । ଏଇ ଦିନଠାରୁ ମୁକ୍ତିପାଇଁ ସେ ଆତ୍ମହତ୍ୟା କଲା । ଏଇଆ ତ ବୁଢ଼ା କହିବାକୁ ଚାହୁଁଛନ୍ତି ।

ସେ ମଲାପରେ ଆରାମରେ ଶୋଇଗଲା ।- ବୁଢ଼ା ପୁଣି କହିଲେ ।

ଅବିନାଶ ଭାବିଲା ଲଗପଣ୍ଡରେ ଭାସୁଥିବା ଏକ କାଠଗର । କିଛି ବୁଡୁଥିବ, କିଛି ଉଠୁଥିବ । ସେ ବୁଡା ଉଠାରେ କିଛି ଘଟୁନଥିବ । ସେମିତି ଲଗଟା ପାଣିରେ ଭାସୁଥିବ । ଜୁଆର ଆସୁଥିବ ଆଉ ଛାଡିଯାଉଥିବ । ଅବିନାଶ ଭାବିଲା ଲୋକଟା ମଲାପରର ଯନ୍ତ୍ରଣାକୁ ଡରିଲାନି । ଗଛଟା କଟା ହୋଇ ଲଗ ବା ଖଣ୍ଡ ଖଣ୍ଡ କାଠଗର  ହୋଇଗଲା ପରେ ଆଉ କଷ୍ଟ କେଉଁଠି ? ଗଛ ଥିଲା ପର୍ଯ୍ୟନ୍ତ ନୂଆ ପତ୍ର, ଫୁଲ ଆସୁଥିଲା । ଗର ହୋଇଗଲେ ଆଉ କିଛି ଆସିବନି । କିଛି ଡରିବାର ନାହିଁ, କାରଣ ଆଉ ଯନ୍ତ୍ରଣା ନାହିଁ । ବାସ୍, ଏକ ନିର୍ଜ୍ଜୀବ ପଦ୍ଧତି । ସେ ନିଜର ଅଦେଖା ଯନ୍ତ୍ରଣାକୁ ଯେଣୁ ଖାତିର କରୁନଥିଲା, ତେଣୁ ସେ ନିଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଜିସହ ଚିରଦିନ ପାଇଁ ଶୋଇଯିବାକୁ ଚାହିଁଲା । ଏକ ସୈନ୍ୟର ଗର୍ବକୁ ଚିରଦିନ ପାଇଁ ସାଇତି ରଖିଦେବାକୁ ଚାହିଁଲା । ଅବିନାଶ ଲାଗିଲା ତା' ମନ ସବୁଠାରୁ ଉଜ୍ଜ୍ୱଳ ତାରକା ଥିଲା ।

ଉପରେ ଆକାଶକୁ ଦେଖ ।- ବୁଢା ସତକୁ ସତ କହିଲେ ।

ଅବିନାଶ ଶେଡର କଡକୁ ଯାଇ ଦେଖାଯାଉଥିବା ଉପରକୁ ଅନାଇଲା । ଉଜ୍ଜ୍ୱଳ ନୀଳ ଆକାଶ, ମଝିରେ ଖଣ୍ଡିଏ ଖଣ୍ଡିଏ ମେଘ ଭାସୁଛି । ସେହି ମେଘ ପତଳା ହୋଇ କୁଆଡେ ହଜିଯାଉଛି । ସବୁ କୁଆଡେ ଧିରେ ହଜିଯାଉଛି । ଏଠୁ ଆଉ ନଜରରେ କିଛି ଦେଖି ହେବନି । ଏମିତିଆ ଆକାଶରେ ଶେଷ ଆଡକୁ ତାରା କେତେଟା ଦେଖା ଦିଅନ୍ତି, ଦିନ ଆକାଶରେ ମଧ୍ୟ ଦେଖାଦିଅନ୍ତି ଆଉ ରାତିରେ ଫୁଲ ହୋଇ ଫୁଟନ୍ତି । ଯଦି ଆକାଶରେ ସବୁବେଳେ ଫୁଲହୋଇ ଫୁଟିବାର ଅଛି, ତେବେ ଆଜି ମଉଳା ଫୁଲହୋଇ ଖସି ପଡ଼ିବାର କିଛି କାରଣ ନାହିଁ । ତେଣୁ ଆକାଶରେ ଅମର ହୋଇ ଫୁଲ ହୋଇଯିବା ବୋଧେ ବେଶି ଭଲ ।

ତା'ପରେ ଆଉ ଆତ୍ମହତ୍ୟା ହୋଇନି ।– ବୁଢା କହିଲେ । ଯଦି କରିଥିବେ ଏ ବୁଢା ଜାଣିନଥିବେ । ଅବିନାଶ ମଧ୍ୟ ସେମିତି ଖବର ପଢିଲାଭଳି ମନ ପକାଇ ପାରୁନଥିଲା । କିନ୍ତୁ ଅନେକ ଖସି ପଳେଇ ଯାଇ ଏକ ଏକ ଜୀବନ ଆରମ୍ଭ କରିବାକୁ ଚାହିଁଥିଲେ ।

ଯାହାହେଉ ସେଇଟା ଭଲ କଥା ।– ଅବିନାଶ ମନେମନେ କହିଲା । ଚାଥାମ ତା'କୁ ଏବେ ଏକ ଜଙ୍ଗଲ ଭଳି ମୋଟେ ଲାଗୁନଥିଲା । ଏବେ ବହୁ ଜାଗା ସଫା ଅଛି । ତେଣୁ ଦଳେ ଲୋକ ଖସି ପଳେଇ ଅନ୍ୟ କେଉଁଠି ଜାଗା ସଫା କରି ରହିପାରିବେ । ଏମିତି ତ ଏଇଠି କରୁଛନ୍ତି କ'ଣ ? ଇଂରେଜମାନଙ୍କ ପେନାଲ ସେଟଲମେଣ୍ଟ ପାଇଁ ଜାଗା ସଫା କରୁଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତେଣେ ବୁଢା ନିଜର ଗଣଗଣିଆ କଣ୍ଠରେ କିଛି କହୁଥିଲେ, ବୋଧହୁଏ ସେ ଲୋକର ଗୁଣ ଗାଇହେଉଥିବେ, ନହେଲେ ହନୁମାନ ଚାଳିଶା ବା ରାମଚରିତ ମାନସ ପଢୁଥିବେ । ଆଉ ଅବିନାଶ ଇତିହାସକୁ ମନେ ପକାଉଥିଲା ।

୧୮ ମାର୍ଚ୍ଚ ୧୮୫୮ରେ ୨୧ ଜଣ କଇଦୀ ଖସି ପଳାଇଲେ । ପୁଣି ୨୩ ମାର୍ଚ୍ଚ ୧୮୫୮ରେ ୧୧ ଜଣ କଇଦୀ ରସ ଦ୍ୱୀପରୁ ଖସି ଚାଲିଗଲେ । ଏମାନେ ଏଇଥିପାଇଁ ଖସି ପଳାଉଥିଲେ କାରଣ ସେମାନଙ୍କୁ ରାତିରେ କେହି ଜଗୁନଥିଲେ ଆଉ ସେତେବେଳକୁ ବଡ଼ ପାଚେରୀ ଥିବା କେଉଁ ପ୍ରକୃତ ଜେଲଖାନା ତିଆରି ହୋଇନଥିଲା । ରସ ଦ୍ୱୀପରେ ଥିବା କଇଦୀମାନେ ପୋର୍ଟବ୍ଲେଆର ବଡ଼ ଭୂମିକୁ ଆସିବା ପାଇଁ ଭେଳାର ବ୍ୟବହାର କରୁଥିଲେ । ଫୋନିକ୍ସ ବେରେ କାମ କରୁଥିବା କଇଦୀମାନେ କାମ କରୁକରୁ ଜଙ୍ଗଲକୁ ଖସି ପଳାଉଥିଲେ । ଚାଥାମ ଦ୍ୱୀପର କଇଦୀମାନଙ୍କୁ ଫୋନିକ୍ସ ବେର କଇଦୀମାନେ ଭେଳା ଆଉ ଖସି ଯିବାରେ ସାହାର୍ଯ୍ୟ କରୁଥିଲେ ।

ଏମିତି କଇଦୀମାନେ ଖସିଯାଉଥିବା ଦେଖି ନାଭାଲ ଗାର୍ଡମାନଙ୍କ ସଂଖ୍ୟା ଦ୍ୱିଗୁଣିତ କରିଦିଆଗଲା । ତଥାପି କଇଦୀମାନେ ପହଞ୍ଚିବାର ୫୧ ଦିନ ଭିତରେ ଏକ ତୃତୀୟାଂଶ କଇଦୀ ଖସି ପଳାଇବାକୁ ସକ୍ଷମ ହେଲେ । ୧୮୫୮ ମସିହା ମାର୍ଚ୍ଚ ଆଉ ଅପ୍ରେଲ ମାସ ମଧ୍ୟରେ ୨୨୮ ଜଣ କଇଦୀ ଖସି ପଳାଇଥିଲେ । ଖସି ପଳାଇଥିବା କଇଦୀ ସିପାହୀମାନଙ୍କୁ ଖୋଜିବାପାଇଁ ସର୍ଚ୍ଚ ପାର୍ଟି ଯାଇଥିଲା । ଖୋଜିବା ସହଜ ନୁହେଁ ।

ବୁଢା କିଛି ସମୟ ନିଜ ପାଖରେ ପଡିଥିବା ଗଛର ଗରକୁ ପରଖିଲେ । ଅବିନାଶ ଏମିତି ପୁରୁଣା କଥାମାନ ମନେ ପକାଉଥିଲା । ଏଣେ ବୁଢା କିଛି କହି ଥକି ଯାଉଥିଲେ । ଏକ ମେସିନ ନିଜ ଭିତରେ ଷ୍ଟିମ ନେଲା ଭଳି ବୁଢା ନିଜ ଛାତିରେ ପବନ ଭରୁଥିଲେ ପୁଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିଛି କାମ କରୁଥିଲେ । ତାଙ୍କୁ ସାମାନ୍ୟ କାମ ପାଇଁ କିଛି ଶକ୍ତି ସଂଚୟ କରିବାକୁ ପ୍ରାୟ ପଡୁଥିଲା ।

ଏଇଟା ପୁମା, ଏଇଟା ଗର୍ଜ୍ଜନ, ସେଇଟା ଥିଙ୍ଗମ । ଏଇଟା ବ୍ଲାକ ଚୁଗଲମ, ଏଇଟା ମହଓା । ବଡ଼ ଗଛଗୁଡା । ଗର୍ଜ୍ଜନ ଗଛକୁ ତ ଆଖି ପାଇବ ନାହିଁ । ସି ମହୋଙ୍ଗା ଗଛ ଆକଶକୁ ଛୁଇଁ ଯାଇଛି ।– ବୁଢା କହିଲେ ।

ଅବିନାଶ ମୁଣ୍ଡ ହଲାଇଲା । ସେ ଏଠାକାର କିଛି କିଛି ଗଛର ନାଁ ମଧ୍ୟ ସେ ଜାଣିଥିଲା । ଅଣ୍ଡାମାନର ଜଙ୍ଗଲ ଭାରତରେ ସବୁଠାରୁ ଘଞ୍ଚ ଜଙ୍ଗଲ ଭିତରୁ ଅନ୍ୟତମ । ଯେଉଁ ବ୍ୟକ୍ତି ଏହାକୁ ଶାଳ ଜଙ୍ଗଲ ଭାବିନେଇଛି, ତେବେ ସେ ସବୁଠାରୁ ବଡ଼ ବୋକାମୀ କରିଛି । ମଧ୍ୟ ଭାରତର ଶାଳ ଜଙ୍ଗଲରେ ରାସ୍ତା ଖୋଜିବା ସହଜ । ଜଙ୍ଗଲରେ ଯାଇ ହେବ । ତଳେ ଏତେ ଗଛ ନାହିଁ । କଣ୍ଟାବୁଦା ମଧ୍ୟ କମ । ଚେର ମଧ୍ୟ ଏତେ ନାହିଁ । ହଁ, ଜଙ୍ଗଲରେ ବାଘ ଭାଲୁ ଥିବେ । କିନ୍ତୁ ଏତେ ଲୋକ ଦେଖିଲେ ବାଟ ଛାଡି ଡରି ପଳାଉଥିବେ ।

ଅବିନାଶ ଭାବୁଥିଲା ଏଇଥିପାଇଁ ଏ ଜଙ୍ଗଲ ଭିତରେ ସେଇମିତି ପଳାଇବା ମଧ୍ୟ ସହଜ ନୁହେଁ । ତା' ଜାଣିବା ହିସାବରେ ଜଣେ କଇଦୀ ଜଙ୍ଗଲରେ ଏକା ଚାଲୁଥିଲା । ଜଙ୍ଗଲରେ ଲୋକେ ବାଟବଣା ହୋଇଯାଆନ୍ତି । ଚାଲୁଛି ଯେ ଚାଲୁଛି । ଏଇଟା ଜଙ୍ଗଲ ଭିତରେ ସାଧାରଣ କଥା । ଆକାଶ ଦେଖାଯାଉନି, ଦିଗ ବାରିବା ସହଜ ନୁହେଁ । ବାଟ ପାଇଲା ନାହିଁ । ଏତେ ଚାଲିଲା ପରେ ସେ ଶେଷରେ ପୁରୁଣା ଚାଥାମ ଦ୍ୱୀପ ପାଖ ଉପକୂଳରେ ପହଞ୍ଚିଲା । ଆଉ ଚାଲି ମୂଲ୍ୟ ନାହିଁ, ସେ ଆତ୍ମସମର୍ପଣ କଲା । ତା' ରୂପ ଦେଖି ବାକି କଇଦୀ ଚମକି ପଡିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ପୁଣି ଭାବିଲା ଖସିପଳାଇ ପୁଣି ଧରାପଡିଯାଇଥିବା କଇଦୀର ରୂପ କେମିତି ଥିବ ତାହେଲେ ? ଚମକିବାକୁ ହେଲେ ତା଼ ଦେହରେ କଳା ବୋଳିହୋଇଥିବା ଦରକାର । କାମଫ୍ଲାଉଜିଙ୍ଗ । ମୁହଁରେ କଳାଗାର ଲଗାଇ, ଦେହସାରା କଳା ବୋଳି ହୋଇ ଜଙ୍ଗଲ ଭିତରେ ଏକ ସୈନ୍ୟ ବୁଲୁଥିବା କେହି ଦେଖିଲେ ଜାଣିପାରିବନି ଯେ ଏଠି କିଏ ଲୁଚିଛି । ଲୋକଟା ବୁହୁରୂପୀ ଏଣ୍ଡୁଅ ଭଳି ଦେଖାଯାଉଥିବ । ଏକ ଆଦିମ ଅଧିବାସୀଙ୍କ ଅଞ୍ଚଳରେ ବୁଲି ବୁଲି ତା଼ ଦେହ କଳାପଡିଯାଇଥିବ । ଏଇଆ କିଛି ହୋଇଥିବ ।

ତୁମେ ଏ ଜଙ୍ଗଲରେ ବୁଲିଛ ? ବଡ଼ ବଡ ଗଛରେ ଭରିଯାଇଛି । ଜଙ୍ଗଲ ତଳ ସନ୍ତସନ୍ତିଆ । ଜଙ୍ଗଲରେ ଚାଲିଲାବେଳେ ଦେହରେ ଯୋକ ସବୁଆଡେ ଲାଗି ରହିବ ଆଉ ରକ୍ତ ପିଇବ । ଦେହସାରା ପୋକ । ଜଙ୍ଗଲରେ ବୁଲିଲେ ସେମିତିଆ ପଥୁରିଆ ଲୋକ ନହେଲେ ଦେହ ଅତି ଖରାପ ହୋଇଯିବ ।- ବୁଢା ଏଠାକା ଜଙ୍ଗଲ କଥା କହୁଥିଲେ ।

ଇସ୍, ନର୍କ ଯନ୍ତ୍ରଣା । ନର୍କରେ ତ ଦେହରୁ ପୋକ ମାଂସ ଝୁଣି ଖାଆନ୍ତି । ଅବିନାଶ ଭାବୁଥିଲା ଲୋକଟାର ଅବସ୍ଥା ତା଼ହେଲେ କ଼ଣ ହୋଇଥିବ ? ଏ ଜଙ୍ଗଲରେ ଜୋକ, ପୋକ, ସାପ ଇତ୍ୟାଦି ଭରି ରହିଛନ୍ତି । ଜୋକଗୁଡା ରାସ୍ତାରେ ସାଲୁସାଲୁ ହେଉଥିବେ । ମଣିଷ ବା ଜନ୍ତୁଟିଏ ଗଲେ ପତ୍ରରୁ, ଡାଳରୁ ବା ଚେରରୁ ଖସିପଡି ଦେହରେ ଲାଗିଯିବ ଆଉ ଟିଙ୍କ ପରି ଗରମ ତାଜା ରକ୍ତ ପିଉଥିବ । ଗୋଟାଏ, ଦୁଇଟା ହେଲେ ତ ଠିକ ଅଛି । ଡର୍ଜନ, ଡର୍ଜନ କଳା କଳା ବଡ଼ ଯୋକ ଯଦି ଦେହରେ ଲାଗିଗଲେ ତେବେ ? ଦେହରୁ ରକ୍ତ ନର୍କ ହିସାବରେ ପାହି ପାହି କରି ବୁଝିନେଉଥିବେ ।

ଆଣ୍ଡାମାନଟା ପରା ନର୍କ ।- ଅବିନାଶ କହିଲା ।

ଅବିନାଶ ପଢିବା ହିସାବରେ ଦ୍ୱୀପର କର୍ତ୍ତୃପକ୍ଷ ଲୋକଟାକୁ ବାକି କଥା ପଚାରିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ପରେ ସେ କିଛି ଜାଣିଥିବା କଥା କହିଲା । ଜଣେ ଖସିପଳାଇଥିବା କଇଦୀର ନିଜ ଉପରେ ବହୁତ ଭରସା ଥିଲା ଆଉ ସେ ଦଳର ନେତୃତ୍ୱ ନେଉଥିଲା । ରାସ୍ତାରେ ଦଳେ ଆଦିମା ଅଧିବାସୀଙ୍କ ସହ ଦେଖାହେଲା । ସେମାନଙ୍କୁ ବହୁତ ବୁଝାଇବାକୁ ପଡିଲା । ଠାରରେ ବା କିଛି ଶବ୍ଦରେ କଥା ଚାଲିଲା । ତା'ପରେ ଏମାନେ ଆଣ୍ଡାମାନର ଗଭୀର ଜଙ୍ଗଲରେ ଆଗେଇ ଚାଲିଲେ । ଏକ ଆଦିମ ଅଧିବାସୀ ଦଳ ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ । କିନ୍ତୁ ଦୁଃର୍ଭାଗ୍ୟ ଲେଖାଥିଲା । ରାସ୍ତାରେ ଆଉ ଏକ ଦଳ ଆଦିମ ଅଧିବାସୀ ଆକ୍ରମଣ କଲେ । ପ୍ରାୟେ ଶହେଜଣ ଆଦିମ ଜନଜାତିର ଲୋକେ । ଏମାନଙ୍କ ଦଳର ଅଧିକାଂଶ ଟଳି ପଡିଲେ । ଏ ଜଙ୍ଗଲ ଭିତରେ ଲଢେଇ କରିବାକୁ ସେମାନଙ୍କ ପାଖେ କଳକୌଶଳ ବା ଶକ୍ତି ମଧ୍ୟ ନଥିଲା । ସେମାନଙ୍କ ଦଳପତି ପ୍ରଥମେ ଶରାଘାତରେ ପ୍ରାଣ ହରାଇଲା । ତା'ପରେ ଏହି କଇଦୀ କେମିତି ବି ହେଉ ମରଣଯନ୍ତାରୁ ଖସିପଳାଇଲା । ବିରାଟ ଗଣ୍ଡଗୋଳିଆ ପରିସ୍ଥିତି, ଆଉ ଖସି ପଳାଇଥିବା କଇଦୀମାନଙ୍କ ପାଖରେ କିଛି ଉପାୟ ନାହିଁ । ସେ ବୁଝିପାରିଲା ଏ ଘନ ଜଙ୍ଗଲରେ ଏହି ଆଦିମ ଅଧିବାସୀଙ୍କ ତୀରାଘାତରୁ ସେ ପ୍ରାଣରକ୍ଷା କରିପାରିବ ନାହିଁ । ତେଣୁ ପ୍ରାଣ ବଞ୍ଚାଇବାକୁ ଯେଉଁ ରାସ୍ତାରେ ଯାଇଥିଲା ସେ ରାସ୍ତାରେ ଲୁଚି ଫେରିଲା । ତିନି ଦିନ ଚାଲିଲା ପରେ ସେ ଆସି ପେନାଲ ସେଟେଲମେଣ୍ଟ ଅଞ୍ଚଳରେ ପହଞ୍ଚିଥିଲା ।

ବୁଢାଙ୍କ ମୁହଁରେ ଯନ୍ତ୍ରଣାର ଚିହ୍ନ ଦେଖାଯାଉଥିଲା ସତେ ଯେମିତି ତାଙ୍କୁ ବଡ଼ ଯୋକଟାଏ କାମୁଡି ରକ୍ତ ଝୁଣୁଛି ଆଉ ଅବିନାଶ ଏଣେ ଭାବୁଥିଲା ଫେରିଆସିଥିବା କଇଦୀର କଥା । ଏତେ କଷ୍ଟ ପରେ ଯଦି ସେଇଠିକି ଫେରିଆସିବାର ଅଛି, ପୁଣି ଯମ ଯନ୍ତ୍ରଣା ଭୋଗିବାର ଅଛି, ତେବେ ଏତେ ଚେଷ୍ଟା ଜଣେ କଲା କିପାଇଁ ? ଆହାଃ, ଶବ୍ଦ ଅବିନାଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁହଁରୁ ବାହାରି ଆସୁଥିଲା । କିନ୍ତୁ ସେ କିଛି କହିଲା ନାହିଁ ।

ଆଉ ଅବିନାଶର ପଢା ହିସାବରେ ସେତେବେଳକୁ ପୋର୍ଟବ୍ଲେଆରରେ ସେଟେଲମେଣ୍ଟ କାମ ଜୋର ଧରିଥାଏ ଆଉ ଏ ସ୍ଥାନ ହେଉଛି ଗ୍ରେଟ ଆଣ୍ଡାମାନିଜ ଆଦିମ ଅଧିବାସୀଙ୍କର । ସେମାନଙ୍କ ପକ୍ଷରୁ ଅନେକ ପ୍ରତିରୋଧ ଆସିଲା । କିନ୍ତୁ ପ୍ରସ୍ତର ଯୁଗୀୟ ପ୍ରତିରୋଧ । ସେମାନେ ଖସି ପଳାଇଥିବା କଇଦୀମାନଙ୍କୁ ମାରିଦେଉଥାନ୍ତି । ସେମାନଙ୍କ ପାଇଁ ସବୁ ବାହାର ଲୋକେ ସମାନ, କିଏ ଦୋଷୀ, କିଏ ନିର୍ଦ୍ଦୋଷ ସେମାନେ ଜାଣିବେ କେମିତି ?

ଏଣେ ସର୍ଚ୍ଚ ପାର୍ଟି ଦ୍ୱାରା ୮୮ ଜଣ ଧରା ପଡିଗଲେ । ସତେବେଳକୁ ଧରା ହୋଇଥିବା କଇଦୀମାନେ ଅତି ରୋଗିଣା ହୋଇଯାଇଥାନ୍ତି । ଏହି ଧରାଯାଇଥିବା କଇଦୀମାନଙ୍କ ଭିତରୁ ଜଣେ ଆତ୍ମହତ୍ୟା କଲା ଆଉ ଜଣେ ଡାକ୍ତରଖାନାରେ ପଡିରହିଲା । ବାକି ସମସ୍ତଙ୍କୁ ଗୋଟାଏ ଦିନରେ ସମୁଦ୍ର କୂଳରେ ଥିବା ଗଛଗୁଡିକର ଡାଳରେ ରଶି ବାନ୍ଧି ଫାଶୀ ଦିଆଗଲା । ବାକି ୧୩୬ଜଣ କଇଦୀଙ୍କର କିଛି ଖବର ମିଳିଲା ନାହିଁ । ସମସ୍ତେ ଭାବିନେଲେ ଯେ ସେମାନେ ଆଦିମ ଅଧିବାସୀଙ୍କ ତୀରମାଡରେ ପ୍ରାଣ ହରାଇଛନ୍ତି କିମ୍ବା ଖାଦ୍ୟ ଅଭାବ, ଶୋଷ ବା ରୋଗରେ ପଡି ଜୀବନ ଦେଇଛନ୍ତି ।

ବୁଢା ବସିଥିବା କାଠଗର ଉପରୁ ତଳକୁ ଓହ୍ଲାଇ ପଡିଲେ । ତାଙ୍କ ମୁଣ୍ଡ ତଳକୁ ହୋଇଯାଇଥିଲା । ତା'ପରେ ସେ ତଳେ ବସିପଡିଲେ । ତାଙ୍କ ନିଃଶ୍ୱାସ ଜୋରରେ ଫୁଲୁଥିଲା ଆଉ ଧପ୍ କରି ପଡିଯାଉଥିଲା । ଜୋରରେ ଛାତିରେ ବଜ୍ଝିଥିବା ସବୁ ବାୟୁକୁ କିଏ ଯେମିତି ଶୋଷି ବାହାର କରିଦେଉଛି । ଏମିତି ସେ ବହୁବାର କଲେ । ତା' ପରେ ସବୁ କାଠଗଣ୍ଡିକୁ ଗଣିବାକୁ ଲାଗିଲେ । ଏକ, ଦୁଇ, ତିନି କରି ବଡପାଟିରେ ଗଣୁଥାନ୍ତି । ଅବିନାଶ ଭାବିଲା ସାଧାରଣ କାମିକା ଲୋକ । ମନେ ରଖିବାକୁ ତାଙ୍କୁ ବଡ଼ ପାଟିରେ ଗଣିବାକୁ ପଡ଼ିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ମୁନିବ ସବୁ ଟିପିନେଉଥିବ । କିନ୍ତୁ କ'ଣ ପାଇଁ ସେ କଥାଛାଡି ଏମିତି କରୁଛନ୍ତି ଯେ ? ତା'ପରେ ସେ ପ୍ରତିଟି ଗଣ୍ଡିକୁ ସାଉଁଳେଇଲେ । ସତେ ଯେମିତି ଏକ ଛୋଟ ପିଲାକୁ ଆଉଁଷୁଛନ୍ତି । ତା'ପରେ ପ୍ରତି ଗଣ୍ଡିକୁ ସେ ଟିକେ ଟିକେ ପୋଛି ପକାଇଲେ । ତାଙ୍କ ଆଉଁଷାଘଷା ଦେଖି ଲାଗୁଥିଲା ଯେମିତି ସେ ଏକ ଛୁଆ ହୋଇଯାଉଛନ୍ତି । ଏକ କୁନି ପିଲା ନିଜ କଣ୍ଢେଇକୁ ଆଉଁଷି ଘଷି ସଜାଇ ଦିଏ । ତା'କୁ ନିଜର ସବୁଠାରୁ ବଡ଼ ସାଥି ଭାବେ । ସେମିତି ସେ କିଛି କରୁଛନ୍ତି । ବୁଢାହେଲେ ମଣିଷ ଛୁଆ ହୋଇଯାଏ ଆଉ କରୁଥିବା କଥାରେ କିଛି ସାମ୍ୟ ନଥାଏ । ଅବିନାଶ ତାଙ୍କ ଛୁଆଳିଆମୀରେ ସେ ହସିବ କି ଚୁପ ରହିବ ଭାବିପାରୁନଥିଲା ।

ଅବିନାଶ ଭାବିଲା ଏକା ଦିନରେ ୮୭ ଜଣଙ୍କୁ ଫାଶୀ । ତାଙ୍କ ସାଉଁଳେଇବା ଦେଖି ଲାଗୁଥିଲା ଏ ଗଛଗୁଡାକରେ ସେହି ଲୋକମାନଙ୍କର ଗଣ୍ଡି । ସେହି ଶରୀରମାନ ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମୀଙ୍କର । ବୋଧହୁଏ ବୁଢାଙ୍କର ଭାବିଥିବା କିଛି ନିଜ ଲୋକଙ୍କର । ତେଣୁ ସେ କାଠଗରକୁ ସାଉଁଳାଉଛନ୍ତି ।

ମୋତେ କାଠଗରକୁ ଆଉଷିବାକୁ ଭାରି ଇଚ୍ଛା ହୁଏ । ମଣିଷ ଭଳିଆ ଲାଗେ ତ । ଗାଢ଼ ନିଦରେ ଯେମିତି ଶିଶୁଟିଏ ଶୋଇଛି ।- ବୁଢା କହି ଚୁପ ହୋଇଗଲେ । ତା'ପରେ ଭେରାଏ ଗଣ୍ଡିମାନଙ୍କୁ ପୋଛି ପକାଇଲେ । ନିଜ କପଡା ଆହୁରି ଗନ୍ଧିଆ ହୋଇଯାଉଥିବା ବୋଲି ମୋଟେ ଭାବିଲେନି ।

କାଠରେ ସେମାନଙ୍କ ନାଁ ଖୋଜୁଛି । ନାଁ କାହିଁ ମିଳୁନି । ଗଛ ଗଣ୍ଡିରେ ପ୍ରତି ବର୍ଷ ଏକ ଏକ ରିଙ୍ଗ ହୋଇଯାଏ । ଗଛକୁ ଯେତେ ବର୍ଷ ସେତେଟା ରିଙ୍ଗ । ଆଉ ଏମିତି ରିଙ୍ଗ ସଂଖ୍ୟା ବଢେ । ଏଠି ଏତେ ରିଙ୍ଗ ଗଣିଗଣି ମୁଁ ଥକି ଗଲିଣି ।- ବୁଢା କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ଭାବିପାରିଲାନି ବୁଢା କ'ଣ କହୁଛନ୍ତି । ଗଛର ଆନୁଆଲ ରିଙ୍ଗ ସହ ଲୋକର ନାମ କେମିତି ଖୋଜିବେ ? ଏଇଟା ସମ୍ଭବ ନୁହେଁ ।

ସେଦିନ ଗଛ ଗଣ୍ଡିରେ ସେମାନଙ୍କ ନାଁ ଲେଖି ହୋଇଯାଇଥିଲା । ଗଛରେ ଏତେ ରିଙ୍ଗ ହେବାଯୋଗୁ ନାଁ ଗୁଡା ଚିପିହୋଇଯାଇଛି । ଦେଢଶହ ବର୍ଷରୁ ଉର୍ଦ୍ଧ୍ୱ ପରା ହେଲାଣି ।– ସେ କହିଲେ ।

ତୁମ ଆଖି ତ ଭଲ, ଟିକେ ଖୋଜିଦେଲ । ହଁ, ତମକୁ ବହୁ ଯତ୍ନର ସହ ଦେଖିବାକୁ ପଡ଼ିବ ।- ବୁଢା କହି ଗୋଟାଏ ଗଣ୍ଡିକୁ ନିଜ ରୁମାଲରେ ଭଲକରି ପୋଛି ପକାଇଲେ । ଆନୁଆଲ ରିଙ୍ଗ ଏବେ ସ୍ପଷ୍ଟ ଦିଶୁଥିଲା । ଗଛର ବାର୍ଷିକ ବୃଦ୍ଧିସହ ଆନୁଆଲ ରିଙ୍ଗ ତିଆରି ହୋଇଯାଇଛି । ଯେତେ ଗଛର ବୃଦ୍ଧି ସେତେ ରିଙ୍ଗ ଆଉ ମଞ୍ଜି କାଠ ଶକ୍ତ ହୁଏ । ତାଙ୍କ ଦେଖାଉଥିବା ଗଛ ଗଣ୍ଡିରେ ମଞ୍ଜିକାଠ ଲାଲ କଳା ପଡିଯାଇଥିଲା । ଅତି ପୋଖତ ଗଛ । ସେଥିରେ କିଛି ଲେଖାଥିବ ବୋଲି ଅବିନାଶ ଭାବୁନଥିଲା । ଗଛ ଭିତରେ କେମିତି କିଛି ଲେଖି ହୋଇଯିବ । ବୁଢା ମନକୁ ମନ କିଛି ପ୍ରଳାପ କରୁଥିବେ । ତଥାପି ବୁଢା କହୁଛନ୍ତି ବୋଲି ଅବିନାଶ ସେହି ଗଣ୍ଡିକୁ ବଡ଼ ଧ୍ୟାନର ସହ ଦେଖିଲା । ତା'କୁ ଲାଗିଲା ଯେମିତି କିଛି ଲେଖା ହୋଇଛି । ଯେମିତି ବିଗତ ଆତ୍ମା ଉଦ୍ଦେଶ୍ୟରେ କେହି କିଛି ଲେଖିଛି । ସେ ପଢିଲା, ତୁମ ଚାଲିଯିବାରେ ଆମ ଆଖିରୁ ବୁନ୍ଦାଏ ଲୁହ ଝରିପଡିଥିଲା । ଫୁଲ ହୋଇ ତୁମେ ଫୁଟିବ ସବୁବେଳେ । କେବେ ହଜିଯିବ ନାହିଁ ।- - - -

ଅବିନାଶ ନିଜ ଆଖିକୁ ବିଶ୍ୱାସ କଲାନି । ସେ ତଥାପି ଭଲକରି ପଢିଲା । ଏକଦମ ମଝିରେ କାଠ ପ୍ରାୟ ପିଚୁ ଭଳି କଳା ହୋଇଯାଇଛି । ସେଥିରେ ସାମାନ୍ୟ ଫିକା ଅକ୍ଷରରେ ଉପରର ଧାଡି ଲେଖାହୋଇଛି । ଅତି ସ୍ପଷ୍ଟ ଲେଖା । କେଉଁ କାଳର କବରରେ ଲେଖା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବା ସ୍ମୃତି ଫଳକ ଭଳି ଲେଖା । ଅବିନାଶ ଆଖିରେ ଲୁହ ଜକାଇ ଆସିଲା । ମୃତକର ନାଁ ନାହିଁ । ଏକ ଧାଡି ଲେଖା ତାଙ୍କର ସ୍ମୃତିରେ ଲେଖିହୋଇଛି ।

ବୁଢା ତା'ପରେ ଗୋଟିଗୋଟି କରି ପାଖରେ ପଡିଥିବା କାଠଗରମାନଙ୍କୁ ପୋଛି ପକାଇଲେ । ସବୁଗୁଡାରେ ଧୂଳି, ମାଟି, କାଦୁଅ ଲାଗି ଅତି ଅପରିଷ୍କାର ଦେଖାଯାଉଥିଲା । କିନ୍ତୁ ବୁଢାଙ୍କର ପୋଛାରେ ସବୁ କାଠଗଣ୍ଡି ଚମକିବାକୁ ଲାଗିଲା ଆଉ ଆନୁଆଲ ରିଙ୍ଗମାନ ପରିଷ୍କାର ଦେଖାଗଲା । ସବୁ ଗଣ୍ଡିର ଗାଢ କଳା ରଙ୍ଗର ମଞ୍ଜକାଠ । ଅତି ପାକଳ ଗଛ । ସବୁଥିରେ ଏକ ଏକ ଅଲଗା ଧାଡି ଲେଖାଆଛି । ଅବିନାଶ ଗୋଟିଗୋଟି ଧାଡି ପଢିବାକୁ ଲାଗିଲା ।

କେହି ତୁମପାଇଁ ଲୁହ ଟୋପାଏ ଗଡାଇବାକୁ ନାହିଁ । କାହାର ପୁତ୍ର ତୁମେ, କାହାର ପିତା ତୁମେ ଆଉ କାହାର କି କି ସମ୍ବନ୍ଧୀ । ଆଜି ଏ ଦିନରେ ତୁମ ବିଦାୟରେ କେହି ନାହିଁତ ପାଖରେ । ତୁମପାଇଁ ମୋ ଆଖିର ଏ ଲୁହ ବିନ୍ଦୁ ଶେଷ ଶ୍ରଦ୍ଧାଞ୍ଜଳୀ ।

.. ଏମିତି ଅବିନାଶ ୮୭ଟି ଧାଡି ପଢିଚାଲିଲା ।

ସେମାନଙ୍କ ପାଇଁ ଏକ ଏକ କବିତା, ଏକଏକ ଧାଡି ସବୁ ଗଛରେ ଲଗାଯାଇଛି । ଗଛଗୁଡାକ ଦେଖିପାରୁଛ କି ?

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉପସ୍ଥାନ



ଅମୃତନାରାୟଣ ଶତପଥି

(୧)

ନିରାକାର ସାର୍ ଆଜି ଭାରି ଖୁସି ଥିଲେ, ଶ୍ରେଣୀଟି ତାଙ୍କର ପୂରିଲା ପୂରିଲା ଦେଖା ଯାଉଥାଏ, ଯା' ହେଉ ଏତେଦିନେ ପିଲାମାନଙ୍କ ପାଠ ପଢିବାରେ ମନ ଲାଗିଲା; ଆଜି ଭଲ ଆଲୋଚନାତ୍ମକ ପଢା ତଥା ସମ୍ପୂର୍ଣ୍ଣ ଶ୍ରେଣୀ କୁ କିଛି ଗୃହକାର୍ଯ୍ୟ ତଥା ସୃଜନାତ୍ମକ ବିଷୟ ଦେବାକୁ ସୁଯୋଗ ମିଳିଛି । ଚୌକିରେ ବସି ଉପସ୍ଥାନ ଖାତା ଦେଖି ଉପସ୍ଥାନ ନେଲେ ସଭିଏଁ ଉପସ୍ଥିତ ନା କ'ଣ ଆଜି ! ଉପସ୍ଥାନ ଦେଇସାରି ମୁଣ୍ଡ ଉଠାଇଲା ବେଳକୁ ଆଶ୍ଚର୍ଯ୍ୟ ! କେତେ ଜଣ ହାତ ଗଣତି ପିଲା ହିଁ ବସିଛନ୍ତି ଶ୍ରେଣୀ ଗୃହରେ, ସେ ପୂର୍ଣ୍ଣ ଶ୍ରେଣୀ ଗୃହର ଦୃଶ୍ୟ ଶୂନ୍ୟତାରେ ବଦଳି ଯାଇଛି । ଜନୈକ ଛାତ୍ରକୁ ପଚାରିଲେ - "ଆରେ ବାବୁ ଏତେ ପିଲା ତ ଥିଲେ ସବୁ କୁଆଡେ ଗଲେ ?" ପିଲାଟି ବିନୟର ସହ କହିଲା- "ସାର୍ ସେମାନେ ତ ତାଙ୍କ ଦରକାରୀ ଚିଜ ଉପସ୍ଥାନ କ୍ଲାସ ଆରମ୍ଭରୁ ପାଇଗଲେ, ଆଉ କ'ଣ ସେମାନେ କ୍ଲାସରେ ରହିବେ, ଏଥିପାଇଁ ଅନ୍ୟ ସାର୍ ମାନେ କ୍ଲାସ ଶେଷରେ ହିଁ ଉପସ୍ଥାନ ନେଉଛନ୍ତି ।" ନିରାକାର ସାର ମନେ ମନେ ଭାବି ଆଶ୍ଚର୍ଯ୍ୟ ହେଉଥିଲେ - "ଶିକ୍ଷାନୁଷ୍ଠାନରେ ଶିକ୍ଷା ମହତ୍ତ୍ୱପୂର୍ଣ୍ଣ ନା ଉପସ୍ଥାନ ।"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

(୨)

ନିର୍ବାଚନ ସମୟ; ପ୍ରଚାର ଘଡିକି ଘଡି ଚାଲିଛି ସଭା ସମିତି ବି ବେଶ୍ ଜୋରରେ ଚାଲିଛି, ଜନୈକ ନେତାଙ୍କ ସଭା ସମ୍ମୁଖରେ ପ୍ରବଳ ଭିଡ ଏମିତି ଲୋକ ଯେପରି ଜନ ସମୁଦ୍ର ସୋରିଷ ପକାଇବାକୁ ବି ଯାଗା ନାହିଁ । ନେତା ବେଶ୍ ଖୁସି ନିଜ ଲୋକପ୍ରିୟତା ତଥା ଜନ ଉପସ୍ଥାନ ଦେଖି । ଜଣକ ପରେ ଜଣେ ଭାଷଣ ଦେଇ ଚାଲିଛନ୍ତି, ଶେଷରେ ମଞ୍ଚାସୀନ ନେତାଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ଡକାଗଲା ଆସି ଭାଷଣ ଦେବାକୁ, ବିଜୟ ସ୍ୱପ୍ନରେ ବିଭୋର ନେତା ଜଣକ ଦି ଢୋକ ପାଣି ପିଇସାରି ଗଳା ଝାଡି ପୋଡିଅମ୍ ପାଖକୁ ଯାଇ ଦେଖିଲା ବେଳକୁ ଆଶ୍ଚର୍ଯ୍ୟ ! ଜନ ସମୁଦ୍ରର ଜୁଆରରେ ସତେ ଯେପରି ଭଟ୍ଟା ପଡିଯାଇଛି, କିଛି ହାତ ଗଣତି ଲୋକ ତଥା ଲାଇଟ୍ ଓ ମାଇକ୍ ବାଲାଙ୍କ ଛଡା ଆଉ କେହି ନାହାନ୍ତି । ଚିଡି ଉଠି କର୍ମୀଙ୍କୁ ପଚାରିଲେ - "ଆରେ କୁଆଡେ ଗଲେ ସବୁଲୋକ ।" କର୍ମୀ ଜଣକ ଦାନ୍ତ ନିକୁଟି କହିଲା- "ଆଜ୍ଞା ଆପଣ ଆଣିଥିବା ଚଳଚିତ୍ର ଅଭିନେତାଙ୍କ ଭାଷଣ ପରେ ପରା ସବୁ ପଳାଇଲେ, ତାଙ୍କ ଭାଷଣ ସବା ଶେଷକୁ ରଖିଥିଲେ ସିନା ସବୁ ଲୋକ ଥାଆନ୍ତେ ।" ନେତା କର୍ମୀର ଗାଲରେ କ୍ରୋଧ ବଶତଃ ପଟାସ୍ କରି ଏକ ଚଟକଣା ବସେଇ ଦେଇ କହିଲେ - "ଏଇକଥା ଆଗରୁ କହିଥିଲେ ହେଇ ନଥାନ୍ତା ? ବେକାରଟାରେ ଏତେ କଷ୍ଟରେ ଭାଷଣ ଘୋଷି ଆସିଥିଲି ଶୁଣିବାକୁ କେହି ନାହାନ୍ତି ... ହେ... ସବୁ ଯୋଜନା ଫସର ଫାଟିଗଲା ।" ଆଉ କାନମୁଣ୍ଡା ଆଉଁସି ଭାବୁଥିଲେ ତାଙ୍କ ଲୋକପ୍ରିୟତା କେତେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଉଟା ପାର୍ବଣ



ଅମରନାଥ ବାରିକ

ଜାନକୀ... ଜାନକୀ... ଏ ଜାନକୀ, କୁଆଡ଼େ ଗଲ ମ !! ସକାଳୁ ସକାଳୁ ଏମିତି କେଉଁ କାମରେ ବ୍ୟସ୍ତ ରହିଗଲ ଯେ ଶୁଣୁ ନାହଁ ? ଆରେ ଏଣେ ପରା ମୋର ବିଳମ୍ବ ହୋଇ ଗଲାଣି । ଆଜି ଟିକେ ସଅଳ ଯିବାର ଥିଲା ସ୍କୁଲକୁ କାରଣ ପାର୍ବଣ ଛୁଟି ପାଇଁ ସବୁ ଖାତାପତ୍ର କାମ ସାରିବାକୁ ହେବ । ସରକାର ଏଥର କଡ଼ା ନିୟମ କରିଛନ୍ତି । କୌଣସି ଛୁଟି ପରେ ଯେମିତି କିଛି ବିଷୟବସ୍ତୁ ବଳି ନପଡୁ । ସିଲାବସ୍ ଅନୁଯାୟୀ ସବୁ ଶେଷ କରିବାକୁ ହେବ । ହଉ ଛାଡ଼ ତୁମକୁ ଏ ସବୁ କହିଲେ ତୁମେ ବା କଣ କରିପାରିବ । ଦେଖ ତ ମୋ ପାକେଟ ପାନିଆଟା କେଉଁଠି ରହିଲା ମୁଁ ପାଉନାହିଁ । ଶୀଘ୍ର ଖୋଜିଦେଲେ ମୁଁ ଯିବି । ବାସୁ ମାଷ୍ଟ୍ରେଙ୍କ ମୁହଁରୁ ଏତିକି କଥା ସରୁ ସରୁ ତାଙ୍କ ଘରଣୀ ହାତରେ ଟିଫିନ୍ ବାକ୍ସ ଧରି ପହଞ୍ଚି ଗଲେ ।

ଆରେ ବାବା.. ! ତୁମର ସବୁ କାମ ଗୁଡା ଏକାବେଳେ ଦରକାର ମୁଁ ତ ପୁଣି ଜଣେ ମଣିଷ, ଏତେ ଶୀଘ୍ର କେମିତି ଏସବୁ କାମ କରିବି ଯେ ? ଏପଟରେ ପିଲାମାନଙ୍କୁ ସମ୍ଭାଳିବା, ବାରିରୁ ପନିପରିବା ଆଣିବା, ରୋଷେଇ କରିବା, ଟିଫିନ୍ ବାକ୍ସ ସଜାଡ଼ିବା, ଘର ଓଳେଇବା, କୂଅରୁ ପାଣି କାଢ଼ିବା, ଗାଧୁଆ ପାଧୁଆ କରିବା, ବଗିଚାରୁ ଫୁଲ ତୋଳିବା,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାକୁର ପୂଜା କରିବା, ସମସ୍ତଙ୍କର କପଡ଼ାଲତା ଧୋଇବା, ଆହୁରି ଅନେକ କାମ । ନିଜର ତ ପୁଣି କିଛି ପେଟ ପାଟି ଅଛି କି ନାହିଁ ? ହଁ ତୁମେ ବା କ'ଣ କରିବ ? ଯେହେତୁ ମୁଁ ଜଣେ ନାରୀ ଏ ସବୁତକ ମୋତେ ହିଁ କରିବାକୁ ପଡ଼ିବ । ଏଇ ନିଅ ତୁମ ପାନିଆ, ବହୁତ ମଇଳା ହୋଇଯାଇଥିଲା ତ, ମୁଁ ସଫା କରିବା ପାଇଁ ନେଇଥିଲି । ଜାନକୀ ଆଖିରୁ ଦୁଇ ଟୋପା ଲୁହ ନିଗାଡ଼ି ଦେଲା ।

ବାସୁ ମାଷ୍ଟ୍ରେ ସ୍କୁଲକୁ ଯାଇଥିଲେ ସତ କିନ୍ତୁ ସେ ଅନ୍ୟମନସ୍କ ରହୁଥିଲେ । ଯେମିତି ଗୀତ ଗାଇ ଗାଇ ସାହିତ୍ୟ ପଦ୍ୟ ପଢାନ୍ତି । ସୁନ୍ଦର ସରଳ ଭାଷାରେ ଗପ କହିଲା ଭଳି ଗୋଟି ଗୋଟି କରି ପଦ୍ୟକୁ ବୁଝାନ୍ତି । ସେମିତି ନପଢ଼ାଇ ଖାଲି ସିଧାସଳଖ ଭାବରେ ପଢ଼ାଉଥିଲେ । ଦୁର୍ଗାପୂଜା ପାଇଁ ବିଦ୍ୟାଳୟ ଏକ ସପ୍ତାହ ଛୁଟି ରହିବାକୁ, ଏପଟେ ସମସ୍ତ ଅସମ୍ପୂର୍ଣ୍ଣ ସ୍ଥଗିତ କାର୍ଯ୍ୟ ଶେଷ କରିବାକୁ, ପୁଣି ପ୍ରଧାନ ଶିକ୍ଷକ ଭାବରେ ସମସ୍ତ ଗୁରୁ ଦାୟିତ୍ୱ ତୁଲାଇବାକୁ ତଥା ମାନସିକ ଭାରସାମ୍ୟ ଓ ଶାରୀରିକ ପରିଶ୍ରମ । କର୍ମମୟ ଜୀବନରେ ସର୍ବଦା ରେଳଗାଡ଼ି ପରି ଦୃତଗତିରେ କଠିନ ପରିଶ୍ରମ ସହିତ ଶରୀରକୁ ନିୟୋଜିତ ରଖିଥାନ୍ତି । ଫୁର୍ତ୍ତି ଓ ତତ୍ପର ରୁହନ୍ତି କିନ୍ତୁ ହଠାତ୍ ଆଜି ସମୁଦ୍ରର ଢେଉ ସ୍ଥିର ହୋଇ ଯାଇଛି । ବାଘର ଗର୍ଜନ ଶୁଭୁନାହିଁ । ବୈଶାଖ ଆକାଶରେ ଘୂର୍ଣ୍ଣିଝଡ ସୃଷ୍ଟି ହୋଇଛି । ପୁନେଇ ଜହ୍ନକୁ କଳା ବାଦଲ ଢାଙ୍କି ଦେଇଛି । ସୁବାସିତ ଫୁଲର ଉଦ୍ୟାନ ଆଜି ମରୁଭୂମି ପାଲଟି ଯାଇ, ଶରତରେ ପତ୍ରଝଡ଼ା ଦେଇଛି । ହେଲେ ଆଜି ଏମିତି ସବୁ ଓଲଟ ପାଲଟ କାହିଁକି ହୋଇଯାଇଛି । ନା ଜମା ନୁହେଁ, ବାସୁ ମାଷ୍ଟ୍ରେଙ୍କ ମନଟା ଜମା ବୁଝୁନଥାଏ । ତାଙ୍କ ପତ୍ନୀଙ୍କର ଏଭଳି ବ୍ୟାକୁଳତା, ଆଖିରୁ ଲୁହ ଝରିବା ଦୃଶ୍ୟ ତାଙ୍କୁ ପାଗଳ କରିପକାଉଛି, ସେ ସ୍ଥାଣୁ ପାଲଟି ଯାଇଛନ୍ତି ।

ବୋଧହୁଏ ତାଙ୍କ ଝିଅ କଲ୍ୟାଣୀ ପାଇଁ ଏସବୁ ହୋଇଛି । ଝିଅ ତ ନୁହେଁ ସତେ ଯେମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମା ଦୁର୍ଗାଙ୍କ ପ୍ରତିମାଟିଏ ତାଙ୍କ ଘରେ ଆବିର୍ଭାବ ହୋଇଥିଲା । ସେଥିପାଇଁ ବାସୁ ମାଷ୍ଟରଙ୍କ ପତ୍ନୀ ଜାନକୀ ଝିଅର ନାଁ କଲ୍ୟାଣୀ ରଖିଥିଲେ । ତା'ର ଜନ୍ମ ବି ମଧ୍ୟ ଏଇ ଦୁର୍ଗା ଅଷ୍ଟମୀରେ ହୋଇଥିଲା । ଯେଉଁ ସ୍ତ୍ରୀ କାଲି ମଧୁର ମଧୁର କଥାରେ ସମସ୍ତଙ୍କ ମନ କିଣିନେଉଥିଲା, ଯାହାର ହସରେ ଏ ସଂସାର ହସି ଉଠୁଥିଲା, ଆଜି ସେ କ'ଣ କେତେବେଳେ କରୁଛି କେହି କିଛି ବୁଝି ପାରନ୍ତି ନାହିଁ । ଶହେ ପଦରେ ପଦେ କହି ରହିଯାଏ । କେବଳ ସେ ଅପେକ୍ଷା କରିଥାଏ ଦଶହରା ମେଳାକୁ । ମେଳା ଦେଖିଯିବା କଥା କହିଲେ ସେ ସବୁକିଛି ଭୁଲି ଦଶହରା ମେଳା ଯିବା ପାଇଁ ବ୍ୟାକୁଳ ହୋଇ ଉଠେ, ଏମିତିକି ବାସୁ ମାଷ୍ଟ୍ରେଙ୍କ ପାଦ ଧରି ମୁଣ୍ଡ ପିଟେ । ପାଗଳି ପରି ଗଡ଼ିଯାଏ, ଆଉ କୁହେ "ଏ ମୋତେ ଏଥର ମେଳାକୁ ନେବ ନା !" ବାସୁ ମାଷ୍ଟ୍ରେ ହଁ କହି ତାଙ୍କ ଛାତିରେ ଚାପି ଧରନ୍ତି । ଆଖିର ଲୁହ ଓଠରେ ପିଇ ଯାଆନ୍ତି । ମେଳାରୁ ନିରାଶ ହୋଇ ଫେରି ଆସନ୍ତି ପ୍ରତିବର୍ଷ । ବହୁତ ଆଶା ନେଇ ଜାନକୀ ମେଳାକୁ ଯାଏ ସତ, କିନ୍ତୁ ତା ଆଶା ପୂରଣ ହୁଏ ନାହିଁ । ତା' ଭଙ୍ଗା ମନ କେବେ ଯୋଡ଼ି ହୁଏ ନାହିଁ । ସତରେ କ'ଣ ଜାନକୀ ଏମିତି ଦଶହରା ମେଳାକୁ ଯାଉଥିବ, ଆଉ ନିରାଶ ହୋଇ ଫେରୁଥିବ ! ତା' ଆଶା କ'ଣ ଆଶାରେ ରହିଯିବ ଏମିତି ? ତା' ମୁହଁରେ କ'ଣ ଆଉ ହସ ଫୁଟିବ ନାହିଁ ? କିଏ ଛଡ଼େଇ ନେଇଛି ତା' ଖୁସି ? କେଉଁ ରାଇଜରେ ତା' ସ୍ୱପ୍ନର ତାଜମହଲ ହଜିଗଲା ?

ଆଜିକୁ ପ୍ରାୟ ପାଞ୍ଚ ବର୍ଷ ତଳର କଥା:- ପାର୍ବଣ ମେଳା ଦେଖିବାକୁ ବାହାରିଥିଲେ ବାସୁ ମାଷ୍ଟ୍ରେ ଓ ତାଙ୍କ ଘରଣୀ ଜାନକୀ । ସାଥିରେ ତାଙ୍କର ଏକ ମାତ୍ର ଅଲିଅଳି ଜ୍ୟେଷ୍ଠ କନ୍ୟା କଲ୍ୟାଣୀ ଏବଂ ମଧ୍ୟମ, କନିଷ୍ଠ ଦୁଇ ପୁତ୍ର ମଧ୍ୟ ଥିଲେ । ସେତେବେଳେ କଲ୍ୟାଣୀର ବୟସ ମାତ୍ର ସାତ ପୂରି ଆଠ ବର୍ଷ ଚାଲିଥାଏ । ପିଲାଟି ବଡ ବୁଦ୍ଧିମତୀ, ଉଉଲ ଡାଉଲ ପୁଣି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌତୁକିଆ ଥିଲା । ମେଳାରେ ଜାନକୀ ଗୋଟାଏ ଛୁଆକୁ କାଖେଇ ଥାଏ ତ ବାସୁ ମାଷ୍ଟ୍ରେ ଗୋଟାଏ ଛୁଆକୁ କାଖେଇ ଥାଆନ୍ତି ।  ଆଉ କଲ୍ୟାଣୀ ପିତା ମାତାଙ୍କ ହାତ ଧରି ଚାଲିଚାଲି ଯାଉଥାଏ । ସେଠାରେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଥାଏ । କେଉଁଠି କେଉଁଠି ଖାଇବା ପିଇବା ଜିନିଷ ତ କେଉଁଠି କେଉଁଠି ହାତୀ ଘୋଡ଼ା ଭଳି ବିଭିନ୍ନ ଖେଳନା ପଡ଼ିଥାଏ । ଜାଗା ଜାଗାରେ ମଧ୍ୟ କଣ୍ଢେଇ ନାଚ ହେଉଥାଏ ତ ଅନ୍ୟ ପଟେ ଆକାଶ ଦୋଳି ଲାଗିଥାଏ । ମା ଦୁର୍ଗାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ବହୁତ ହୋଇଥାଏ । ପେଁକାଳୀ, ଖୋଳ, ମର୍ଦ୍ଦଳ, ଢୋଲ, ହରିବୋଲ, ହୁଳହୁଳି, ଶଙ୍ଖନାଦର ଧ୍ୱନି ଗର୍ଜନ କରୁଛି କାରଣ ଜଗତ ଜନନୀ ଧରାବତରଣ ହୋଇଛନ୍ତି । ଏଭଳି କୋଳାହଳ ଭିଡ଼ ଭିତରେ କଲ୍ୟାଣୀ ପିତା ମାତାଙ୍କ ହାତ ଛଡା ହୋଇଗଲା । ବାସୁ ମାଷ୍ଟ୍ରେ ଜାନକୀ ପଛକୁ ବୁଲି ଦେଖନ୍ତି କଲ୍ୟାଣୀ ନାହିଁ । ସତେ ଯେମିତି ସମୁଦ୍ରର ଢେଉ ଭଳି ଭକ୍ତଙ୍କ ଭିଡ଼ ଆଗକୁ ପଛକୁ ଲହଡ଼ି ଭାଙ୍ଗୁଛି । କେଉଁଠୁ ବା ଝିଅକୁ ପାଇବେ ? ପିତାମାତାଙ୍କ ପାଦ ତଳୁ ମାଟି ଖସିଗଲା । ଖୋଜି ଖୋଜି ନୟାନ୍ତ ହୋଇପଡିଲେ କିନ୍ତୁ କଲ୍ୟାଣୀକୁ ପାଇଲେ ନାହିଁ । ସେହି ଦିନଠାରୁ ଜାନକୀ ଝିଅର ଫେରିବା ବାଟକୁ ଚାହିଁ ରହିଛି ଯେ ଆଜିକୁ ପାଞ୍ଚ ବର୍ଷ ବିତି ଗଲାଣି ।

ବିଦ୍ୟାଳୟର ଘଣ୍ଟାଟା ଟିଙ୍ଗଟିଙ୍ଗ ହୋଇ ବାଜିବାରୁ ବାସୁ ମାଷ୍ଟ୍ରେଙ୍କ ମୁହଁରୁ ବାହାରିଲା "ଓଃ ଏତେ ସମୟ ହୋଇଗଲାଣି ।" ହାତରୁ ଟିକେ ସାର୍ଟ ଉଠେଇ ଘଡି ଦେଖନ୍ତି ତ ଚାରିଟା ବାଜିଥିଲା । ପିଲାମାନେ ବହି ବସ୍ତାନି ଧରି ଖୁସିରେ ହୋହାଲ୍ଲା କରି ଘରକୁ ଧାଇଁ ଯାଉଥାନ୍ତି । କାରଣ ଦୁର୍ଗାପୂଜା ପାଇଁ ଆଜିଠାରୁ ବିଦ୍ୟାଳୟ ଗୋଟିଏ ସପ୍ତାହ ଛୁଟି ରହିବ । ଏତିକିବେଳେ  ବିଦ୍ୟାଳୟର ଚପରାସି ରଘୁଭାଇ ଆସି କହିଲେ, "ସାର୍ ମୁଁ ସବୁ ଠିକ୍ ଠାକ୍ ରେ ବନ୍ଦ କରିଦେଇ ଚାବି ପକେଇ ଦେଇଛି ।" ବାସୁ ମାଷ୍ଟ୍ରେ କହିଲେ ହଁ ତମେ ଏବେ ଚାଲ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଁ ଟିକେ ପରେ ଆସୁଛି ।

ବାସୁ ମାଷ୍ଟ୍ରେ ଫେରିବା ବାଟରେ କିଛି ଫଳମୂଳ ଆଦି ଧରି ପହଞ୍ଚିଗଲେ । ଜାନକୀ ତାଙ୍କ ହାତରୁ ଏ ସବୁ ଦେଖି ବହୁତ ଖୁସି ହୋଇଗଲା । ତା'ର ମନେ ପଡ଼ିଲା ଯେ କାଲି ଦଶହରା ମେଳା ଦେଖିବାକୁ ଯିବ । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ବହୁତ ଆଶା ନେଇ ଜାନକୀ ଝିଅର ଶୁଭ ମନାସିଛି । ବୋଧ ହୁଏ ମା ମଙ୍ଗଳା ତା' ଡ଼ାକ ଶୁଣିବେ ଆଉ କଲ୍ୟାଣୀ ମିଳିଯିବ । ପାର୍ବଣ ଋତୁର ମଳୟ ପବନରେ ଶୁଭ୍ର କାଶତଣ୍ଡୀର ଚାମର ଦୋହଲି ଯାଉଛି । ସବୁଜ ସୁଷମାରେ ବିମଣ୍ଡିତ ହୋଇଛି ଧରଣୀ । ଜହ୍ନର ଜୋଛନା ଦେଖି ସରସୀ କୋଳରେ କୁମୁଦିନୀ ଦୋଳି ଖେଳୁଛି । ସନ୍ଧ୍ୟାର ସୁନେଲି କିରଣରେ ସତେ ଯେମିତି ରଜନୀରାଣୀ ରୋଷଣୀ କରି ଆସୁଛି । ଏହି ସୁରମ୍ୟ ଶୁଭ ଲଗନରେ ସମସ୍ତେ ବାହାରି ପଡ଼ିଲେ ବିଶ୍ୱରୂପାଙ୍କ ଦିବ୍ୟ ଦର୍ଶନ ପାଇଁ । ସବୁ ଥର ଅପେକ୍ଷା ଏଥର ଟିକେ ନିଆରା ପଦ୍ଧତିରେ ସାଜସଜ୍ଜା ହୋଇଥାଏ କଟକ ସହର । ଦୁର୍ଗା ମଣ୍ଡପକୁ ଲାଗି ଆଉ ଏକ ନୃତ୍ୟ ମଣ୍ଡପ ପ୍ରସ୍ତୁତ କରାଯାଇଛି ଏଥର । ବାସୁ ମାଷ୍ଟ୍ରେ ମନେ ମନେ ଭାବିଲେ ଯଦି ଜାନକୀ ନୃତ୍ୟ ପରିବେଷଣ ଦେଖେ ନିଶ୍ଚୟ ତା' ମନ ଭିତରେ ଥିବା ଦୁଃଖ ଦୂର ହେବ । ବାସୁ ମାଷ୍ଟ୍ରେ ତାହା ହିଁ କଲେ, ନୃତ୍ୟ ପରିବେଷଣ ଦେଖିବା ପାଇଁ ସେଠାକୁ ଗଲେ । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ମଞ୍ଚକୁ ଏକ ବାର ବର୍ଷର ବାଳିକାଟିଏ ଆସି ସୁଲଳିତ କଣ୍ଠରେ ପ୍ରାରମ୍ଭିକ ସଙ୍ଗୀତ ଗାନ କଲା । ତାହାର କଣ୍ଠ ସ୍ୱରରେ ଅନେକ କିଛି ପରିଭାଷା ବାହାରୁଥିଲା । ଆଉ ତାହା ହିଁ କେବଳ ଜାନକୀର କର୍ଣ୍ଣଧାରରେ ପ୍ରତିଧ୍ୱନିତ ହେଉଥିଲା । ସତେ ଯେମିତି ସେ ବାଳିକା ସହିତ ଜାନକୀର କିଛି ସମ୍ବନ୍ଧ ରହିଛି । ଲୁଚି ରହିଥିବା ମେକପ ଚେହେରା ତଳେ ସେ କଲ୍ୟାଣୀକୁ ଦେଖିପାରୁଥିଲା । ଗାନ ଶେଷରେ ଯେତେବେଳେ ବାଳିକାଟିକୁ ପରିଚୟ ପ୍ରଦାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବା ପାଇଁ ଦର୍ଶକ ମଣ୍ଡଳୀ ଅନୁରୋଧ କଲେ ଏବଂ ନିଜ ବିଷୟରେ କିଛି ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କଲେ ସେତେବେଳେ ସେ ଜଣେ ପୂଜାରୀଙ୍କୁ ମଞ୍ଚକୁ ଆସିବା ପାଇଁ ଆହ୍ୱାନ କଲା । ସେହି ପୂଜାରୀ ଜଣକ ଯିଏକି ମା ଦୁର୍ଗାଙ୍କ ପୂଜକ । ସେ ମଞ୍ଚକୁ ଆସି ନିଜର ପରିଚୟ ସହିତ ବାଳିକାଟିକୁ କେମିତି ପାଇଥିଲେ ସେ କଥା ସେ ଶୁଣାଇଲେ । କଥା ଶେଷ ହୋଇ ନଥିଲା ପୂଜାରୀଙ୍କର, ଜାନକୀ ଚିତ୍କାର କରି ଡ଼ାକିଡ଼ାକି ମଞ୍ଚ ଉପରକୁ ଚଢ଼ିଗଲା । ସତେ ଯେପରି ଆଖିରୁ ତା'ର ଗଙ୍ଗା ଯମୁନା ଧାରଧାର ହୋଇ ବୋହି ଯାଉଥାଏ । ପୂଜାରୀଙ୍କ ପାଦ ଧରି, ମୋ ଜୀବନ ଧନ କହି ସେହି ବାଳିକାଟିକୁ କୋଳେଇ ଧରି ଚୁମ୍ବନରେ ଦେହ ଭରିଦେଲା । ସମସ୍ତେ ଅପଲକ ନେତ୍ରରେ ଚାହିଁ ରହିଛନ୍ତି । ଘୋର ଗର୍ଜନ ଘଡଘଡି ବିଜୁଳି ସହିତ ମୂଷଳ ଧାରାରେ ବର୍ଷା ପବନ ପ୍ରବଳ ମାତ୍ରାରେ ବହିବାକୁ ଲାଗିଲା । ଏହି ଭୟଙ୍କର ଦୃଶ୍ୟ ଭିତରେ ସେତେ ଯେମିତି ମା ଦୁର୍ଗା ଧରାବତରଣ କରିଛନ୍ତି, ଆଉଥରେ ରାବଣ ରୂପି ପାପୀ ମାନଙ୍କୁ ସଂହାର କରିବା ପାଇଁ । ଯୋଗୀଜନ ମାନଙ୍କୁ ଉଦ୍ଧାର କରିବା ପାଇଁ । ନାରୀ ନିର୍ଯାତନା, କନ୍ୟା ଭ୍ରୂଣ ହତ୍ୟା, ନାରୀ ଧର୍ଷଣକୁ ରୋକିବା ପାଇଁ, ଅନ୍ୟାୟ ଅଧର୍ମ ଦୁର୍ନୀତି ଅନ୍ଧ ରାଜନୀତିକୁ କ୍ଷୟ କରିବା ପାଇଁ, ସତ୍ୟର ଜୟ ଘୋଷଣା ପାଇଁ ।

ଗ୍ରା/ପୋ-କଯାଁ, ଥା-ମଙ୍ଗଳପୁର, ଜି-ଯାଜପୁର,
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପିତାମାତାଙ୍କ ଭୂମିକା



ନିତ୍ୟରଞ୍ଜନ ନନ୍ଦ

ଦୁଇ ଜଣ ବନ୍ଧୁ ଥିଲେ । ଜଣେ ଅବସର ପ୍ରାପ୍ତ ଶିକ୍ଷକ । ଆଉ ଜଣେ ଅବସର ପ୍ରାପ୍ତ ବ୍ୟାଙ୍କ ଅଫିସର । ଥରେ ଦୁଇ ଜଣ ସାଙ୍ଗ ଦୁଇଟା ଗଛ ଆଣି ନିଜ ନିଜ ବଗିଚାରେ ଲଗାଇଥିଲେ । ପିଲାଙ୍କୁ ଲାଳନ ପାଳନ କଲା ଭଳି ଗଛର ଯତ୍ନ ନେଉଥିଲେ । ଶିକ୍ଷକ ଜଣଙ୍କ ଅଳ୍ପ ପାଣି ଦେଉଥିଲେ । ଅଳ୍ପ ସାର ଖତ ଦେଉଥିଲେ । ବ୍ୟାଙ୍କ ଅଫିସର ଜଣଙ୍କ ଅଧିକ ପାଣି, ଅଧିକ ସାର, ଔଷଧ ଦେଉଥିଲେ । ତେଣୁ ତାଙ୍କ ଗଛଟି ଅଧିକ ସବୁଜ ଓ ସୁସ୍ଥ ଦେଖା ଯାଉଥିଲା । ଦିନେ ହଠାତ୍ ଗୋଟେ ତୋଫାନ ମାଡ଼ି ଆସି ଚାଲିଗଲା । ଦୁଇ ବନ୍ଧୁ ବଗିଚାକୁ ଯାଇ ଦେଖିଲେ । ଶିକ୍ଷକଙ୍କର ଗଛଟି ସେମିତି ଠିଆ ହୋଇଥିଲା । ବ୍ୟାଙ୍କ ଅଫିସରଙ୍କ ଗଛଟି ଉପୁଡ଼ି ପଡ଼ିଥିଲା । କି ଓଲଟା କଥା । ଏମିତି କେମିତି ହେଲା ? ଅଫିସର ଜଣଙ୍କ ତାଙ୍କ ସାଙ୍ଗକୁ ପଚାରିଲେ । ଶିକ୍ଷକ ଉତ୍ତର ଦେଲେ ମୁଁ ଗଛଟିକୁ ସେ ଯାହା ଚାହୁଁଥିଲା ସେଥିରୁ ଟିକେ କମ ଦେଉଥିଲି । ତେଣୁ ସେ ଅଧିକ ପାଣି ପାଇଁ ସଙ୍ଘର୍ଷ କରୁଥିଲା । ତାର ଚେର ପାଣି ପାଇବା ପାଇଁ ବହୁତ ଗଭୀରକୁ ଯାଇଥିଲା । ତେଣୁ ନିଜକୁ ମଜଭୁତ କରି ନେଇଥିଲା । କିନ୍ତୁ ମୁଁ ଦେଖିଛି ଆପଣ ଗଛଟିକୁ ଆବଶ୍ୟକ ଠାରୁ ଅଧିକ ଦେଉଥିଲେ । ସେ ସହଜରେ ସବୁ ପାଇଗଲା । ସେ ବାହାର ଉପରେ ନିର୍ଭର କଲା । ନିଜେ ସଂଘର୍ଷ କଲା ନାହିଁ । ବାହାରୁ ଦଲକାଏ ପବନ ଆସୁ ଆସୁ ଟଳିଗଲା । ଅଫିସର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ସାଙ୍ଗର ବୁଦ୍ଧିକୁ ବହୁତ ପ୍ରଶଂସା କଲେ ଓ ଧନ୍ୟବାଦ ଦେଲେ ।

ଅଫିସର କହିଲେ ଆପଣ ଏହା କେମିତି ଜାଣିଲେ ? ଶିକ୍ଷକ କହିଲେ ନିଜ ଜୀବନରୁ । କେମିତି ? କେମିତି କି ମୋର ଗୋଟେ ପୁଅ ଓ ଭାଇଙ୍କର ଗୋଟେ ପୁଅ ଅଛି । ମୋର ପୁଅ ପ୍ରତି ମୁଁ ବହୁତ ଆସକ୍ତ ଥିଲି । ଯେତେବେଳେ ଯାହା ମାଗେ ସଙ୍ଗେ ସଙ୍ଗେ ଦେଇଦିଏ । ତାକୁ କିଛି କରିବାକୁ ଦିଏ ନାହିଁ । ସେ ସବୁ ସୁବିଧା ପାଇ ନିଜେ ବହୁତ ସୁବିଧାବାଦୀ ହୋଇଗଲା । ନିଜ ଗୋଡ଼ରେ ଠିଆ ହେବା ପାଇଁ ଉଦ୍ୟମ କଲା ନାହିଁ । ବାପର ସମ୍ପତ୍ତିକୁ ମୋର ମାନି ଅଭିମାନ କରୁଥିଲା । ଏଣେ ଜୀବନରେ ଟିକେ କଣ ପ୍ରତିକୂଳ ପରିସ୍ଥିତି ଆସିଲେ ବ୍ୟସ୍ତ,ବିବ୍ରତ ହୋଇଯାଏ । ସହିବା ଟିକିଏ ହେଲେ ନାହିଁ । କାରଣ ପ୍ରତିକୂଳ ପରିସ୍ଥିତି ସହିତ କିପରି ବଞ୍ଚିବ ସେ ଶିଖି ପାରିନଥିଲା । ଦିନକୁ ଦିନ ଆମ ମୁଣ୍ଡରେ ବୋଝ ହୋଇଗଲା । ମୁଁ ଭଲ ପାଇବା ଭାବି ଯାହା କରୁଥିଲି ଏବେ ଭୋଗୁଛି । ତାହା ପୁଅକୁ ଭୁଲ ଦିଗରେ ନେଇଗଲା ବୋଲି ଏବେ ବୁଝୁଛି । ପୁଅ କୋଢିଆ ହୋଇ ମୋ ବେକରେ ଝୁଲୁଛି । ଆମ ବାପା ପୁଅଙ୍କର ସମ୍ପର୍କ ଚାଲି ଯାଇଛି । ତିକ୍ତ ରୁପ ନେଇଛି । ସେଥିପାଇଁ ମୁଁ ମୋତେ ଦାୟୀ କରୁଛି ।

ମୋ ଭାଇଙ୍କ ପୁଅ କ୍ଷେତ୍ରରେ ଠିକ୍ ତାର ବିପରୀତ । ଭାଇ ତାକୁ ତାର ଆବଶ୍ୟକ ଠାରୁ କମ୍ ଦେଉଥିଲେ । ନିଜେ ସଂଘର୍ଷ କରି ବଞ୍ଚିବାକୁ ଉତ୍ସାହିତ କରୁଥିଲେ । ସେ ଚାହୁଁଥିଲେ ତାଙ୍କ ପୁଅ ଉଦ୍ୟମଶୀଳ ହେଉ । ନିଜ ଗୋଡ଼ରେ ନିଜେ ଠିଆ ହେଉ । ତାର ଭବିଷ୍ୟତ ପାଇଁ କିଛି ସଞ୍ଚିତ ନକରି ନିଜେ ଦାନ, ଧର୍ମରେ ଲାଗି ପଡ଼ିଥିଲେ । ଭାଗ୍ୟ ସାଥ ଦେଲା । ତାଙ୍କ ପୁଅଟି ଏବେ ମଣିଷଟିଏ ହୋଇଛି । ଜଣେ କର୍ମଠ ଓ ସଚ୍ଚୋଟ ଅଫିସର ହୋଇ ଯାଇଛି । ତାଙ୍କ ବାପା ଏମିତି କରିଥିବାର ବୁଝି ବାପାଙ୍କୁ ଖୁବ୍ ଭଲ ପାଉଛି । ବାପା ଓ ପୁଅ ଭିତରେ ସୁନ୍ଦର୍ ସମ୍ପର୍କ ଗଢି ଉଠିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତେଣୁ ପିଲାଙ୍କୁ ଭଲ ପାଇବା କହି ଯାହା ମୁଁ କରୁଥିଲି ସବୁ ବୁଝି ପାରିଛି । ଯାହାକି ଆମ ଉଭୟଙ୍କ ପାଇଁ ଅଭିଶାପ ହୋଇ ଯାଇଛି । ତେଣୁ ପିଲାଙ୍କ ପାଇଁ ନିଜେ ସବୁ କରିବା ଓ ତାଙ୍କ ପାଇଁ ଧନ ଠୁଳ କରି ରଖିବା ଏହା ପିଲାଙ୍କ ଜୀବନ ପାଇଁ ଏକ ଦୋଷ ଯୁକ୍ତ ପଦକ୍ଷେପ ବୋଲି ଜାଣି ପାରିଛି । ପିଲାଙ୍କ ପ୍ରତି ଆସକ୍ତ ହେତୁ ଆମେ ଏପରି କରିଥାଉ । ତାହାକୁ ଭ୍ରମରେ ଭଲ ପାଇବା କହିଥାଉ । ତେଣୁ ଜଣଙ୍କୁ ନିଜ ଗୋଡ଼ରେ ଠିଆ ହେବାକୁ ସହଯୋଗ ଦରକାର । ତାଙ୍କ ପାଇଁ ସବୁ ନିଜେ କରି ନେବା ପିଲାଙ୍କ ପାଇଁ ଅପରାଧ । ପୁଅ ଯଦି ଯୋଗ୍ୟର ହେବ ଧନ କାହିଁ ପାଇଁ ସଞ୍ଚିବ । ପୁଅ ଯଦି ଅଯୋଗ୍ୟ ହେବ ଧନ କାହିଁ ପାଇଁ ସଞ୍ଚିବ ଏକଥା ଉତ୍ତମ ରୂପେ ବୁଝି ନେଲି ।

ତେଣୁ ମୁଁ ମୋ ଜୀବନରୁ ଯାହା ଶିଖିଥିଲି, ତାର ଉପଯୋଗ କଲି । ତେଣୁ କରି ଝଡ ଖଞ୍ଜା ଆସିବା ସତ୍ତ୍ୱେ ମଧ୍ୟ ଗଛଟି ଠିଆ ହୋଇ ରହିଲା । ମୋତେ ବହୁତ୍ ଖୁସି ଲାଗିଲା ।

ବ୍ୟାଙ୍କ ଅଫିସର ଜଣଙ୍କ ଶୁଣୁ ଶୁଣୁ ନିଜ ପୁଅ କଥା ଚିନ୍ତା କରୁଥିଲେ । କହିଲେ ବନ୍ଧୁ ମୁଁ ତୁମ ଭଳି ମୋ ପୁଅ ପାଇଁ କରୁଛି । ଯାହାକି ତାକୁ ଭବିଷ୍ୟତରେ ଦୁଃଖରେ ଗାତରେ ପକାଇବାକୁ ଯାଉଛି । ଆଜି ଠାରୁ ମୋ ମାନସିକତା ବଦଳି ଗଲା । ଆମେ ପିଲାର ମଙ୍ଗଳ ପାଇଁ ଯାହା କରୁଛେ, ବାସ୍ତବରେ ସେଇଟା ତାଙ୍କ ପାଇଁ ଅଭିଶାପ । ଏଥର ନିଶ୍ଚିତ ବୁଝିଶୁଝି କାମ କରିବି । ଯେଉଁଥିରେ ସମସ୍ତଙ୍କର ମଙ୍ଗଳ ହେବ । ଦୁଇ ବନ୍ଧୁ ନିଜ ଜୀବନରୁ ବହୁତ କିଛି ଶିଖି ପାରିଲେ । ଖୁବ୍ ଖୁସି ହୋଇ ହସି ହସି ଘରକୁ ଗଲେ ।

ନିତ୍ୟ ରଞ୍ଜନ ନନ୍ଦ

ଡିଏଲ୍ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର -୭୫୧୦୦୦

ମୋ - ୯୪୩୭୨୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉପହାର



ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା

ଜୀବନକୁ ଭିନ୍ନ ଦୃଷ୍ଟିଭଙ୍ଗୀ ନେଇ ଦେଖୁଥିଲା ସ୍ୱପ୍ନା । ଦୂର ଦିଗବଳୟର ପ୍ରସାରିତ ବାହୁର ଆକାର ପରି ଚିନ୍ତାଧାରା ତା'ର ଠିକ୍ ସେହିପରି । ପିତାମାତାଙ୍କର ଅଲିଅଳ ଝିଅସେ । କିନ୍ତୁ କେଜାଣି କାହିଁକି ପିଲାଟି ଦିନରୁ ସେ ନିଜକୁ ଏକ ଭିନ୍ନ ଦୁନିଆରେ ଆବିଷ୍କାର କରେ । ମେଳର ଥାଇ ମଧ୍ୟ କ'ଣ ଖୋଜୁଥାଏ କେବଳ ସେହିଁ ଜାଣିଥାଏ । କିନ୍ତୁ ମନରେ ତାର ଭାରି ବିଦ୍ରୋହ । କେତେବେଳେ କାହା ଉପରେ ସେ ବିଦ୍ରୋହର ବହ୍ନି ପଡ଼ିଯିବ କାହାକୁ ଜଣାନଥାଏ । ଏସବୁ ସତ୍ତ୍ୱେ ଗୁଣି ପିଲାଟାଏ ସେ । ସବୁ ଜିନିଷରେ ରୁଚିଥାଏ ତା'ର । କିନ୍ତୁ ସେ ସବୁକୁ ଆବିଷ୍କାର କରିବା ପାଇଁ ତାକୁ ବିଛୁଆତି ବୁଦ୍ଧି ସମ୍ପନ୍ନ ସତ୍ତା ମିଳେନି ତେଣୁ ସେ ସେହି ଅଳ୍ପ ପରିସରରେ ବି ଖୁସିଥାଏ । ସାନଭାଇ ସ୍ୱପ୍ନିଳକୁ ସେ ଭାରି ଭଲପାଏ ଏବଂ ତା'ସାଙ୍ଗେ ଖେଳେ ବୁଲେ । ବାପା କିନ୍ତୁ ଭାରି ବିରକ୍ତ ହୁଅନ୍ତି କାଳେ ତାଙ୍କ ପୁଅକୁ ଝିଅ ଖେଳରେ ଭର୍ତ୍ତିକରି ନଷ୍ଟ କରିଦେବ ଏବଂ ସେ ଚଗଲାମି ଆରମ୍ଭ କରିଦେବ । ଏପରି ପରିସ୍ଥିତିରେ ସ୍ୱପ୍ନାର ଦୁନିଆର କଳ୍ପନାର ଇନ୍ଦ୍ରଜାଲ ବ୍ୟତୀତ ଅନ୍ୟ କିଛି ନଥାଏ । ସମୟ ସାଥିରେ ବଡ଼ହୋଇ ଚାଲିଲା । ତା'ର ସେ ପିଲା ଦିନର ଚାପଗ୍ରସ୍ତ ବିଦ୍ରୋହ ବଡ଼ଦିନରେ ବିଶ୍ୱଯୁଦ୍ଧ ହୋଇ ତା'ର ଶାନ୍ତିକୁ ବେଳେବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାହତ କରିବାକୁ ବସିଲା । ବାବା ତା'ର ଭାରି ଭଲ ଲୋକ । ପିଲାଟିଦିନରୁ ତିନି ସନ୍ତାନର ଯତ୍ନ ଅତି ସନ୍ତର୍ପଣରେ ଦେଇଛନ୍ତି ଏବଂ ମା ତେଲଲୁଣ ଦୁନିଆର ସବୁ ଅସୁବିଧାକୁ ପଛରେ ପକାଇ ଗରିବିର କଷ୍ଟ ପିଲାଙ୍କୁ ତିଳେ ସୁଦ୍ଧା ସ୍ୱର୍ଶ ହେବାକୁ ଦେଇନଥିଲେ । ବାପା ଚାହାନ୍ତି ଝିଅ ତାଙ୍କର ଭଲ ନମ୍ବର ରଖି ପାସ କରୁ ସେଥିପାଇଁ ନିଜେ ମଧ୍ୟ ବହୁ ପରିଶ୍ରମ କରିଛନ୍ତି । ଶେଷରେ ଝିଅର ସେହି ସଫଳତାକୁ ଦେଖି ସେଦିନ ବୋଧେ ଦୁନିଆରେ ସବୁଠାରୁ ସେ ବେଶି ଖୁସି ଥିଲେ । ଉଚ୍ଚଶିକ୍ଷା ପାଇଁ ଝିଅକୁ ସହରକୁ ଯିବାକୁ ପଡ଼ିଲା ଏବଂ ବାବା ସେସବୁର ବ୍ୟବସ୍ଥା କରି ତାକୁ ହଷ୍ଟେଲରେ ଛାଡ଼ି ଆସିଲେ । ବାପା ଭାରି ଖୁସିଥାନ୍ତି ଝିଅର ଉଚ୍ଚଶିକ୍ଷା ପାଇଁ । ଏପଟେ ସ୍ୱପ୍ନା ବୁଣିଚାଲିଥାଏ ତା'ର ସ୍ୱପ୍ନର ଦୁନିଆ । ଭିନ୍ନ ଇଲାକାର ନିଜକୁ ଯେକୌଣସି ମତେ ଆୟତ୍ତ କରିଦିଏ । କିଛି ଦିନର ରହଣିରେ ସେ ଅତ୍ୟନ୍ତ ଚାପରେ ଦିନ କାଟୁଥାଏ । କିଛି ଗୋଟାଏ ବିରକ୍ତିକର ପରିସ୍ଥିତି ତା'ର ମନ ଓ ଆତ୍ମାକୁ ଆୟତ୍ତରେ ରଖିପାରୁନଥିଲା । ଏଭଳି ଅଣାୟତ୍ତ ପରିସ୍ଥିତି ମଧ୍ୟରେ ତା'ଜୀବନ ଯୁଦ୍ଧରେ ପ୍ରବେଶ କଲା ବିଛୁଆତି ସତ୍ତା (ଅନ୍ୟା) । ଦୁଇଟି ବିପରୀତ ବ୍ୟକ୍ତି ସତ୍ତା ଗୋଟିଏ କେନ୍ଦ୍ରରେ ମିଳିତ ହୋଇ ଶିକ୍ଷାନୁଷ୍ଠାନର ପରିସର ମଣ୍ଡନ କଲେ ।

ସ୍ୱପ୍ନାର ଯେଉଁ କାର୍ଯ୍ୟଗୁଡ଼ିକ ନିର୍ବିକାର ଭାବରେ କରିବାର ଆଗ୍ରହ ଥିଲା । ସେହି କାର୍ଯ୍ୟଗୁଡ଼ିକୁ ପରୋକ୍ଷରେ ଅନ୍ୟାଦ୍ୱାରା ହୋଇଯାଏ ଏବଂ ସେଥିରେ ସ୍ୱପ୍ନା ବି ବହୁତ ଖୁସି ଅନୁଭବ କରେ କିନ୍ତୁ କେବେବି ବ୍ୟକ୍ତ କରେନାହିଁ । ଜୀବନ ଦୃଷ୍ଟିର ବିଭିନ୍ନ ପ୍ରତିଫଳନ ତା'ର ଦୈନନ୍ଦିନ ଜୀବନରେ ଦେଖିବାକୁ ମିଳିଲା । କିନ୍ତୁ ଅନେକ ଖୁସି ଥାଇ ମଧ୍ୟ କେଉଁ ଏକ ଅଜଣା ଭୟ ତା'ର କାବ୍ୟସ୍ୱରକୁ ଆକ୍ରାମାକ୍ରା କରିଦେଉଥାଏ । ସାହସୀ, ଦକ୍ଷ ଏବଂ ସୁଯୋଗ୍ୟ ଛାତ୍ରୀ ଭାବରେ ନିଜ ଦକ୍ଷତା ସଙ୍ଗରେ ନିଜକୁ ବଜାୟ ରଖି, ସ୍ୱପ୍ନ ଓ ସମ୍ଭାବନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାଥେ ସାଥେ ଆଗକୁ ମାଡ଼ିଚାଲେ । ଖଟାମିଠା ସମୟ ମଧ୍ୟରେ ଦୁନିଆର ବ୍ୟର୍ଥ ପ୍ରୟାସ ତାକୁ ଗୋଟିଏ ସ୍ଥାନରେ ଅଟକାଇ ରଖିପାରିନି ହିଁ ବରଂ ଦୃଢ଼ ଇଚ୍ଛାଶକ୍ତି ତାକୁ ତା'ର କର୍ମପଥରେ ବଢ଼ିଯିବା ପାଇଁ ବାଧ୍ୟ କରାଉଥାଏ ।

ଅନ୍ତରାତ୍ମାର ଉପଲବ୍ଧି ଦେଇ ଦୁନିଆର ଏକ ନୂତନ ସ୍ୱାକ୍ଷର ଲେଖିବାର ପ୍ରୟାସ ତାକୁ ବେଳେବେଳେ କାରୁଣ୍ୟତା ମଧ୍ୟକୁ ପ୍ରବେଶ କରିଦିଏ । ଇତି ମଧ୍ୟରେ ପିତାଙ୍କ ବରଖୋଜା ତାର ମନ ଓ ବୟସକୁ ହତାଶାରେ ଭାରାକ୍ରାନ୍ତ କରିଦିଏ । ସବୁ ହତାଶାକୁ ଜାବୁଡ଼ି ଧରି ପିଠିରେ ଜନ୍ମ ଜନ୍ମାନ୍ତର ବୋଝକୁ ନେଇ ଜୀବନର ଅଳିକତା ପ୍ରତି ସଚେତନ ହୋଇଯାଏ । ଲଗ୍ନ ବେଳାରେ ଉପଯୁକ୍ତ ବରପାତ୍ର ସଙ୍ଗରେ ଶୁଭ ପରିଣୟ ସମ୍ପନ୍ନ ହୁଏ । ମନର ଗୋପନୀୟ ଇଚ୍ଛାକୁ ସେ ଛାତିରେ ଆଉଜାଇ ନିଜକୁ ନିଜେ ବୋଧ ଦେବାକୁ ପ୍ରୟାସ କରୁଥାଏ । ବିବାହ ସମ୍ପନ୍ନ ହେଲା । ଦୁହେଁ ବର୍ତ୍ତମାନ ସାଂସାରିକ ଜୀବନକୁ ପ୍ରବେଶ କଲେ । କୁହାଯାଏ ଗୁଣ ଚିହ୍ନେ ଗୁଣିଆ ସୁନା ଚିହ୍ନେ ବଣିଆ । ଠିକ୍ ସେହିପରି ସ୍ୱପ୍ନାଙ୍କ ପିତା ମହାପାତ୍ର ବାବୁ ଠିକ୍ ଚିହ୍ନିପାରିଥିଲେ ଆଶିଷକୁ । ବିବାହର ପ୍ରଥମ ଦିନର ପ୍ରତିଶ୍ରୁତିକୁ ବଜାୟ ରଖି କର୍ମ ପଥରେ ଅଗ୍ରସର କରିଚାଲିଥିଲେ ନିରିହ ବ୍ୟକ୍ତି ସମ୍ପନ୍ନ ସତ୍ତା ଆଶିଷ । ଯେହେତୁ ନିଜକୁ ବୋଧ ଦେଇ ଜୀବନ ଯୁଦ୍ଧରେ କେବଳ ମାତ୍ର ଚାଲିବାର ପ୍ରୟାସ ରଖିଥାଏ ସ୍ୱପ୍ନା ତେଣୁ ସେ ଆଶିଷଙ୍କ ସଙ୍ଗରେ ଏତେଟା ମିଶିପାରେନାହିଁ । ବରଂ ଧୀରେ ଧୀରେ ଦୁହେଁ ପରସ୍ପର ପ୍ରତି ବନ୍ଧୁ ହେବା ପାଇଁ ଚେଷ୍ଟା କରିଥିଲେ । ମଣିଷ ପାଖରେ ଭଲଗୁଣ ଖରାପ ଗୁଣ ଉଭୟ ଥାଏ କିନ୍ତୁ ଆଶିଷ ହଂସ ପରି ସେହି ଖରାପ ଗୁଣ ଗୁଡ଼ିକୁ ଛାଡ଼ି ସ୍ୱପ୍ନର ଭଲ ଗୁଣଗୁଡ଼ିକ ସଙ୍ଗରେ ନିଜର ଛୋଟ ଦୁନିଆ ବସାଇବାରସମସ୍ତ ପ୍ରୟାସ ଜାରି ରଖନ୍ତି । ପାଗଳିନୀ ପ୍ରାୟ ସ୍ୱପ୍ନା ଆଶିଷର ମନରେ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତରକୁ ବୁଝି ପାରୁଥିଲେ ବି ନବୁଝିବାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚେଷ୍ଟାର ସ୍ଥାନ ପରିତ୍ୟାଗ କଲେ । ଆଶିଷଙ୍କର ମନର ନିଃସଙ୍ଗତାକୁ ଘଟଣାହୀନ ବିଶାଳକାୟ ସମୁଦ୍ରପରି କଷ୍ଟ ରୂପକ ବାଲିକୁଦା ବେଳେବେଳେ ଜୁଆରିଆ ସମୁଦ୍ର ଧୋଇଦିଏ । ଅସ୍ପଷ୍ଟ ସ୍ୱର ବେଳାଭୂମିରେ କେବଳ ମାତ୍ର ଗୁଞ୍ଜନ କରୁଥାଏ । ସ୍ୱପ୍ନାର ମନ ଯେତିକି ବିମନ ହେଉଥାଏ ଆଶିଷର ସ୍ୱପ୍ନା ପ୍ରତି ପ୍ରେମ ସେତିକି ଗଭୀର ହେଉଥାଏ । କିନ୍ତୁ ମୃତ୍ୟୁକୁ ନିରୀକ୍ଷଣ କରି ଅତି ପାଖରୁ ଦେଖିଥିବା ସ୍ୱପ୍ନା ସମୁଦ୍ରର ନୀଳନୀଳ ଜୁଆର ସ୍ପର୍ଶକୁ ନିଜ ପାଖକୁ ଆସିବାକୁ ଦେଉନଥିଲା । ଦିନେ ଦୁହିଁଙ୍କ ନୀରବତା ଭର୍ତ୍ତି ଜୀବନର ଅଜାଣତରେ ପ୍ରବେଶ କରେ ସ୍ୱପ୍ନାଶିଷ । ଆଶା, ଆକାଂକ୍ଷା ଓ ଉନ୍ମାଦନାର ଶୀର୍ଷରେ ରହି ସ୍ତ୍ରୀ ସ୍ୱପ୍ନା ଦେଇଥିବା ଖୁସିକୁ ଆଶିଷ ଅତି ସତର୍କତାର ସହ ଗ୍ରହଣ କରିଥିଲେ । ଉଭୟଙ୍କର ଜୀବନରେ ଏକ ସାର୍ଥକତା ଆସିଯାଇଥିଲା । ନିତିଦିନିଆ ସମୟରେ ପୁରୁଣା ସ୍ମୃତି ଗୁଡ଼ିକ ଏପଟସେପଟ ହୋଇଯାଏ । ବରଂ ସ୍ୱପ୍ନାଶିଷର ସେଇ କୋମଳ କର ସ୍ପର୍ଶରେ ମନପ୍ରାଣ ପୁଲକିତ ହୋଇଯାଏ ସ୍ୱପ୍ନାର । ବହୁ ଦିନରୁ ସେ ଆଶା କରିଥିଲା ଗୋଟିଏ କଣ୍ଢେଇ ସଙ୍ଗରେ ଖେଳିବ, ତାକୁ ତା'ର ମନକଥା କହିବ, ତାକୁ ଗେଲ କରିବ, ତା'ସଙ୍ଗେ ଯୁଗଯୁଗର ଯନ୍ତ୍ରଣାକୁ ସତେଜ କରି ନିଜର ମନର ଦୁଃଖ, ଗ୍ଲାନି ଅପ୍ରାପ୍ତିକୁ କହିବ; ଯାହେଉ ତାକୁ ଆଜି ତା'ର ମନଲାଖି ଉପହାରଟିଏ ଦେଇଛନ୍ତି । ତା'ର ମହାଶୟ ସ୍ୱାମୀ । ମୁଖରେ ପ୍ରଶଂସା ନକଲେ ମଧ୍ୟ ମନେମନେ ଭାରି ଧନ୍ୟବାଦ ଦେଉଥାଏ ଆଶିଷଙ୍କୁ ଏବଂ ତା'ର ପରମପୂଜ୍ୟ ଭଗବାନଙ୍କୁ ।

ଡକ୍ଟର ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା, ଅଧ୍ୟାପିକା

କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର, ଗଞ୍ଜାମ

smartrupa2012@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମ ପିଶାଚ



ତ୍ରିନାଥ ନନ୍ଦୀ

ପ୍ରେମ ଏକ ଶବ୍ଦ ଯିଏ ଅନ୍ୟକୁ ଭଲପାଇବା ବାଣ୍ଟେ ସେ ପ୍ରେମ କରେ । ସେଇ ଭଲପାଇବାରେ ଅଳଙ୍କ ଓ ବୁଝାମଣାରେ ବାଟ କଡେଇଲେ ତା ସହିତ ଯୋଡି ଥାଏ ପିଶାଚ । ପିଶାଚ ପରି କରେ ତା'ର ଲୀଳା । ହେଲେ କିଏ ଜାଣେ ତା କବଳରେ କିଏ କେମିତି କେତେବେଳେ ପଡ଼ିବ । ଲିଜା ନା ଜାଣେ ପ୍ରେମ ନା ଜାଣେ ପ୍ରେମିକ । ସେ ଦେଖିବାକୁ ରୂପାରେ ହିରା ଲାଗିବା ପରେ ଯେମିତି ଚମକେ ଠିକ୍ ସେହିପରି ।

ସେ ତା ପରିବାରର ଗେହ୍ଲି ଓ ସଭିଙ୍କ ପ୍ରିୟ । ହେଲେ କ'ଣ ବା କରିବ । ଏ ସମାଜର କଳୁଷିତ ଅସାମାଜିକ ବ୍ୟକ୍ତିମାନଙ୍କ କବଳରେ ସେ ପଡିଯାଏ । ଶନିବାର ଦିନ ସକାଳ ସାତଟାରେ ସ୍କୁଲ, ତେଣୁ ସେ ଶୀଘ୍ର ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ସାରି ସ୍କୁଲକୁ ଯାଏ । ସ୍କୁଲରେ ପାଠପଢେ ଦିନ ବାରଟାରେ ସ୍କୁଲ ଛୁଟି ହୁଏ । ସେ ଘରକୁ ଫେରେ ତା ବନ୍ଧୁମାନଙ୍କ ସହିତ । ଘରଠାରୁ ଦୁଇଶହ ମିଟର ପୂର୍ବ ଛକରୁ ସଭିଏଁ ଯିଏ ଯାହାର ଯାଆନ୍ତି । ଲିଜା ତାର ଘରକୁ ଆସିଥାଏ ।

ପଚାଶ ମିଟର ଯିବା ପରେ ଫାଙ୍କା ସ୍ଥାନରେ କିଛି ଲୋକ ତା ରାସ୍ତାକୁ ଅବରୋଧ କରନ୍ତି । ଆଉ ତା ପରେ ତା ମୁହଁରେ ରୁମାଲ ବାନ୍ଧି ଉଠେଇ ନିଅନ୍ତି । ତା ସେଇ ସ୍ଥାନରୁ ପ୍ରାୟ ଦଶ କିଲୋମିଟର ଦୂରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ଖୋଲା ସ୍ଥାନରେ ନେଇ ପହଞ୍ଚନ୍ତି । ସେଠି ଆଉ ତିନି ଜଣ ଥାଆନ୍ତି । ନିରୀହ ସରଳ ପିଲାଟି ବା କ'ଣ କରିପାରିବ, ତଥାପି ସେ ତା ପାରୁ ପର୍ଯ୍ୟନ୍ତ ତାକୁ ସେ ବିରୋଧ କରେ । ହେଲେ ସେ ଶେଷରେ ସେ ପିଶାଚ କବଳରେ ପଡିଯାଏ ।

ଅସହ୍ୟ ନିର୍ଯାତନା ଦେଇ ଦୁଇଘଣ୍ଟା ପରେ ତାକୁ ସେଇ ସ୍ଥାନରେ ଛାଡ଼ିଦେଇ ଯାଆନ୍ତି । ଏ ପଟେ ଘର ଲୋକ ପିଲାକୁ ଖୋଜିବାରେ ଲାଗିଯାଆନ୍ତି ଶେଷରେ ପୋଲିସ ପାଖରେ ଅଭିଯୋଗ ମଧ୍ୟ ହୁଏ । ହେଲେ କ'ଣ ବା ହେବ ପୋଲିସ ବି ଚୁପ୍ କି ତାର ଖୋଜ ଖବର ମିଳୁନାହିଁ । କାରଣ ପିଶାଚ ମଣିଷ ଏ ପୋଲିସର ଚାମଚାଗିରି କରୁଛି । ଏ ନିଖୋଜ ଖବର ମୋବାଇଲରୁ ମୋବାଇଲକୁ ଘୁରିବୁଲିଲା । ଜଣେ ବ୍ୟକ୍ତି ତାଙ୍କ ଜମି ପାଖକୁ ଯିବା ପାଇଁ ସେଇ ବାଟଦେଇ ଯାଉଥାନ୍ତି, ସେ ଏହି ପୋଷ୍ଟ ଦେଖିଥାନ୍ତି ତେଣୁ ସେ ଖବର ଦିଅନ୍ତି । ସଭିଏଁ ଯାଇ ସେଠି ପହଞ୍ଚନ୍ତି ।

ମାତ୍ର ପୋଲିସ ପହିଞ୍ଚି ମଧ୍ୟ କିଛି କରେ ନାହିଁ । କ'ଣ ବା କରିବ ସେ ତ ଚେହ୍ଲା, ଏଇପରି ପିଶାଚ ପ୍ରେମ ପାଇଁ ଅନେକ ବିଭୀଷିକା ଘଟାଇ ଚାଲୁଅଛି । ହେଲେ କ'ଣ ବା ଏ ନିରିହ ଲୋକ କ'ଣ କରିପାରିବ ବିରୋଧ କରେ ନିଜେ ଅସୁବିଧାର ସମ୍ମୁଖୀନ ହେଉଛି । ତାହେଲେ କ'ଣ ଏ ମଣିଷ ଏମିତି ପିଶାଚ କବଳରେ କବଳିତ ହୋଇରହିବ ।

+୨ ୨ବର୍ଷ କଳା, ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଲେଶ୍ୱର
ଠିକଣା - ଜଳେଶ୍ୱର, ବାଲେଶ୍ୱର
ମୋ-୮୧୯୮୦୪୦୩୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣୀର ଦୁଃଖ



ବିରଞ୍ଚି ନାରାୟଣ ମିଶ୍ର

ଆଜି ଶ୍ରାବଣୀ ସହ ଅନେକ ଦିନ ପରେ ପାର୍କରେ ଦେଖା ହେଲା । ସେଟିକେ ବ୍ୟସ୍ତ ଥିଲା ପରି ଜଣା ପଡୁଥିଲା । ସବୁଦିନ ହସ ଖୁସିରେ ଥିବା ଝିଅଟିର ଏମିତି କଣ ହେଲା ଯେ ମନଦୁଃଖ କରି ବସିଚି ?

ମୁଁ ପଚାରିଦେଲି ତୋର କଣ ହୋଇଚି କି ଶ୍ରାବଣୀ ? ସେ ଟିକେ ହସି ଦେଇ କହିଲା କାଲି ଡ୍ରାଇଭର ଚାକିରୀ ଛାଡି ତାଘରକୁ ଚାଲିଗଲା । ଡ୍ରାଇଭର ବିନା ମୁଁ ଚଳିବା ପୁରା ଅସମ୍ଭବ । ସେଥିପାଇଁ ଟିକେ ବ୍ୟସ୍ତ ଲାଗୁଚି । ଡ୍ରାଇଭର ଗୁଡ଼ାଙ୍କୁ ଜମା ନିଜର ଭାବିବନି । ମୁଁ ତାକୁ ମୋ ପୁଅ ପରି ଦେଖୁଥିଲି । ଘର, ଖାଇବା, electric ସବୁ ମାଗଣା ଦେଇଥିଲି । ତମେ ତ ଜାଣିଛ ମୋର ସେମିତି କିଛି କାମ ନାହିଁ । ଘରେ କେହି ନାହାନ୍ତି । ମୋର କେତେବେଳେ କଣ ଟିକେ କାମ ପଡ଼ିବ ବୋଲି ଡ୍ରାଇଭର ରଖିବା କଥା । ସେଥିପାଇଁ ସେମାନଙ୍କୁ କେତେ ଆଙ୍କା ଆପଣ କହିବି । ସେ ପୋଡାମୁଂହା ଗୁଡ଼ାକ ଅଳ୍ପ କିଛି ଦିନ ରହିଲା ପରେ ଜାଣି ଯାଉଛନ୍ତି ଯେ ମୁଁ ଡ୍ରାଇଭର ବିନା ଚଳି ପାରିବିନି । ତାପରେ ଦେଖତ ଯେତେ ପ୍ରକାରର ଫେଚକାମି ସବୁ ମୋ ଆଗରେ କରୁଛନ୍ତି । ରାଗିକି ଆଜି ନିଷ୍ପତ୍ତି କଲି ଯେ ଏଣିକି ଓଲାରେ ପଛେ ଯିବି ଆଉ ଏ ଡ୍ରାଇଭର ଗୁଡ଼ାଙ୍କୁ ଏତେ ଆଙ୍କା ଆପଣ କରି ରଖିପାରିବିନି । ଭାବିଦେଲି ସିନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡ୍ରାଇଭର ବିନା ଗୋଟିଏ ଦିନ ଚଳିବା ମୋ ପକ୍ଷେ କାଠିକର ପାଠ ।

ମୁଁ ଶ୍ରାବଣୀ କଥାକୁ ସମର୍ଥନ କରି ପାରିଲି ନାହିଁ । ସେ ଟିକେ ମୋତେ ବିରକ୍ତ ଭାବ ଦେଖାଇ କହିଲା ତୁମର ତ କିଛି ଅସୁବିଧା ହେଉନି ତୁମେ କଣ ବୁଝିବ ମୋ ଅସୁବିଧା କଥା । ତମର ଯେତେବେଳେ ଯାହା ଦରକାର୍ ତାହା ତୁମକୁ ମିଳି ଯାଉଚି ତ ମୋ ଅସୁବିଧା କଥା ତୁମେ କିପରି ଜାଣିପାରିବ ? ମୁଁ କହିଲି ତୁ ପର ଉପରେ ଏତେ ନିର୍ଭରଶୀଳ ହୋଇଗଲେ ଦୁଃଖ ନିଶ୍ଚୟ ପାଇବୁ । ତାପରେ ତୁ ତ ଚାକିରୀରୁ ଅବସର ନେଲୁଣି ଆଉ ତୋର ଏମିତି କି କାମ ପଡୁଛି ଯେ ଏତେ ବ୍ୟସ୍ତ ହୋଇ ପଡୁଚୁ ଡ୍ରାଇଭର ବିନା । ମୋ କଥା ତାକୁ ପସନ୍ଦ ଲାଗିଲାନି । ଟିକିଏ ନୀରବ ପରେ ମୋତେ କହିଲା ମୋର କାମ ଥାଉ କି ନଥାଉ କିନ୍ତୁ ଡ୍ରାଇଭରଟା ମୋ ପାଖେପାଖେ ଥିଲେ ମୋତେ ଭଲ ଲାଗେ । ଡ୍ରାଇଭର ବିନା ଚଳିବା ବଡ ମୁସ୍କିଲ କଥା ମୋ ପକ୍ଷେ ।

ମୁଁ ଟିକେ ହସି ଦେଇ କହିଲି ତୁ ଡ୍ରାଇଭର ବିନା ଠିକ୍ ଚଳି ପାରିବୁ କିନ୍ତୁ ତୁ ତୋ ମନ ଭିତରେ ଏଇ ଧାରଣାକୁ ଏମିତି ପାଳିପୋଷି ରଖିଚୁ ଯେ ତୋତେ ବୁଝାଇବା କାଠିକର ପାଠ ହୋଇପଡୁଛି । ମୁଁ ଗୋଟିଏ ଗପ କହୁଚି ଶୁଣ । ଶୁଣିଲେ ବୁଝିପାରିବୁ ଯେ ଏ ସଂସାରରେ କାହାବିନା କୋଉ କଥା ଅଟକି ଯାଏନା ।

"ଭୁବନେଶ୍ୱରରୁ ରାଉରକେଲା ରାତ୍ରୀ କାଳୀନ ବସଟି ଅଳ୍ପ ସମୟ ପରେ ତାର ଗନ୍ତବ୍ୟ ପଥରେ ବାହାରିବ । ପାଗ ବି ଭଲ ଅଛି । ଗରମ ସରି ସରି ଆସୁଚି ଓ ଶୀତ ଟିକେ ଟିକେ ଆରମ୍ଭ ହେଉଚି ।ଏଇ ସମୟରେ ବସ ଭିତରେ ଦୁଇ ଜଣ ମହିଳାଙ୍କର ପାଟିତୁଣ୍ଡ ଶୁଣିବାକୁ ମିଳିଲା । ଆଗ ପଛ ହୋଇ ମହିଳା ଦୁଇ ଜଣ ଝରକା ପାଖ ସିଟରେ ବସିଥିଲେ । ପ୍ରଥମ ମହିଳା ଝରକାର କାଚ ବନ୍ଦ କରିଦେଲେ । ପଛରେ ବସିଥିବା ଦ୍ୱିତୀୟ ମହିଳା ଜଣଙ୍କ ବନ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଥିବା ଝରକାକୁ ଖୋଲି ଦେଲେ । ପ୍ରଥମ ମହିଳା ଝରକାକୁ ପୁଣି ବନ୍ଦ କରିଦେଲେ । ଦ୍ୱିତୀୟ ମହିଳା ପୁଣି ଖୋଲିଦେଇ ପ୍ରଥମ ମହିଳାଙ୍କୁ କହିଲେ ଝରକା ଖୋଲା ରହିବ । ଝରକା ବନ୍ଦ କରିଦେଲେ ମୁଁ ଅଣନିଶ୍ୱାସୀ ହୋଇ ୧୦ ମିନିଟ ଭିତରେ ମରିଯିବି । ପ୍ରଥମ ମହିଳା କହିଲେ ଝରକା ଖୋଲି ଦେଲେ ଥଣ୍ଡା ପବନ ମୋ ଦେହରେ ବାଜିଲେ ମୁଁ ୧୦ ମିନିଟି ଭିତରେ ମରିଯିବି । ଦ୍ୱିତୀୟ ମହିଳା କହିଲେ ଆହାଲୋ ମୋର କି ସୁକୁମାରୀଟିଏ ଟାଙ୍ଗି କରି ଗଲୁନି । ପ୍ରଥମ ମହିଳା ଅତ୍ୟଧିକ ରାଗିଯାଇ ଭାଷା ଅଭାଷାରେ ଦ୍ୱିତୀୟ ମହିଳାଙ୍କୁ ଗାଳି ଦେଲେ । ଫଳରେ ବସଭିତରେ ଗୋଟେ ଅପ୍ରୀତିକର ପରିସ୍ଥିତି ଉପୁଜିଲା । ଡ୍ରାଇଭର କଣ୍ଡକ୍ଟର ଓ ସହଯାତ୍ରୀ ଯେତେ ବୁଝାଇଲେ ଉଭାୟଙ୍କର କଜିଆ ବଢ଼ିବାକୁ ଲାଗିଲା ସିନା କମିବାର ନାଁ ଗନ୍ଧ ଧରିଲାନି । ଆଗ ସିଟରେ ବସିଥିବା ଜଣେ ବସ ଯାତ୍ରୀ ଏ ଦୁଇ ମହିଳାଙ୍କ ସ୍ୱରରୁ ଆଉ ଟିକେ ଉଚ୍ଚ ସ୍ୱର କରି କହିଲେ ବନ୍ଦ କର ତୁମ ଝଗଡା । ଦୁଇ ମହିଳା ଚୁପ ହୋଇଗଲେ । ତାପରେ ଏହି ବସ ଯାତ୍ରୀ ନିର୍ଦ୍ଦେଶ ଦେବା ଢଙ୍ଗରେ କହିଲେ ବସର ଝରକା ବନ୍ଦ ରହି ବସ ୧୦ ମିନିଟ ଚାଲିବ ଓ ତାପରେ ଝରକା ଖୋଲା ରହି ବସ ୧୦ ମିନିଟ ଚାଲିବ । ସହ ଯାତ୍ରୀଙ୍କ କଥା ସବୁ ଯାତ୍ରୀଙ୍କ ମନକୁ ପାଇଲା । ନିର୍ଦ୍ଦେଶରେ ପ୍ରଥମ ୧୦ ମିନିଟ ଝରକା ବନ୍ଦ ରହି ବସ ଚାଲିଲା । ତାପର ୧୦ ମିନିଟ ଝରକା ଖୋଲା ରହି ବସ ଚାଲିଲା । ଦେଖାଗଲା ଯେ ଦୁଇ ମହିଳା କେହି ମରି ନାହାନ୍ତି । ତାପରେ ସଭିଙ୍କ ସୁବିଧା ଅନୁସାରେ ବସ ତାର ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଗଲା । ସମସ୍ତ ଯାତ୍ରୀ ଯେ ଯାହାର ଗନ୍ତବ୍ୟ ସ୍ଥାନକୁ ଚାଲିଗଲେ । କଥାଟି ସରିଲା ।

ଏଇ କଥାରୁ ଏତିକି ବୁଝା ପଡ଼ିଲା ଯେ ଜୀବନରେ କୌଣସି ଅଭାବ ଦେଖାଦେଲେ ବ୍ୟକ୍ତିଟି ଯାହା ଭାବୁଥାଏ ତା ଆଦୌ ଘଟେ ନାହିଁ । ବସ ଭିତରେ ଏପରି ଭାବୁଥିବା ଦୁଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମହିଳାଙ୍କ ସତରେ କିଛି ଅସୁବିଧା ହୋଇ ନଥିଲା । କେବଳ ମନ ଭିତରେ ପୋଷିଥିବା ଇଚ୍ଛା ଗୁଡ଼ିକ ଦ୍ୱାରା ନିଜ କଳ୍ପନାଜନିତ ପରିସ୍ଥିତିକୁ ଭାବି ମୃତ୍ୟୁ ହୋଇଯିବାର ସଂଭାବନା ଭିତରେ ଝଗଡା କରୁଥିଲେ । ଏପରି ଭାବନାରେ ଜୀବନ ବିତାଉଥିବା ସମସ୍ତ ବ୍ୟକ୍ତିଙ୍କର ଏହା ହେଉଛି ଏକ ତୁଚ୍ଛା ଅହଙ୍କାରର ଛଦ୍ମବେଶ ।

ଗପଟି ଶୁଣିସାରି ଶ୍ରାବଣୀ ଟିକେ ହସିଦେଇ କହିଲା କଥାଛଳରେ କେତେବଡ ନୀତିଶିକ୍ଷାଟେ ମୋତେ ଦେଇଦେଲ ମ ।

ମଲ୍ଲୀପୁର (ନିଆଳି)
ଖୋର୍ଦ୍ଧା
୯୪୩୯୦୧୧୦୭୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କେହିଜଣେ ନିଶ୍ଚିତ ଫେରିବ



ଶଙ୍କର ବିଶ୍ୱାଳ

ନୀରବତା ଓ ବାସ୍ତବତା ଶବ୍ଦର ରୂପାନ୍ତର ଯେମିତି ଏକ ଭବ୍ୟ ଶିଳା ପୃଷ୍ଠା ଉପରେ ରୂପାନ୍ତରଣ କରିବାକୁ ଚେଷ୍ଟା କଲେ ବି ତା ସମ୍ଭବପର ହୁଏ ନାହିଁ । ମୋ ପକ୍ଷେ ତ ତାହା ସ୍ୱାର୍ଥ ହେବା ପରି ଜ୍ୱଳନ ପରି ଦେଖାଯାଏ ସତେ ଯେପରି କେହି ଜଣେ ତାତଲା ଖରା ରେ ଉପରୁ ଜବକାଚ ପକେଇ ଉସୁମୋଉଛି ଏ ଶରୀରକୁ । ସେଦିନ ଥାଏ ରବିବାର ଚୈତ୍ର-ବୈଶାଖର ମଝିରେ ଆସୁଥିବା କାଳ ବୈଶାଖୀର ସମୟ ମୁଁ କିଛି କାମରେ ଖଲ୍ଲିକୋଟ୍ ଯାଇଥାଏ । କାହାକୁ କିଛି ନକହି ତାହା ପୁଣି ରବିବାର ଭଳି ଛୁଟି ଦିନରେ ଘରୁ ବାହାରିବା ମୋ ପକ୍ଷରେ ସମ୍ଭବ ହୁଏନି କେଜାଣି କାହିଁକି ମନଟା ଟାଣିଲା ପରି ପ୍ରତିଦ୍ୱନ୍ଦ ହେଉଥାଏ । ତେଣୁ ବାପାଙ୍କୁ ଘରେ କହିଥାଏ ମୁଁ କଲେଜର କିଛି ସାଙ୍ଗମାନଙ୍କ ସହ ମିଶିବାକୁ ଯାଉଛି । ଗାଆଁ ଛକରୁ ଭୁବନେଶ୍ୱର ବସ୍ ଧରି ସକାଳ ନଅଟା ପଇଁତିରିଶ ରେ ବାହାରିଲି ଖଲ୍ଲିକୋଟ ଅଭିମୁଖେ ବସରେ ଭୁବନେଶ୍ୱର ଯାତ୍ରୀ ତ ନଥିଲେ ଥିଲେ କେବଳ ଖଲିକୋଟ କଲେଜର କିଛି ଛାର୍ଖାର ମାଖା ଯୁବ ଛାତ୍ର ଓ ଛାତ୍ରୀ । ଜଣା ପଡୁଛନ୍ତି ଯୁକ୍ତ ତିନିରେ ପଢିଲା ପରି ଆଜିକାଲିକା ଛାତ୍ର ପରା ନିମିସେ ସମୟ ପାଇଲେ କଣ ସେ ସୋସିଆଲ୍ ମିଡିଆରୁ ଗବେଷଣା କରିଦେବେ ତାହା ସରଳ ଭାବେ ବ୍ୟାଖ୍ୟା କରିବା ମୁସ୍କିଲ୍ । କିନ୍ତୁ ମୁଁ ସେଠି ମୋର କିଛି କାମ ନଥିଲା । କାମ ଥିଲା, ଅନେକ ଦିନ ପରର ଜଣେ ବନ୍ଧୁଙ୍କ ସହ ଦେଖା କରିବାର । ଯାହା ସହ ମୋର କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁଣା ସମ୍ପର୍କ ଅତି ନିବିଡ଼ତାରେ ରହିଥିଲା ତା ସହ ଦେଖାହେବା ପାଇଁ ମନର ଅନୁସନ୍ଧିତ୍ସାକୁ ମୁଁ ମାରି ପାରୁନଥିଲି । ଗତ ରାତି ଠାରୁ ତାକୁ ଜଣେଇ ଦେଇଥିଲି ବୋଲି ସେ ମୋତେ ନେବା ପାଇଁ ବସଷ୍ଟାଣ୍ଡ ଛକକୁ ଆସିଥିଲା । ମିଶିକି ତାଙ୍କ ଘରକୁ ତ ନୁହେଁ ସେ ରହୁଥିବା ଭଡ଼ା ଘରକୁ ଗଲୁ । ସେ ବି ମୋ ସହ ଯୁକ୍ତ ଦୁଇରେ ପଢେ । ସେ ମୋର ସମ ବୟସ୍କ ନା ଟା ଥିଲା ସରିତା । ଆମେ ଦୁହେଁ ଷ୍ଟାଫ୍ ସିଲେକ୍ସନ୍ କମିଶନ ପାଇଁ ଆଗ୍ରହୀ ଥିଲୁ । ତାକୁ ବୀଜ ଗଣିତ ଆଉ ଇଂରାଜୀ ବିଷୟ ଭଲ ଲାଗୁଥିଲା ଓ ମୋତେ ସାଧାରଣ ଜ୍ଞାନ ଭଲ ଲାଗୁଥିଲା । ଏଥିପାଇଁ ରାଜ୍ୟ ଲୋକ ସେବା ଆୟୋଗର ଚୟନ ପରିକ୍ଷା ମଧ୍ୟ ଗୋଟିଏ ଥର ପାଇଁ ଦେଇଥିଲୁ କିନ୍ତୁ ପାଇଲୁ ନାହିଁ । କଥାରେ ଅଛି ସମୟ କାହାକୁ କେଉଁ ନୌକାର ସହ ଭସାଇ ନେଇଯାଏ ତାହା କିଏ ବା କହିପାରିବ ?

ବହୁତ ଦିନ ବିତିଯାଏ । ତାର ମୋର କଥା ହେଇନୁ । ହଠାତ୍ ରାତିରେ ମୁଁ ଶୋଇବାକୁ ଯାଉଥିଲି ହାତଘଣ୍ଟାରେ ସମୟ ୧୦ ବାଜି ୪୫ ମିନିଟ୍ । ସରିତାର କଲ୍ ଆସିଲା, ସେଦିନ ଆମ ଘରେ ମୋ ବାପା ବୋଉ ମଧ୍ୟରେ ମତପାର୍ଥକ୍ୟ ଦେଖା ଦେଇଥାଏ ବେଳେ ବେଳେ ବାପା ରାତିରେ ମାରିକି ଆସୁଥିବା ପୂଣ୍ୟ ଜଳ ପାଇଁ ଘରେ କଳହ ଲାଗି ରହୁଥିଲା ଏମିତିକି ସାହିପଡିଶା ଲୋକ ବି ଆମ ଘର ଆଉର ଘଟଣା କେତେ ଦୂର ଅତିକ୍ରମ ରଲା ତାହା ଜାଣିବାକୁ କାହିଁକେତେ କାଳରୁ ଆକାଶକୁ ଚାଷୀଟିଏ ବର୍ଷା ପାଇଁ ଅପେକ୍ଷା କଲାପରି ରାତି ସାରା ଆଖିରେ ନଦେଖିଲେ ନାହିଁ କାନ ଦୁଇଟିକୁ ଏପଟରୁ ଛାଡିଦେଇଥାନ୍ତି ଆଉ ସକାଳେ ଘରୁ ବାହାରି ପଡିଲେ ସେ ବିଷୟରେ ଚର୍ଚ୍ଚା ଆରମ୍ଭ କରିଦିଅନ୍ତି । ମୁଁ ଟିକେ ରାଗରେ ଜଳିଥିଲି କାରଣ ଏପରି କଳହ ପାଇଁ ପ୍ରଥମେ ପ୍ରଥମେ ତ କିଛି ପ୍ରଭାବ ପଡିନଥିଲା ଦ୍ୱିତୀୟ ଥରକେ ମତେ ମୋ ଯୁକ୍ତ ଦୁଇ ପରିକ୍ଷା ବହୁତ ହଇରାଣ କଲା ଘରେ ବହୁତ କଷ୍ଟେ ମଷ୍ଟେ ବୋର୍ଡ ପରିକ୍ଷା ପାଇଁ ପଢି ତାକୁ ପାସ୍ କରିବାକୁ ଚେଷ୍ଟା କରିଥିଲି । ମନରେ ମୋର ଭାରି ପ୍ରଶ୍ନ ଥିଲା , କାହିଁକି ଏବେ ସେ ମୋତେ କଲ୍ କରୁଛି ? ରାତି ୧୧ଟା ପାଖାପାଖି ହେବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଗିଲାଣି ବହୁତ ଥର ଭାବିଲି କିନ୍ତୁ କଲ୍ ଟି ଉଠେଇଲି ନାହିଁ । ପାଞ୍ଚ ମିନିଟ୍ ମଧ୍ୟରେ ମୋତେ ତାର ହ୍ୱାଟଆପ୍ ମେସେଜ ଆସିଲା । "ମୋର ତମ ସହ କିଛି ଜରୁରୀ କଥା ଅଛି ଦୟା କରି ମୋ କଲ୍ ଉଠାଅ" । ମନକୁ ଦୃଢ଼ କଲି ଓ କଲ୍ ଟିକୁ ଉଠାଇଲି , କିନ୍ତୁ ଉଠାଇ ସାରି ମୁଁ ମୁହଁରୁ ଯାହା ଶୁଣିବାକୁ ପାଇଲି ସେଦିନର କଥା ଆଜି ଯାଏ ମୋ ମନରେ ଏକ ଅଭୁଲା ସ୍ମୃତି ହୋଇରହିଗଲା । ସେଦିନ ମତେ କୌଣସି ସାହାର୍ଯ୍ୟପାଇଁ କଲ୍ କରିନଥିଲା ବରଂ ମୋର ଆଉ ତାର ସଂମ୍ପର୍କ ମଧ୍ୟରେ ଅନ୍ୟକାହାର ଅନୁପ୍ରବେଶ ବିଷୟରେ ଜଣାଇବାପାଇଁ କଲ୍ କରିଥିଲା କିନ୍ତୁ ତାକୁ ମୁଁ ରିସିଭ୍ କରିପାରିନଥିଲି । ମୁଁ ତା ସହ କଥା ହେବା ନହବା ପାଇଁ ମୋର ମୋବାଇଲ୍ ରୁ ତାର ନମ୍ବରଟିକୁ ବ୍ଲକ୍ କରିଦେଇଥିଲି । ବହୁତ ଦିନ ବିତିଗଲା ପରେ ପରେ କିଛି ଦିନ ପରେ ମୁଁ ପରୋକ୍ଷରେ ଜାଣିବାକୁ ପାଇଲି ତାର ବାପାଙ୍କର ମୃତ୍ୟୁ ହେଇଯାଇଛି । ଆଗରୁ ମାଁ ମଧ୍ୟ ଛାଡି ଚାଲିଯାଇଛି । ଏବେ ତାର ଖବର ପାଇ ମୁଁ ତାଙ୍କ ଘର ଅଭିମୁଖେ ବାହାରିଲି । ତାଙ୍କ ଘର ଆମ ଘର ଠାରୁ ପାଞ୍ଚ କିମି ମଧ୍ୟରେ ତାଙ୍କ ଘରେ ପହଞ୍ଚି ଦେଖିଲି ବାପାର ଯିବାର ଦୁଃଖରେ ତାର ଅବସ୍ଥା ପୁରା ଶୋଚନୀୟ ହେଇସାରିଛି । ଏକୁଟିଆ ସେହି ବାପାଙ୍କର ଫଟୋ ପାଖରେ ବସି କାନ୍ଦୁଥାଏ । ଫଟୋ ପାଖରେ ଲାଗିଥିବା ଦ୍ୱୀପ ଟି ଧିରେ ଧିରେ ଲିଭି ଆସୁଥାଏ । ସତେ ଯେମିତି ନିର୍ଭିକତାର ଆଲୋକ ସରିବାକୁ ଲାଗିଲାଣି ଆଉ କେବଳ ସେ ବିଶ୍ୱାସ ରୂପକ ଜ୍ୱଳନ୍ତା ସଳିତାଟା ଜଳିଲା ଲିଭିଲା ପରି ଜଣ ପଡୁଚି, ମୋର ମନରେ ମଧ୍ୟ ସାହାସ ଜୁଟୁ ନଥାଏ କିଛି ପଚାରିବାକୁ ।

ବି.ଏ ବି.ଏଡ୍ ଲୋକ ପ୍ରଶାସନ ବିଭାଗ, ଭୋପାଳ ବିଶ୍ୱବିଦ୍ୟାଳୟ
ଗୁଡିଆଳୀ, କବିସୂର୍ଯ୍ୟ ନଗର, ଗଞ୍ଜାମ, ଓଡିଶା ୭୬୧୧୦୪
@Shankarbiswal2319@gmail.com, ମୋ -୬୩୭୨୨୬୯୯୬୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଫ୍ ଖାତା



ସୁଦ୍ରୁମା ପଣ୍ଡା

ଭୋର୍ ଚାରିଟାରେ ମୋବାଇଲ୍ ଆଲାରାମ୍ ବାଜି ଉଠିଲା । ଧଡ୍ କରି ଖଟ ଉପରେ ଉଠି ବସିଲେ ସୁରମା । ଏଇ ନିତିଦିନିଆ ଅଭ୍ୟାସ ତାଙ୍କର । ଚାରିଟାରୁ ଉଠି ବାସି ଘର ଓଳେଇବା ପରେ ଗାଧୁଆ ପାଇଁ ସଜବାଜ । ବାଥ୍ ରୁମ୍‌କୁ ଯିବା ଆଗରୁ ଦେଖିବେ ଆଜି କାହାର କ'ଣ ଧୁଆ ହେବ । ଲୁଗାଧୋଇ ଗାଧୋଇ କି ଆସିଲା ବେଳକୁ ସାଢ଼େ ପାଞ୍ଚଟା । ତୁଳସୀ ପୂଜା ପରେ ଠାକୁର ପୂଜା ସରୁ ନସରୁଣୁ ପତି ଦେବଙ୍କ ଡାକରା, ଆରେ ଏଯାଏଁ ଚା ଦେଲନି ଯେ ! ତରତରରେ ପଶିବେ ରୋଷେଇ ଘରେ । ଦି କପ୍ ଚା କରି ପତିଙ୍କୁ କପ୍ ଟେ ଦେଲାପରେ ନିଜେ ଟିକିଏ ବସିପଡ଼ି ଚା ଟିକକ ପିଇବେ ଢକ୍ ଢକ୍ କରି । ସାଢ଼େ ଛଅଟାରେ ଉଠି ପଡ଼ିବ ନାତୁଣୀ ସ୍ନେହା । ସାତଟାରେ ତାର ଟିଉସନ୍ । ନାତୁଣୀକୁ ସଜ ବାଜ କରି କ'ଣ ଟିକିଏ ଖୁଆଇ ଟିଉସନ୍ ପାଇଁ ତା ଜେଜେଙ୍କ ସହିତ ପଠେଇ ସାରିବା ପରେ ଯାଇ ରୋଷେଇର ଆରମ୍ଭ । ପୁଅ ବୋହୂ ଉଠିଲା ବେଳକୁ ଆଠଟା ବାଜି ସାରିଥାଏ । ଦୁଇ ଜଣ ଚାକିରୀ କରନ୍ତି ପ୍ରାଇଭେଟ୍ କମ୍ପାନୀରେ । କହନ୍ତି, ଲେପ୍ ଟପ୍ ରେ କମ୍ପାନୀ କାମ କରୁକରୁ ଶୋଇବା ଡେରି ହୁଏ । ତେଣୁ ସକାଳୁ ଉଠି ପାରନ୍ତିନି । କିଛି କହନ୍ତି ନାହିଁ ସୁରମା । ସମସ୍ତଙ୍କ ପାଇଁ ଖାଇବା ରେଡ଼ି କରନ୍ତି ସବୁଦିନେ । ସମସ୍ତଙ୍କ ଟିଫିନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଜାଡି ଅଫିସ୍ ବା ସ୍କୁଲ ଗଲା ବେଳେ ତାଙ୍କ ହାତରେ ଧରେଇ ଦିଅନ୍ତି ହସି ହସି । କେବେ ପ୍ରତିବାଦ ମଧ୍ୟ କରନ୍ତିନି ।

ନାତୁଣୀ ଏଇ ବର୍ଷ ଅଷ୍ଟମରୁ ନବମକୁ ଯିବ । ସେଦିନ ଟିଉସନ୍ ରୁ ଆସି ରେଡି ହୋଇ ଗଲା ସ୍କୁଲ ଯିବାପାଇଁ । ତା ବାପାମା ଖାଇସାରି ଅଫିସ୍ ଯିବାପାଇଁ ସଜ ହୋଇ ସାରିଥିଲେ । ହଠାତ୍ ପାଟି କଲା "ମୋ ରଫ୍ ଖାତା କାହିଁ ?" ତା ମା'କୁ ପଚାରିଲା ଦେଖିଛ କି ବୋଲି ସେ ମନାକଲା ଦେଖିନି ବୋଲି । ଟିକିଏ ଶୀଘ୍ର ଖୋଜି ଦେବାକୁ ନେହୁରା ହେଲା । କିନ୍ତୁ ସେ କହିଲା ମୋର୍ ଡେରି ହେଉଛି, ଜେଜେ ମାଙ୍କୁ କହ ଖୋଜି ଦେବେ । ସୁରମାଙ୍କ ପାଖକୁ ଆସି ପୁଣି ନେହୁରା ହୋଇ କହିଲା ପ୍ଲିଜ ଜେଜେ ମା ଖୋଜି ଦିଅନା । ସୁରମା ମୁଣ୍ଡକୁ ଟିକିଏ ଆଉଁସି ଦେଉ ଦେଉ କହିଲେ "ତୁ ପ୍ରଥମେ ଖାଇଦେ, ମୁଁ ଦେଖୁଛି ପାଇବି ଯଦି" । ସ୍ନେହା ଖାଇ ବସି କହୁଥାଏ ମିଳିଲା କି ଜେଜେ ମା ? ସୁରମା ପଢ଼ା ଘରଟା ସାରା ଖୋଜିଲେ ହେଲେ ପାଇଲେନି । ନାତୁଣୀକୁ କହିଲେ କେଉଁଠି ରଖିଛୁ ଝିଅ ଟିକେ ମନେ ପକେଇ କହ ମୁଁ ସେଇଠି ଖୋଜିବି । ସ୍ନେହା କହିଲା ମୋ ମନେ ଥିଲେ ନେଇ ଆସନ୍ତି କି ଜେଜେ ମା । ଟିକେ ଶୀଘ୍ର ଖୋଜନା, ବସ୍ ଟାଇମ୍ ହୋଇଗଲାଣି । ସୁରମା କହିଲେ ତାହେଲେ ଆଜି ରଫ୍ ଖାତା ବିନା ସ୍କୁଲକୁ ଯାଉନୁ, ଅସୁବିଧା କ'ଣ । ସଙ୍ଗେ ସଙ୍ଗେ ସ୍ନେହା କହିଲା ନାଇଁ ମ, ରଫ୍ ଖାତା ବିନା କ'ଣ ପଢା ହୋଇପାରେ ନା ତୁମ ବିନା ଏ ଘର ଚଳିପାରେ । ଏ ଘରର ସମସ୍ତ ଖବର ଯେମିତି ତୁମେ ବୁଝ, ରଫ୍ ଖାତାରେ ବି ସେମିତି ସମସ୍ତ ପାଠର ଚାବି କାଠି ରହିଛି ପରା । ଠିକ୍ ଏତିକି ବେଳେ ବାସି ଖବର କାଗଜ ଥାକରେ ଖାତାଟିଏ ଦେଖି ତାହା ଆଣି ଦେଖଉ ଦେଖଉ କହିଲେ, ଏଇଟା କି ତୋ ରଫ୍ ଖାତା ? ଖୁସି ହୋଇଗଲା ସ୍ନେହା । ଗଳାରେ ଓହଳି ପଡି କହିଲା "ମୋ ସୁନା ଜେଜେ ମା" ! ସୁରମା କହିଲେ ଏତେ ଦରକାରୀ ଖାତାକୁ କିଏ କ'ଣ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠି ସେଠି ପକାଏ ? ତାର ଯତ୍ନ ନେବା କଥା ନା । ଆଉ ଟିକିଏ ଭିଡ଼ିଧରି ଗେଲ କରି କହିଲା ହଁ ପରା ଜେଜେ ମା, ତୁମେ ସମସ୍ତଙ୍କ ଖିଆଲ୍ ରଖୁଛ, ତୁମେ ନଥିଲେ କାହାରି କାମ ହୁଏନି । ହେଲେ ମୁଁ କ'ଣ ଦେଖୁନି, ତୁମର ଯତ୍ନ କେମିତି ନିଆହେଉଛି ଏ ଘରେ । ବହି ବସ୍ତାନି ଧରି ବାହାରିଗଲା ସ୍ନେହା । ସୁରମାଙ୍କ ଦୁଇ ଆଖିରୁ ଦୁଇ ଧାର ଲୁହ ବାହାରିଗଲା । କିନ୍ତୁ ସେ ନିଜେ ବି ବୁଝି ପାରିଲେ ନାହିଁ ସେ ଲୁହ ଖୁସିର ନା ଦୁଃଖର ।

*ଭଟଲି ବରଗଡ଼*

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନା ଝିଅ



ମନୋଜ କୁମାର ଦାସ

ଝିଅ ଜନମ ପର ଘରକୁ । ଶାଶୁ ଘରକୁ ନିଜର କର୍ମକ୍ଷେତ୍ର ରୂପେ ସାରା ଜୀବନ କାଳ ଅତିବାହିତ କରିବାକୁ ପଡେ ।

ପିତାମାତାଙ୍କ କୋଳରେ ଝିଅଟିଏ ଜନ୍ମିଲେ, ଖୁସିର ସୀମା ପରିବ୍ୟାପ୍ତ । ଶିକ୍ଷା, ଦୀକ୍ଷା, ସଣ୍ଢଣା ଶିଖାଇ ପ୍ରାପ୍ତବୟସରେ ବିବାହ କରିବାର ବ୍ୟବସ୍ଥା କରାଯାଏ ।

ମହନିପୁର ଗାଁର ଅଶୋକ କୁମ୍ଭକାରର ଗୋଟିଏ ବୋଲି ଝିଅ । ନାମଟି ତାର ସହେଲି । ଆଗକୁ ପଛକୁ ଆଉ କେହି ନାହାଁନ୍ତି । ପିତାମାତାଙ୍କ ସହିତ ଝିଅଟି ଅତି ସ୍ନେହ ଶ୍ରଦ୍ଧାରେ ବଢ଼ିଆସେ ।

ସହେଲି ଜନ୍ମ ନିଏ, ଦୀର୍ଘ କୋଡିଏ ବର୍ଷ ପରେ । ମାଆ ଶ୍ରାବଣୀ କେତେ ଦିଅଁ ଦେବତା ପୂଜା ଅର୍ଚ୍ଚନାର ଫଳ ପାଇଁଛନ୍ତି । ବିବାହର ବହୁବର୍ଷ ପର୍ଯ୍ୟନ୍ତ ସନ୍ତାନଟିଏ ନ ହେବାରୁ ଏ ଡାକ୍ତର ପାଖରୁ ସେ ଡାକ୍ତର ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୁଅନ୍ତି । କିଛି ସୁଫଳ ନ ମିଳିବାରୁ ସାହି ପଡିଶାରୁ ବିଭିନ୍ନ ପ୍ରକାର ଅଣବ୍ୟବହାର ଶବ୍ଦ, ବାକ୍ୟ ଶୁଣି ଭାଙ୍ଗି ପଡୁଥିଲେ । ପର କଥା ଶୁଣି ମନରେ ମାରି, ଛାତିକୁ ପଥର କରି ସବୁ ସେହି ସୃଷ୍ଟି କର୍ତ୍ତାଙ୍କ ଉପରେ ଛାଡି ଦିଅନ୍ତି । ଭାଗ୍ୟରେ ଥିଲେ । ନିଶ୍ଚୟ ପିଲାଟିଏ କୋଳକୁ ଆସିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଅପପ୍ରଚାରରୁ ମୁକ୍ତି ମିଳିବ ।

ଆତ୍ମ ବିଶ୍ୱାସ ରହିଛ । ଈଶ୍ୱରଙ୍କ ନିକଟରେ ନିଜକୁ ଭକ୍ତିରେ ସମର୍ପଣ କରିଦେଇଛି । ଏମିତି ଦୀର୍ଘ କୋଡିଏ ବର୍ଷ ପରେ ଈଶ୍ୱର ଶୁଣିଲେ । କନ୍ୟା ସନ୍ତାନଟିଏ ଜନ୍ମ ହେଲା । ଯାହାର ନାମ ଆଜି ସହେଲି । ପିତାମାତା, ସହେଲିକୁ ବଡ଼ କଲେ । ଆଗକୁ ସେହି ପଛକୁ ସେହି । ଜଣେ ମାତ୍ର । ଆଉ ପିଲା ହେବନି ବୋଲି ଡାକ୍ତର ରୋକ ଠୋକ କହିଦେଇଥିଲେ ।

ସହେଲିର ପିତାମାତା ମୁଲ ଲାଗିଲେ ପେଟକୁ ଗଣ୍ଡେ ଦାନା ଯୋଗାଡ଼ କରନ୍ତି । ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଚାଳ ଛପର ଘର ।  ଯାହା ସଂଚୟ କରି ରଖିଥିଲେ । ଡାକ୍ତର ଓ ଔଷଧ କିଣାରେ ସରିଗଲା । ଦୁଃଖ କଷ୍ଟରେ ଚଳୁ ଚଳୁ, ଝିଅ ଦୁଇ ଅକ୍ଷର ଗାଁ ସ୍କୁଲରେ ପାଠ ପଢିଲା । ସାଙ୍ଗସାଥୀଙ୍କ ସହଯୋଗ ପାଇ ଯେନତେନ ମାଇନର ପାସ କଲା । ଲେଖି ପଢି ଶିଖିବାର ସାମର୍ଥ୍ୟ ପାଇଲା । ଆଗକୁ ଆଉ ପଢ଼ିବାର ଆଶା ନ ରଖି ପିତାମାତାକୁ କେମିତି ମାନସିକ ସ୍ତରରେ ସହଯୋଗ କରିବି । ସିଦ୍ଧାନ୍ତ ନେଲା ଯେ, କଣ ଗୋଟେ  କାମ କରିବା ପାଇଁ ।

ଯୋଗାଯୋଗ ସ୍ଥାପନ କରି ଏକ ଶାଢ଼ୀ ସୋ ରୁମରେ ସେଲସମ୍ୟାନ ଭାବରେ ନିଯୁକ୍ତି ପାଇଲେ । ମାସିକ ୬ ହଜାର ଟଙ୍କା ବେତନ ମିଳିଲା । ସହେଲି ଘରୁ ଖାଇ ପିଇ ସାଇକେଲଟି ଧରି କର୍ମକ୍ଷେତ୍ରକୁ ବାହାରିଯାଆନ୍ତି । ପିତାମାତାଙ୍କୁ ଆଉ ମଜୁରୀ ଲାଗିବା ପାଇଁ ବାରଣ କରନ୍ତି । ତୁମର ଆଉ ବୟସ ନାହିଁ । ପରେ ଘରେ ମୁଲ ଲାଗିବା ପାଇଁ ।  ଘରେ ବସ । ଅଳ୍ପ ବହୁତ ଖାଇ ଟିକେ ଶାନ୍ତିରେ ନିଶ୍ୱାସ ମାର ।

ମୁଁ ଝିଅ ସହେଲି । ତୁମ ପାଇଁ ସାରାଜୀବନ ଅଛି । କିଛି ବ୍ୟସ୍ତ ହେବାର ନାହିଁ । ତୁମେ ସ୍ଥିର କରିଛ, ମୋତେ ନିକଟରେ ଶାଶୁଘରକୁ ବିଦା କରିଦେବ । ମୁଁ ତୁମକୁ ଛାଡି କଦାପି ଶାଶୁଘର ଯିବି ନାହିଁ । ବିବାହ କରିବି । ମୋ ସୁବିଧାରେ ।  ସମୟ ଆସିଲେ କହିବି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପିତାମାତା ଜିଦଧରି ବସିବାରୁ ସହେଲି ନିରୁପାୟ । ଶେଷରେ କହିଲା । ମୁଁ ଯାହାକୁ ବାହା ହେବି, ସେ କଥା ଦେଇଛି ।

ଶ୍ୱଶୁର, ଶାଶୁଙ୍କୁ ଏକୁଟିଆ ନ କରି ତାଙ୍କ ପାଖରେ ରଖିବାକୁ । ତୁମେ ଏଥିରେ ରାଜି ତ ! ଯଦି ମୋ ସୁନା ଝିଅ ସହେଲି କଥାରୁ କେମିତି ବାହାରି ଯିବୁ । ସେହି ଜ୍ୱାଇଁ କଣ ଆମର ପୁଅ ନୁହେଁ । ବିବାହ ହୋଇଗଲା ଭଲରେ । ଝିଅ ଜ୍ୱାଇଁ ଦୁଇ ଜଣଙ୍କ ରୋଜଗାରରେ ଘର ପୁରିଉଠିଲା । ସବୁ ଦୁଃଖ କଷ୍ଟ ଦୂର ହେଲା ।

ଝିଅ ସହେଲି ଆମ ସୁନା ମୁଣ୍ଡାଟିଏ । ତା ପାଇଁ ଆଜି ସମ୍ଭବ ହୋଇପାରିଲା । କିଛି ବର୍ଷ ପରେ ସହେଲିର ପୁଅଟିଏ ହେଲା । କିନ୍ତୁ ସେତେବେଳକୁ ଅଜା ଆଇ ଶେଷ ନିଶ୍ୱାସ ତ୍ୟାଗ କରିସାରିଥିଲେ ।

ଆଳିଜଙ୍ଗା, କପାଳେଶ୍ୱର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ୍ଦିର ନିର୍ମାଣ



ବାଲାଜୀ ସେଠୀ

ଅନେକ ଦିନ ତଳର କଥା । ଗୋଟିଏ ଭୂଖଣ୍ଡରେ ରାଜତ୍ୱ କରୁଥିଲେ ଜଣେ ଭୂପତି । ସେ ଜଣେ ଧର୍ମପରାୟଣ ରାଜା ଥିଲେ । ଜୀବେ ଦୟା ତାଙ୍କର ଚରିତ୍ର ଥିଲା । ମାନବ ସେବା ତାଙ୍କ ଜୀବନର ବ୍ରତ ଥିଲା । ତାଙ୍କ ରାଜତ୍ୱ କାଳରେ ଅନେକ ଜଳାଶୟ, ପାନ୍ଥ ନିବାସ, ମନ୍ଦିର ଓ ଧର୍ମାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ପ୍ରଜାମାନଙ୍କ ସୁଖଦୁଃଖ ବୁଝୁଥିଲେ । ଅଳ୍ପ କେତେକଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ଚାଷ ଉପରେ ନିର୍ଭର କରି ଚଳୁଥିଲେ । ସେ ଭୂଖଣ୍ଡର ଲୋକମାନେ ସୁଖରେ କାଳାତିପାତ କରୁଥିଲେ ଏବଂ ରାଜାଙ୍କୁ ଭକ୍ତି ମଧ୍ୟ କରୁଥିଲେ । ରାଜାଙ୍କର ଜଣେ ଗୁରୁ ଥିଲେ । ରାଜ୍ୟରେ ଯେତେବେଳେ ବିପଦ ପଡୁଥିଲା ବା ରାଜକାର୍ଯ୍ୟର ସୁପରିଚାଳନା ନିମନ୍ତେ ରାଜା ସେହି ଗୁରୁଙ୍କ ଠାରୁ ପରାମର୍ଶ ଲୋଡୁଥିଲେ ।

ରାଜାଙ୍କର ପୁଅଟିଏ ଥିଲେ । ସେ ଅତି ଅହଙ୍କାରୀ ଆଉ ଜିଦଖୋର ଥିଲେ । ତାଙ୍କର ଏପରି ସ୍ୱଭାବ ହେତୁ ଶିକ୍ଷା-ଦୀକ୍ଷାରେ ମଧ୍ୟ ତାର ଘୋର ପ୍ରଭାବ ପଡିଲା । ରାଜକୁମାର କ୍ରମେ ବଡ଼ ହେଲେ । ରାଜାଙ୍କ ବାର୍ଦ୍ଧକ୍ୟ ବୟସ ହେବାରୁ ଯୁବରାଜଙ୍କୁ ରାଜ୍ୟଭାର ଅର୍ପଣ କରି ବୃଦ୍ଧରାଜା ବାନପ୍ରସ୍ଥ ମାର୍ଗୀ ହେଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆ ରାଜା ରାଜ୍ୟ ଚଳେଇଲେ । ପ୍ରଜାଙ୍କ ସୁଖ ସୁବିଧା ଅପେକ୍ଷା ନିଜର ସୁଖ ସୁବିଧାକୁ ଅଧିକ ଗୁରୁତ୍ୱ ଦେଲେ । କର ଆଦାୟ ଦୁଇଗୁଣା କରିଦେଲେ । ବୃଦ୍ଧରାଜାଙ୍କୁ ଯେତିକି ଭଲ ପାଉଥିଲେ ନୂଆ ରାଜାଙ୍କୁ ସେତିକି ଭଲ ପାଇଲେ ନାହିଁ ।

ଚାଲିଗଲା କିଛି ଦିନ । ଦିନେ ରାଜା ନିଷ୍ପତ୍ତି ନେଲେ ଯେ ସେ ନଗରୀ ଭିତରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଇବେ । ଏହା ଦ୍ୱାରା ପ୍ରଜାମାନେ ତାଙ୍କ ପିତା ମହାରାଜଙ୍କୁ ଯେପରି ଭଲ ପାଉଥିଲେ ସେପରି ତାଙ୍କୁ ବି ଭଲ ପାଇବେ ! ରାଜ୍ୟସାରା ଡେଙ୍ଗୁରା ପିଟି ଜଣେଇ ଦିଆଗଲା କି  ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ରାଜ୍ୟର ସମସ୍ତ କାରିଗର ନଅର ଭିତରେ ଏକତ୍ରିତ ହେବେ ଏବଂ ରାଜ୍ୟର ପ୍ରତ୍ୟେକ ଗାଁର ଶ୍ରମିକମାନେ ପାଳିକରି ନିଜ ନିଜର ଶ୍ରମ ଦାନ କରିବେ ମନ୍ଦିର ନିର୍ମାଣ ସକାଶେ । ଧାର୍ଯ୍ୟ ସମୟରେ କାରିଗର ଓ ଶ୍ରମିକମାନେ ନଅର ଭିତରେ ଏକାଠି ହେଲେ । ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । କାରିଗରମାନେ ମନ ପ୍ରାଣ ଢାଳି ନିଜ ନିଜର କାରିଗରୀ କୌଶଳରେ ସୁନ୍ଦର ସୁନ୍ଦର କାରୁକାର୍ଯ୍ୟମୟ ଭବ୍ୟ ମନ୍ଦିରଟିଏ ନିର୍ମାଣ କରିଲେ । ଏଥିପାଇଁ ଅବିଶ୍ରାନ୍ତ ଦୀର୍ଘ ଦୁଇ ବର୍ଷ ସମୟ ଲାଗିଲା । ନିର୍ମାଣ ବାବଦ ଖର୍ଚ୍ଚରେ ରାଜକୋଷ ପ୍ରାୟ ଶେଷ ହୋଇଗଲା  ।

ମନ୍ଦିର ସିନା ନିର୍ମାଣ ହୋଇଗଲା, ଏଥର ଦିଅଁ ସ୍ଥାପନ କରି ବିଧି ମୁତାବକ ପ୍ରାଣ ପ୍ରତିଷ୍ଠା କରାଯିବ । ମନ୍ଦିର ପ୍ରତିଷ୍ଠା ପାଇଁ ବାରଦିନ ବ୍ୟାପି ନାମଯଜ୍ଞ, ହୋମଯଜ୍ଞ ସହିତ ଅନ୍ନଯଜ୍ଞ ମଧ୍ୟ ଆୟୋଜନ କରାଇଲେ ରାଜା । ସେଥିପାଇଁ ଅର୍ଥ ସମ୍ବଳର ଘୋର ଅଭାବ ହେଲା । ରାଜା ରାଜ୍ୟର ପ୍ରଜାମାନଙ୍କ ଠାରୁ ଆଗୁଆ ଖଜଣା ଆଦାୟ ପାଇଁ ନିର୍ଦ୍ଦେଶ ଦେଲେ । ରାଜା ଆଜ୍ଞା ଅବଜ୍ଞା କଲେ ଦଣ୍ଡର ଭୟ । ଗରୀବ ପ୍ରଜାମାନେ ଋଣ କରି ଆଗୁଆ ଖଜଣା ପଇଠ କଲେ ନିର୍ଦ୍ଧାରିତ ସମୟରେ । ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଆରମ୍ଭ ହେଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାମଶାଳା, ଯଜ୍ଞଶାଳା, ଅନ୍ନଶାଳା ଏବଂ ନବରରେ ସେମିଆନା ତିଆରି କରାଗଲା । ଏଥିପାଇଁ ଜଙ୍ଗଲରୁ ଗଛ ବେଶି ବେଶି କଟାଗଲା । ଜଙ୍ଗଲ ଗଛଶୂନ୍ୟ ପ୍ରାୟ ହୋଇଗଲା । ମନ୍ଦିର ପ୍ରତିଷ୍ଠା ହେଲା । ଲକ୍ଷ ଲକ୍ଷ ଲୋକମାନଙ୍କ ସମାଗମ ହେଲା । ଖରାଦିନ ହୋଇଥିବାରୁ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ପ୍ରତିଷ୍ଠା କାର୍ଯ୍ୟ ସୁରୁଖୁରୁରେ ସମାପନ ହେଲା ।

ଗଛ ସବୁ କାଟି ଦେଇଥିବାରୁ ସେ ବର୍ଷ ଆଉ ଜମା ବର୍ଷା ହେଲାନାହିଁ । କୃଷି କାର୍ଯ୍ୟ ହେଇ ପାରିଲା ନାହିଁ । ପୋଖରୀ, ଗାଡ଼ିଆ ଯେତେ ଜଳାଶୟ ଥିଲା ଅଚିରେ ଶୁଖିଗଲା । ଲୋକମାନେ ପାଣି ଟୋପେ ପିଇବା ପାଇଁ ବହୁତ ଦୂରକୁ ଯିବାକୁ ପଡିଲା । ଲୋକମାନଙ୍କ ପାଖରେ ଯେତିକି ଶସ୍ୟ ଥିଲା ଖୁବ କମ ଦିନ ମଧ୍ୟରେ ଶେଷ ହୋଇଗଲା । ରାଜାଙ୍କ ପଣ୍ୟାଗାର ମଧ୍ୟ ଶୂନ୍ୟ । ରାଜ୍ୟରେ ଦୁର୍ଭିକ୍ଷ ଦେଖାଗଲା । ଭୋକ ଆଉ ଶୋଷରେ ଚାରିଆଡ଼େ ହାହାକାର ପଡିଗଲା । ରାଜାଙ୍କ ଦରବାରରେ ପ୍ରଜାମାନେ ଗୁହାରି କଲେ । ରାଜା କଙ୍କାଳସାର ପ୍ରଜାମାନଙ୍କୁ ଦେଖି ଚିନ୍ତିତ ହେଲେ । ରାଜ୍ୟର ପ୍ରଜାମାନେ ଦୁର୍ବଳ ହୋଇ ପଡିଲେ ରାଜ୍ୟକୁ ପଡୋଶୀ ରାଜ୍ୟର ରାଜା ଆକ୍ରମଣ କରିବାର ଭୟ । ରାଜକୋଷ ଆଉ ଶସ୍ୟାଗାରରେ ଯାହା ବଳକା ଥିଲା ରାଜ୍ୟର ପ୍ରଜାମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । ତଥାପି ସମସ୍ୟା ଦୂର ହେଲାନାହିଁ ।

କିଛି ଦିନ ପରେ ବୃଦ୍ଧରାଜାଙ୍କ ଗୁରୁ ହିମାଳୟରୁ ଫେରିଲେ । ରାଜ୍ୟର ପରିବେଶ ଆଉ ପରିସ୍ଥିତି ଦେଖି ତଟସ୍ଥ ହେଲେ । ରାଜକର୍ମଚାରୀମାନେ ରାଜାଙ୍କୁ ଜଣାଇଲେ କି ବୃଦ୍ଧରାଜାଙ୍କ ଗୁରୁ ଆସି ନବର ବାହାରେ ଅଛନ୍ତି । ତାଙ୍କୁ ନିବେଦନ କଲେ ସେ ନିଶ୍ଚିତ ଏହି ସମସ୍ୟାର ନିବାରଣର ରାସ୍ତା ବତେଇ ପାରିବେ । ରାଜା ଶୁଣିବା କ୍ଷଣି ଦୌଡିଗଲେ । ଗୁରୁଙ୍କୁ ସସମ୍ମାନେ ପାଛୋଟି ଆଣିଲେ । ଗୁରୁଙ୍କର ଯଥାବିଧି ସମ୍ମାନ ସତ୍କାର ପରେ ରାଜା ଗୁରୁଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସବୁକଥା ଜଣାଇଲେ ଏବଂ ଏହାର ପ୍ରତିକାର ନିବେଦନ କଲେ । ଯେହେତୁ ଗୁରୁ ଜଣେ ସିଦ୍ଧ ପୁରୁଷ ଥିଲେ ସେ ଚାହିଁଲେ ବର୍ଷା କରି ପାରିବେ । ଗୁରୁ ଟିକେ ସମୟ ଆଖି ବନ୍ଦ କରି ଯୋଗ ମୁଦ୍ରାରେ ବସିଲେ । କିଛି ସମୟ ପରେ ଆଖି ଖୋଲିଲେ । ଗୁରୁଦେବ ରାଜାଙ୍କୁ କହିଲେ ଯେ, ସେ ତାଙ୍କ ଜୀବନଯାକର ତପସ୍ୟାର ଫଳ ସ୍ୱରୂପ ସିଏ ମାତ୍ର ଥରଟିଏ ବର୍ଷା କରିପାରିବେ । ସେଥିପାଇଁ ରାଜାଙ୍କ ସହିତ ରାଜ୍ୟର ସମସ୍ତ ପ୍ରଜାଙ୍କୁ ଗୋଟିଏ ସର୍ତ୍ତ ମାନିବାକୁ ପଡିବ । ତାହେଲେ ଯାଇ ଏହି ସମସ୍ୟା ସବୁଦିନ ପାଇଁ ହଟିଯିବ । ଗୁରୁଙ୍କ ଠାରୁ ଏକଥା ଶୁଣି ରାଜା କହିଲେ, "ଆପଣ ସର୍ତ୍ତ ଉପସ୍ଥାପନ କରନ୍ତୁ, ମୋ ସହିତ ମୋ ରାଜ୍ୟବାସୀ ଆପଣଙ୍କ ସର୍ତ୍ତକୁ ଅକ୍ଷରେ ଅକ୍ଷରେ ମାନିନେବୁ" । ଗୁରୁଦେବ ରାଜାଙ୍କୁ ସଂକଳ୍ପ କରାଇଲେ । ତାପରେ ସର୍ତ୍ତ ଉପସ୍ଥାପନ କଲେ, ଯେ "ରାଜ୍ୟର ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବେ" । ଏହାଶୁଣି ରାଜାଙ୍କ ସହିତ ଉପସ୍ଥିତ ସମସ୍ତେ ଏକସ୍ୱରରେ ସର୍ତ୍ତ ସ୍ୱୀକାର କଲେ । ତାପରେ ଗୁରୁଦେବ ଏକ ବଟ ବୃକ୍ଷ ମୂଳରେ ଯୋଗମୁଦ୍ରାରେ ବସି ଇନ୍ଦ୍ରଦେବଙ୍କୁ ଆବାହନ କଲେ । କିଛି କ୍ଷଣ ପରେ ଇନ୍ଦ୍ରଦେବ ସନ୍ତୁଷ୍ଟ ହୋଇ ଘୋର ବର୍ଷା କଲେ । ପ୍ରଚଣ୍ଡ ଖରାରେ ଉତ୍ତପ୍ତ ଧରଣୀ ଶୀତଳ ହେଲା । ସାଙ୍ଗେ ସାଙ୍ଗେ ରାଜାଙ୍କ ଉପବନ ଫଳ ଓ ଫୁଲରେ ଭରିଗଲା । କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ରାଜ୍ୟବାସୀ ଚରମ ଶାନ୍ତି ଲାଭ କଲେ । ଗୁରୁଦେବ ତୀର୍ଥଯାତ୍ରାରେ ଚାଲିଗଲେ ।

ଦୀର୍ଘ ଦୁଇ ବର୍ଷ ପରେ ଗୁରୁଦେବ ସେହି ରାଜ୍ୟକୁ ଫେରିଲେ । ଗୁରୁ ଦେଖିଲେ ରାଜ୍ୟର ଚିତ୍ର ବଦଳିଯାଇଛି । ସବୁଜିମାରେ ଭରିଛି ରାଜ୍ୟର ଆବନପ୍ରାଙ୍ଗଣ । ଫୁଲ ଫଳର ସୁଗନ୍ଧରେ ମହକି ଉଠୁଛି ଚାରିଆଡେ । କି ମନୋରମ ପରିବେଶ !

ରାଜା ସସମ୍ମାନେ ପାଛୋଟି ନେଲେ ଗୁରୁଦେବଙ୍କୁ । ଯଥାବିଧି ଅଭ୍ୟର୍ଥନା ଜଣାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁଙ୍କ ସେବା କଲେ । ରାଜା ଗୁରୁଦେବଙ୍କୁ କହିଲେ, ଆପଣଙ୍କ କୃପାରୁ ଏଇ ରାଜ୍ୟ ସମୃଦ୍ଧ ହୋଇପାରିଛି । ଜଙ୍ଗଲ ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଉଛି । ରାଜ୍ୟବାସୀ ସୁଖରେ କାଳାତିପାତ କରୁଛନ୍ତି । ମୋ ରାଜ୍ୟ ଏବେ ପ୍ରଗତି କରୁଛି । ସେଥିପାଇଁ ଆପଣଙ୍କୁ କୃତଜ୍ଞତା ସହିତ ଧନ୍ୟବାଦ ଜଣାଉଛି ।

ଗୁରୁ କହିଲେ, ମନ୍ଦିର ନିର୍ମାଣ କରିବା ଭଲ କଥା । ପ୍ରଜାମାନେ ଆଧ୍ୟାତ୍ମବାଦୀ ହେଲେ ରାଜ୍ୟରେ ଭ୍ରଷ୍ଟାଚାର ବଢ଼ିବ ନାହିଁ । ଆବଶ୍ୟକତା ଠାରୁ ଅଧିକ ବୃକ୍ଷ ଛେଦନ ପରିବେଶ ପାଇଁ ବିପଦଜନକ । ରାଜାଙ୍କୁ କଲ୍ୟାଣ କରି ଗୁରୁଦେବ ଚାଲିଗଲେ ।


"ସର୍ବଦା ଶକ୍ତି ଓ ସମ୍ପଦ ଅପଚୟ କଲେ ବିପତ୍ତି ଆସେ " ! !

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେକାଳ ପଖାଳ



ବିନୟ ମହାପାତ୍ର

(୧୯୬୪-୬୫ ମସିହା ସମୟର ପୃଷ୍ଠଭୂମି ଉପରେ କାହାଣୀଟି ରଚିତ)

ଜାନୁଆରୀ ମାସର ଶୀତ ସକାଳ, ଚାରି ପଟେ ଘନ କୁହୁଡି ତାର ବହଳ ଚାଦର ତଳେ ସବୁ କିଛି ଢାଙ୍କି ରଖିଥାଏ । କୁହୁଡି ଘେରା ସକାଳରେ ଆମ କୂଅ ପାଖ ପିଜୁଳି ଗଛଟା ବି ଭଲ ଭାବେ ଦିଶେନି । ପ୍ରତିଦିନ ସକାଳେ ନିତ୍ୟକର୍ମ ପାଇଁ କୁଅ ପାଖରେ ଆମେ ସାତ ଭାଇ ଭଉଣୀ ପହଞ୍ଚି ଯାଉ । ସେଠାରେ ଆମେ ପହଞ୍ଚି ଦେଖୁ ଆମର ସେଇ ଝଙ୍କାଳିଆ ପିଜୁଳି ଗଛ ତଳେ କେତେ ଗୁଡିଏ ଖଣ୍ଡିଆ ପିଜୁଳି ସେମାନଙ୍କର କ୍ଷତାକ୍ତ ନାଳି ପେଟ ଦେଖେଇ ପଡି ଥାଆନ୍ତି, ସତେ ଅବା କେହି ତାଙ୍କର ପେଟ ଚିରି ଅନ୍ତବୁଜୁଳା ବାହାର କରି ଦେଇଛି । ସେଇ ଖଣ୍ଡିଆ ପିଜୁଳି ଗୁଡିକ ବଡ ଭୟାତୁର କଣ୍ଠରେ ଯେମିତି କହୁଥାନ୍ତି, ଆରେ ଦେଖରେ, କାଲି ରାତିରେ ବାଦୁଡି ଆସି କେମିତି ଆମ ପେଟ ଚିରି ଆମକୁ ଖାଇ ଦେଇଛନ୍ତି !

ଏଇ ପିଜୁଳି ଗଛଟା ଆମର ବାରମାସୀ ପିଜୁଳି ଗଛ, ବର୍ଷର ସବୁ ସମୟରେ ନୂଆ ନୂଆ ଫୁଲ ଫୁଟୁ ଥାଏ, କସି ପିଜୁଳି ବି ଥାଏ, ଆଉ ବହୁତ ସାରା ପାଚିଲା ପିଜୁଳି ବି ଝୁଲୁ ଥାଏ । ଖୁବ୍ ମିଠା ଆଉ ମାଉଁସିଆ ସେ ପିଜୁଳି, ତାର ମଞ୍ଜି ବି ବହୁତ ନରମ ନରମ, ଭିତରଟା ତାର ଲାଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟହ ଟହ । କିନ୍ତୁ ବଡ ବିଚିତ୍ର କଥା, ସବୁ ଦିନ ଦି'ପହରରେ ଆମେ ଯେତେ ବେଳେ ସ୍କୁଲରୁ ଫେରି ଏଇ ଗଛରେ ଚଢି ପାଚିଲା ପଜୁଳି ଖୋଜୁ, ସେତେ ବେଳେ ଆମକୁ ଗୋଟିଏ ବି ପାଚିଲା ପିଜୁଳି ମିଳେନା । କିନ୍ତୁ ସବୁ ଦିନ ସକାଳେ ଗଣ୍ଡା ଗଣ୍ଡା ଖଣ୍ଡିଆ ପିଜୁଳି ଏଇ ଗଛ ମୂଳରେ ଏମିତି ପଡି ଥାଏ । ଏଇ ଗଛଟା ବୋଧେ ବାଦୁଡି ମାନଙ୍କର ସାଙ୍ଗ, ଦିନରେ ଆମଠୁ ପିଜୁଳି ଲୁଚେଇକି ରଖେ, ଆଉ ରାତି ହେଲେ ବାଦୁଡିଙ୍କୁ ଗିଫ୍ଟ ଦେଇ ଦିଏ ।

ମୁଁ ପିଜୁଳି ଗଛକୁ ଅନେଇ ପାଚିଲା ପିଜୁଳି ଖୋଜୁଥାଏ, ଠିକ୍ ସେଇ ସମୟରେ ବଡ ଭାଇ ପଛ ପଟରୁ ଆସି କାନ ପାଖରେ ବଡ ପାଟିରେ କହେ, ହେଃ, ସେ ଖଣ୍ଡିଆ ପିଜୁଳି ଆଡେ ଚାହିଁ କଣ ଭାବୁଛୁ । ଜଲ୍‌ଦି ଦାନ୍ତ ଘସି ପକା, ସ୍କୁଲ ପାଇଁ ଡେରି ହୋଇ ଯିବ । ଦାନ୍ତ କାଠିଟାକୁ ପାଟିରେ ପୁରେଇ ଜୋରରେ ଭିଡି ଭାଡି ଦାନ୍ତ ଘସୁ ଘସୁ, ଭାଇ ପୁଣି କହେ, ନେ ଏଇ ଅଙ୍ଗାର ଗୁଣ୍ଡ ଟିକିଏ, ଏଥିରେ ଥରେ ଭଲ କରି ଘସି ଦେ, ଦେଖିବୁ ଦାନ୍ତ ସବୁ କେମିତି ଚକ୍ ଖଡି ପରି ଏକଦମ୍ ଚକ୍ ଚକ୍ ଧଳା ଦେଖା ଯିବ । ସେତେ ବେଳେ ଦାନ୍ତ ଘସିବା ପାଇଁ ଟୁଥ୍ ପେଷ୍ଟ କି ବ୍ରସ କିଛି ବି ମିଳୁ ନଥିଲା । ଜଙ୍ଗଲରୁ ଶାଳ କି କରଞ୍ଜ ଦାନ୍ତ କାଠି ଆଣି ଆଦିବାସୀ ମାନେ ବିକ୍ରି କରନ୍ତି, ମୋଟା ପତଳା ହୋଇ ଦଶ କୋଡିଏଟା ଦାନ୍ତ କାଠି ବିଡା ପାଞ୍ଚ ପଇସାରେ ମିଳି ଯାଏ । ବଡ ଲୋକମାନେ କିଏ କିଏ ଗୁଡାଖୁରେ ବି ଦାନ୍ତ ଘସନ୍ତି କିନ୍ତୁ ତେବେ ବି ତାଙ୍କର ଦାନ୍ତ କାଠି ଦରକାର ହୁଏ, ଦାନ୍ତ ଘସିବାକୁ ନୁହେଁ, ବରଂ ଜିଭ ଛେଲିବାକୁ । ଦାନ୍ତ କାଠିକୁ ଦାନ୍ତରେ କାମୁଡି ମଝିରୁ ଦିଫାଡ କରି ଦିଆଯାଏ, ଆଉ ସେଥିରେ ଜିଭ ଛେଲା ହୁଏ । ଭାଇର ଦାନ୍ତଘସା ଜିଭ ଛେଲା ସବୁ ସରିଲାଣି ସେ ଠିଆ ହୋଇ ମୋତେ ଦେଖୁଥାଏ କାଳେ ମୁଁ ଆଉ ଅଧିକ ଡେରି କରିଦେବି ବୋଲି । କହିଲା, କିରେ ସରିଲା ଦାନ୍ତଘସା, ଏବେ ଶିଘ୍ର ଜିଭ ଛେଲି ପକା, ମାଆ ଖାଇବାକୁ ଡାକୁଥିବ । ମୁଁ ଦାନ୍ତକାଠିକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାନ୍ତରେ ଫାଡି ଦି'ଚିରା କରିବା ବେଳକୁ ମାଆ ଡାକ ପକାଏ, ଆରେ ସରିଲା ତମର, ସଅଳ କାମ ସାରି ଆସ, ଖାଇବ । ସିଆଡେ ସ୍କୁଲ ଘଣ୍ଟି ବାଜିଯିବ ଯେ ।

ଶୀତ ଦିନ ସକାଳ, ତଥାପି ସ୍କୁଲ ତ ଯିବାକୁ ହେବ । ସାଢେ ସାତଟାରୁ ସ୍କୁଲ ଆରମ୍ଭ ହୁଏ ସ୍କୁଲ । ସକାଳୁ ଉଠି ଦାନ୍ତ ଘସି, ସ୍କୁଲ ପାଇଁ ସଫା ସୁତୁରା ଡ୍ରେସ ପିନ୍ଧୁ, ଆମ ସ୍କୁଲ ବେଳ ସମୟରେ ସ୍କୁଲ ୟୁନିଫର୍ମ ବୋଲି କିଛି ନଥିଲା, କିନ୍ତୁ ଘର ପିନ୍ଧା ଆଉ ସ୍କୁଲ ପିନ୍ଧା ଡ୍ରେସ ଅଲଗା ଅଲଗା ଥିଲା । ହାପ ପ୍ୟାଣ୍ଟ, ହାପ ସାର୍ଟ । ଶୀତ ହେଉକି ବର୍ଷା କି ଖରା ଦିନ, ବର୍ଷ ସାରା ସବୁ ଦିନ ସେଇ ଏକା ହାପ୍ ପ୍ୟାଣ୍ଟ, ହାପ୍ ସାର୍ଟ । ସ୍ୱେଟର କାଁ ଭାଁ କାହା କାହା ପାଖରେ କେମିତି ଥାଏ । କଲେଜ ପଢିଲେ ଯାଇ ଫୁଲ ପ୍ୟାଣ୍ଟ ମିଳୁଥିଲା । ଡ୍ରେସ ପିନ୍ଧିବାକୁ ଗଲା ବେଳକୁ ବାପା କେଉଁଠି ଥିବେ କେଜାଣି, ଆସି ପଚାରିବେ କିଏ କିଏ ସକାଳୁ ଝାଡା ଯାଇନ ? ସେତେ ବେଳେ ବାଡିରେ ଆମର ଗୋଟିଏ ବରପାଲି ପାଇଖାନା ଥିଲା । ଆଜି କାଲି ପରି ସେତେବେଳେ ସମସ୍ତଙ୍କ ବାଡିରେ କୁଅ କିମ୍ବା ପାଇଖାନା ନଥିଲା, ଆଜି କାଲି ପରି ସ୍ୱଚ୍ଛ ଭାରତ କଥା କାହା ମନରେ ଆସିନଥିଲା ବୋଧେ । ସକାଳ ହେଲେ କିଏ ରସ ଢାଳ କିଏ ପିତଳ ଢାଳରେ ପାଣି ଧରି ଗାଁ ମୁଣ୍ଡରେ ଥିବା ବିଲ ଭିତରକୁ ନହେଲେ ପୋଖରୀ ହୁଡାକୁ ନିତ୍ୟକର୍ମ ସାରିବାକୁ ଯାଆନ୍ତି । ଆମେ ସାତ ଭାଇ ଭଉଣୀ, ସକାଳ ଛଅଟାରେ ଉଠି ସାଢେ ଛଅଟା ଭିତରେ ସମସ୍ତେ ଯେ ପାଇଖାନାର ଦର୍ଶନ କରିଥିବେ, ସେ କଥା କହିବା ମୁସ୍କିଲ । କିନ୍ତୁ ବାପାଙ୍କ ଆଗରେ ସମସ୍ତେ ଗୋଟିଏ ସ୍ୱରରେ ହଁ କହି ଦିଅନ୍ତି । କିଏ ସତ କହୁଛି କିଏ ମିଛ କହୁଛି, ପରଖିବାକୁ ବାପାଙ୍କ ପାଖରେ ସମୟ ନଥାଏ । କିନ୍ତୁ ଏଇଟା ରେଗୁଲାର ଫରମାଲିଟି, ବାପା ନିଶ୍ଚୟ ପଚାରୁ ଥିଲେ, ଏବଂ ଆମେ ସମସ୍ତେ ଏକ ସ୍ୱରରେ ହଁ କହି ଦେଉ ଥିଲୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାନ୍ତ ଘସିବା ପରେ ମୁହଁ ଧୋଇସାରି ପାଣି ଟିକିଏ ନେଇ ହାତରେ ନେଇ ମୁଣ୍ଡବାଳକୁ ଓଦା କରିଦେଉ, ଯେପରି ଗାଧୋଇଲା ପରି ଦିଶିବ । ଘରେ ମାଆ ତେଲ ଶିଶି ନେଇ ଆମର ଅପେକ୍ଷା କରିଥାଏ, ମେଞ୍ଚାଏ ତେଲ ମୋ ମୁଣ୍ଡରେ ବୋଳି ପକାଏ । ବଡ ଭାଇ ନିଜେ ନିଜେ ତା ମୁଣ୍ଡରେ ତେଲ ଲଗାଏ ଆଉ ସିନ୍ଥୁଣି କାଢି ବଡ ଷ୍ଟାଇଲରେ ତା ମୁଣ୍ଡ କୁଣ୍ଡାଏ, ଯେମିତି ଆମର ଜଣେ ପିଉସା ଚୁଟି ଷ୍ଟାଇଲ କରି ମୁଣ୍ଡ କୁଣ୍ଡାନ୍ତି । କିନ୍ତୁ ମାଆ ମୋ ମୁଣ୍ଡ କୁଣ୍ଡାଇ ଦିଏ । ପିଲା ଦିନେ ମୋ ମୁଣ୍ଡର ଚୁଟି ସହଜରେ କୁଣ୍ଡେଇ ହୁଏନା । ଯେତେ ପାଣି ଲଗାଅ କି ତେଲ ବୋଳ, କୁଣ୍ଡେଇ ଦେଲା ପରେ ବି ସବୁ ଚୁଟି ସିଧା ଠିଆ ଠିଆ ହୋଇ ରହନ୍ତି । ସେଇଥି ପାଇଁ ମୋ ବଡ ଭାଇ ସବୁ ବେଳେ ମୋତେ ଟିଙ୍ଗା ବାଳିଆ କହି ଚିଡାଏ । ମାଆ ବି ବେଳେ ବେଳେ ବ୍ୟସ୍ତ ହୋଇ ଯାଏ, କହେ କଣ କରିବି ତୋ ଚୁଟିକୁ ? ଯେତେ କୁଣ୍ଡେଇଲେ ବି ଠିଆ ଠିଆ ହୋଇ ରହୁଛି । ବଡ ଭାଇ ମୋତେ ଚିଡେଇବାକୁ କହେ, ମାଆ ତା ଚୁଟିକୁ ଟିକିଏ ଇସ୍ତ୍ରୀ କରି ଦେଉନୁ । ମୁଁ ରାଗି ଯାଏ, ବଡ ଭାଇକୁ ମାରିବାକୁ ବାହାରିଲା ବେଳେ ମାଆ ମୋତେ ଧରି ପକାଏ ଆଉ କହେ, ହେଇ, ସ୍କୁଲ ପାଇଁ ଡେରି ହେଉଛି, ଚାଲ ଜଲ୍‌ଦି ଜଲ୍‌ଦି ଖାଇନିଅ, ସ୍କୁଲ ଡେରିରେ ପହଞ୍ଚିଲେ ମାଷ୍ଟ୍ରେ ଏକ ଗୋଡିଆ ଠିଆ କରେଇ ଦେବେ । ସ୍କୁଲରୁ ଫେରିଲେ ପଛେ ଝଗଡା କରି ନେବ ।

ବେଶ ପୋଷାକ ସାରିବା ପରେ ଖାଇବା ପର୍ବ । ଏତେ ସକାଳୁ କିଏ ବା କଣ ରୋଷେଇ କରି ପାରିବ ? ତେଣୁ ଖରା ହେଉ କି ବର୍ଷା କି ଶୀତ, ସବୁ ଦିନ ସକାଳେ ବାସି ପଖାଳ । ସ୍କୁଲରୁ ଆସିଲା ପରେ, ଦି ପହର ମିଲ୍ ଗରମ ଭାତ, ଡାଲି, ତରକାରୀ, ଭଜା ଆଉ କେତେ କଣ ରନ୍ଧା ହୋଇଥାଏ । ସେ ସମୟରେ ଖାଲି ସହରର ଲୋକେ ରାତିରେ ରୁଟି ଖାଉ ଥିଲେ, ନହେଲେ ଗାଆଁରେ ତ ରାତିର ଡିନରରେ ସଜ ପଖାଳ, ସକାଳ ବ୍ରେକଫାଷ୍ଟରେ ବାସି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଖାଳ, ଦି'ପହରର ଲଞ୍ଚଟା କିନ୍ତୁ ଗରମ ଭାତ ଆଉ ପଞ୍ଚଅଡା ତିଅଁଣ ! ରାତିର ବଳକା ଆଳୁ ଛୁଇଁ ଭଜା କିମ୍ବା ଆଳୁ କି ବାଡି ବାଇଗଣ ପୋଡା ସହିତ ମାଆ ବାଢିଦିଏ ତିନି ଚାରି କଂସାରେ ବାସି ପଖାଳ । ମାଟି ହାଣ୍ଡିର ସେ ଥଣ୍ଡା ଥଣ୍ଡା ପଖାଳ । ରୋଷେଇ ତ ରସ ଡେକ୍‌ଚିରେ ହୁଏ କିନ୍ତୁ ପଖଳା ଯାଏ ମାଟି ହାଣ୍ଡିରେ, ସେଥିରେ ଗିନାଏ ଜୁଆଣ ମିଶାଯାଏ (ଜୁଆଣ କହିଲେ ଆଗ ଦିନର ପୁରୁଣା ଖଟା ତୋରାଣୀ ଯେମିତି ଦହି ବସେଇବା ପାଇଁ ଖୀରରେ ଦହି ମିଶା ଯାଏ) । ସେ ପଖାଳର ମହକ ଆଜି ବି ଭୂଲି ହୁଏନା । ଅମୃତର ମହକ ବୋଧ ହୁଏ ଏମିତି ଥାଏ !

ଗୋଟେ କଂସାରେ ଦି' ଦି'ଜଣ । ମୁଁ ଆଉ ମୋ ବଡଭାଇ ଗୋଟିଏ କଂସାରେ ଖାଇ ବସୁ । ଆଜି ବି ମନେ ପଡିଲେ ବଡ ହସ ଲାଗେ । ମୋ ବଡ ଭାଇ ଟିକେ ବେଶି ସୁତୁରା ମଣିଷ, ବସୁ ବସୁ କହିବ, ଯାଆ ଭଲ କରି ହାତ ଧୋଇ ଆସ । ତାପରେ, ପୋଡା ଆଳୁ ବାଇଗଣ କେବଳ ସିଏ ପାଗ କରି ଚକଟିବେ । ମୋତେ କୁଆଡେ ଭଲ ପାଗ କରି ଆସେନା । ଚକଟିବା ଭିତରେ ମୋତେ ଦୁଇ ତିନି ଥର ଭାତ କଂଶାରୁ ନ ଉଠେଇଲେ ତାର ଚକଟା ପର୍ବଟା ସମ୍ପୁର୍ଣ୍ଣ ହୋଇ ପାରେନା । ଥରେ କହିବ ଯାଆ ବାଡିରୁ ଧନିଆ ଗଛ ଦିଟା ଓପାଡି ନେଇଆ, ବସୁ ବସୁ ପୁଣି କହିବ, ତୁ ଭଲ କି ଧୋଇକି ଆଣିନୁ, ଏଇ ଦେଖୁନୁ ଧନିଆ ଚେରରେ କେମିତି ମାଟି ଲାଗିଛି, ଇତ୍ୟାଦି ଇତ୍ୟାଦି । କିନ୍ତୁ ଶେଷ ରେଜଲ୍ଟଟା ବହୁତ ମଜାଦାର ହୁଏ । ଚକଟା ପାଗଟା ଖୁବ୍ ଟେଷ୍ଟି ହୋଇଥାଏ । ମୁଁ ତରବରରେ ଖାଇବା ବେଳେ କଂସା ଭିତରେ ମୋ ହାତକୁ ଜାବୁଡି ଧରିବ, କହିବ ଏତେ ଜଲ୍‌ଦି ଜଲ୍‌ଦି କାହିଁକି ଭାତ ଗିଳି ପକୁଛୁ ? ଗାଡି ପଳେଇବ କି ? ତୋ ପେଟ ଭିତରେ ଚୋବାଇବାକୁ କଣ ଆହୁରି ଅଲଗା ଦାନ୍ତ ଅଛି ? ଧୀରେ ଧିରେ ଖା । ତଣ୍ଟିରେ ଲାଗିବ । ସକାଳ ପଖାଳ ସାଙ୍ଗରେ କେବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚିଙ୍ଗୁଡି, ଲୁଣି ସୁଖୁଆ ଶୋରିଷ ମସଲା ଦେଇ ଭଜା ହୋଇଥାଏ । କେବେ ରସୁଣ ଅଦା କଞ୍ଚା ଲଙ୍କା ସହିତ ବଡିଚୁରା, କେବେ କୋଶଳା ସାଗ ଭଜା, କେବେ ଆଳୁ ମୁଳା ଭଜା କେବେ ଆଳୁ ଫୁଲକୋବି ଭଜା । ସାଙ୍ଗ ହୋଇ ଖାଇ ବସିଲେ ଜଣା ପଡେନି, ସକାଳୁ ସକାଳୁ ଆମେ କେତେ ଯେ ପଖାଳ ଖାଇ ଯାଉ ।

ଆମର ହାପ୍ ଇୟରଲି ପରୀକ୍ଷା ଏଇ ଶୀତ ଦିନରେ ହୁଏ, ପରୀକ୍ଷା ସରିଲା ପରେ ଧାନକଟା ଛୁଟି ଆରମ୍ଭ ହୋଇଯାଏ । ଯେତେ ଦିନ ଆମର ପରୀକ୍ଷା ଥାଏ, ସେତେ ଦିନ ମାଆ ବଡି ଭୋର, ରାତିକରୁ ଉଠି ଆମ ପାଇଁ ଗରମ ଭାତ, ମୁଗ ଡାଲିର ଡାଲମା ଆଉ ଆଳୁ ଭରତା ରାନ୍ଧି ଦିଏ । ମୁଗ ଡାଲିରେ ସବୁ ପରିବା ପଡି ଥାଏ, ବିଶେଷ କରି ମୂଳା ପଡି ଥାଏ ସେଥିରେ । ଆଃ, ଆଜି ବି ମୋର  ମନେ ପଡିଯାଏ ସେ ଡାଲମାର ମହକ ଆଉ ତାର ସୁଆଦ । ବାମ୍ଫ ଉଠୁ ଥିବା ଗରମ ଗରମ ଭାତରେ, ଘର ତିଆରି ଗୁଆଘିଅ ଆଉ ମୂଳା ବାସନା ବାଲା ସେ ଡାଲମା, ଆଜି ମନେ ପଡିଲେ ପାଟିରୁ ଲାଳ ବୋହି ଆସେ, ଆଉ ଆଖିରୁ ଲୁହ ଝରି ଆସେ । ମନେ ପଡି ଯାଏ ମାଆର ସେଇ କମନୀୟ, ମମତାମୟୀ ରୂପ । ତାର ସେ ପ୍ରେମମୟୀ ହୃଦୟରେ କେତେ ଯତ୍ନରେ ନିଜ ସନ୍ତାନ ମାନଙ୍କ ପାଇଁ ଅମୃତ ପରଶି ଦିଏ ତାର ହାତ ରନ୍ଧା ବ୍ୟଞ୍ଜନରେ । ସେଥିରେ ଯେତିକି ତେଲ ମସଲା ନଥାଏ ତା ଠାରୁ ଅନେକ ବେଶି, ତାର ମମତା ମିଶି ଥାଏ । ଆଜି ବି ମନେ ପଡେ ସେଇ ପିଲା ଦିନ । ସବୁ ଦୁଷ୍ଟାମୀ, ଅଳି ଅଝଟ, ଜିଦ୍ ରାଗ ରୁଷା ସବୁ କିଛି କେତେ ସହଜତାର ସହିତ ସେ ସହି ଯାଉଥିଲା । ଆଜି ସେ ଆଉ ନାହିଁ, ହେଲେ ଏଇ ହୃଦୟ ଭିତରେ ଆଜି ବି ତାର ସ୍ମୃତି ସେମିତି ତାଜା ହୋଇ ରହିଛି । ସେ ସ୍ଥାନ ଆଉ କେହି ନେଇ ପାରିବନି । ମାଆ ଆଖି ସାମ୍ନାରେ ଥିଲେ ବୋଧ ହୁଏ ତାର ଭଲ ପାଇବା ସେତେ ଭଲ ଭାବରେ ଅନୁଭବ କରି ହୁଏନା କିନ୍ତୁ ତାରି ଅନୁପସ୍ଥିତିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାର ଅଭାବ ସବୁ ଠାରୁ ଅଧିକ ଅନୁଭୂତ ହୁଏ ।

ଖାଇ ସାରିବା ପରେ ସ୍କୁଲ ଯିବା ପର୍ବ । ସ୍କୁଲ ବସ୍ତାନୀକୁ କାନ୍ଧର ଓହଳେଇ ଚାଲ ସ୍କୁଲ । ସେତେ ବେଳେ ତ ସ୍କୁଲ ବ୍ୟାଗ, ଟିଫିନ୍ ବାକ୍ସ କି ୱାଟର ବଟଲ କିଛି ନଥିଲା । ବହି ରଖିବାକୁ ସମସ୍ତଙ୍କ ପାଖରେ ଗୋଟିଏ ଗୋଟିଏ ବହି ବସ୍ତାନୀ ଥାଏ । ବସ୍ତାନୀ କହିଲେ ମୋଟା କନାରେ ତିଆରି ବ୍ୟାଗଟିଏ । ତା ଭିତରେ ବସିବା ପାଇଁ ଗୋଟିଏ ଆସନ, ଖଣ୍ଡେ ମାଟି ସିଲଟ, କାହା କାହା ପାଖରେ ଟିଣ ସ୍ଲେଟ ବି ଥାଏ, ସେଥିରେ ଅକ୍ଷର ଆଉ ସଂଖ୍ୟା ପ୍ରାକ୍ଟିସ କରା ଯାଏ । ମିଶାଣ, ଫେଡାଣ ଆଦି ଅଙ୍କ କଷା ହୁଏ । ଦୁଇ ଚାରି ଖଣ୍ଡ ବନଖଡି, ଚକ୍ ଖଡି ମୋଟା ଆଉ ଛୋଟ, ବନଖଡି ସରୁ ଆଉ ଲମ୍ବା । ଖଣ୍ଡେ ଛବିଳ ମଧୁ ବର୍ଣ୍ଣବୋଧ ବହି, ଆଉ ଖଣ୍ଡେ ଅଙ୍କ ବହି । ଲୋୟର ପ୍ରାଇମେରୀ ସ୍କୁଲ କହିଲେ ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏ । ଯାହା ପାଠ ପଢା ହୁଏ ସେ ସବୁ କେବଳ ସ୍କୁଲରେ ହୁଏ । ନା କିଛି ଖାତା ନା ପେନ କି ପେନସିଲ ନା ହୋମୱାର୍କ । କେବଳ ଓଡିଆ ପାଠ । ଅ, ଆ, ଇ, ଈ, ଏକ, ଦୁଇ, ତିନ, ଚାରି, ପାଞ୍ଚ । ପଣିକିଆ, ଦି'ଦୁଣେ ଚାର, ଦୁଇ ତିରିକି ଛଅ, ଦୁଇ ଚଉକ ଆଠ, ଦୁଇ ପଞ୍ଚା ଦଶ ଏମିତି ପଚିଶକ ପର୍ଯ୍ୟନ୍ତ ପଣିକିଆ । ସ୍କୁଲରେ ପ୍ରାର୍ଥନା ପରେ କ୍ଲାସରେ ପ୍ରଥମେ ପଣକିଆ ବୋଲା ସହିତ କ୍ଲାସ ଆରମ୍ଭ ହୁଏ । ପଣକିଆ ବଡ ବଡ ପାଟିରେ ଆବୃତ୍ତି କରା ଯାଏ । ପଣିକିଆ ବୋଲା ହେଲା ବେଳେ, ଲାଗେ ସ୍କୁଲ ଯେମିତି ପଡୁଛି, ଉଠୁଛି । ଚତୁର୍ଥ ଶ୍ରେଣୀ ହେଲେ ଯାଇ ପିଲାଙ୍କର ମାଇନର ସ୍କୁଲ ହୁଏ । ସେତେ ବେଳେ ପିଲାମାନଙ୍କୁ କାଠି କଲମ ଆଉ ସ୍ୟାହି ଦୁଆତ ଆଉ ଖାତା ମିଳେ ଲେଖିବାକୁ । ଫାଉଣ୍ଟେନ ପେନ କେହି ଦିଅନ୍ତିନି ପିଲାଙ୍କୁ, ବଲପେନ ତ ସ୍କୁଲ କାମରେ ଆଲାଉ ହୁଏନା । ଚତୁର୍ଥ ଶ୍ରେଣୀରେ ଇଂରାଜୀ ଶିଖାଯାଏ । ଏ, ବି, ସି, ଡି, ଇ, ଏଫ, ଜି, ୱାନ, ଟୁ, ଥ୍ରୀ, ଫୋର, ଫାଇଭ ଆଦି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଢା ହୁଏ । ବା ବା ବ୍ଲାକ ସିପ୍ ହାଭ ୟୁ ଏନି ଉଲ୍ ରାଇମ୍ସ ଶିଖା ଯାଏ ।

ଆମେ ସବୁ ଦିନ ସମୟ ଆଗରୁ ସ୍କୁଲରେ ପହଞ୍ଚି ଯାଉ । କିନ୍ତୁ ହେଡମାଷ୍ଟ୍ରେ ଆସିଲେ ଯାଇ କ୍ଲାସ ରୁମର ତାଲା ଖୋଲାଯାଏ । ଆମ ସ୍କୁଲର ହେଡମାଷ୍ଟ୍ରେ, ଗାଆଁ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ବି ଥିଲେ । ସ୍କୁଲଟି ଆମର ଚାରି ବଖରାର ଉଚ୍ଚା ଚାଳ ଛପର ଘରଟିଏ ଥିଲା । ତିନି ବଖରା ତିନି କ୍ଲାସ ପାଇଁ ଆଉ ଗୋଟିଏ ବଖରାରେ ହେଡ ମାଷ୍ଟ୍ରେଙ୍କ ଅଫିସ୍, ଷ୍ଟୋର ଆଉ ଆଲମାରୀ ପାର୍ଟିସନ ପଛ ପଟେ ଟିଚରସ କମନ ରୁମ । ଷ୍ଟାଫ କହିଲେ ହେଡମାଷ୍ଟ୍ରଙ୍କୁ ମିଶାଇ ଚାରି ଜଣ ଶିକ୍ଷକ । ସ୍କୁଲରେ ତ ଘଣ୍ଟିଟିଏ ବି ଟଙ୍ଗା ହୋଇଥାଏ । ସେଇଟା ଦିନରେ ଦୁଇ ଥର ବାଜେ । ଥରେ ସକାଳ ପ୍ରାର୍ଥନା ପାଇଁ ଆଉ ଥରେ ଦିନ ବାରଟା ବେଳେ ସ୍କୁଲ ଛୁଟି ହେବା ପାଇଁ । ସେତେବେଳେ ସମସ୍ତଙ୍କ ପାଖରେ ଘଡି ନଥିଲା କି ଆଜି କାଲି ପରି ମୋବାଇଲ ବି ନଥିଲା ସମୟ ଦେଖିବାକୁ । ହେଡମାଷ୍ଟ୍ରଙ୍କ ଅଫିସରେ ଗୋଟିଏ ପେଣ୍ଡୁଲମ ଘଡି ଥାଏ । ସେଇଟାକୁ ଦେଖି ହେଡମାଷ୍ଟ୍ରେ ଯେତେବେଳେ କହିବେ, ସେତେ ବେଳେ କେହି ଜଣେ ଶିକ୍ଷକ ଘଣ୍ଟି ବଜେଇ ଦିଅନ୍ତି । କେହି ନିକଟରେ ନଥିଲେ କେବେ କେବେ ନିଜେ ହେଡମାଷ୍ଟ୍ରେ ବି ଘଣ୍ଟି ବଜେଇ ଦିଅନ୍ତି ।

ଆମ ସ୍କୁଲଟି ଝାଟି ମାଟିର ଘର, କାନ୍ଥ ମାଟିର, ଚଟାଣ ବି ମାଟିର, ଉପରେ ଚାଳ ଛପର । କ୍ଲାସ ଘର ପ୍ରତି ଶନିବାର ସ୍କୁଲ ଛୁଟି ପରେ ଗୋବରରେ ଲିପା ପୋଛା ହୁଏ । ବର୍ଷା ଦିନେ କେବେ କେବେ କ୍ଲାସ ରୁମରେ ପାଣି ଗଳିଲେ ସକାଳକୁ ସେଠି ଛତୁ ବି ଫୁଟିଯାଏ । କ୍ଲାସରେ ଫର୍ଣ୍ଣିଚର କହିଲେ, କେବଳ ସାରଙ୍କ ପାଇଁ ଗୋଟିଏ ଟେବୁଲ, ଆଉ ଗୋଟିଏ ଚଉକି ଏବଂ କାନ୍ଥରେ ଟଙ୍ଗା ହୋଇଥାଏ କଳାପଟା ଟିଏ । ପିଲାମାନେ ପାଳିକରି କ୍ଲାସ ରୁମରେ ଝାଡୁ ଲଗାନ୍ତି । କ୍ଲାସ ଝାଡୁ ଲଗା ସରିଲା ପରେ ଆମେ ସବୁ ବସ୍ତାନୀ ନେଇ ଧାଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧାଡି ହେଇ ବସିବା ପାଇଁ ରଖୁ । ବସ୍ତାନୀରୁ ଆସନ କାଢି ବିଛେଇ ଦେଉ । ପୁଅ, ଝିଅ ସମସ୍ତଙ୍କ ପାଇଁ ଗୋଟିଏ ସ୍କୁଲ । କୋଡିଏ ତିରିଶ ଜଣ ପୁଅ ଆଉ ଦୁଇ ତିନି ଜଣ ଝିଅ ଥାଆନ୍ତି ଆମ କ୍ଲାସରେ । ଝିଅମାନଙ୍କ ପାଇଁ ଆଗ ଧାଡିଟି ଛାଡି ଦିଆଯାଏ । କ୍ଲାସର ପ୍ରଥମରୁ ଯିଏ ଥରେ ଯେଉଁ ସ୍ଥାନରେ ବସିଗଲା, ସେ ଜାଗାଟି ତା ପାଇଁ ପକ୍କା ହୋଇଯାଏ । କିନ୍ତୁ ବେଳେ ବେଳେ ପିଲାମାନେ ନିଜର ସାଙ୍ଗ ବଦଳେଇ ଦିଅନ୍ତି, ତେଣୁ ଜାଗା ବି ବଦଳେ । ସେଇ ସମୟରେ ପିଲାଙ୍କ ଭିତରେ ଝଗଡା ହୁଏ । ସେତେବେଳେ ଶିକ୍ଷକଙ୍କର ମଧ୍ୟସ୍ଥତାର ଆବଶ୍ୟକତା ହୁଏ । ଏଇ ସମୟରେ ପ୍ରାର୍ଥନା ପାଇଁ ଘଣ୍ଟି ବାଜେ । ସବୁ ପିଲା ନିଜ ନିଜ କ୍ଲାସରୁ ବାହାରି ସ୍କୁଲ ବାରଣ୍ଡାରେ ଧାଡି ହୋଇ ଠିଆ ହୋଇଯାଆନ୍ତି । ଦୁଇଜଣ ଝିଅ ପ୍ରାର୍ଥନା ବୋଲନ୍ତି । 'ଆହେ ଦୟାମୟ ବିଶ୍ୱବିହାରୀ' ବାକି ସବୁ ପିଲା ପାଳି ଧରନ୍ତି ।

ପ୍ରାର୍ଥନା ପରେ କ୍ଲାସ ଆରମ୍ଭ ହୁଏ । ମାଷ୍ଟ୍ରଙ୍କ ଟେବୁଲ ଉପରେ କଞ୍ଚା କନିଅର ବେତଟିଏ ଥୁଆ ହୋଇଥାଏ । ଏଇଟା କ୍ଲାସ ମନିଟରର ଡିୟୁଟି । ସବୁ ଦିନ ନୂଆ ବେତ । ସେ ସମୟରେ ପାଠପଢା ବଡ କଡା ଥିଲା, ମାଷ୍ଟ୍ରେ ବି । ସେମାନେ କିନ୍ତୁ ପିଲାମାନଙ୍କୁ ନିଜର ପୁଅ ଝିଅ ପରି ସ୍ନେହ କରୁଥିଲେ । ବଡ ସ୍ନେହରେ ଧ୍ୟାନ ଦେଇ ସବୁ ବୁଝାଇ ଶିଖଉ ଥିଲେ । କିନ୍ତୁ ବେତର ଡର ବି ଥିଲା ପିଲାଙ୍କ ମନରେ । ଏଇ ଡରକୁ ତାଜା କରିବା ପାଇଁ ମଝିରେ ମଝିରେ ତାର ବ୍ୟବହାର ବି କରୁଥିଲେ । କିଏ କିଏ ତ ବେତ ବାଜିବା ଆଗରୁ ଠିଆ ଠିଆ ପ୍ୟାଣ୍ଟରେ ପରିସ୍ରା କରି ଦେଉଥିଲେ । ସେ ପୁଅ ହେଉ କି ଝିଅ ହେଉ କିଛି ଫରକ ନଥିଲା ମାଷ୍ଟ୍ରଙ୍କ ପାଖରେ । ବେତ ମାଡ କଥା ଘରେ ମାଆ ବାପାଙ୍କ ପାଖରେ କେବେ ଅଭିଯୋଗ କଲେ ବି ସେଥିରେ କିଛି ଫରକ ପଡୁ ନଥିଲା । ବରଂ ମାଆ ବାପା ଓଲଟି କହୁଥିଲେ, ତୁ ପାଠ ପଢିବୁନି, ତାହେଲେ ମାଷ୍ଟ୍ରେ ତୋତେ ବେତରେ ମାରିବେନି ତ ଆଉ କଣ ଗେଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବେ ? ତେଣୁ ସ୍କୁଲ କଥା ସ୍କୁଲରେ ହିଁ ରହେ । ଆଉ ତା ପରଦିନ ସବୁ ପିଲା ପାଠ ଘୋଷି କି ଆସି ଯାଆନ୍ତି । ଯେଉଁଦିନ ପାଠ ଘୋଷା ହୋଇନଥାଏ, କେତେ ଦିଅଙ୍କୁ ଡାକୁ, ହେ ପ୍ରଭୁ ଆଜି ମାଷ୍ଟ୍ରେ ସ୍କୁଲ ନ ଆସନ୍ତେ କି ହେଲେ । କିନ୍ତୁ ପ୍ରଭୂ କେବେ ବି ଆମ ଗୁହାରୀ ଶୁଣନ୍ତିନି ! ଖରା ହେଉ କି ବର୍ଷା ହେଉ, କି ଝଡି ତୋଫାନ, କେବେ କୌଣସି ଶିକ୍ଷକ ଛୁଟି କରିବା ମୁଁ କେବେ ବି ଦେଖିନି । ସେଇ ମାଟି ଝାଟିର ସ୍କୁଲରେ ମାଷ୍ଟର ମାନଙ୍କର ସ୍ନେହ ଆଦର ଓ କଡା ଅନୁଶାସନ, ଦେଶ ଜାତିକୁ କେତେ କେତେ ମହାନ ଡାକ୍ତର, ଅଫିସର, ଇଞ୍ଜିନିୟର, ଓକିଲ ଓ ଜଜ୍ ଦାନ କରିଛି ।

ଆଜିର ସବୁ ସୁଖ ସୁବିଧା ଭିତରେ ଛାତ୍ର ମାନଙ୍କ ଭିତରେ ଆଜି ସେ ଅନୁଶାସନ ନାହିଁ । ଶିକ୍ଷକମାନଙ୍କ ପ୍ରତି ଛାତ୍ରଙ୍କର ସେ ଭକ୍ତି, ସେ ସମ୍ମାନ ନାହିଁ । ଶିକ୍ଷା ଆଜି ବ୍ୟବସାୟ ପାଲଟି ଯାଇଛି । ଆଜି କେହି ଜ୍ଞାନ ଅର୍ଜନ ପାଇଁ ନୁହେଁ ବରଂ ଭଲ ଚାକିରୀଟିଏ କି ଅଧିକ ରୋଜଗାର ପାଇଁ ପାଠ ପଢୁଛନ୍ତି । ଶିକ୍ଷକ ବି ସେମିତି, ବିଦ୍ୟା ଦାନର ମନୋବୃତ୍ତି ନାହିଁ, ଖାଲି ବିଦ୍ୟା ବିକ୍ରୟ ପାଇଁ ଅଛନ୍ତି । ଯେଉଁଠି କିଣା ବିକାର ସମ୍ବନ୍ଧ ଥାଏ ସେଠି ସମ୍ବେଦନା, ସମ୍ମାନ ବା ପ୍ରେମର ଭାବ କେଉଁ ଠାରୁ ଆସିବ ?

ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଗନ୍ମୟୀ



ଶିବ ନାରାୟଣ ଦାଶ

କବିତାର ଭୂମିକା:

ଶାରଦୀୟ ସମ୍ଭାର ନେଇ ଆସିଛି ପାର୍ବଣର ମହୋତ୍ସବ । ଦେବୀ ଦଶଭୁଜାଙ୍କର ଆଗମନୀରେ ଗଗନ ଭୁବନ ପ୍ରକମ୍ପିତ ହେବା ସଂଗେ ସଂଗେ, ସମସ୍ତ ବାତାବରଣରେ ଖେଳି ଉଠିଛି ଏକ ଅଲୌକିକ ଓ ଅତିଭୌତିକ ଆନନ୍ଦର ଲହରୀ । ଦୁର୍ଗତି ନାଶିନୀ 'ମା' ଦୁର୍ଗାଙ୍କର ଆବିର୍ଭାବରେ ଉଲ୍ଲସିତ ଏବଂ ରୋମାଂଚିତ ହେଉଛି ଧରାର ପ୍ରତିଟି ଧାରା ଆଉ ପ୍ରାଣ-ସ୍ପନ୍ଦନ: ଯେପରି ମୃଣମୟକୁ ଚିନ୍ମୟ ସୋପାନକୁ ଉତ୍ତୋଳିତ କରିନେବାପାଇଁ ଚିନ୍ମୟୀ ଜଗଜ୍ଜନନୀଙ୍କ ଧରାବତରଣ । ଏହାର ଠିକ ପରେ ପରେ ଆସି ଉପଗତ ହେବ ଶ୍ରୀମୟୀ "ମା" ମହାଲକ୍ଷ୍ମୀଙ୍କର ଭବ୍ୟ ଉପାସନା ଏବଂ ପୁଣି ଦୀପାବଳି ଅମାବାସ୍ୟାର ଘୋର ତମସାର କୁଝଟିକାକୁ ବିଦୀର୍ଣ୍ଣ କରି ଆଲୋକର ଚପଳା ଖେଳାଇ ନୃତ୍ୟରତା ହେବେ ଦିଗମ୍ବରୀ "ମା" ମହାକାଳୀ । ବେଶ କିଛି ମାସ ଶୀତର ପ୍ରକୋପ ଓ ପ୍ରାବଲ୍ୟ ଅତିକ୍ରାନ୍ତ ହେଲାପରେ, ଦିବ୍ୟ ଜନନୀଙ୍କର ଧରାବତରଣର ପ୍ରକ୍ରିୟାକୁ ଜାରି ରଖି ବସନ୍ତ ପଞ୍ଚମୀରେ ଉପାସିତା ହେବେ ବୀଣା-ବାଦିନୀ, ବିଦ୍ୟା-ଦାୟିନୀ "ମା" ସରସ୍ୱତୀ ।

ତେବେ ଆମ ସମ୍ମୁଖରେ ବିଭିନ୍ନ ରୂପେ ଆବିର୍ଭୂତା ହେଉଥିବା "ମା"ଙ୍କର ଏହି ବହୁଧା ଶକ୍ତିରୂପା ଦେବୀ ମାନେ କିଏ ? ସେମାନେ କଣ ବିବିଧ ଅଥବା ଏକଇ ଦିବ୍ୟ ଜନନୀଙ୍କର ବହୁରୂପୀ ଆତ୍ମପ୍ରକାଶ । ଏହି ସମ୍ପର୍କରେ, ମହାଯୋଗୀ ଋଷି ଶ୍ରୀ ଅରବିନ୍ଦଙ୍କର ଦିବ୍ୟ ଦୃଷ୍ଟିରେ ଉଦ୍ଭାସିତ "ମା"ଙ୍କର ସ୍ୱରୂପ ଏକାନ୍ତ ପ୍ରଣିଧାନ ଯୋଗ୍ୟ ଓ ପ୍ରାମାଣିକ । ଶ୍ରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅରବିନ୍ଦଙ୍କ ଭାଷାରେ ଏହି ଅଦ୍ୱିତୀୟା ଦିବ୍ୟ ଜନନୀ ହେଲେ ଭଗବତୀ ଚିତଶକ୍ତି । ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ - ଏହି ଶକ୍ତି ଚତୁଷ୍ଟୟ ହେଲେ "ମା"ଙ୍କର ଚାରୋଟି ପ୍ରଧାନ ବ୍ୟକ୍ତିରୂପ ଏବଂ ତାଙ୍କ ଦିବ୍ୟ ସ୍ୱରୂପର ଅଂଶ ଓ ବିଗ୍ରହ । ଏମାନଙ୍କ ମଧ୍ୟ ଦେଇ "ମା" ତାଙ୍କ ସନ୍ତାନମାନଙ୍କ ଉପରେ କାର୍ଯ୍ୟ କରନ୍ତି; ଭୁବନ ଭୁବନରେ, ତାଙ୍କର ସୃଷ୍ଟି ମଧ୍ୟରେ ଶୃଙ୍ଖଳା ଓ ସାମଞ୍ଜସ୍ୟ ବିଧାନ କରନ୍ତି ।

ଏତାଦୃଶ ଦିବ୍ୟ ଭଗବତୀ ଜନନୀଙ୍କୁ ଧ୍ୟାନପୂର୍ବକ, ଶାରଦୀୟ ବାସରରେ "ମା" ଦୁର୍ଗତି ନାଶିନୀ ଦୁର୍ଗାଙ୍କୁ ଆବାହନ କରିବାର ଆସ୍ପୃହା ନେଇ "ଜଗନ୍ମୟୀ" ତାଙ୍କରି ଚରଣରେ ଭକ୍ତିପୂତ ପୁଷ୍ପାଞ୍ଜଳି ।

ଜଗନ୍ମୟୀ

ତୁ ଲୋ ଚାରୁ-ଚନ୍ଦନ ଚର୍ଚ୍ଚିତ ତୋ'ର ଚପଳ ଚରଣ ଥାପିଲେ,
ମୋ'ର କଳୁଷ ଯେତେ ଧୋଇଯିବ ସବୁ ପଦ୍ମ-ପୟର ଛୁଇଁଲେ ।
ତୁ ଲୋ କାରୁ-କଜ୍ଜ୍ୱଳ ଚାହାଣିରେ ତୋ'ର ଅନ୍ତରେ ମୋ'ର ଚାହିଁଲେ,
ଅମା-ଅନ୍ଧାର ଘୋର ନାଶଯିବେ ମୋ'ର ହୃଦୟ-ପଦ୍ମ ଖୋଲିଲେ ।
ତୋ'ର କମଳ-କୋରକ ଅଙ୍ଗୁଳି ଚାଳି ମସ୍ତକ ମୋ'ର ଚୁମିଲେ,
ହୀନ କପାଳ-ଲିଖନ ଖଣ୍ଡନ ହେବ ସ୍ପର୍ଶ ତୋହର ପାଇଲେ ।
ହାସ୍ୟମୟୀ ତୋ' ନୟନ ଯୁଗଳେ ମୋର ଏ ନୟନ ଥାପିଲେ,
ତୁ ଗୋ ଝରିପଡୁ ହୋଇ ଅଶ୍ରୁର ଧାରା ଲୋତକ-ବନ୍ୟା ସଲିଳେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁ ଲୋ ପଦ୍ମ-ପଲାଶ ଲୋଚନେ ତୋହର ନୟନ ମଣି ମୋ ସାଜିଲେ,
ହେବ ଝଙ୍କୃତ ମୋ'ର ଜୀବନ-ବିତାନ ପୁଷ୍ପିତ କରି ସହଳେ ।
ତୋ'ର ଦୃଷ୍ଟି-ମଧୁର ସମ୍ମୋହନର ମନ୍ତ୍ର ଯାହାରେ ଛୁଇଁଛି,
ସେ ଯେ ଆପଣା ଭିତରେ ତନ୍ତ୍ରିତ, ତୋ'ର ଆଶିଷ ଧନ୍ୟ ହୋଇଛି ।
ତୁ ଲୋ ଲକ୍ଷ୍ମୀ-ପୟର ପକାଇ ତୋହର ଥିରି ଥିରି ହୋଇ ଚାଲିଲେ,
କେତେ ଫୁଟି ଉଠେ ପୁଣି ଲକ୍ଷ କମଳ କକ୍ଷ ପଥେ ତୋ ଅଚିରେ ।
ଶ୍ୟାମା-ଶର୍ବରୀ ତୁ ଲୋ କଣ୍ଠେ ତୋହର ରକ୍ତ ଜବାର ଭୂଷଣ,
ପୁଣି ମହାକାଳୀ ତୋ'ର ଅଳକ୍ତ-ପଦେ କାଳର କରାଳ ବଦନ ।

ଆଗୋ ବରବର୍ଣ୍ଣିନୀ, ଚମ୍ପା-ବରଣୀ, ଭୁବନ-ମୋହିନୀ ପରମା,
ଆଗୋ ବିଦ୍ୟାଦାୟିନୀ, ଶୁକ୍ଳାମ୍ବରୀ, ସୁମନୋହାରିଣୀ ସୁଷମା ।
ଆଗୋ ଦର୍ପ-ହାରିଣୀ, ଅସୁର-ନାଶିନୀ, ଚିର-ସଂହାର କାରିଣୀ,
ଆଗୋ କରାଳ-ବଦନୀ, ମହାକାଳୀ ତୁମେ ଦୁଷ୍ଟ, ଦନୁଜ ଦଳିନୀ ।
ଆଗୋ ଶୌର୍ଯ୍ୟ ଦାୟିନୀ, ଧୈର୍ଯ୍ୟ ଦାୟିନୀ, ଦୁଃଖ-ବିପଦ ତାରିଣୀ,
ଆଗୋ ମହା-ଈଶ୍ୱରୀ, ବୈରୀ-ଗଞ୍ଜନୀ, ଅଭୟ-ମୁଦ୍ରା ବାରିଣୀ ।
ଶ୍ରୀମୟୀ, ଧୀମୟୀ, ମାଧୁର୍ଯ୍ୟମୟୀ, ଶ୍ରୀମନ୍ତ, ଶୋଭା-ମାଳିନୀ,
ତୁମେ ମହାଲକ୍ଷ୍ମୀ ଗୋ ସୌମ୍ୟା, ସୁଷମା, ଅନ୍ତରତମା ମୋହିନୀ ।

ବିଶ୍ୱବ୍ୟାପିଣୀ, ବିଶ୍ୱରୂପିଣୀ, ବିଶ୍ୱେଶ୍ୱରୀ ଜନନୀ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତିଭୂତା ଗୁଣମୟୀ ତୁମେ, ତ୍ରିଗୁଣାତୀତା ଭବାନୀ ।
ତ୍ରିଗୁଣାତ୍ମିକା ଅବିଦ୍ୟା ପଥେ ବିଦ୍ୟା-ପ୍ରଦାୟୀ ବରଦା,
ସୃଷ୍ଟି-ପାଳନ-ସଂହାରେ କର ଆଲୋକନ୍ମୁଖୀ ସାରଦା ।
ବିଶ୍ୱାତୀତା ଗୋ ଅଦ୍ୱିତୀୟା ତୁମେ ଆଦ୍ୟା ଶକ୍ତି ଶିବାନୀ,
ଅନନ୍ତ କୋଟି ଭୁବନ-ଭବନେ ବ୍ରହ୍ମାଣ୍ଡ ଶୋଭା ଧାରିଣୀ ।
ଅକଳ୍ପନୀୟା, ମାନଷାଗୋଚର, ମହାଶକ୍ତି ଗୋ ପ୍ରଥମା,
ଦେବୀ ବିଗ୍ରହେ ଅର୍ଚ୍ଚିତା ତୁମେ କୃପା-ଆବିଷ୍ଟ ମହିମା ।


ଯୋଗୀ, ମୁନି-ଜନ ଧ୍ୟାନ ବିହାରିଣୀ ଭୂଲୋକେ ପୂଜିତା ବନ୍ଦ୍ୟା,
ଦ୍ୟୁଲୋକେ, ଗୋଲକେ ଦେବା-ଦେବୀଗଣ କରୁଥା'ନ୍ତି ସ୍ତୁତି-ସନ୍ଧ୍ୟା ।
ଆନନ୍ଦମୟୀ ଲୋ, ଚୈତନ୍ୟମୟୀ ତୁ, ସତ୍ୟମୟୀ ଗୋ ପରମା,
ଚିନ୍ମୟୀ ତୁ ଲୋ ମହା ଭୈରବୀ ତ୍ରିତାପ ନାଶିନୀ ରମ୍ୟା ।
କୃପା ପରବଶେ କୃପାମୟୀ ଆଗୋ ଆସିଅଛ ଅବତରି,
ଜଡର ଜଠରେ ଚୈତନ୍ୟ-ଚମକ ଦେବାପାଇଁ ତୁମେ ଭରି ।
ଗୁଣ-ଆଶ୍ରୟେ ଲୀଳାମୟୀ ତୁମେ ଶାଶ୍ୱତ-ସନାତନୀ,
ପରିତ୍ରାତା ଶରଣାଗତେ, ଚାମୁଣ୍ଡା, ନାରାୟଣୀ ।

ଇମେଲ୍ : dasshibanarayan61@Gmail.com
ମୋ: ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଗାଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୩)

ଗାଁର ଗରିବ ଘରେ ଅତି ଅଜଣାରେ

କାଉଁରି କାଠିର ଚିଆଁ ଲାଗିଯାଏ ଆସି ବୟସରେ !

ଅନ୍ନ ବିନା ଅବସନ୍ନ ତଥାପି ଉଦଣ୍ଡ ହୁଏ

ଅମାନିଆ ଉଦ୍ଧତ ଯୌବନ,

କଅଁଳଇ ଛନଛନ ଶୁଖି ମରି ଯାଉଥିବା ମନ !

ଗୌରୀ କିଛି ବୁଝେ ନାହିଁ ବଢନ୍ତା ବୟସ କଳା,

ବୟସକୁ ଡେଇଁ ଧୀରେ ଧୀରେ

ମସିଆ ଦେହଟା ତା'ର ତମ୍ବା ପରି ଝଳି ଉଠେ,

ଘଷିମାଜି ହେବା ପାଇଁ ଅକାରଣେ ମନଟା ଚହଟେ ।

ଦିନେ କେଉଁ ଅଜ୍ଞାତ ତିଥିରେ

ଘରଯୋଗ୍ୟା ହୁଏ କେଉଁ ଚକିତ୍ର କିଶୋରୀ,

ଅତୀତ କଣ୍ଢେଇ ଖେଳ ଦିଏ ସେ ପାସୋରି ।

ଏକବସ୍ତ୍ର ହୋଇ କେଉଁ ଘରକୋଣେ ଲୁଚେ,

ଭୂଇଁରେ ଦିଏନା ପାଦ,

ଦେଖେଁନାହିଁ ପୁରୁଷର ମୁଖ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳକଳ ଛଳଛଳ ଚପଳ ପରାଣେ

ବୟସଟା ଭରିଦିଏ ଅଜଣା ଆତଙ୍କ !

ଅମାନିଆ ପେଟ ଯା'ର କେବେ ପୂରେ ନାହିଁ !

ଖାଁ ଖାଁ ଖଂକା ପେଟ ଆଁ କରି ସଦା ଯାଇ ପିଠିରେ ଲାଗଇ,

ସେହି ରାମ, ଦାମ, ଗୋପୀ, ମଦନା ବିଶୋଇ,

ଅପାରଗ ଅସହାୟ ବାପମାନଙ୍କର

ମୁଣ୍ଡରେ ଚଡକ ପଡେ କନ୍ୟାଦାନ ପାଇଁ,

ଋତୁମତୀ ଅନୂଢ଼ା କୁମାରୀ କନ୍ୟା

ଘରେ କେବେ ବେଶୀଦିନ ରଖିବାର ନାହିଁ ।

କେଉଁ ଏକ ଶୁଭଲଗ୍ନ ବିବାହ ତିଥିରେ

ଶୁଭ ପରିଣୟ ଶଙ୍ଖ ବାଜିଉଠେ ତୁହାଇ ତୁହାଇ,

ତେଲିଙ୍ଗି ବାଇଦ ବାଜେ,

କୁଳ ଲଳନାଙ୍କ କଣ୍ଠୁ ହୁଳହୁଳୀ, ଋତ୍ୱିକର ମନ୍ତ୍ରପାଠ ସଂଗେ

ଗୁଞ୍ଜିଉଠେ ମଙ୍ଗଳ ମହୁରୀ ମାଲକୋଷ ରାଗେ ।

ନହୁଲି କିଶୋରୀ କାନ୍ଦେ ରୋମାଞ୍ଚ ବିଧୁରେ,

ପୁରନାରୀ ବାହୁନନ୍ତି ସୁକୁମାରୀ କନ୍ୟା ବିରହରେ ।

ଭୋଜିଭାତ କ୍ଷୀରୀ ଆରିଷାରେ

ଆମ ଗାଁ ବାହା ହୁଏ ଶେଷ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ କନ୍ୟା ପାଇଁ ହୁଏ ବିବାହ ଉତ୍ସବ
ପତି ସଂଗେ ଯିବାବେଳେ କାନ୍ଦି କାନ୍ଦି କହେ,
ବାପା ହେ ! ଜାଣେନା ମୁଁ ଘରଘୋର
ଏ ବିଷୟା ବିଷ କି ପୀୟୂଷ
ଡଡିଦେଲ ମୋତେ, କଲି ଶ୍ରୀଚରଣେ ଅବା କେଉଁ ଦୋଷ !

ଋତୁରଙ୍ଗେ ରମଣୀୟ ଦିଶେ ମୋ' ପଲ୍ଲୀର ସବୁଜ ପୃଥିବୀ,
ବାରମାସ ତେର ପରବରେ
ଆମ ଗାଁ ହସେ ନବନବୀନା ରୂପରେ,
ବନେ ଉପବନେ ଯେବେ
ସୁରଭିତ ଫଗୁଳ ଫଗୁଣେ
କିଶୋରୀର ପ୍ରଥମ ଯୌବନ ପରି,
ଋତୁରାଜ ଲୁଚିଛପି ଆସେ ଅତି ଅଜଣାରେ !
ଆମ ଗାଁ ବନ ତୋଟାମାଳେ
ମଳୟର ମଧୁର ପରଶେ ପୁଲକିତ ପଲ୍ଲବ କଅଁଳେ,
ହସି ଉଠେ ବନବୀଥି ପୁଷ୍ପିତ ହସରେ,
ଯୌବନର ଗୁରୁଭାରେ ନଇଁଯାଏ ଶାଖାର ଯୁବତୀ,
କାନନର କୁଆଁରୀ ଦେହରେ ଶିହରଣ ଖେଳେ !
ପୁଷ୍ପବତୀ ଆମ୍ବ ବଉଳରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭରିଯାଏ ମହମହ ମହକର ମଧୁ,

ସହକାର ପତ୍ର ଗହଳରେ

ନିରିଜନେ ଲୁଚିଛପି ବୋବାଏ କୋଇଲି,

ଝରିଯାଏ ବଉଳରୁ ପୁଷ୍ପରସ ଅମୃତର ବିନ୍ଦୁ ।

ଧନଧାନ୍ୟେ ଭରା ମଧୁମାସେ

ମହାସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ସମାରୋହ ଆସେ ।

ଗାଁ ଚାଟଶାଳୀ ପୀଠେ ବାଗଦେବୀର ହୋଇ ଆରାଧନା,

ଅଜ୍ଞାନର ଅନ୍ଧକାରୁ ଜଳିଉଠେ ଜ୍ଞାନର ଆଲୋକ,

ଅବିଦ୍ୟାର ଜୀବନରେ ଝଳିଉଠେ ବିଦ୍ୟାର ସାଧନା ।

ମୋ ଗାଁରେ ଦୋଳ ପୂର୍ଣ୍ଣିମାରେ

ମଙ୍ଗଳ ଉତ୍ସବ ହୁଏ ଘରେଘରେ ମହା ଆଡ଼ମ୍ବରେ,

ଦୋଳରେ ଗୋପାଳେ ଥାପି ପୂର୍ଣ୍ଣକୁମ୍ଭ ଘରର ଦୁଆରେ,

ଗୋରଚନା ଚିତା ଲେଖି ନିଜ ଲଲାଟରେ,

ଗୋବର୍ଦ୍ଧନଧାରୀ ପୂଜା କରନ୍ତି ଭକ୍ତିରେ ।

ଗୋ ସେବା ପୂଜାରେ ଗୋପୀ ଗୋପାଳର ବିତଇ ସେଦିନ,

ଦରିଦ୍ରଙ୍କୁ ବିତରନ୍ତି ଦୁଗ୍ଧ, ବସ୍ତ୍ର, ଅନ୍ନ ।

ଫଗୁଣରେ ଫଗୁ ବୋଳି

ମୋ' ପଲ୍ଲୀର ଛନଛନ କନକ ଦେହରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଟଳ ପତ୍ରରେ ଦେଇ ଚଟୁଳ ଚୁମ୍ବନ,

ମଧୁର ମଧୁ ଉତ୍ସବ ଦୋଳ ଆସେ ଉଲ୍ଲୋଳ ଉଲ୍ଲାସେ,

ଦିନ ହସେ, ରାତି ହସେ ବୁଢ଼ାବୁଢ଼ୀ ହସନ୍ତି ସରସେ ।

ହସି ବାଳଗୋବିନ୍ଦ ପୂର୍ଣ୍ଣିମାର ରଜତ ପରଶେ,

ଲାଲମୋହନ ହସରେ ଭରଭର ପିଚିକାରୀ ହସେ ।

ଦୋଳିରେ ଦୋଳଗୋବିନ୍ଦ, ରାଇ ବିନୋଦିନୀ,

ଯମୁନା ପୁଳିନେ କେଳି କଦମ୍ବ ମୂଳରେ

ତ୍ରିଭଙ୍ଗ ଠାଣିରେ ବିରଜିଲା ପରି ଦିଶେ ।

ରଙ୍ଗର ତରଙ୍ଗ ଖେଳେ,

ରଙ୍ଗରାଗେ ଜୀବନ ବଉଳେ,

ଦେହରେ ଲାଗଇ ରଙ୍ଗ ଲାଗଇ ମନରେ,

ଯୁବକ ଯୁବତୀ ପ୍ରାଣେ ରଙ୍ଗଲାଗେ ଅତି ଗୋପନରେ ।

ନର ନାରାୟଣଙ୍କର ହୁଅଇ ମିଳନ,

ହୋରିରେ ହରଷେ ହରି ଗାଁ ଗାଁ ବୁଲନ୍ତି ଚାଚେରୀ,

ମେଳଣରେ ନାମାମୃତ ପାନ-କୀର୍ତ୍ତନରେ

ନରଦେହେ ଦେବଶକ୍ତି ଆସେ ଅବତରି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାଆଁ ମୋର ରସଗୋଲା



ଜୟନ୍ତ କୁମାର ମଲ୍ଲିକ

ନାଆଁ ମୋର ରସଗୋଲା
ଦେହ ଭାରି ନରମ
ଖାଇବ ଖୁସିରେ ମତେ
ଭୁଲି ଲାଜ ସରମ ।
ଦେଖିବାକୁ ଗୋଲ୍ ଗୋଲ୍
ଧୋବ ଫର ଫରତ
ଖାଇଲା ବେଳେ ପାଟିରୁ
ରସ ଝର ଝରତ ।
ନରମ ଦୁଧ ଛେନାରେ
ଗଢ଼ା ହୋଇ ଫୁଟଇ
ସେକାଳେ ଗରମ ଦେହୁ
ବାମ୍ଫ ଖାଲି ଛୁଟଇ ।
ଭଲଭାବେ ସିଝି ସାରି
ପଶେ ମୁଁ ତ ରସରେ
ରସ ପିଇ ସାରି ଫୁଲି
ମୋହି ଥାଏ ହସରେ ।
ଧୋବ ଫରଫର ମୁଁ ଯେ
ଭାରି ସଫା ସୁତୁରା
ଗୋଲାପଜାମୁ ମୋ ଭାଇ
ଜଲିପି ମୋ ପୁତୁରା ।
ଦେବାଦେବୀଙ୍କ ପାଖରେ
ଭୋଗ ମୁଁ ଯେ ସାଜଇ
ମତେ ଦେଖି ମନରେ ତ
ଖୁସି ବାଜା ବାଜଇ ।
ମୋ ପାଇଁତ ହସି ଉଠେ
ହସଖୁସି ପସରା
ସବୁବେଳେ ମୋ ମହିମା
ଅଟଇତ ଅସରା ।

ଶୂରଡିହ, ନନ୍ଦିପୁର, ଦଶରଥପୁର ଯାଜପୁର
ମୋ;-୯୪୩୭୮୬୫୭୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ଓ ଆମେ



ପ୍ରଦୀପ୍ତ କିଶୋର ମିଶ୍ର

ତମେ ବଢିଯାଅ ପର୍ଣ୍ଣଭୋଜି ଉଦ୍ୟାନପରି
ଆମେ ଯଥା ପୁର୍ବ ତଥା ପର
ଶିକ୍ଷା ନଥାଇ ଶିକ୍ଷାବିତ ସମାଜଶାସ୍ତ୍ରୀ ହୁଅ
ଆମେ ଯେ କେବଳ ଚାକର ।
ମାନପତ୍ର ସମ୍ମାନ ତମ ଭାଗ୍ୟେ ଲେଖାଅଛି
ଆମର ଭାଗ୍ୟବୋଲି କିଛିନାହିଁ
ତମ ଆମ ମଧ୍ୟରେ କେତେ ଯୋଜନ ଫରକ
କିନ୍ତୁ ତମେ ରୁହ ସେବକ ନାଁ ବହି ।
ଆମେ ଭାରତର କେବଳ ବୋଧେ ସନ୍ତାନ
ତମେ ସିନା ଇଣ୍ଡିଆର ନାଗରିକ
ଈଶ୍ୱର ଆମପାଇଁ ନୀରବ ନିର୍ଜୀବ ଦର୍ଶକ
କିନ୍ତୁ ପୁରଣ ହୁଏ ତୁମ ମାନସିକ ।
ତମେ କେବେ ବୁଝନା ଉଷ୍ଣତାର ସଂଜ୍ଞାନ
ଆମେ ବୁହାଇ ମେଞ୍ଚାଏ ସ୍ୱେଦ
ଆମେ ଗଢିଛୁ ଆମ ଭାରତବର୍ଷକୁ ଏମିତି
ତମେତ ଗଢିଥାଅ ଜାତି ଭେଦ ।
ଆମର ସ୍ୱପ୍ନ କେବେବି ସମ୍ପୁର୍ଣ୍ଣ ହୁଏନାହିଁ
ନିଦ କିନ୍ତୁ ଭରିଥାଏ ଆମଠାରେ
ତମର ତ କିଛି ଯାଚଞ୍ଚା ନଥାଏ କେବେବି
ତମ ଉପଭୋଗବାଦୀ ଭାଗ୍ୟରେ ।
ତମେ ଯେମିତି ଇଣ୍ଡିଆର ସୁଯୋଗ୍ୟସନ୍ତାନ
ଯାହା ମିଳିଛି ବଂଶାନୁକ୍ରମ ଉପହାର
ଆମେ ଏଠି କେବଳ ମାତ୍ର ଆନ୍ଦୋଳନଜିବୀ
ମାଗିବୁ ଭରିଦିଅ ପାତ୍ର ଆମର ।
ଆମପାଇଁ ଧରମ ଆମପାଇଁ ଜାତି ପ୍ରଜାତି
ତମେ କେବଳ ଅମୃତ ସନ୍ତାନ
ପେଟ ପିଠିପାଇଁ ସଂଘର୍ଷ କରିକରି ସିନା
ସରେନି ଏଠିକାହିଁ ରାତିଓଦିନ ।
ମୃତ୍ୟୁ ଆମର ଜୀବନର କେବଳ ତ ଲକ୍ଷ୍ୟ
ତମେ ଯେ କିନ୍ତୁ ସଦା ଚିରଞ୍ଜିବି
ଆମେ ଏଠାରେ ମିଛ ଭାଗ୍ୟ ଖୋଜିଖୋଜି
କେତେବେଳେ ଯିବୁହିଁ ନୀରବି ।

ଯାଜପୁର, ୯୬୫୮୬୧୪୭୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଘୋର କଳିକାଳ



ଅଲେଖ ମେହେର

ପରହିତେ ଥିଲେ ଦଂଶଇ ଅହି,
କୁଟ କପଟର ଜ୍ୱଳନ ସହି ।
କଲରାକୁ ସିନା ନ ଛୁଏ କୀଟ,
ବରକୋଳି ସଢେ ହେବାରୁ ମିଷ୍ଟ ।
ଘୋର କଳି କାଳ,
ମିତ୍ର ସାଜେ ଗୁପ୍ତେ  ଭୁଜଙ୍ଗ ମାଳ ।
ଖରସ୍ରୋତା ସୁଅ ଗହ୍ୱରୁ ଟାଣି,
ଅଯାଚିତେ ସ୍ନେହ ବରଷେ ଆଣି ।
ତା'କୁ ତଳାତଳ ପ୍ରେରଣ ପାଇଁ,
ଆଗେ କୂଅ ପଛେ ଖୋଳଇ ଘାଇ ।
ଘୋର କଳି କାଳ,
ମିତ୍ର ସାଜେ ଗୁପ୍ତେ ଭୁଜଙ୍ଗ ମାଳ ।
ସମ୍ବଲକ ମାଟି ଅଲିଭା  ତାରା,
ଦୟାନିଧି ଲୋଭେ ପଡିଲେ ଧରା ।
ଜୟଚନ୍ଦ୍ର ଦ୍ରୋହୀ ଡାକିଲା ଘୋରୀ,
ସ୍ୱାଧୀନ ରାଷ୍ଟ୍ରକୁ  ବିକ୍ରୟ କରି
ଘୋର କଳି କାଳ,
ମିତ୍ରସାଜେ ଗୁପ୍ତେ ଭୁଜଙ୍ଗ ମାଳ ।

ଧରମ ଶିଖାଏ  ଶାନ୍ତି ଅହଂସା,
ସ୍ୱାର୍ଥ ପାଇଁ  ନର ବୁଡାଏ ହଂସା ।
ଡେଙ୍ଗୁ ମେଲେରିଆ ସାଥିରେ କୁଷ୍ଠ,
ସଙ୍ଗତେ ତୁଳନା କରେ  ପାପିଷ୍ଠ ।
ଘୋର କଳି କାଳ,
ମିତ୍ର ସାଜେ ଗୁପ୍ତେ ଭୁଜଙ୍ଗ ମାଳ ।
ସ୍ୱାର୍ଥ ହୟ ଧାଏଁ  ସତ୍ତା ପଛରେ,
ଗୁପ୍ତ ରଖି ମନୋବାଞ୍ଛା ବସ୍ତରେ ।
ବାଜିଗଲେ ଥରେ ପେଁକାଳି ଉଚ୍ଛେ,
ନିଜ ସ୍ୱପ୍ନ ଗଢି ଠେଲିବ ନିଚେ  ।
ଘୋର କଳି କାଳ,
ମିତ୍ର ସାଜେ ଗୁପ୍ତେ ଭୁଜଙ୍ଗ ମାଳ ।

ବରପଦର, ଗୋବିନ୍ଦପୁର
ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଈ-ପତ୍ରିକା

 Magazine Downloaded from www.aahwaan.com

# ଜହୁରୀକୁ ଜଣା



ଶିବ ପ୍ରସାଦ ଚାନ୍ଦ

ଜହୁରୀକୁ ଜଣା ଜାତି ଜାତି ହୀରା
ବାଛି ବାଛି ଦିଏ ମୂଲ
ମାଳୀ ସିନା ଜାଣେ କେଉଁ ଦିଅଁ ପାଇଁ
ଲୋଡା ହୁଏ କେଉଁ ଫୁଲ ।

ନାଉରୀକୁ ଜଣା ନାଆ ବାହୁଥିଲେ
କେତେ ପାଣି କେଉଁ ଗଣ୍ଡେ
ରାନ୍ଧୁଣିଆ ଗୁଣ ଜଣା ପଡିଯାଏ
ଚାଖି ଦେଲେ ଟିକେ ତୁଣ୍ଡେ ।

ମହୁମାଛି ଜାଣେ କେଉଁ ଫୁଲ ଦେହେ
ଭରିଅଛି କେତେ ରସ
ଚଷା ପୁଅ ଜାଣେ କେଉଁ ମାଟି ଦେହେ
କି ଫସଲ ହେବ ଚାଷ ।

କୁମ୍ଭାରକୁ ଜଣା ହାଣ୍ଡି ଗଢିବାକୁ
ଲୋଡା ହୁଏ କେଉଁ ମାଟି
ଜୁଆଡିକୁ ଜଣା ପଶାପାଲି ଦେହେ
କେମିତି ଚାଲିବ ଗୋଟି ।

କମାରକୁ ଜଣା ଲୁହା ଦେହେ ପାଣି
ବଢେଇକୁ ଜଣା କାଠ
ଗୁରୁଜୀଙ୍କୁ ଜଣା କେଉଁ ଚାଟ ଦେହେ
ଲୁଚି ଅଛି କେଉଁ ପାଠ ।

ପୁରୁଣିଆଁ, କେନ୍ଦୁଝର
ସଂପର୍କ : ୯୪୩୮୧୬୦୫୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଦିନର ସକାଳ ଓ ସଞ୍ଜ



ଡଃ ଅମୀୟ ମହାପାତ୍ର

ସିନ୍ଦୂରା ଫାଟିଲା
ପୂରୁବ ଆକାଶେ ସୂରୁଯ ଉଠିଲା
ପକ୍ଷୀ କଳରବ ସକାଳ ସନ୍ଦେଶ ଦେଇଗଲା ।
ସକାଳ ଶିତଳ ସୁଲୁ ସୁଲୁ ବାଆ
ଦେହ ଉଲୁସାଇ ଦିଏ,
ସୁନ୍ଦର ଶ୍ୟାମଳ ପ୍ରକୃତି ସୁଷମା
ଜନ ମନ ମୋହି ନିଏ ।
ସାରା ଆକାଶରେ ଧଳା ବାଦଲର
ପତଳା ଚାଦର ଧୀରେ ଧୀରେ ଭରିଗଲା,
କେତେ ରଙ୍ଗରେ ରଙ୍ଗୀନ ଆକାଶ
ଉଡ଼ି ବୁଲୁଛନ୍ତି କାକ କୁମ୍ଭାଟୁଆ
କଜଳପାତି, ହଳଦୀ ବସନ୍ତ
ପକ୍ଷୀଙ୍କ କୂଜନ ସଂଗୀତେ ସୁରେ ଭରି ଦେଲା ।

ସକାଳର ଏଇ ଅପୂର୍ବ ମୁହୂର୍ତ୍ତ
ଦିବ୍ୟ ଚେତନର ସ୍ନିଗ୍ଧ ଅନୁଭବ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକ୍ଷୀ ମାନଙ୍କର କାକ୍‌ଳୀ କୂଜନ
କି ଚମତ୍କାର ଆହା ! କି ଅପରୂପ
ମନଲୋଭା ଏଇ ପ୍ରଭାତୀ ଲାବଣ୍ୟ ।

ଦିନ ଅବଶେଷେ
ଦିନମଣି ହସେ ପଶ୍ଚିମ ଆକାଶେ
ମାଗଇ ମେଲାଣି ଯିବାକୁ ବାସେ,
ଗାଁ ମନ୍ଦିରର ଘଣ୍ଟ ଘଣ୍ଟା ଧ୍ୱନୀ
ହରି ନିଏ ମନ ଅବସାଦ,
ଦୂରୁ ଭାସି ଆସେ ଗୁରୁ ଗମ୍ଭୀର
ଐଶ୍ୱରୀୟ ଶଙ୍ଖ ନାଦ ।

କେତେ ବେଳେ ପୁଣି, ଗାଁ ଦାଣ୍ଡରେ
ଗୋଧୂଳିର ଧୂଳି ଉଡେଇ ଉଡେଇ
ଘର ଲେଉଟାଣି ଗୋରୁ ପଲଙ୍କର
ଶୁଭେ ହମ୍ବା ରଡ଼ି ତାଳ ଦେଇ ।
ଗାଇଆଳ ପିଲା ବେସୂରା ବଂଶୀର ,
ମୃଦୁ ସ୍ୱନ ଆସେ ଛୁଟି
ଦୂର ପାହାଡ଼ ଫାଙ୍କରେ ବୁଡି ଯାଏ ସୂର୍ଯ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗେ, ସତେ କେଉଁ ଯଶୋଦା ମାଆର

ଅଝଟିଆ କହ୍ନା ବଇଁଶୀ ବଜେଇ

ମାଆର କୋଳକୁ ଆସୁଛି ଦଉଡ଼ି ଦଉଡି  ।

ସରାଗରେ, ମା ' ଚାହିଁଛି ଯେମିତି

ପୁଅର ଆସିବା ବାଟକୁ,

କୋଳେ ଭରି ନେଇ କୁଣ୍ଢେଇ ଧରି

ସେନେହ ଚୁମାରେ ଭରି ଦେଇ ଗଲା

କଅଁଳ ପୁଚୁକା ଗାଲକୁ  ।

ସଂସାରେ ଦୁର୍ଲଭ ମାଆର ମମତା

କିଛି ନାହିଁ ତାର ସମ

ଜଗତେ ଶାଶ୍ୱତ ମା'ର ବାତ୍ସଲ୍ୟ ପ୍ରେମ  ।

ଗ୍ରାମ- ରାସୋଳ, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୨୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜ୍ୟୋତିବିହାରରେ ସକାଳ



ବର୍ଷାରାଣୀ
ମହାମଲ୍ଲିକ

ବିଟପୀ ଶାଖାରେ ପକ୍ଷୀଗୁଞ୍ଜନରେ
ଆସେ ଜ୍ୟୋତିବିହାରରେ ସକାଳ,
ସକାଳ ସୂରୁଜ ସୁନେଲୀ ରଙ୍ଗରେ
ଦିନ ଆସି ହୋଇଯାଏ ସଫଳ ।

ନିରୋଳାରେ ନୀରବରେ ଥାଏ
ଜ୍ୟୋତିବିହାର ପରିସର, ପରିବେଶ
ନାନା ରଙ୍ଗେ ଫୁଲ ଦୋଲି ଖେଳୁଥାଏ
ମେଲିଦେଇ ପାଖୁଡ଼ା ସବୁକୁ ତାର ।।

ଚିର ସବୁଜ ଚିର ନୂତନତ୍ୱ ଚିର ସୁନ୍ଦର
ପ୍ରତି ପତ୍ରରେ ସଞ୍ଚରୁ ଥିବା ନୂତନତା,
ନୂଆ ଉନ୍ମାଦନା ନୂଆ ଚିନ୍ତା  ଚେତନା
ନାନାବାସ ଯେପରି ଅଙ୍ଗେ ତାର ବିଭୂଷିତା  ।

ଶୀତ ସକାଳର କାକର ଭିଜା ପତ୍ର
ନିଗଡି ପଡୁଥିବା ଜଳ ଛିଟା,
କୁହୁ କୁହୁ ସୁରେ ଉଡ଼ି ବୁଲୁଥାଏ
ଗାଏ କୋଇଲି ମଧୁ ଭରା ଗୀତ ମିଠା ।

ଶାନ୍ତ ବେଳାରେ ମୃଦୁ ମଳୟ ବହେ
ସୁଶୀତଳ ମନ୍ଦ ମନ୍ଦ କରି,
ଭଅର ଆସି ଉଡ଼ି ବୁଲୁଥାଏ
ଫୁଲ ପାଶେ ଦୋଲି  ଖେଳେ ଥିରି ଥିରି ।

ପ୍ରାକୃତିକ ସମ୍ପଦ ପୂରିଅଛି ଏଠି
ଲାଗେ ଭାରି ମନୋହର,
ସୁନ୍ଦର ସତେଜ ମାଦକତା ଭରା
ମୋ ଜ୍ୟୋତିବିହାର ପରିସର ।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୋରୀ ତୁ ମୁହଁ ଲୁଚାଉ କେତେ



ସୁହଂସ ଭୋଇ

ଗୋରୀ ତୁ କାନିରେ ମୁହଁ ଲୁଚାଉ କେତେ
ଯେତେ ଲୁଚାଉଛୁ ଭଲ ଦିଶୁଛୁ  ସେତେ
କଣେଇଁ କଣେଇଁ ଆଉ ଚାହାଁନା ମତେ
ଗୋରୀ ତୁ କାନିରେ ମୁହଁ ଲୁଚାଉ କେତେ

ଅମାନିଆଁ କାନି ତୋର ଉଡେ ଚଗଲା ପବନେ
ଥରକୁ ଥର ଟାଣୁଛୁ କାହିଁକି ଗୋ ଆକାରଣେ
ଜାଣିଛି ସଜନୀ ଭଲ ପାଉ ଭାରି ମନେ ମନେ
ତୁ ହେଲେ ରାଜକୁମାରୀ ମୁଁ କୁମାର ତୋ ସପନେ

ଆଖି ତୋ କହୁଛି କଥା ଶୁଭୁଛି ମତେ
ଗୋରୀ ତୁ କାନିରେ ମୁହଁ ଲୁଚାଉ କେତେ

ଲାଜଲାଜ ମିଶା ହସ ଲୁଚିଛି ଓଢ଼ଣା ତଳେ
ପ୍ରୀତିର ଚକା ଭଉଁରୀ ଖେଳେ ହୃଦୟର କୋଳେ
ମନ ନଉକା ଭାସଇ ଗଭିର ପ୍ରେମର ଜଳେ
ଭାବର ଦଉଡି ଭିଡି ଲଗାଇ ଦେଏରେ କୂଳେ

ବାନ୍ଧିଦେ ସରମିଲତା ମତେ ପଣତେ
ଗୋରୀ ତୋ କାନିରେ ମୁହଁ ଲୁଚାଉ କେତେ

ପହଣ୍ଡି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ସିଂହବାହିନୀ



ନୀଳମଣି ଚାନ୍ଦ

ଅଗିଣରେ ଆସିଅଛ
ହେ ! ସିଂହବ୍ବାହିନୀ
ତୁମ୍ଭେ ଉମା, ଗୌରୀ, ଶିବା
ମହିଷାମର୍ଦ୍ଧିନୀ
ଆହେ କାତ୍ୟାୟିନୀ
ନିଅ ପୂଜା ,ଦଶଭୁଜା
ଦୁର୍ଗତିନାଶିନୀ ।

ପାର୍ବଣମୁଖର ହୁଏ
ଗ୍ରାମରୁ ସହର
ଚାଲେ ପୂଜା,ନୀତିକାନ୍ତି
ପ୍ରହର ପ୍ରହର
ମହୁରି,ଢୋଲକ
ଶବଦରେ ପ୍ରକମ୍ପିତ
ପ୍ରତିଟି ମୂଲକ ।

ଦଶ'ରାରେ ମହୀପରେ
ତୁମ୍ଭ ଆଗମନ
ଦରଶନ ଲଭି ଭକ୍ତ
ମଣେ ଧନ୍ୟ ଧନ୍ୟ
ଆଶିଷ ଝରେଇ
ଧରାରୁ ଦୁଃଖ,ଯାତନା
ଦିଅ ମା' ସରେଇ ।

ଭୁବନେଶ୍ବର.ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗତି ନାଶିନୀ



ନଳିନୀ ଦାଶ୍

ଶରତର ଏଇ ମରତ ଭୂମିକୁ
ଆସ ମାଆ ଅବତରି
ସଂହାର କରିବ ଚଣ୍ଡୀ ଚାମୁଣ୍ଡା
ଭୈରବୀ ରୂପକୁ ଧରି ।।
ନିର୍ମଳ ଆକାଶେ ନକ୍ଷତ୍ର ଗଣଯେ
ଦେଲେଣି ଆଲୋକ ଜାଳି
ଆସମାଆ ଦୁର୍ଗା ଶାନ୍ତି ସୁଧାର
କଳସକୁ ଦିଅ ଢାଳି ।।
ଆଭାହାନିଗାଇ ଡାକେଆଦ୍ୟାଶକ୍ତି
ହୁଅତୁମେ ଆବିର୍ଭୁତ
ଅନ୍ୟାୟ ଅଶାନ୍ତି ଅସତ୍ୟ ପାପରୁ
ରକ୍ଷା ପାଉ ଏ ଜଗତ ।।
ଦର୍ପ ଦଳିନୀଗୋ ଦୁଷ୍ଟ ବିନାଶିନି
ତ୍ରିଶୂଳ ମୋହିନୀ ମାଆ
ଦୁଃଖ ବିଭଞ୍ଜନୀ ଗର୍ବିତ ଗଞ୍ଜନୀ
ହୋଇଛୁ ବିପଦେ ସାହା ।।

ନିଶାରାତ୍ରେ ବୁଲୁ ଚଣ୍ଡୀ ଚାମୁଣ୍ଡା
ସାଥେ ଧରି ମହାକାଳୀ
ହସ୍ତେବିରାଜିତ ତୋଦିବ୍ୟ ଆୟୁଧ
ଦୁଃଖ ଦେଇଥାଅ ଟାଳି
ଶୁଭ୍ର ସତେଜ କାଶତଣ୍ଡୀ ହସେ
ତୁମର ସ୍ୱାଗତ ପାଇଁ
ଆସ ଆସ ମାଆ ଦୁର୍ଗତି ନାଶିନୀ
ଚାହିଁଛି ତୁମକୁ ମହୀ
ଜଗତଜନନୀ ମାତା କାତ୍ୟାୟନୀ
ମହିଷାସୁର ମର୍ଦ୍ଦିନୀ
ଜଗତକଲ୍ୟାଣ ପାଇଁ ଆସ ମାଆ
ଖଣ୍ଡାଖର୍ପର ଧାରିଣୀ ।।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୁରଭାଷ—୬୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାର୍ବଣର ସ୍ୱତନ୍ତ୍ର ସ୍ୱାକ୍ଷର



ନିରଞ୍ଜନ ସାହୁ

ପାର୍ବଣ ବେଳରେ ସାଙ୍ଗଙ୍କ ମେଳରେ
ମେଢ଼ ଦେଖୁଥିଲ ବୁଲି
ଅଚାନକ ତୁମ ସାଥେ ଭେଟ ହେଲା
ସେଦିନୁ ପାରିନି ଭୁଲି ।

ଆଖି ସାଥେ ଆଖି ମିଶିଗଲା ପରେ
ଫେରି ନ ପାରିଲା ଆଖି
ଦେବୀଙ୍କ ମୂର୍ତ୍ତିଠୁଁ ତୁମେ ଦିଶୁଥିଲ
ଶତେ ଗୁଣ ମନଲାଖି
ଗହଳି ଭିତରେ ଚାଲୁଥିଲ ତୁମେ
ଟିକେ ଟିକେ ଝୁଲିଝୁଲି ।

ଭାବୁଥିଲି ବସି କେତେ ଯତନରେ
ବିଧାତା ଗଢ଼ିଛି ବସି
ସରଗର ପରୀ ଅଭିଶାପ ପାଇ
ମର୍ତ୍ତ୍ୟେ ପଡିଛି କି ଖସି
ସେତେବେଳେ କେହି ତୁମକୁ ଡାକିଲା
"ଶୁଣିଯାଆ ଟିକେ ଜୁଲି ।"

ତୁମ ନାଆଁ "ଜୁଲି" ଜାଣିବା ପରେ ମୁଁ
ତୁମରି ଠିକଣା ଖୋଜି
ତୁମ ସାଥେ ମୋତେ ଭେଟ କରାଇଛି
ତୁମ ପ୍ରିୟ ମିତ "ରୋଜି"
ତା'ପରେ ଏକାନ୍ତେ ଗପିଛେ ନିରତେ
ମାରିଅଛେ କେତେ ଗୁଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଆସିଲା ଖୁସି ସରିଗଲା

ବିହି ହୋଇଗଲା ବାମ

ତୁମ ନାମ ସାଥେ ଯୋଡ଼ା ହୋଇଗଲା

ଆଉ ଜଣଙ୍କର ନାମ

ସେଦିନ ସାଜିଲ ଯାହା ଅଙ୍କଲକ୍ଷ୍ମୀ

ତା ଘରେ ଜାଳିଲ ଚୁଲି ।

ବହୁତ ଦିନର ବ୍ୟବଧାନ ପରେ

ଏସନ ପାର୍ବଣେ ଦେଖା

ମୋ ଦିନଲିପିରେ ଆଜିର ତାରିଖ

ନିଶ୍ଚୟ ହୋଇବ ଲେଖା

ତୁମେ ମୋ ପ୍ରେମିକା ସାଜିଥିଲ ଦିନେ

ଭାବି ଛାତି ଯାଏ ଫୁଲି ।

ନିହଲ ପ୍ରସାଦ, ଗଁଦିଆ ପାଟଣା

ଢେଙ୍କାନାଳ – ୭୫୯୦୧୬

ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆସୁଛନ୍ତି ଜଗତଜନନୀ



ଇଂ ସୌମ୍ୟରଞ୍ଜନ ଲେଙ୍କା

ଭାଦ୍ରବର ଶେଷ ତିଥି
ଅଶ୍ୱିନର ପ୍ରାରମ୍ଭେ
ପାର୍ବଣର ଆଗମନ
ଧରଣୀ ରାଣୀ କୋଳେ
ଅନେକ ରଙ୍ଗୀନ ସମ୍ଭାରେ
ତୁମ ଗାଁ ଅଳସୀ ନଈ
ଶିଶିର ଭିଜା ସକାଳରେ
ନିଜକୁ ସଜେଇ ନେଇଛି
ଆଭୂଷଣ ଭରା ରୂପ ଲାବଣ୍ୟେ,
ଧରି ସୂରୁଜର ରଂଗ ଭିଜା
ଶୁଭ୍ର କାଶତଣ୍ଡୀ ଚାମର
ଧରାପୃଷ୍ଠେ ଜଗଦ୍ଧାତ୍ରୀ
ଶକ୍ତିମୟୀ ମା'ଙ୍କ ସ୍ୱାଗତେ,
ନୀଳ ଆକାଶ ତଳେ
କେତେ ପାହାଡ ନଈ ଡେଇଁ
ସବୁଜ ବନ ଶଷ୍ୟ କ୍ଷେତ୍ର

ଆସିଛି ନେଇ ଶରତ ବାଆ
ଶାଗୁଆ ଚାଦରେ ବାନ୍ଧି
ମୃଦୁମନ୍ଦ ମିଠା ମିଠା ବାସ୍ନା
ସମ୍ପର୍କରେ ମଧୁରତା ଆଣି
ଜଗତ ଜନନୀ ମା' ଦୁର୍ଗାଙ୍କ
ଧରାବତରଣର ସୂଚନା ଦେଇ,
ଶରତର ନିର୍ମଳ ଆକାଶେ
ଧଳା ଧଳା ଭସା ବାଦଲ
ସତେ ଲାଗେ ଚାନ୍ଦୁଆ ଟାଣି
ରହିଛି ବସି ବସୁଧା ରାଣୀ
ଅଙ୍କାବଙ୍କା ନଈ ପଠା ଧାରେ
ଦ୍ୱିତୀୟା ଜହ୍ନ କାଶତଣ୍ଡୀ ଧରି
ଶକ୍ତିମୟୀ ମା'ଙ୍କ ସ୍ୱାଗତେ ।।

ବାଣପୁର, ଖୋର୍ଦ୍ଧା-୭୫୨୦୩୫
ମୋ.୯୪୩୭୭୩୮୬୭୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରତ ଶୋଭା



ପ୍ରଶାନ୍ତ କୁମାର ନାଥ

(ରାଗ-ରାମକେରୀ)

ଶ୍ରାବଣ ବରଷା ଯାଇଛି ଚାଲି ମନ ଭିଜେଇ
ଶରତ ଆସିଛି ମରତ ଧାମ ଶୋଭା ମୁଣ୍ଡେଇ ।

ନାନା ଜାତି ଫୁଲ ଫୁଟିଛି ବାଡେ ମନ ରଙ୍ଗେଇ
ବନ ଭୂମି ବନ ଦିଶୁଛି ଶୋଭା ରଙ୍ଗ ସଜେଇ ।

ଶୁଭ୍ର ଧଳା ମେଘ ଯାଆନ୍ତି ଭାସି ନୀଳ ଅମ୍ବରେ
ସତେକି ବୋଇତ ଯାଉଛି ଭାସି ନୀଳ ସାଗରେ ।

ସ୍ୱଚ୍ଛ ନିରିମଳ ସରସୀ ଜଳ ହୋଇଛି ପୁଣି
ଗୋଳିଆ ପାଣିକୁ ସତେକି କିଏ ଦେଇଛି ଛାଣି ।

ବିଲ ବନ ସବୁଜିମାରେ ପୂର୍ଣ୍ଣ ହୋଇଛି ଆଜି
ନବ ବଧୂ ପ୍ରାୟ ଶରତ ମର୍ତ୍ତେ ଆସିଛି ସାଜି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହମହ ଦେହ ବାସୁଛି ସବୁ ପୁଷ୍ପର ଗନ୍ଧ
ଶରତର ବାଆ ବୋହୁଛି ତା'ର ଚପଳା ଛନ୍ଦ ।

କାଶତଣ୍ଡୀ ଶୋଭା ମଣ୍ଡିଛି ଧରା ଶୁଭ୍ର ରଙ୍ଗରେ
ସବୁଜିମା ପାଖେ ତା ରଙ୍ଗ ଜନ ମନକୁ ହରେ ।

ସ୍ମିତ ହାସ୍ୟ ହସି ଦେଉଛି ଶଶି ସଂନ୍ଧ୍ୟା ଲଗନେ
ସୁଶୀତଳ ଜ୍ୟୋତ୍ସ୍ନା ଦେଉଛି ଢାଳି କେତେ ଯତନେ ।

ସରସୀର ନୀଳ କୁମୁଦ ଚାହିଁ ମୁରୁକି ହସେ
ଅନେକ ଦିନର ବିରହ ପ୍ରେମ ପାଖକୁ ଆସେ ।

ଶୋଭାର ବିପଣୀ ଦେଇଛି ଖୋଲି ଶରତ ଆସି
କିଣି ନିଏ ମନ ପ୍ରାଣକୁ ନବ ପ୍ରକୃତି ବେଶି । ।

ପ୍ରଶାନ୍ତ କୁମାର ନାଥ (ଜୁଣଗଡି) ରାଜନଗର,କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରତ ପାର୍ବଣ



ବନ୍ଦନା ମହାପାତ୍ର


ଆସିଛି ଶରତ ଆଶ୍ୱିନର ତାଳେ,
ଶାରଦୀୟ ପାର୍ବଣରେ,
କାଶତଣ୍ଡୀ ଗୋରୀ ଶୋଭା ବିକାଶୁଛି
ସୁଲୁ ସୁଲୁ ସମୀରରେ ।।
ଗଙ୍ଗଶିଉଳିର ମହ ମହ ବାସ୍ନା
ରଜନୀଗନ୍ଧା ସ୍ତବକ,
ନିର୍ମଳ ସକାଳ ସବୁଜିମା କ୍ଷେତ
ଦିଶଇ ଅତି ଚମକ ।।
ଶକ୍ତିସ୍ୱରୂପିଣୀ ଦୁର୍ଗା କାତ୍ୟାୟିନୀ
ଅବର୍ତୀର୍ଣ୍ଣ ହେବେ ଆସି,
ଶାନ୍ତି, ମୈତ୍ରୀ ପ୍ରେମ ବୀଜ ବୁଣି ଦେଇ
ପାପଭାରା ଯାଉ ଧ୍ୱଂସୀ ।।

ହେ କଲ୍ୟାଣୀମୟୀ ଦୁର୍ଗତିନାଶିନୀ ସଂସାରେ
ଆସୁଛି ମାଡି,
ଝଡବାତ୍ୟା ବନ୍ୟା କରୋନାର ଦାଉ
ଧ୍ୱଂସ ସମୁଦ୍ର ଲହଡ଼ି ।।
ଅଜାଡି ଦିଅ ମା ଆଞ୍ଜୁଳାଏ କୃପା
ଆଲୋକିତ ହେଉ ଧରା,
ମଧୁମୟ ହେଉ ତବ ସୃଷ୍ଟି ବିଶ୍ୱ
ଅମୃତ ସ୍ନେହରେ ଭରା ।।
ଉଦୟ ହୋଇବ ହୃଦପାହାଡ଼ରୁ
ବାଜୁ ଏକତାର ତୂର୍ଯ୍ୟ,
ଫୁଟିବ ମାନବ ଭାଗ୍ୟ ଗଗନରେ
ସମ୍ପର୍କ ସେତୁର ସୂର୍ଯ୍ୟ ।।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କାଶତଣ୍ଡୀ



ପଙ୍କଜିନୀ
ଉପାଧ୍ୟାୟ

ଶ୍ୱେତ ଶ୍ୱେତାମ୍ବରୀ ପ୍ରିୟ ସହଚରୀ
ତୁହି ଶରତ ସୁନ୍ଦରୀ
ବିଲ ହିଡ ପରେ ନଈପଠା ଧାରେ
ହସୁଥାଉ କିରିକିରି ।

ପାର୍ବଣ ସମ୍ଭାର ଆବାହନୀ ତୋର
ଝୁଲୁ ପବନ ଦୋଳିରେ
ତୋ'ବାତ ପରଶେ ପ୍ରକୃତି ଲୋ ହସେ
ପ୍ରୀତିର ଗଜଲ୍ ସୁରେ ।

ସବୁରି ଭାବନା କରୁ ଆନମନା
ବଢାଉ ଜୀବନ ସତ୍ତା
କବିର ସ୍ୱଭାବ ବାସ୍ତବ ଏ ଲାଭ
ସୃଷ୍ଟି କରଇ କବିତା ।

ରୌପ୍ୟ ହାନ୍ଦୋଳାରେ କି ଭାବ ସତରେ
ଦୂର୍ଗା ହୁଅନ୍ତି ପ୍ରସନ୍ନ
ତୋ'ରୂପ ମୋହର ମାଦକ ନିଶାରେ
ଦେବୀଙ୍କର ଆଗମନ ।

ସକାଳ ଚଲାରେ ଝୁଲେ ତୋ 'ସାଥିରେ
ମନ ଭରିଯାଏ ମୋର
ଦୁଃଖ ଅବସୋସ କରୁ ତୁ ବିନାଶ
ଓଠରେ ହସର ଝର ।

ହୃଦୟ ଆବେଗ ପରିତାପ ରାଗ
ସବୁ ତୋ'ସହିତ ବାଣ୍ଟେ
ଚାମର ବଢାଇ ଆପଣାଇ ନେଇ
କଥା କହୁ ନଦୀତଟେ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିର୍ମଳ ଶରତ କାଶତଣ୍ଡି ମିତ
ଗାଉ ଜୀବନର ଗୀତ
ସାନ୍ଧ୍ୟ ଆକାଶର ସୁଷମା ଜହ୍ନର
ତୋ'ପାଇଁ ବଢେ ବହୁତ ।

ଆପଣା ସ୍ୱାର୍ଥରେ ମଗ୍ନ ଭାବନାରେ
ହେଉନା କେବେ ଆଛନ୍ନ
ହେବୁ ପୂଜା ଯୋଗ୍ୟ ପାଇବୁଲୋ ଲାଭ
ନାହିଁ ତୋର ଅଭିମାନ ।

ଅଳପ ଦିନର ଗଳପ ତୋହର
ଶରତ ସୁନ୍ଦରୀ ରାଣୀ
ସବୁରି ହୃଦୟ କରୁ ତୁ ବିଜୟ
ସର୍ବେ ତୋ'ପାଖରେ ଋଣି ।

ଶୁଦ୍ଧ ଭାବନାର ତୁହି ସମାହାର
ଶାନ୍ତିର ତୁ'ବାର୍ତ୍ତାବହ
ବେଦନାକୁ ଫିଙ୍ଗି ଆଗେ ଯାଉ ଲଙ୍ଘି
ବଢାଉ ଜୀବନ ମୋହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଶତଣ୍ଡୀ



ସତ୍ୟବ୍ରତ ବାରିକ

ଶରତରେ କାଶତଣ୍ଡୀ ଦିଶେ ମନୋହର
ରୂପ ସୌନ୍ଦର୍ଯ୍ୟରେ କରେ ସଭିଙ୍କୁ ନିଜର

ମା' ଦୁର୍ଗାଙ୍କ ଆଗମନେ ଧରାକୁ ଆସେ
ସ୍ୱାଗତ ଜଣାଇ ଖିଲିଖିଲି ହସେ

ମନରେ ନାହିଁ ତା'ର ଟିକିଏ ଛଳଣା
ମା' ଙ୍କ ପାଇଁ ଥାଏ ଭକ୍ତିର ଭାବନା

କବି ତା' ଦେହରେ ରଙ୍ଗ ଲଗାଏ
ଫୁଲ ନୁହେଁ ସେ' ତ ସୁନ୍ଦରୀଟିଏ

ଆଖି ଝଲସିଯାଏ ଦେଖି ଚେହେରା
ସବୁ ଫୁଲଠାରୁ ଲାଗେ ନିଆରା

ପବନର ସ୍ପର୍ଶରେ ଗାଉଥାଏ ଗୀତ
ସବୁ ପ୍ରେମୀଙ୍କ ପାଇଁ ଅଭୁଲା ମୀତ

ମୋ : ୯୮୬୧୬୨୦୯୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ ଗୋ ତ୍ରିପୁରା ସୁନ୍ଦରୀ



ଦେବାର୍ଚ୍ଚନ
ମେହେର

ମାଆ ଗୋ ତ୍ରିପୁରା ସୁନ୍ଦରୀ,
ତିନି ପୁରରେ ବାସ ତୁମରି ।।

ବସିଛ ଜଗତକୁ ଧରି,
ନାମ ତୁମ ତ୍ରିପୁରା ସୁନ୍ଦରୀ ।।

ପ୍ରତି ପ୍ରାଣୀର ପ୍ରାଣ ଦାୟିନୀ,
ତୁହି ମାଆ ଗୋ ଜଗତ ଉଧାର କାରିଣୀ ।।

ମାଆ ଗୋ ଗାଳି କଲେ ତତେ ସହୁ,
ଗର୍ବ କଲେ ନ ସହୁ ।।

କ୍ଷଣକେ କରୁ ଭସ୍ମ ତୁହି,
ମାଆ ତୋ କୋପରେ ବଞ୍ଚିନାହିଁ କେହି ।।

ମାଆ ଗୋ ଅପାର ବର ଦାୟିନୀ,
ପ୍ରତି ପ୍ରାଣୀର ଦୁଃଖ ହାରିଣୀ ।।

ତୁହି ମାଆ ଗୋ ଜଗତ ଜନନୀ,
ତୁହି ମାଗୋ ଆଦି ଶକ୍ତି ଠାକୁରାଣୀ ।।

ମାଆ ଗୋ ତୁମ ପାଦ ପଦ୍ମେ କୋଟି ପ୍ରଣତି,
ଭୁଲ ଥିଲେ ମୋର କରିବ କ୍ଷମା
ମୁଁ ମୁଢ଼ ଅଜ୍ଞାନ କରେ ବିନତି ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଳିବାରେ ବେଶି ମୁଁ



ତାରା ପ୍ରସାଦ
ଜେନା

ଜଳିବାରେ ଆଉ ମୋର ଠାରୁ ବେଶି
କେହି ନାହିଁ ପରା ସତେ
ଦୁଃଖ ସାଗରରେ ସୁଖ ସପନକୁ
ଡୁବାଇଛି କାହିଁ କେତେ
......ଜଳିବାରେ ଆଉ ମୋର ଠାରୁ ବେଶି..... ।୦ ।

ତୁମ ଅଭିନୟ ବୁଝିବାରେ ମନ
ମୋର ଏବେ ଯାଏ ଆସେ
ଫାଙ୍କିବାର ଯେତେ ପରିଚୟ ଥିଲା
ପାଇଗଲି ଖୋଜି ପାଶେ,
ଅତୀତର ଚିଠି ଘୃଣା ଉଖାରିଲା
ଚିରିଦେଲି ସବୁ ହାତେ
......ଜଳିବାରେ ଆଉ ମୋର ଠାରୁ ବେଶି..... ।୧ ।

ଦୋଷ ନକରି ବି ଦୋଷୀ ସଜାଇଲ
କଲବଲ କଲ ସିନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସ ଛଡ଼ାଇକି ଲୁହ ଢାଳିଦେଲ

ବାରବାର ଭଲ ମନା,

ନିଠୁରତା ପଣ ଅକାରଣ ଯାହା

ଭାବି ପାରୁନାହିଁ ଏତେ

......ଜଳିବାରେ ଆଉ ମୋର ଠାରୁ ବେଶି..... ! ୨ !

ସମୟର ସାଥି କାହାକୁ ମୁଁ ବରି

ପାରୁନାହିଁ ଆଉ ମୋତେ

ଯଉବନ ରଙ୍ଗ ଛାଡ଼ିଗଲା କାଳେ

ପଡ଼ିଗଲି ଚଲା ବାଟେ,

ମାୟା ଦୁନିଆରେ ଅସହାୟ ଭାରି

ଛୋଟ ଭାଗ୍ୟ ଲାଗେ ମୋତେ

......ଜଳିବାରେ ଆଉ ମୋର ଠାରୁ ବେଶି..... ! ୩ !

ସା.- ରଣପୁର (ଗୋଡ଼ିପାଟଣା ସାହି),

ଡାକ- ରାଜ ରଣପୁର, ଜିଲ୍ଲା-ନୟାଗଡ଼,

ପିନ୍-୭୫୨୦୨୬, ଓଡ଼ିଶା

ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କୁଆଡ଼େ ଗଲା ମୋ ପିଲାଦିନ ?



ହରେରାମ ପଣ୍ଡା

କୁଆଡେ ଗଲା ମୋ ପିଲାଦିନ ଆଜି
ଭାରି ପଡୁଅଛି ମନେ ,
ପିଲାଦିନ ଖେଳ ସାଙ୍ଗ ସାଥି ମେଳ
ଫେରିବ ନାହିଁ ଜୀବନେ ।
ଗାଆଁ ଚାଟଶାଳୀ, ମାଷ୍ଟରଙ୍କ ଗାଳି
ବିଷ୍ଣୁନ୍ନାର ମୋର ଯୋଡ଼ି,
କେବେ ଖେଳକୁଦ କେବେ ରାଗରୁଷା
ମିଛେ ମିଛେ ବାଡା ବାଡି ।
ବାଲି ମାଟି ଘର, ଚୁଲି, ହାଣ୍ଡି, କଡ଼ା,
ମିଛେ ମିଛେ ଭାତ ଡାଲି,
ରଜ ହୋଲି ପରି ପରବର ମଜା
କେବେ ଯେ ନହେବ ଭୁଲି ।
ନୂଆବୋଉ ଘରେ କମଳା ଚକଟା
ରସୁଣ ଆମ୍ବୁଲ ଝୋଳ,
କୃଷ୍ଣ, ବଇଦ, ନୀଳା,ପଦୁଆଁଙ୍କ
ଥଟା ମଜା କୋଳାହଳ ।
ଲୁଡୁ, ଚେସ୍ ପୁଣି ବାଗୁଡ଼ିର ଖେଳ
ବନିଶିରେ ମାଛ ଧରା,
ପୋଖରୀରେ ବୁଡା, ଗାଆଁ ବାଡିତଳୁ
ଲୁଚି ମୁଗଛୁଇଁ ତୋଳା ।
ନାଲୁଆ, ନାରଣା, ଭିକାରୀ ସାଙ୍ଗରେ
ତୋଟାରେ ଭୋଜିର ମଜା,
ଖରାବେଳେ ଗଛ ଚଢି ଆମ୍ବ ତୋଳି
କେତେ ଯେ ପାଇଛୁଁ ସଜା ।
ମଙ୍ଗଳା ଯାତରା ବରା ଗୁଲୁଗୁଲା
କାର୍ତ୍ତିକରେ ଡଙ୍ଗା ଭସା,
ସାନ୍ତରା ପୋଖରୀ କଇଁଫୁଲ ତୋଳା
ଖୁଦୁରୁକୁଣୀର ଓଷା ।
କେତେ ଖେଳକୁଦ ଅବା ହସକାନ୍ଦ
ରାଗରୁଷା ଅଭିମାନ,
ଭୁଲି ପାରୁନାହିଁ ଭୁଲି ନ ପାରିବି
ଭାବୁଥିବି ସବୁଦିନ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ମୋ : ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନାରୀ



ସୁଧାଂଶୁ ଶେଖର
ପ୍ରଧାନ

ଏକ ଶବ୍ଦ ରେ ଜନନୀ, ଭଗିନୀ, ଜାୟା
ଗୋଟେ ରୂପରେ ସୃଷ୍ଟିକାରୀ ଓ ବିନାଶ କାରିଣୀ,
ସୃଷ୍ଟିର ଆରମ୍ଭ ସିଏ ଆଉ ସୃଷ୍ଟିର ସବୁଜିମା
ହେଲେ ଆଧୁନିକତାରେ ସେ ଧର୍ଷିତା, ପୀଡ଼ିତା, ନିର୍ବାସିତା ।

ଏଇ ପୁରୁଷ ସମାଜରେ ଉପଭୋଗର ସରଞ୍ଜାମ ସିଏ
କେବେ ଦାସୀ ଆଉ କେବେ ବେଶ୍ୟା,
କେବେ ଅନ୍ଧାର କୋଠରୀର ନିର୍ଜଳା ଦୀପଟିଏ
ତ କେବେ ନର୍ତ୍ତକୀର ବେଶରେ ମନୋମୁଗ୍ଧକର କଣ୍ଢେଇ ।

କେବେ କଳଙ୍କ ଲଗାଏ ଚରିତ୍ରହୀନାର ପୁଣି କେବେ
ଲାଗିଯାଏ ଦାଗ ଝିଅ ଆଣ୍ଟୁକୁରି ଆଉ ପୁତ୍ରହୀନାର,,
କେବେ ପତି ହୀନ ପରିତ୍ୟକ୍ତା ଆଉ ହତଲକ୍ଷ୍ମୀ ବିଧବା
କିଏ କହେ ଉଁଆସୀ ତାକୁ କିଏ କହେ ରାକ୍ଷସୀ ।

ଏଠି ଦୈବ ଯଦି ପୁରୁଷ, ତେବେ ନାରୀ କଣ ଦେବୀ ନୁହେଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁଷର ଅର୍ଥ ମହାନ୍, କିନ୍ତୁ ନୁହେଁ ନାରୀ ମହିୟସୀ,

ରକ୍ଷକ ର ଅନ୍ୟ ନାମ ପୁରୁଷ, କିନ୍ତୁ ନାରୀ ସାଜେ ରକ୍ଷିତା

ଶୋଷଣ କରେ ମହାନ୍ ପୁରୁଷ, ନାରୀ ହୁଏ ଶୋଷିତା ।

ବାଗ୍ଦେବୀ ପୂଜ୍ୟ କିନ୍ତୁ ନାରୀ ନୁହେଁ ପୂଜ୍ୟା

ଗର୍ଭରୁ ଜନ୍ମି ପୁଣି କରେ ସେଇ ଗର୍ଭପାତର ପାପ

ପୁଣି ସଜେଇ ଦିଏ ବନ୍ଧ୍ୟାର ଟିକା କପାଳରେ

ନାରୀ ପାଦ ତଳ ଜୋତାର ଗୋଟେ କଣ୍ଟା ପରି

ଆଉ ପୁରୁଷ ସାଜେ ମଥାର ମଣି । ।

ଧର୍ମରେ ସେ ଯୋଗିନୀ, ରୂପରେ ସେ ଭୋଗିନୀ

ଚରିତ୍ରରେ ପାପିନି ଆଉ ଗର୍ଭ ଧାରି ଜନନୀ,

ନଈର ତରଙ୍ଗ ପରି ସୁଖ ଆଉ ସିନ୍ଧୁର ଲହରୀ ପରି ଦୁଃଖ

ପୁଅ ପରା ପିତ୍ତଳ ଧୋଇ ମଜିଦେଲେ ସୁନା । ।

କିନ୍ତୁ ଏଥି ଦୁଃଖିନୀ ବିଧବା ମୁଖ ଚାହିଁବା ହିଁ ମନା ।

ଅଶୁଭ ସେ ପୁରୁଷ ପରା ଶୁଭଙ୍କର

ଘରର ଦରଜା ତାର ସୀମା,,,

ବସ୍ତ୍ର ପରା ଚରିତ୍ରର ପରିଚୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ସଂସ୍କାର ତାର ପରିବାର ।।।

ଆଜି ବି ନାରୀ ହୃଦୟର ବେଦନା କହେ !!!

ହେ ପୁରୁଷ ଆଧୁନିକତାର ଦାନବ,

କେତେ ଆଉ ଲହୁ  ପିଇବୁ କେତେ ଆଉ ଶୋଷିବୁ

କେବେ ଆଉ ବୁଝିବୁ ରେ ମୋର ମହତ୍ତ୍ୱ ।।।।

ସୁଧାଂଶୁ ଶେଖର ପ୍ରଧାନ, (ଛାତ୍ର )

ବାବାଭୈରବାନନ୍ଦ ମହାବିଦ୍ୟାଳୟ,,,,

ସୋଲଗାଡିଆ, ଢେଙ୍କାନାଳ  ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୂର ପାହାଡ଼ର ଫୁଲ



ଆଶୁତୋଷ
ମେହେର

ଦୂର ପାହାଡରେ ଫୁଟିଅଛି ଫୁଲ ଆଖିରେ ପଡେନା ଧରା,
ଜଣା ପଡୁଥାଏ ଭୁରୁଭୁରୁ ବାସ ତା' ଦେହ ସୁଗନ୍ଧେ ଭରା ।
ପାଖେ ଚାଲିଗଲା ବାଟୋଇ ବିଚାରା ପାଗଳ ମହକ ଆଶେ,
ଦେଖା ଦେବ କିବା ସେଇ ବାସଫୁଲ ମନରେ ବିରହ ଗ୍ରାସେ ।।

କେଉଁ ରଙ୍ଗେ ଭରା ଦେହର ପାଖୁଡା ମନେ ଆଙ୍କିହୁଏ ଛବି,
ନ ଦେଖି ତଥାପି ଶିହରଣ ପାଏ ପାଗଳ ପ୍ରେମିକ କବି ।
ବାସନା ପୁଲକ ତନୁ ମନ ଭରେ ଆଙ୍କେ ପ୍ରେମ ଇନ୍ଦ୍ରଧନୁ,
ଚିତ୍ରପ୍ରିୟା ସିଏ ମନ ଆକାଶରେ ନ ଲିଭେ କେବେ ତ ମନୁ ।।

କେବେ ଲାଗେ ସିଏ, ପାଲଟିବ କିବା ମରୁଭୂମି ମରିଚିକା,
ମରୁଯାତ୍ରୀ ମୁଁ ଯେ, ତୃଷିତ ପରାଣ ପିଆସୀ ମନରେ ଶଙ୍କା ।
ପ୍ରେମ ଅନୁଭବ ଦୂରତା ମାପେନା ମାପେ ପ୍ରୀତି ଗହିରତା,
ସେଇ ବେଗେ ସୁଅ ଆଗେ ମାଡି ଚାଲେ ମାନେ ନାହିଁ ବାଡବତା ।।

ଦେଖାମିଳେ ନାହିଁ ପ୍ରେମ ଛବି ଖେଳେ ଆତୁର ପଥିକ ମନେ,
ଦୂର ପାହାଡର ଫୁଲ ହେବ ପ୍ରିୟା ନିଶ୍ଚେ ଆଉ କେଉଁ ଦିନେ ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ, ଭୁବନେଶ୍ୱର: ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଜି ସେହି ଶୁଭ ତାଳନବମୀ



ପ୍ରଦୀପ୍ତ କୁମାର ଦାସ

ମନମୋହିନୀଙ୍କ ପରୀ ନାରୀ ହୀରା ସାରା ସଂସାରରେ ନାହିଁ
ଶିବଚନ୍ଦ୍ର ସମ ଶ୍ରେଷ୍ଠ ସୁପୁରୁଷ ବିଶ୍ୱରେ ମିଳିବେ ନାହିଁ,
ଏହିପରି ଯୋଗ୍ୟ ପିତାମାତା କୋଳେ ଜନମ ହୋଇବା ପାଇଁ
ନିଶ୍ଚୟ ତ ମନ ବଳାଇ ଅଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ସାଇଁ,
ଆଠ ବରଷରେ ଧ୍ରୁବ ଯେଉଁ ପରି ଶ୍ରୀହରୀଙ୍କୁ ଲଭିଥିଲା
ସେହିପରି ମନୁ ଆଠ ବରଷରେ ସତନାମ ପାଇଥିଲା,
ସେହି ମନୁ କିଆଁ ଅଠର ବରଷେ ନହୋଇବ ଶ୍ରେଷ୍ଠ ମାତା
ତା କୋଳେ କାହିଁକି ଜନମ ନନେବେ ସ୍ୱୟଂ ପ୍ରଭୁ ବିଶ୍ୱପିତା ?,
ଏଇମିତି କେତେ ଅକାଟ୍ୟ ଯୁକ୍ତି ଯେ ବାଢ଼ିଲେ ସୁଜ୍ଞାନୀ ଜନେ
ଏକଥା ଶୁଣିଣ ହୋଇଲେ ଲଜ୍ଜିତ ସକଳ ନିନ୍ଦୁକ ମାନେ,
ଏସମୟେ ଆସି ଦ୍ୱାଦଶ ମାସଟି ହୋଇଲା ଯେ ଉପଗତ
ନବଯୁଗର ସେ ପୂରୁବ ରାତିଟା ଗାଇଲା ମଧୁର ଗୀତ,
ପବିତ୍ର ଭାଦ୍ରବମାସ ଗୁରୁବାର ଥିଲା ସେହି ପୁଣ୍ୟ ରାତି
ପାହିଗଲେ ରାତି ହୋଇବ ତ ଉଭା "ତାଳନବମୀ"ର ତିଥି,
ତାଳ ଭକ୍ଷଣର ପରବ ନିମନ୍ତେ ଚାଲିଲା ତ ଛଣାଛଣି
ରାତିର ଅନ୍ତିମ ପ୍ରହର ତ ଦେଲା ନୂତନ ବାରତା ଆଣି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନମୋହିନୀ ଯେ ଗରଭ ଯନ୍ତ୍ରଣା କରିଲେ ତ ଅନୁଭବ
କୃଷ୍ଣସୁନ୍ଦରୀଙ୍କ ମନରେ ଭରିଲା ଏବେ ବ୍ୟସ୍ତତାର ଭାବ,
ସଙ୍ଗେ ସଙ୍ଗେ ସେତ ଲୋକ ପଠାଇକି ଧାଇକୁ ତ ଡକାଇଲେ
ସୂତିକା ଗୃହରେ ମନୁକୁ ଧରି ସେ ହସି ହସି ପ୍ରବେଶିଲେ,
କନିଷ୍ଠା ଭଗିନୀ ଗୋବିନ୍ଦମଣି ଯେ ପାଖେ ପାଖେ ଥିଲେ ରହି
ଏହି ସମୟରେ ସୂତିକ ଗୃହରେ ପ୍ରବେଶ କରିଲେ ଧାଇ,
ଅନ୍ୟମାନେ ସର୍ବେ ବାହାରେ ଥାଇଣ ହୋଇଲେ ପ୍ରତୀକ୍ଷା ରତ
ବାରମାସରେ ତ ଜନମିବ ଶିଶୁ ସରବେ ହୋଇଲେ ବ୍ୟସ୍ତ,
ପ୍ରଭାତ ହାତରେ ଦାୟିତ୍ୱକୁ ଦେଇ ରଜନୀ ମେଲାଣି ନେଲା
ପୂରୁବ ଦିଗରେ ନୂତନ ସୁରୂଜ ମୁରୁଜ ଯେ ବୁଣି ଦେଲା,
ପାଞ୍ଚଟା ବାଜିକି ଛଅ ମିନିଟ୍ ସମୟରେ ଦିବାକର
ଉଦୟ ହୋଇଣ ଥିଲେ ତ ସେଦିନ ଧରି ଶୁଭେଚ୍ଛାର ହାର,
କରୁଣା ସିନ୍ଧୁର ମଧ୍ୟରୁ ଉତ୍ଥିତ ହୋଇଲା ତ ଉର୍ମି ମାଳା
ତହିଁରୁ ତ କିଛି ଶିବଚନ୍ଦ୍ରଙ୍କର ଗୃହରେ ପତିତ ହେଲା,
ସେଦିନର ସେହି ରବି କିରଣରେ ବୁଣି ହେଉଥିଲା ଖୁସି
ନୂତନ ଆଶାର କଣିକା ରାଶିକି ପଡୁଥିଲା ସତେ ଖସି,
କାକ'ର ରବରେ କୋକିଳର ସ୍ୱନ ହେଉଥିଲା ଅବା ବାରି
କୁକ୍କୁଟ କଣ୍ଠରୁ ପିକର କାକଳି ପଡୁଥିଲା ପୁଣି ଝରି,
ନୂତନ ଯୁଗର ଇତିହାସରେ ତ ଉଭା ଯେ ପରମ ଲଗ୍ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳପନା ଭରା ସକଳ ପ୍ରାଚୀର ହୋଇଅଛି ଆଜି ଭଗ୍ନ,

ପଲକ ମାତରେ ସୂତିକା ଗୃହଟି ହୋଇଗଲା ତନ୍ଦ୍ରାଚ୍ଛନ୍ନ

ପ୍ରସୂତିର ସାଥେ ଥିଲେ ଯେଉଁ ମାନେ ସର୍ବେ ହେଲେ ଅଚେତନ,

ପରମ ପବିତ୍ର ତନୁଶ୍ରୀକୁ ଧରି ନିଜେ ତ ପରମେଶ୍ୱର

ଅପୂର୍ବ ଲୀଳାକୁ ପ୍ରକଟିବା ପାଇଁ ତେଜିଲେ ସେ ସ୍ୱର୍ଗପୁର,

ଆପଣା ଇଚ୍ଛାରେ ମାଟି ବୈକୁଣ୍ଠରେ ହୋଇଲେ ସେ ଆବିର୍ଭୂତ

ତାଙ୍କ ଜନମର ସେ ପୁଣ୍ୟ ଲଗନ ରହିଲା ରହସ୍ୟାବୃତ୍ତ,

ମାତା ଜଗଦ୍ଧାତ୍ରୀ ସ୍ୱଂୟ ଧାତ୍ରୀ ସାଜି ଥିଲେ ତ ପ୍ରସବ କାଳେ

ମନୁଙ୍କର ଧାଇ ପଡ଼ିଥିଲା ଶୋଇ ପ୍ରଭୁଙ୍କର ମାୟା ବଳେ,

ପୁରାଣ ବର୍ଣ୍ଣିତ ଆଯୋନି ସମ୍ଭୂତ କଥା ଗୋଟି ହେଲା ସତ

ସୂତିକ ଗୃହରେ ଉଜ୍ଜ୍ୱଳ ଆଲୋକ ଧାରା ହେଲା ବିଚ୍ଛୁରିତ,

ଅନତି ଦୂରରେ ପଦ୍ମା କୋଳେ ଥିଲେ ଯେତେକ ନଉକା ଯାତ୍ରୀ

ସଭିଙ୍କ ଆଖିରେ ଝଲସି ଉଠିଲା ଉଜ୍ଜ୍ୱଳ ଆଲୋକ ଜ୍ୟୋତି,

କହିଲେ ସେମାନେ କାହା ଘରେ ଦେଖ ଲାଗିଯାଇ ଅଛି ନିଆଁ

ଏହି ସମୟରେ ଗ୍ରାମବାସୀ ମାନେ ଧାଇଁଲେ ଛାଆଁକୁ ଛାଆଁ,

ସମସ୍ତେ ବିକଳେ ହୁରି ପକାଇଲେ ଜଳିଗଲା  ପୋଡ଼ିଗଲା

ଏତିକି ବେଳକୁ ସୂତିକା ଗୃହରୁ ଜ୍ୟୋତି ଅପସରି ଗଲା

ଶୁଣି କୋଳାହଳ ଲଳନା ସକଳ ଅଳସ ଭାଙ୍ଗିଲେ ବସି

ସୂତିକା ଗୃହରେ ଥିଲେ ଯେଉଁମାନେ ସଭିଏଁ ହୋଇଲେ ଖୁସି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନୁ ମାଆ କୋଳେ ଜଗତ କରତା ଶିଶୁ ରୂପେ ହସୁଥିଲେ

ଏହିପରି ଯୁଗ ପୁରୁଷୋତ୍ତମ ଯେ ମର୍ତ୍ତ୍ୟେ ଅବତରି ଥିଲେ,

ଆଜି ସେହି ଶୁଭ ତାଳନବମୀ ଯେ ଘରେ ଘରେ ହୁଏ ପୂଜା

ଦରଦୀ ଠାକୁର ଅନୁକୂଳଙ୍କର ଉଡ଼େ ସତସଙ୍ଗ ଧ୍ୱଜା,

ଏହି ଅବସରରେ ପ୍ରଭୁଙ୍କ ପୟରେ କରୁଛି ମୁଁ ପ୍ରଣିପାତ

ସୂକ୍ଷ୍ମ ଶରୀରରେ ପ୍ରତିଟି ଅନ୍ତରେ ହେଉଥାନ୍ତୁ ଆତଯାତ ।

***

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,ଯାଜପୁର

ମୋ -୮୪୫୯୮୮୪୮୯୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହ



ବାଲାଜୀ ସେଠୀ

ତୁମେ ତ ସେଇଠି ମୁଁ ତ ଏଇଠି
କେହି ବି କାହାକୁ ପାରୁନେ ଭେଟି
କଟା ଘା ରେ ଚୁନ ମାରୁଛି ଶ୍ରାବଣ
ବିରହରେ ଛାତି ଯାଉଛି ଫାଟି ।।

ଶୂନ୍ୟପଥେ ଲଭି ତୁମ ଛାୟାଛବି
ଅନୁଭବେ ତୁମେ ଅଛ ନିକଟେ
ସାନିଧ୍ୟ ତୁମରି ଲବେ ଆଶା କରି
ପ୍ରାରବ୍ଧ ପ୍ରାଚୀରେ କପାଳ ପିଟେ ।।

ମଳିନେ ମଉନ ଅପସରୀଗଣ
ଲାବଣ୍ୟରୁ ତାଙ୍କ ହୋଇଛି ଚୋରି
ଲାଜେଇ ପ୍ରିୟା ଗୋ ସଜେଇ ହେଇଛ
ମୁଖ ମୟୂଖରୁ ଆସେ ଉତୁରି ।।

ଜଳଦ ନିର୍ମମ ରବିଦେଶ ତମ
ଶ୍ରାବଣେ ସରୋଜ ବିରହ ଗତି
ଯେପରି ତୁମରି ଚତୁର୍ବେସୀ ଘେରି
ନଜରବନ୍ଦୀରେ ଅଛି ପୀରତି ।।

ତୁମେ ମୋ ପରଖା ଚାରୁ ଚିତ୍ରଲେଖା
ପୀରତି ଗହନେ ପୁରଟ ଶିଖୀ
ତୁମ ବିନା ପ୍ରାଣ ଧୀର ନୁହେଁ ଜାଣ
ବିଦଗ୍ଧ ଶୋଣିତ ଯାଉଛି ଶୁଖି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା କେଉଁ ମାନକ କି ଅବା ମାପକ
କିସ ମାନଦଣ୍ଡ କା ନିର୍ଦ୍ଧାରିତ
ଭଲପାଏ କେତେ କଳିପାର ଯେତେ
ଭୂମି ଠାରୁ ଭୂମା ଯେ ପ୍ରସାରିତ ।।

ନୁହେଁ ଆମ ପ୍ରେମ ଶେଫାଳିକା ସମ
ଭୂମିପତ ହେବ କ୍ଷଣିକେ ଫୁଟି
ଯେତେ ଦୂରୁ ତୁମେ ଡାକିବା ତକ୍ଷଣେ
ସଜଡ଼ା ଜୁଇରୁ ଆସିବି ଉଠି ।।

ଆସ ପ୍ରାଣ ସଖୀ ରଖ ପ୍ରାଣ ପକ୍ଷୀ
କରି ଅବସାଦ ହତ ଚଞ୍ଚଳ
ନୀରନ୍ଧ୍ର ଆଶ୍ଳେଷ କରି କରବାସ
ପୀରତି ଗାହନେ ତନୁ ପଖାଳ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି



ଆଦରମଣି ପ୍ରଧାନ

ଆସିବନି କେବେ ଆସିବନି
କ୍ଷଣିକର ସୁଖ ନେଇ ,,,,
ଏମିତି ତୁମେ କେବେ ଆସିବନି
ଜୀବନକୁ ଭଲପାଇ
ମନରେ ଦୁଃଖ ଦେଇ,,,,,
ହୃଦୟର କୋହ ହୋଇ
ଇଚ୍ଛା ସବୁ ଜାଳିଦେଇ
ଏମିତି ତୁମେ କେବେ ଭଲ ପାଇବନି,,,,,,
ରାତିରେ ତୁମେ କେବେ ଆସିବନି
ଅନ୍ଧାର ଆଖିରେ ନିଦ ଚୋରାଇ,,,
ରାଶି ରାଶି ସ୍ୱପ୍ନ ହୋଇ
ତୁମେ କେବେ ଆସିବନି
ସକାଳକୁ ଭୁଲିଯିବା ପାଇଁ,,,,,
ସୁଖ ମନରେ ମୋର ଦୁଃଖ ହୋଇ
କେବେ ବି ଥରେ ଆସିବନି,,,,

ମୋ ଝରକାର ଆର ପାଖେ
ଜହ୍ନ ଆଲୁଅର ଛାଇ ହୋଇ,,,,
ମୋ ହୃଦୟ ପଞ୍ଜୁରୀ
ଏମିତି ଖାଲି ଥିବ
ତୁମେ କିନ୍ତୁ ଆସିବନି
ଅନେକ ପ୍ରକାର ଆଳ ଦେଖାଇ,,,,
ପ୍ଲିଜ ଓ ସରିକୁ ସାଥିରେ ନେଇ
ମୁଁ ମୋ ମୃତ୍ୟୁକୁ ସାଥିକରି
ଚାଲିଯିବା ଯାଏଁ,,,,
କେବେ ତୁମେ ମୋତେ ଭେଟିବନି,,,,
ମୋ ଆଖିରେ ଘୃଣା ଭରି
ତୁମେ କେବେ ଆସିବନି,,,,

ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାମୀ ହେବା ପରେ



ବିଶ୍ୱଜିତ ନାୟକ

ସ୍ୱାମୀ ହେବା ପରେ
ମୁଁ ଧୀରେ ଧୀରେ ବୁଝିଗଲି
ସ୍ତ୍ରୀକୁ ଖୁସି କରିବାକୁ
କେମିତି ପ୍ରତିମାସ
ଶାଢ଼ୀ ଚୁଡ଼ି ଦେବାକୁ ହୁଏ ,
ସୁନା କି ରୁପା
ଗହଣାଟିଏ ଦେଇପାରିଲେ
କିପରି ସ୍ତ୍ରୀର ଖୁସି
ବହୁ ଗୁଣିତ ହୁଏ !

ପ୍ରତିମାସ ଥରେ ଦୁଇ ଥର
ଫିଲ୍ମ ହଲ ନେଇଗଲେ
ଆହୁରି ଭଲ ,
ସପ୍ତାହରେ ଦୁଇ ଚାରି ଥର
ଦୋସା କି ପିଜା ଖୁଆଇଲେ
ତୁମେ ସବୁଠୁ ଭଲ !

ଚାର୍ଟ କି ଗୁପଚୁପ
ପ୍ରତିଦିନ ଆଣୁଥିବ
ସ୍ତ୍ରୀର ମନକୁ ଜାଣି ,
ନହେଲେ ଦିନ କି ରାତି
ଭଲରେ କଟିବନି
ଏକଥା ତୁ ରଖିଥା ଜାଣି !

ତୁଣ୍ଡପଡ଼ା, ସୋରୋ,
ବାଲେଶ୍ବର
ମୋ : ୭୯୭୮୭୫୬୩୮୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୃଷ୍ଣ ଲୀଳା



ମୋନାଲିସା
ପାଣିଗ୍ରାହୀ

ମାଧବ କୃଷ୍ଣ ମୁରାରୀ ଅଟ ତୁମେ ସର୍ବ ଜଗତର ବିଶ୍ୱବିହାରୀ
ଧରିତ୍ରୀ ମାଆର ଶୁଣି ଗୁହାରୀ
ଆସିଲ ମର୍ତ୍ତ୍ୟ ମଣ୍ଡଳେ ଅବତରୀ
ପାପିର ପାପ ଭାରରୁ ରକ୍ଷା କରିବା ପାଇଁ  ହେଲ ଜନମ
ମଥୁରାର କାରାବାସରେ ହେଲ ଜନମ
ତାରିଲ ବାସୁଦେବ ଦେବକୀର ଦୁଃଖ ଦହନ ।

ଗୋପକୁ ଯାଇ ନନ୍ଦ ଯଶୋଦାଙ୍କୁ କରିଲା ଧନ୍ୟ
ଯଶୋଦାର ହେଲ ଜୀବର ଜୀବନ ।
ତୁମ ଲୀଳା ବଳେ ପାପି ପୁତନା ମଲା
ବକାସୁର ଅଘାସୁର କେତେ ସୁର ଯେ ଗଲେ
ପରେ ଯେ ଗଲା କଂସାସୁର ।

ଗୋପପୁରେ ଯାଇ ଗୋରୁ ଚରାଇ ନାମ ହେଲା ଗୋପାଳ
ବୃନ୍ଦାବନେ ଯାଇ ରାଇ ସଙ୍ଗେ କରିଲ ଲୀଳା ହେଲ ବୃନ୍ଦାବନବିହାରୀ
ସୋଳ ସହସ୍ର ଗୋପୀ ସାଙ୍ଗରେ କରିଲ ରାସ ହେ ରାସବିହରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଧବ କୃଷ୍ଣ ମୁରାରୀ ହେଲ ଶ୍ରୀରାଧାଙ୍କ ଜୀବନ ମାଳି
ଦେଖ ଦେଖ ବୃନ୍ଦାବନେ ସେ ବେଣୁପାଣି ।।

ପ୍ରେମର ମୂଳ ସୂତ୍ର ଦେଲ ସଂସାରକୁ ଶିଖାଇ
ସେଥିରେ ଥିଲେ ସାଂଗରେ ସେ ବ୍ରଜେଶ୍ୱରୀ
ରାଧାକୃଷ୍ଣ ଦୁହେଁ ହୋଇଲ ଏକ
ଏ ସଂସାର ଜାଣେ ତୁମ ପ୍ରେମର ଲୀଳା ।

ତୁମ ପ୍ରେମରେ ନାହିଁ ନାହିଁ ତ ସ୍ୱାର୍ଥ
ତୁମ ପାଦର ବିନ୍ଦେ କରୁଛି ପ୍ରଣିପାତ ।
ରାଧା ପ୍ରେମରେ ହୋଇଲ ବାଇ ହେ କହ୍ନେଇ
ରାଧା ବିନା ହେଲ ତୁମେ ଅଧା
ତୁମ ବିନା ହେଲେ ରାଧା ଅଧା
ଦୁହେଁ ମିଶି ହେଲ ରାଇ ଦାମୋଦର ।

ତୁମେ ପ୍ରେମ ତୁମେ ମୋର ପ୍ରୀତି ହେ ରାଧେ
ତୁମେ ମୋ ମନର ଦେବୀ ତୁମେ ପ୍ରିୟତମା ହେ ରାଧେ
ତୁମ ପ୍ରେମ ଲୀଳା ଜାଣିଲା ଜଗତ
ଦେଲ ଜଗତକୁ ବୁଝାଇ ପ୍ରେମର ମହତ୍ତ୍ୱ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଧା ଯେ ଅଟନ୍ତି ପ୍ରେମର ଦେବୀ

ତାଙ୍କ ପ୍ରେମ ବଳେ ସକଳ ଜଗତରେ ମିଳିଲା ପ୍ରେମର ସୁର ।

କୃଷ୍ଣ ଯେ ଅଟନ୍ତି ବଂଶୀଧର

ସେ ବଂଶୀର ସ୍ୱର ଅଟନ୍ତି ସେ ରାଧାରାଣୀ ।

ସେଇ ବଂଶୀ ସାତ ସ୍ୱରରେ ବନ୍ଧା ଏ ଜୀବନ ।

ତାଙ୍କ ପ୍ରେମର ଯେ ନାହିଁ ତ ଅନ୍ତ

ସେ ପ୍ରେମ ଯେ ଅଟେ ଅନନ୍ତ ।

ସେଇ ରାଧାଗୋବିନ୍ଦଙ୍କ ପାଦ ତଳେ କରୁଛି ପ୍ରଣିପାତ ।

"ରାଧେ ରାଧେ"

ଠିକଣା - ନନ୍ଦପଡ଼ା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇତିହାସ



ସୁନୀଲ କୁମାର ଅଗସ୍ତି

ଇତିହାସ ପୃଷ୍ଠାରେ

ଆତ୍ମା ମାନଙ୍କୁ କବର୍ ଦିଆଯାଏ,

କିନ୍ତୁ ତମେ ତ' କହୁଥିଲ ଆତ୍ମା ମାନେ

କେବେ ବି' ମରନ୍ତି ନାହିଁ ?

ଅଶରିରୀ ଆତ୍ମା ମାନଙ୍କର ଶବ

ବିଶାଳ ପାହାଡ ଗମ୍ବୁଜ ସଦୃଶ

ସେଇଟି ବୋଧେ ଇତିହାସ,

ଇତିହାସ ପୃଷ୍ଠା 'ଭୟ'ର କବର ମାତ୍ର

ପୁଣି ସତ୍ୟ ସବୁବେଳେ ଭୟ ସଂଚାର୍ କରେ

ତା' ମାନେ 'ସତ୍ୟ' ହିଁ ଇତିହାସ,

ତା'ହେଲେ ଇତିହାସ କାହିଁକି ପଢିବା ଜରୁରୀ ?

ନିଶ୍ଚୟ ପଢିବା.. କାରଣ..

ସତ୍ୟ ଅବା ମିଥ୍ୟାକୁ କିପରି

ସାରଥୀ କରାଯାଇପାରେ

ଇତିହାସ ପୃଷ୍ଠାରେ ମହକି ଯାଉଥାଏ ତ',,

ଟିଟିଲାଗଡ଼, ବଲାଙ୍ଗୀର, ମୋ/୭୭୩୪୮୬୬୬୪୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ତତେ ଭଲପାଏ



ପ୍ରଭାସ କୁମାର ମହାପାତ୍ର

ମୁଁ ଜାଣିନି ତୁ ବ୍ରାହ୍ମଣ କି ବୈଶ୍ୟ
ଅବା କ୍ଷେତ୍ରୀୟ କି ଶୁଦ୍ର ॥
ଜାଣିନି ମୁଁ ତୁ ହିନ୍ଦୁ କି ମୁସଲିମ
ଅବା ଜୈନ, ବୌଦ୍ଧ, ଶିଖ ॥

ଦେଖିନି ମୁଁ ତୁ କଳା କି ଗୋରା
ସୁନ୍ଦର କି ଅସୁନ୍ଦର ।
ଜାଣିନି ତୁ ଧନୀ କି ଗରିବ
ପାଠୁଆ ଅବା ମୁରୁଖ ॥

ଜାଣିନି ମୁଁ ତୁ ଅନୁସୂଚିତ ଅବା
ଜନଜାତି, ସାଧାରଣ ।
ଛୁଆଁ କି ଅଛୁଆଁ, ନୀଚ ଉଚ୍ଚ ଜନ
ଅବା ତୁ ମହାନ ଗଣ ॥

ଜାଣିନି ତୁ ଓଡ଼ିଆ, ହିନ୍ଦୀ, ଇଂରାଜୀ
ଶିଖିଛୁ କି ଭାଷା ନାହିଁ ।
ତୁ କେଉଁ ପ୍ରାନ୍ତର କି ସମ୍ପ୍ରଦାୟର
ଅଟୁ ତୁ ପଚାରି ନାହିଁ ॥

ଦେଖିନି ମୁଁ ଜାତି, ଧର୍ମ, ସମ୍ପ୍ରଦାୟ
ବର୍ଣ୍ଣ କଳା ଗୋରା କିଏ ।
ଦୁନିଆ ଭିତରେ ହଜାରେ ଭିତରେ
ଯେ ମୁଁ ତୋତେ ଭଲ ପାଏ ॥

ମୟୁରଭଞ୍ଜ, ଓଡିଶା
ଦୂରଭାଷ-୯୮୬୧୬୭୦୮୩୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁହ



କୀର୍ତ୍ତନ ସାହୁ

ଲୁହ

କେତେବେଳେ କୋହର ତ

କେତେବେଳେ ମୋହର

ଆଶ୍ୱସ୍ତିର ଆସକ୍ତି

ଅଭାବୀର ଭାବ

ପାଖେ ପାଖେ ରହି

ସେ ଦେଖିଛି

ଦାରିଦ୍ର୍ୟର ଦୟନୀୟତା

ପରିକ୍ଷିଛି ପ୍ରାଚୁର୍ଯ୍ୟର ଅସହାୟତା

ସେ ମୁକ ସାକ୍ଷୀ ସଭିଙ୍କ ଜୀବନର

ସବୁ କାଳର

ଦିନେ ଭେଟିଲି

ପଲିଥିନ ଟଣା ଭଙ୍ଗା କୁଡ଼ିଆରେ

ମଧୁଆ ମାଆକୁ ପୁଅ ବୋହୂ

ରାସ୍ତାରେ ଛାଡି ଚାଲି ଗଲା ପରେ

ମରୁ ମରୁ କେମିତି

ବଞ୍ଚି ଯାଉ ଥିବା

ହୃଦୟ ଓଟରା ବ୍ୟଥା

କହି ଯାଉଥିଲା ଲୁହ ଶୁଣୁ ଥିଲା

ଲୁହ ପାଇ ଟିକେ

ଆଶ୍ୱାସନା ପାଉ ଥିଲା

ଭେଟି ଥିଲି ରାଜ ଉଆସରେ

ନିର୍ଜନ ସାମ୍ରାଜ୍ୟର

ରାଜା ଯେମିତି ନୀରବରେ

ଲୁହ ସାଥେ

ହିସାବ ଦେଇ ଚାଲି ଥିଲେ

ଧ୍ୱସ୍ତ ବିଧ୍ୱସ୍ତର ବିଦୀର୍ଣ୍ଣ କାହାଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୁହ କାହାକୁ

ନ ଚିହ୍ନିଛି ଯେ

ସେ ତ ସଭିଙ୍କ ପାଖରେ ଥାଏ

ସେ ଦୁଃଖୀ ମଣିଷର ହୃଦୟ

ତନ୍ନ ତନ୍ନ କରି ଅନୁଭବିଛି

ବନ୍ୟାର ଆତଙ୍କ ବେଳେ ହେଉ

କି ଦୁର୍ଭିକ୍ଷର ହାହାକାର ବେଳେ ହେଉ

ତା ଆଖି ଆଗେ

ଝଲସି ଉଠେ

ଲୋଭ ଲୋଲୁପ ଦୃଷ୍ଟିର

ବିଲୟ ବେଳେ

ଗର୍ବ ଅହଙ୍କାରର

ବିନାଶ କାଳ ଛବି

ସିଏ ହିଁ ବଡ ଅନୁଭବୀ ।

ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର

ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜାତୀୟ ଚରିତ୍ର



ଅମରନାଥ ବାରିକ

ତୁ ତ ମୁତୁରୀ ମୁଁ ତ ମୁତୁରୀ
ହେଂସ କାଇଁ ପାଇଁ ଧୋଇବା
ଆଲୋ ମୁତୁରୀ ଆମେ ଦୁହେଁ ଏବେ
ସାଙ୍ଗସୁଙ୍ଗା ହୋଇ ଶୋଇବା ।
ଗୋଟାଏ ଥାଳିରେ ଖାଇବା
ଯାହା ବଞ୍ଚିଯିବ ବଳକା ଅଇଁଠା
ବୁଲା କୁକୁରଙ୍କୁ ଖୋଇବା ।

ଦିନ ରାତି ଆମ ପାଦ ଚାଟିଛନ୍ତି
ତାଙ୍କୁ କିଆଁ ଆମେ ଛାଡ଼ିବା
ସମୁଦ୍ରରୁ ପାଣି ଅନେକ ଆସୁଛି
ଆଞ୍ଜୁଳାଏ କାଢ଼ି ପେଇବା ।
ରାଜନୀତି ଖେଳ କରିବା
ଯେଉଁ କୁଜିନେତା ମୁହଁଟି ଖୋଲିବ
ତାଙ୍କ ମୁଣ୍ଡେ ଅଠା ବୋଳିବା ।

ଜନତାଙ୍କୁ ପୁଣି ଭକୁଆ ସଜେଇ
ଚୋଖା ପଣସ ଖାଇବା
ଇଲେକ୍ସନ ବେଳେ ଖର୍ଚ୍ଚ କରିଥିଲେ
ସବୁ ଏଠୁ ଉଠେଇବା ।
କାହାକୁ ବା କାହିଁ କହିବା !
ପଦାରେ କେବଳ ବିଜେଡ଼ି ବିଜେପି
ଭିତିରିଆ ଏକ ହୋଇବା ।

ଥରେ ଆସିଥାଏ ମଉକା ଜୀବନେ
ହାତଛଡ଼ା କାହିଁ କରିବା
ଉପରେ ଉପରେ ପାଣି ସିଞ୍ଚି ଦେଶ
ଭିତରଟା ଖୋଳ କରିବା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆ ଯୋଜୋନା କାଢ଼ିବା

ଗରିବ ନାମରେ ନିଜ ପକେଟକୁ

ଆଗ ଭଲକରି ଭରିବା ।

ସତ କଥା ଯଦି ଆମେ କହିଦେବା

ଅପ୍ରିୟ ନିହାତି ହୋଇବା

ରାଜନୀତି ଖେଳ ବଡ଼ ଗଣ୍ଡଗୋଳ

ଆମେ ଏଠି କିଆଁ ପଶିବା

କାନ ମୁଣ୍ଡ ଆଉଁସିବା ।

ଗାନ୍ଧୀଜିଙ୍କ ଉପଦେଶ ମାନି ତିନି

ମାଙ୍କଡ଼ ପରିକା ହେବା ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୯

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୃଷ୍ଟିରେ ବୁଦ୍ଧିଆ ମଣିଷ



ନାରାୟଣ ଚନ୍ଦ୍ର ସେନାପତି

ଆକାଶେ ଉଡୁଛି ସାଗରେ ବୁଡୁଛି
କଳୁଛି ମାପୁଛି ସଭିଙ୍କ ଦୀପ୍ତି
ବାୟୁମଣ୍ଡଳର ସ୍ୱଭାବ ପଢୁଛି
କହିବାନିକି ସେ ବୁଦ୍ଧିଆ ଅତି ?

ବିଜ୍ଞାନ ଯନ୍ତ୍ରକୁ ଏମିତି ଖଞ୍ଜିଛି
ଜାଣି ପାରୁଛି ସେ ପାଗର ମତି
ପ୍ରକୃତିକୁ ଜ୍ଞାନ ବୁଦ୍ଧିରେ ଜିଣୁଛି
କହିବାନିକି ସେ ବୁଦ୍ଧିଆ ଜାତି ?

ଟାଙ୍ଗରା ଭୂଇଁରେ ନାଗରା ବଜାଇ
ଫଳାଉଛି ସୁନା ଫୁଲାଇ ଛାତି
ବୁଦ୍ଧି ବଳେ ସାରା ଜୀବଙ୍କୁ ବଞ୍ଚାଇ
ଜଳାଉନିକି ସେ ଜୀବନ ଜ୍ୟୋତି ?

ଅନ୍ଧ ପାଇଁ ଦୃଶ୍ୟ ବଧିରକୁ ଶ୍ରୁତି
ମୂକକୁ ଦେଉଛି ବୋଧର ଗୀତି
ଦିବ୍ୟାଙ୍ଗକୁ ସ୍ୱୟଂ ସମ୍ପୂର୍ଣ୍ଣ କରିଛି
କହିବିନିକି ସେ ବୁଦ୍ଧିରେ ମୋତି ?

ଜ୍ଞାନର ନିହାଣେ ବୁଦ୍ଧି ହାତୁଡିରେ
ବଦଳାଇଛି ଯେ ଆଦିମ କାତି
ଆଧୁନିକ ହୋଇ ଦିବ୍ୟ ରୂପେ ନାଚେ
ଭାବିବାନାକି ସେ କୁହୁକ ଜ୍ୟୋତି ?

ସ୍ୱାଦିଷ୍ଟ ଭୋଜନ ବସନ ଭୂଷଣ
ସରଗ ମହଲ ଯା ଯଶ କୀର୍ତ୍ତି
ସବୁ ଜୀବଙ୍କୁ ସେ ପଛେ ପକାଇଛି
କହିବାନିକି ସେ ବୁଦ୍ଧିଆ ଜାତି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଗମ ନଳୀରେ ଶିଶୁ ଜନ୍ମ କରି
ଯନ୍ତ୍ରରେ ଜନମ ଯାହାଙ୍କ କୃତି
ମରଣ ମୁହଁରୁ ବଞ୍ଚାଇ ପାରୁଛି
ଯାଦୁ ନୁହଁ କି ତା ଅମାପ ଶକ୍ତି ?

ଦିବସ ରଜନୀ ଅଭେଦ ତା ପାଇଁ
ଅସମ୍ଭବ ଭାବ ନୁହଁ ତା ସ୍ମୃତି
କାହିଁକି କୁଣ୍ଠିତ ହେବା କହିବାକୁ
ସୃଷ୍ଟିରେ ବୁଦ୍ଧିଆ ମଣିଷ ଜାତି ?

ଜମ୍ପୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ସ୍ୱର୍ଣ୍ଣଲତା
ପଟ୍ଟନାୟକ

ନାରୀ, ଏକ ସୁନ୍ଦର ବର୍ଣ୍ଣନା
ସୃଷ୍ଟିର ଏକ ବେଦନା
ଜନ୍ମ ଖାଲି ପ୍ରତାରଣା ଓ ପ୍ରତାରଣା,
ଜୀବନର ସମସ୍ତ ଦୁଃଖକୁ
ହୃଦୟରେ ଚାପିରଖି
ବାହ୍ୟ ଆଡ଼ମ୍ବରରେ ବଞ୍ଚିବା
ଏକ ନମୂନା ।

ନାରୀ, ଯାହାର ପ୍ରତିଟି ଆବେଗ
ସଂପୂର୍ଣ୍ଣ ଦୁଃଖଭରା
ଚାହିଁକି ବି ନପାଇବାର ସତ୍ୟର
ଚାର୍ ମିନାର୍ ଟିଏ,
କୋଟିଏ ଦୁଃଖ ହୃଦୟରେ ଥିଲେ ବି
ପ୍ରତିଟି କର୍ମକୁ ଗୋଟି ଗୋଟି କରି
ଯୋଗାଇଥିବା ଯନ୍ତ୍ରଟିଏ ।

ନାରୀ, ଦିବାନିଶିର ଭେଦ ନ ଜାଣି
ପରିବାରର ଏକ ମୁକ ବସ୍ତୁଟିଏ
ତାହାର ମନରେ ରହିଥାଏ
ଅନୁତାପର ରେଖାଟିଏ,
ହସ୍ତରେ ଲେଖାଟିଏ କେବଳ
ନିର୍ବଳା, ଅବହେଳିତ, ଏକ ଦଣ୍ଡଟିଏ ।

ନାରୀ, ଏକ ମଉନ ମୂର୍ତ୍ତିଟିଏ
ଭଙ୍ଗା ହୃଦୟଟିଏ
ଖାଲି ପ୍ରତାରଣା ଓ ପ୍ରତାରଣାର
ଜୀବନ୍ତ ଶବଟିଏ,
ନିଜ ଜୀବନ ପାଇଁ ସଂଘର୍ଷ କରି
ନିଜ ଅଧିକାର ପାଇଁ ଚିତ୍କାର କରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇଠି ସେ ପାଲଟି ଯାଏ

ଦେବୀ ରୂପୀ ଦୁର୍ଗା ଟିଏ ।

ନାରୀ, ଜୀବନରେ ରହିଥାଏ

ଅସରନ୍ତି ସମୁଦ୍ର ପରି

ଅସୁନ୍ଦର ଦୁଃଖର କାହାଣୀ ଟିଏ,

ଦୁଃଖ ସହି ନିଜେ ଖୁସି ଦିଏ ସେହି

ପଥର ରୁପି ଶକ୍ତି ଟିଏ ।

ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶିଷ ଦିଅ ହେ ଗଣେଶ



ସବିତା ଜେନା

ହେ ଅଗ୍ରପୂଜ୍ୟ ଶ୍ରୀ ବିଘ୍ନରାଜ
ଘେନ ହେ ପ୍ରଣତି ମୋର
ଭକ୍ତି ଭାବ ନାହିଁ ନାସ୍ତିକ ଯେ ମୁହିଁ
ଦୋଷ ମୋର କ୍ଷମା କର ।।
ନ ପୂଜେ ପଥର ମୁଁ ହୀନ ପାମର
ସଂସାର ଜଞ୍ଜାଳେ ରହି
ସେ କଥା ତ ତୁମେ ଜାଣିଛ ପ୍ରଭୁ ହେ
କିବା ବଖାଣିବି ମୁହିଁ ।।
ତଥାପି ତୁମର କରୁଣାକୁ ଆଶା କରିଛି ମୁଁ ବିଶ୍ୱାସରେ
ଗିରିଜା ନନ୍ଦନ ଆହେ ଗଜାନନ
ଦୟା କର ଆଶ୍ୱାସରେ ।।
ଅଜ୍ଞାନ ତମସା କରେ ଲୋକହସା
ମୋତେ ଏଇ ସମାଜରେ
ଜ୍ଞାନର ପ୍ରଦୀପ ଜାଳି ଜ୍ଞାନାଲୋକ
ବିତରି ଦିଅହେ ଥରେ ।।
ବୁଦ୍ଧି ସିଦ୍ଧି ଦାତା ମୋ ଭାଗ୍ୟ ବିଧାତା
ତୁମେ ତ ମଙ୍ଗଳମୟ
ତବ କୃପା ବଳେ ଅଜ୍ଞାନ ଯେ ଜ୍ଞାନୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପାରେ, ନିଃସନ୍ଦେହ ।।

ମାତା ସେ ଭବାନୀ ଥିଲେ ଏକାକିନୀ

ପର୍ବତ ଗୁମ୍ଫାରେ ଯାଇ

ସ୍ୱ ଅଙ୍ଗ ମଉଳି ପିତୁଳାକୁ ପୁତ୍ରେ

ପରିଣତ କଲେ ସେହି ।।

ବାଲ୍ୟତ କାଳରୁ ମହାବଳୀ ତୁମେ

ଅନନ୍ୟ ଅପରାଜେୟ

ଦେବ ଦେବ ମହାଦେବଙ୍କୁ ଜିଣିଲ

ମାତୃଭକ୍ତ ଅଦ୍ୱିତୀୟ ।।

ସାଧନାରେ ରତ ଆହେ ସ୍ଥିତପ୍ରଜ୍ଞ

ଜ୍ଞାନର ଅତୁଳନୀୟ

ନ ହୁଅ କୃପଣ ଜ୍ଞାନ ଦାନେ ପ୍ରଭୁ

ବିପଦେ ହୁଅ ସହାୟ ।।

ବେନି କର ଯୋଡ଼ି ଶ୍ରୀ ଚରଣେ ପଡ଼ି

କରୁଛି ଭକ୍ତି ଜଣାଣ

ନ ହୋଇ ବିମୁଖ ଫେଡ ଦୁଃଖ ଶୋକ

ଆହେ ପ୍ରଭୁ ଲମ୍ବୋଦର ।।

ଆଶିଷ ଦିଅ ହେ ଗଣେଶ ବିଘ୍ନେଶ

ହଟୁ ମନରୁ ଦୁର୍ବୁଦ୍ଧି

ମନେ ଜାଗୁ ସଦା ଆନକୁ ସମ୍ମାନ

ସଦାଚାର ସତ୍ ବୁଦ୍ଧି ।।

କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଘ୍ନ ବିନାଶକ



ନାମ ?

ପାର୍ବତୀ ନନ୍ଦନ ପ୍ରଭୁ ଗଜାନନ
ତୁମେ ବିଘ୍ନ ବିନାଶନ
ଅଗ୍ରେ ତୁମ ନାମ ଧରି କାର୍ଯ୍ୟ କଲେ
ପୂର୍ଣ୍ଣ କର ମନସ୍କାମ ।

କର୍ତ୍ତବ୍ୟ ପଥରେ ବ୍ରତୀ ହେବାପାଇଁ
ଶିଖାଇଛ ତୁମେ ପ୍ରଭୁ
ଭକ୍ତି ଭାବ ସଦା ରଖିଲେ ହୃଦୟେ
ସାହା ହେବ ନିଶ୍ଚେ ବିଭୁ ।

କଣ୍ଟକିତ ପଥ ହେବ କୁସୁମିତ
ତୁମ ପଦେ ଥିଲେ ଲୟ
ଦୁଃଖ ସୁଖ ଦାତା ତୁମେ ଭକତର
ଡାକ ଶୁଣିବ ନିଶ୍ଚୟ ।


ମାତାଙ୍କ ଆଜ୍ଞାରେ ଦ୍ୱାର ଜଗି ପ୍ରଭୁ
ଦେଇଥିଲ ତୁମ ଶୀର
ଗଜର ମସ୍ତକ ଯୋଡ଼ିଦେଲେ ଆଣି
ସିଏ ତ ଭୋଳା ଶଙ୍କର ।

ବିଦ୍ୟା ଦାତା ତୁମେ ଜ୍ଞାନ ଦାତା ତୁମେ
ସକଳ ଶକ୍ତି ଆଧାର
ବିପଦେ ଆପଦେ ସାହା ହୋଇଥିବ
ଏହି ଅଳି ଶ୍ରୀପୟର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାହାଡ଼ ସେପଟେ ତୁମ ଘର



ରୀତା ଅପରାଜିତା ମହାନ୍ତି

ପାହାଡ଼ ସେପଟେ ତୁମରି ଘର
ସେଦିନ ମେଳନ ପଡ଼ିଆରେ
ଭେଟ ହୋଇଥିଲା
ତୁମେ କିଣୁଥିଲ ରିବନ
ତୁମ ଲମ୍ବା ବେଣୀ ମୋ ମନ ନେଲା କିଣି ।
ତୁମ ଚାହାଣି ଜାଲରେ ମୁଁ ଗଲି ଫସି
ଭାଉଜଙ୍କୁ କହିଲି ଭରସି ତୁମରି କଥା
ଜାଣିଲି ଏ ପାହାଡ଼ ସେପାରିରେ ତୁମରି ଗାଁ ।
ଧୀରେ ଧୀରେ ବୁଝିଗଲି ତୁମ ନାଁ ଗାଁ
ତୁମ ଘରକୁ ବଡ଼ କଷ୍ଟରେ ଖୋଜାଖୋଜି କରିଗଲି ।
ତୁମେ ଦୁଇ ଭାଇଙ୍କ ହାବୁଡ଼ରେ ପଡି
ବହେ ଛେଚା ଖାଇଲି ।
ହେଲେ ସେ ପରେ ପାରିଲି ଜାଣି
ଭଲ ସ୍ୱଭାବର ପିଲାଟେ ମୁହିଁ
ଚାକିରୀ ମୋର ଭଲ ।
ତୁମ ଘରେ ମୋର ବଡ଼ ଖାତିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ବାପା ପୁଅ କହି କୋଳେଇ

ନେଲଣି ଆଉ ବର୍ଷ ଏତିକି ବେଳକୁ

ତୁମ ମୋର ବାହାଘର ।

ତୁମ ପାହାଡି ଝରଣା ହେଲେ

ମୁଁ ଗରମ ସାଗର ।

ଏ ମିଳନ କରିଛନ୍ତି ସ୍ୱୟଂ ପ୍ରଭୁ

ନହେଲେ ମେଳଣ ପଡ଼ିଆରେ

କିଆଁ ହୋଇଥାନ୍ତା ଭେଟ ।

ମୋ ଶୁନ୍ୟ ଅଗଣାକୁ ତୁମ

ସ୍ନେହର ଫୁଲରେ ଭରିଦେବ ମୁଁ ଜାଣେ ।

କେବଳ ତୁମେ ମୋ ଜୀବନକୁ ଆସିବାର ଅପେକ୍ଷା ।

ଭୁବନେଶ୍ୱର -୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁ ଜାଳିଦିଏ ସନ୍ଦେହ ନିଆଁ



ବିଦ୍ୟୁତପ୍ରଭା ମିଶ୍ର

ମାନବ ଗୋଟିଏ ସାମାଜିକ ପ୍ରାଣୀ
ସଂସାର ଭିତରେ କରଇ ବାସ,
ସନ୍ଦେହ ଯଦି ମନରେ ରହିବ
ଭାଙ୍ଗିଯିବ ତାର ସବୁ ବିଶ୍ୱାସ ।
ସବୁ ନିଆଁ ଠାରୁ ସନ୍ଦେହର ନିଆଁ
ଅଟଇ ସିଏ ତ କ୍ଷତିକାରକ,
ନିଆଁ ସିନା ଜଳେ କ୍ଷଣିକ ପାଇଁକି
ସନ୍ଦେହ ଜଳାଏ ଜୀବନ ଯାକ ।
ସନ୍ଦେହର ନିଆଁ କୁହୁଳି କୁହୁଳି
ସମ୍ପର୍କ ଅଗଣା ଧୂଆଁରେ ଭରେ,
ମଧୁର ସଂପର୍କ ହୋଇଯାଏ ନଷ୍ଟ
ଦୁଇ ମନ ମଧ୍ୟେ ପାଚେରୀ କରେ ।
ସନ୍ଦେହଟି ଏକ ଘୁଣ ପୋକ ପରି
ସନ୍ଦେହୀ ଲୋକର ମନକୁ ଗ୍ରାସେ,.
ସନ୍ଦେହୀ ଲୋକଟି ପ୍ରକାଶ ନକରି
ଭିତରେ ଭିତରେ ରୁହଇ ତ୍ରାସେ ।
ସନ୍ଦେହୀ ଲୋକ ଯେ ପ୍ରତ୍ୟେକ କଥାରୁ
କଳିର ସୂତ୍ରକୁ ହୁଅନ୍ତି ଖୋଜି,
ସାଧାରଣ କଥାକୁ ବଢ଼େଇ ଚଢେଇ
ପୋତନ୍ତି ତହିଁରେ କଳିର ମଞ୍ଜି ।
ନିଃସଙ୍ଗ ଜୀବନ କରଇ ଯାପନ
ସନ୍ଦେହୀ ଲୋକଟି ପ୍ରତିଟି କ୍ଷଣ,
ସବୁ ସମ୍ପର୍କରେ ଖୁଣ ଖୋଜିବୁଲେ
ଏମିତି ଚରିତ୍ର ତାହାର ଜାଣ ।
ସନ୍ଦେହକୁ ସଦା ଦୂର କରିଦିଅ
ଆଲୋଚନା ନିଜ ଭିତରେ କରି,.
ଉଦାରତା ବଳେ ବଚନ ମଧୁରେ
ସନ୍ଦେହର କୀଟ ଦିଅରେ ମାରି ।
ବିଶ୍ୱାସ ମନରେ ଅଧିକ ରହିଲେ
ସନ୍ଦେହଟି କେବେ ଆସିବ ନାହିଁ,
ସ୍ନେହ ପ୍ରେମ ଯାର ଯେତିକି ନିବିଡ଼
ସନ୍ଦେହ ତା ପାଖ ନପାରେ ଛୁଇଁ ॥

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଦେହ ନିଆଁଟା ସବୁ ଜାଳିଦିଏ



ତୃପ୍ତିରାଣୀ ପାତ୍ର

ଏମିତି ଅଦ୍ଭୁତ ଏ ସନ୍ଦେହ ନିଆଁ
ସବୁ ଜାଳି ପୋଡ଼ିଦିଏ
ବିଶ୍ୱାସ ଭରସା ସମର୍ପଣ ଭାବ
ଜାଳି ପାଉଁଶ ତା'କରେ ।
ହୃଦୟ ଚିନ୍ତାରେ ସନ୍ଦେହର ନିଆଁ
ପଶିଯାଏ ଯେବେ ଥରେ
ଅଶାନ୍ତ ଘେରରେ ଭଲ ମନ ଆତ୍ମା
ବଞ୍ଚିରହି ଦୁଃଖେ ମରେ ।
ହୃଦୟ ମନକୁ ଅସ୍ତବ୍ୟସ୍ତ କରେ
କ୍ରୋଧାଗ୍ନି ଜଳୁଥାଏ
ମଧୁର ସମ୍ପର୍କେ ତିକ୍ତତା ଭରେ
ହିତାହିତ ଭୁଲିଯାଏ ।
ପ୍ରତି ବିଷୟରେ ସନ୍ଦେହ ଘନେଇ
ନଷ୍ଟ କରେ ଶାନ୍ତି ପ୍ରୀତି
ପ୍ରତି ମୁହୂର୍ତ୍ତରେ ଧୈର୍ଯ୍ୟ ହରାଇ
ଲୋପ ହୁଏ ସହ୍ୟ ଶକ୍ତି ।

ସହନଶୀଳତା ହଜିଯାଏ ଦୂରେ
ବିରକ୍ତ ପ୍ରଶ୍ରୟ ନିଏ
ବୁଦ୍ଧି ବିବେକକୁ ହଜାଇ ସେ ଦିଏ
ସୁଖ ଶାନ୍ତି ନଷ୍ଟ କରେ ।
ନିଦ ହଜିଯାଏ ସନ୍ଦେହ ଜ୍ୱାଳାରେ
ଅବାଟରେ ମନ ଧାଏଁ
ଯଦି ସେ ସମୟେ ବସେ ପ୍ରଭୁ ପାଦେ
ସନ୍ଦେହ ଦୂରେଇ ଯାଏ ।
ସମ୍ପର୍କ ସେତୁର ନିର୍ମାଣ ଯେବେ
ସୁଦୃଢ଼େ ସ୍ଥାପିତ ହୁଏ
ଭାବ ଜ୍ୱଳନ କେଉଁ ସ୍ୱାର୍ଥେ ତେବେ
ସନ୍ଦେହ ଘନେଇ ଆସେ ।
ଜୀବନର ଚଲାପଥ ଧାରେଧାରେ
ବାଧାବିଘ୍ନ ଘେରି ଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖି ଚାହିଁ ପୁଣି ସେସବୁ ଭିତରେ

ଚାଲିବାକୁ ପଡ଼ିଥାଏ ।

ପରୀକ୍ଷା ନିରୀକ୍ଷା ସବୁ ପରେ ଯଦି

ଅବିଶ୍ୱାସ ଘେରିଆସେ

ସନ୍ଦେହ ଧକ୍କାରେ ଶିଶୁପାଳ ହୋଇ

ଜୀବନେ ଦୁଃଖ ବରଷେ ।

ମାୟାମୋହ ଭରା ସଂସାର ସାଗରେ

ବିଶ୍ୱାସ ଭରସା ନାବେ

ନାବରେ ନାଉରୀ କାତଟା ଦୃଢ଼ରେ

ଧରିଥାଏ ମଜଭୁତେ ।

ସ୍ୱାମୀ ସ୍ତ୍ରୀ ସମ୍ପର୍କ ସୁଦୃଢ ବିଶ୍ୱାସେ

ବସବାସ ପରସ୍ପରେ

ଜଣେ ଯଦି ମିଥ୍ୟା କହି ଅବିଶ୍ୱାସେ

ହଜେ ଗୁପ୍ତ ପ୍ରଣୟରେ ।

ସେଠାରେ ସନ୍ଦେହ ଘନେଇ ଆସେରେ

ଦୁହିଁଙ୍କର ଜୀବନରେ

ଚୋରି ଡକାୟତି ହରିଲୁଟ୍ କରେ

ଛିନ୍ନ ଭାବ ବନ୍ଧନରେ ।

ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁ ଜାଳିଦିଏ ସନ୍ଦେହ ନିଆଁ



ସନ୍ତୋଷିନୀ ଦାଶ

ମାନସ ଭିତରେ ବସା ବାନ୍ଧିଗଲେ
ଥରେ ସନ୍ଦେହର ଭୂତ
କେତେବେଳେ ମନ ଥୟ ଧରେ ନାହିଁ
ହେଉଥାଏ ବିଚଳିତ

କାମ କରିବାକୁ ଆଗ୍ରହ ଆସେନା
ବିରସ ଦିଶେ ବଦନ
ସତ ଜାଣିବାକୁ ଉତ୍ସୁକତା ଜାଗେ
ଛନ୍ଦି ହେଉଥାଏ ମନ

ଗୁରୁ ଉପଦେଶ ବନ୍ଧୁ ପରାମର୍ଶ
ବୋଧ ହୁଏ ବିଷ ପରି
କ୍ରୋଧ ଉଠିଯାଏ ଚରମ ସୀମାକୁ
ମନ ହେଉଥାଏ ଘାରି

ନଷ୍ଟ ହୋଇଯାଏ ସବୁ ସୁଖ ଶାନ୍ତି
ସମ୍ପର୍କରେ ପଡ଼େ ଫାଟ
ବୁଝାଇ ହୁଏନା ଅବୁଝା ମନକୁ
ଭୁଲିଯାଏ ସିଏ ବାଟ

କେତେ ଆଶା ନେଇ ନୂତନ ଦମ୍ପତ୍ତି
ବାନ୍ଧିଥାନ୍ତି ଏକ ନୀଡ଼
ସବୁ ସୁଖ ଶାନ୍ତି ନଷ୍ଟ କରିଦିଏ
ଅଦିନ ସନ୍ଦେହ ଝଡ଼

ସମୟେ ସମୟେ ଭୁଲ ପଦକ୍ଷେପ
ନେବାକୁ ନିଏ ନିଷ୍ପତ୍ତି
ସବୁ ଜାଳି ଦିଏ ସନ୍ଦେହର ନିଆଁ
ଜୀବନର ସୁଖ ଶାନ୍ତି


ପରସ୍ପର ମଧ୍ୟେ ବୁଝାମଣା ରଖି
ବାନ୍ଧିଲେ ଶାନ୍ତିର ବସା
ସନ୍ଦେହର ନିଆଁ ଜାଳି ପାରିବନି
ଆମ ଜୀବନର ଆଶା

ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁ ଜାଳିଦିଏ ସନ୍ଦେହ ନିଆଁ



କୁମୁଦିନୀ ପତି

ସନ୍ଦେହ ନିଆଁଟି ଦିକି ଦିକି ଜଳି
ହୁଏ ଦିନେ ବିସ୍ଫୋରଣ,
ସମ୍ପର୍କର ବସା ଦୋହଲି ଯାଏ ଯେ
ନ ଥାଇ କିଛି କାରଣ ।

ସନ୍ଦେହର କୀଟ ମନେ ଘର କଲେ
ସମ୍ପର୍କଟି ଅକାରଣ,
ସ୍ୱାମୀ ସ୍ତ୍ରୀ ସମ୍ପର୍କ ସନ୍ଦେହ ନିଆଁରେ
ଜଳେ ଦାମ୍ପତ୍ୟ ଜୀବନ ।

ପ୍ରେମୀ ଯୁଗଳଙ୍କ ଭବିଷ୍ୟତ ସ୍ୱପ୍ନ
ପାଣିରେ ମିଳାଇ ଯାଏ,
ସନ୍ଦେହର ବିଷ କେହି ଜଣେ ଯଦି
ଗୋଳି ଗାଳି ପିଇ ଦିଏ ।

ସନ୍ଦେହର ଆଖି ଘୁରି ଘୁରି ଯଦି
ଭାଇର ଉପରେ ପଡେ,
ଯୁଦ୍ଧ କରିବାକୁ ଭାଇ ସାଥ ଦେବ
ଏକଥା ରୁହେନା ମନେ ।

ସନ୍ଦେହ ଛୁରୀରେ ନିଜ ଗୋଡ଼ ଯଦି
କେତେବେଳେ ଯାଏ କଟି,
ସମ୍ପର୍କର ସେତୁ ଭାଙ୍ଗିଦେଇ କରି
ସନ୍ଦେହୀ ଯାଏ ପାଲଟି ।

ସନ୍ଦେହରୁ ପରା ଅବିଶ୍ୱାସ ସୃଷ୍ଟି
ଦୁନିଆ ସମ୍ପର୍କ ମଧ୍ୟେ,
ସନ୍ଦେହ ବୃକ୍ଷଟି କାୟା ବିସ୍ତାରିଲେ
ସତରେ ବହୁତ ବାଧେ ।

ସନ୍ଦେହର ନିଆଁ ଲିଭିବ ନାହିଁ
ଯଦି ଆସେ ଦମକଳ,
ସତ୍ୟାସତ୍ୟ ଜାଣି ଆୟତ୍ତ କରିଲେ
ମିଳିବ ପରା ସୁଫଳ ।

ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଦଳି ଯାଉଥିବା ପୃଥିବୀ ଛାତି



ଜିତେନ୍ଦ୍ର କୁମାର ବେହେରା

ତୁ ଦେଖିପାରୁଛୁ ତ ଅବୋଲକରା
କିପରି ପ୍ରତି ମୂହୁର୍ତ୍ତରେ
ବଦଳି ଯାଉଛି ପୃଥିବୀର ଛାତି
ଆକାଶର ରଙ୍ଗ ଆଉ
ଝଡ଼ି ପଡୁଛି କିପରି
ଫୁଲରୁ ପରାଗ, ମନରୁ ସରାଗ
ଜଖମ ଛାତିରେ କିଏ ବସାଇ ଦେଉଛି
ତତଲା ତଲୱାରର ଦାଗ ।
ବିଶ୍ୱାସର ବୀଜ ପତ୍ରରେ
ସୁନ୍ଦର ସମ୍ଭାବନାର ସକାଳଟିଏ
କଡ଼ ଲେଉଟାଉଥିବା ବେଳେ
କିପରି ଡାହାଣିଆ ଖରା
କରୁଛି ତାକୁ ଅହରହ କ୍ଷତାକ୍ତ ।

ଏଠି କିଏ ଉଡନ୍ତା ଚଢେଇର
କାଟି ଦେଉଚି ନିରିହ ଡେଣା
ସେଠି କିଏ ଆଉ ଗୋଟେ ବ୍ୟୁହ
ସରଞ୍ଜନାରେ କରୁଛି କୁମନ୍ତ୍ରଣା ।
କିଏ ପାଳୁଛି ଆଜାଦିର ଅମୃତ ମହୋତ୍ସବ
ଆଉ କିଏ ବିଷ ବଳୟର ସ୍ତୁପ ଉପରେ
ତୋଳୁଛି ପାପର ଇମାରତ୍ ।
କିଏ ଗାଢ ରାତିକୁ ଦେଉଛି ମିଛ ଆଶ୍ୱାସନା
ଦିନକୁ ମିଳୁଛି ଖାଲି ପ୍ରବଞ୍ଚନା ।
କପଟ ପଶାପାଲିର ତଳେ
ବାଜିରେ ଲାଗୁଛି ଦେହ
ସଇତାନର ବାଘବଜାରୀ ଖେଳରେ
ମନରୁ ତୁଟି ଯାଉଛି ମୋହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କା'ଣ ତୁ ଡରି ଗଲୁକି ଅବୋଲକରା ?

ନା ତୁ ଜମାବି ଡରନା

ଦମ୍ଭ ଧରିଥା ଛାତିରେ

ବିଶ୍ୱାସ ରଖ ମନରେ

ଦେଖିବୁ ଯେଉଁ ସଞ୍ଜ ପାଳୁଛି ଶୋକ

ସେଇ ସଞ୍ଜ ଦିନେ ଗାଇବ ମୁକ୍ତିର ସଙ୍ଗୀତ

ଯେଉଁ ସକାଳ ହୋଇଛି କ୍ଷତାକ୍ତ

ସେ ସକାଳ ନିଶ୍ଚିତ ପିନ୍ଧିବ ବିଜୟ ମୁକୁଟ ! ! ! !

କବି କୁଟୀର, ଡିଆଟିକିରୀ

ବିଂଝାରପୁର, ଯାଜପୁର ।


ମୋ - ୭୩୭୦୦୦୫୨୦୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏ ମାଟି ମୋର ସରଗ



ଭାରତୀ ହୋତା

ଯେଉଁ ମାଟି ଉପରେ ପ୍ରଥମ ପାଦ ପକେଇ
ଚାଲି ଶିଖିଲି
ଯିଏ ମା ପରି ଗଢ଼ି ଦେଇଛି
ଏ ରକ୍ତ ମାଂସର ସ୍ଥୂଳ ଶରୀର
ଝାର ଜଙ୍ଗଲ
ବଞ୍ଚେଇ ରଖିଛି ନିର୍ମଳ ଆସ୍ଥା
ଆପଦ ବିପଦ କୁ ଅସରନ୍ତି ବିଶ୍ୱାସ
ଜଠରରୁ ଜୁଇଯାଏଁ
ଯେଉଁ ମାଟିରେ ପୁର୍ବଜ ଅଜାଡ଼ି ଦେଇଗଲେ ନିଜ ଆୟୁଷ
ସେ ମାଟି ମୋର ନୁହେଁ ତ କାହାର ?

ଯେଉଁ ମାଟିର ପାଣି ପବନ
ବଞ୍ଚେଇ ରଖିଛି ଏ ଅନିଶ୍ଚିତ ଜୀବନ
ଗଛ, ପତ୍ର, ଫଳ, ମୂଳରେ ତୋଳି ଧରିଛି ବଳ ବୟସ ,
ଯେଉଁ ମାଟି କୋଳରେ ଦରୋଟି ଓଠରୁ
ଫୁଟିଛି ଭାଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉକୁଟି ଉଠିଛି ଅସୁମାରୀ ଆଶା

ମୁହଁରେ ଚହଟିଛି ଅକପଟ ହସ

ଯେଉଁ ମାଟି ପାଇଁ

ସେଥିରେ ହକ୍ ପୁଣି କାହାର ?

ଯେଉଁ ମାଟି ମା '

ସୃଷ୍ଟି ଆରମ୍ଭରୁ ତା ଛାତିରେ

ଲେଖି ଆସିଛି

ସୃଷ୍ଟି ସର୍ଜନାର ଗୀତି କବିତା

ଫି ' ଦିନରେ ଶୁଣେଇ ଆସିଛି

ଜୀବନ ଯଜ୍ଞର ବୀଜମନ୍ତ୍ର

ସୁର ଲୟ ତାଳ ସହ...

ସମର୍ପିତ ମାଳି ପରିଦୁନିଆ ଆଗରେ

ଫୁଟେଇଛି ମୋତେ

ସେ ମାଟି ମୋର ନୁହେଁ ତ

ଆଉ କାହାର ?

ଖରିଆର ରୋଡ଼, ନୂଆପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସହାୟ ଜହ୍ନ



ସରସ୍ୱତୀ ପଣ୍ଡା

ଜହ୍ନର ହସ ସଭିଏଁ  ଦେଖିଛନ୍ତି

ତାର ସଫେଦ ଜୋଛନାରେ

ସଭିଏଁ ଦେହ ଧୋଇଛନ୍ତି

ତାକୁ ନେଇ ଲେଖିଛନ୍ତି

ଅନେକ କାବ୍ୟ ଓ କବିତା

ତାକୁ ଧରିବାକୁ କୋଳେଇବାକୁ ସଭିଙ୍କର ପ୍ରବଳରୁ ପ୍ରବଳ ଇଚ୍ଛା

ତା ପରଶ ପିଆଶୀ ସଭିଏଁ

ହେଲେ ତାର ଅନ୍ଧାର ପଣକୁ କେହି

କୋଳେଇନେବାକୁ ଚାହାନ୍ତି କି

ତା ଛାତି ତଳେ ଦରଦ ଥାଇପାରେ---

ତାର ବି ମନ ଜଳେ..

ଆଖି ଭିଜେ

ଦେହ ଖୋଜେ କା'ର କୋମଳ ପରଶ

ଓଠରେ ଅନନ୍ତ ଶୋଷ

ଯାହା ପାଇଁ ସେ ଅପେକ୍ଷା କରିଛି ଅୟୁତ ବରଷ...

କେହି ଅନୁଭବ କରିଛି ସେ କେତେ ଅସହାୟ  .. ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ଗାଁରେ ବି ଝଡ଼ ଉଠେ

ଛାତିଥରେ

ହେଲେ ସେ କହେନି କାହାକୁ

ଅମାବାସ୍ୟା ତାକୁ କେତେ କଷ୍ଟ ଦିଏ ବୋଲି

ଅନ୍ଧାର ତାକୁ କେତେ ଯେ ଡରାଏ..

ସେ ସବୁ ଲୁଚେଇ କେବଳ ବାଣ୍ଟି ଦିଏ

ଆଲୋକ ହିଁ ଆଲୋକ

ଖୁସି ହିଁ ଖୁସି

କେହି ତାକୁ ବୁଝିଛି ନା ସେ କାହାକୁ ବୁଝେଇଛି

କେହି ତାକୁ ପଚାରିଛି ନା ସେ କାହାକୁ କହିଛି

କେବଳ ଲୁଚେଇଛି ଆଉ ଲୁଚେଇଛି

ଧାରେ ରଙ୍ଗୀନ ହସ ଓଠରେ ସଜେଇ

କାହିଁ କେଉଁ କାଳରୁ... ପ୍ରତୀକ୍ଷା କରିଛି ଆସିବ କି କେହି ଜଣେ ....

ଶ୍ରୀରାମପୁର, ମଙ୍ଗଳପୁର, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ଠିକଣା



ବିବାସିନୀ
ପଟ୍ଟନାୟକ

ଜୀବନେ ଏନ୍ତୁଡି ପ୍ରଥମ ଠିକଣା
ଶେଷ ଠିକଣା ମଶାଣୀ
ଛ ଖଣ୍ଡି ବାଉଁଶ ଯୁଇରେ ତ ଶେଷ
ତଥାପି ଗର୍ବ ଭାଙ୍ଗେନି ।
ଯେଉଁ ବଡେଇରେ ହସୁଛୁରେ ତୁହି
ଧରାକୁ ମଣିକି ସରା,
କେହି ରହିନାହିଁ ରହିବେ ନାହିଁଟି
ଅମର କିବା ତୁ ପରା ।
କେହି ତୋର ସାଥେ ନ ଯିବେ ସେ ପଥେ
କର୍ମ ଏକା ଯିବ ତୋର,
ତଥାପି  ଅନ୍ୟାୟ ଅନୀତି କୁକର୍ମ
ସାଥୀରେ କରିଛୁ ଘର ।
କାମିନୀ କାଞ୍ଚନ ଭୋଗ ବିଳାସରେ
ଭୁଲିଛୁ ନିଜ ଠିକଣା,
ବେଳ ଥାଉ ଥାଉ ବନ୍ଧ ବାନ୍ଧିଲୁନି
ମିଳିବ ସବୁ ପାଉଣା ।
ମୋର ମୋର ବୋଲି ମିଛ ମାୟାକୁ ତୁ
ଯାବୁଡି ଧରିଲୁ ବାନ୍ଧି
ଶେଷ ଠିକଣାର ଶେଷ ରାସ୍ତାକୁ ତୁ
ପାରି ହେବୁ ବା  କେମିତି । ?


କର୍ମ ଭୂମିରେ ତ ଜନ୍ମ ନେଇ ବିଷ୍ଣୁ
ମଜ୍ଜିନାହାନ୍ତି ମୋହରେ
ଚେତାଇ ସେ ଦ୍ୟନ୍ତି  କର୍ମ କରିଯାଆ
ଫଳ ଆଶା ମୋ  ଉପରେ ।
ସରଳ ନିରୀହ କୋମଳ ମତିକୁ
ଛନ୍ଦି ଦେଇଜୁ  ତୁ ଫାନ୍ଦ,
ଧନୀ କି ଗରୀବ ମୂର୍ଖ କି ପଣ୍ଡିତ
ସଭିଙ୍କ ଗୋଟିଏ ପଥ ।
ମିଛ ମାୟା ଘୋର କେ ନୁହେଁ କାହାର
ଏବେଠୁ ହୁଅ ସତର୍କ
ରଖିଲେ ରଖିବ ସେ ଏକା ମାଲିକ
ସେ ହିଁ ପଥ ପ୍ରଦର୍ଶକ
ସେହି କଥା ଚିନ୍ତି ଚାଲୁଥିବୁ ଯଦି
ବାଟ ପଡିବନି  ଜଣା ।
ପାଇବୁ ଶେଷ ଠିକଣା ।

କାଳୁପଡା ଘାଟ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମେରୀ ମାଟି ମେରୀ ଦେଶ



ବିନୋଦିନୀ ଦାଶ

ମେରୀ ମାଟି ମେରୀ ଦେଶ
କି ସୁନ୍ଦର ତା'ର ବେଶ । (ଘୋଷା)

ନଦୀ ଗିରି ଝର କାନନ ସାଗର
ସବୁଜିମା ଶସ୍ୟକ୍ଷେତ୍ର
ଫୁଲ ଫଳ ଭରା ଉପବନେ ତୋରା
ହୁଅଇ ସକଳ ନେତ୍ର
କେତେ ମିଠା ସତେ ପକ୍ଷୀର କାକଳି
କାନରେ ହେଲେ ପ୍ରବେଶ
ମେରୀ ମାଟି ମେରୀ ଦେଶ । (୧)

ରୁନି ମୁନି ଝୁନି ଯେତେ କୁନା କୁନି
ଜନମିଛୁ ତା' କୋଳରେ
ସୁଶିକ୍ଷା ସଂସ୍କାର ଭରିଣ ଅନ୍ତର
ଶ୍ରୀବୃଦ୍ଧି ଜ୍ଞାନାଲୋକରେ
ଶାନ୍ତି ମୈତ୍ରୀ ପ୍ରୀତି ଗାଉଥିବ ଗୀତି
ଦେଇ ଅପୂର୍ବ ପରଶ
ମେରୀ ମାଟି ମେରୀ ଦେଶ । (୨)

ପୂରୁବ ଗୌରବ ଆମ ପାଇଁ ଗର୍ବ
ତା' ସହିତ ଥାପି ପାଦ
ବଢ଼ିବୁ ଆଗକୁ ଗରବିତ ବୁକୁ
ନଥିବ କିଛି ବିଭେଦ
ସକଳ ମୁଖରେ ସମତାର ସୁଧା
ଢାଳି ହୋଇବୁ ହରଷ
ମେରୀ ମାଟି ମେରୀ ଦେଶ ।(୩)

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଉଦ୍ଭାସୁ ଜୀବନ



ଭରତବନ୍ଧୁ ବିଶ୍ୱାଳ

ନୀରବି ଯାଅନା ଜୀବନ ଯମୁନା
ରସେ ହୁଅ ମଧୁଛନ୍ଦା
ନିସ୍ୱନୁ ଶବଦ ମଧୁର ମୂର୍ଚ୍ଛନା
ପ୍ରବହୁ ଧାରା ଶ୍ରୀରାଧା ।
ଫୁଟୁ ପାରିଜାତ ପ୍ରୀତି ପ୍ରେମ ପୁଷ୍ପ
ଚହଟୁ ନନ୍ଦନ ବାସ
ପ୍ରକାଶୁ କିରଣ କବି ସୁମାନସ
ସ୍ଫୁରୁ ମୁଖେ ସ୍ମିତହସ ।
ଝଲସୁ ଅକ୍ଷରେ ସତ୍ୟ ସୁବିଶ୍ୱାସ
ମଧୁମୟ ସଙ୍କଳ୍ପନା
ଉଦ୍ଭାସୁ ଜୀବନେ ଆନନ୍ଦ ଉଚ୍ଛ୍ୱାସ
ଅଧ୍ୟାତ୍ମ କୃଷ୍ଣ ଚେତନା ।

ଆବର୍ତ୍ତୁ ସ୍ୱଚ୍ଛନ୍ଦେ ପଞ୍ଚମ ପ୍ରକୃତି
ଶ୍ୟାମଘନ ସବୁଜିମା
ମୋହିନେଉ ମନ କୋକିଳର କଣ୍ଠ
ସମ୍ଭାଷଣ ସମ୍ଭାବନା ।
ବାସୁ ମହମହ ଗୋପ ବୃନ୍ଦାବନ
ହୃଦୟ କୁଞ୍ଜ କାନନ
କଦମ୍ବ ମୂଳରେ ଗୁଞ୍ଜୁ ମୁହୁର୍ମୁହୁ
ମଧୁର ମୂରଲୀ ସ୍ୱନ ।
ବିକଶୁ କମଳ ଶାନ୍ତି ଶତଦଳ
ସୁମନ ରଙ୍ଗ ଉଜ୍ଜ୍ୱଳ
ହେଉ ପୂର୍ଣ୍ଣକାମ ଜୀବନ ସାର୍ଥକ
ସ୍ୱପ୍ନ ସବୁଜ ସଜଳ ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁପୋଷଣ



ଉମାକାନ୍ତ ଦାସ

କୁନା କହେ ମୁନା ଶୁଣ କଥାଏ
କୁପୋଷଣ କଥା ବୁଝାଇ କୁହେ ।।
ବନେ ଯେତେବେଳେ ମଣିଷ ଥିଲେ
କଂଚା ଖାଦ୍ୟମାନ ସେ ଖାଉଥିଲେ ।।
ସ୍ୱସ୍ଥ ଶରୀରରେ ସେ ରହୁଥିଲେ
ଚହଟ ଚିକ୍କଣ ଦୂରେଇ ଥିଲେ ।।
ଦୀର୍ଘ ଆୟୁଷ ଯେ ଥିଲା ତାଙ୍କରି
ତାଙ୍କୁ ହୁଏ ନାହିଁ ବଡ଼ ବେମାରୀ ।।
ଯେବେ ଏ ମଣିଷ ବୁଝି ପାରିଲା
ପୋଡ଼ା ସିଝା ଖାଇ ଉନ୍ନତ ହେଲା ।।
କୃଷି କାର୍ଯ୍ୟ କରି ଶସ୍ୟ ପାଇଲା
ଖାଦ୍ୟସାର ତାକୁ ପରା ମିଳିଲା ।।

ଆଜି ଏ ମାନବ ଫେସନେ ମଲେ
ହାଇବ୍ରିଟ ଚାଷ କ୍ଷେତେ କରିଲେ ।।
ବିଷ ସାର ଦେଇ ଶସ୍ୟ ପାଇଲେ
ଗର୍ଭସ୍ଥ ମାଆ ଯେ ତାକୁ ଖାଇଲେ ।।
ଗର୍ଭରୁ ସନ୍ତାନ ଦୁର୍ବଳ ହେଲା
କୁପୋଷଣ ରୋଗେ ଶିକାର ହେଲା ।
ସରକାର ବହୁ ଯୋଜନା କଲା
ଘରେ ଘରେ ଖାଦ୍ୟ ଔଷଧ ଦେଲା ।।
କୁପୋଷଣୁ ଶିଶୁ ରକ୍ଷା ପାଇବ
କିଏ ବା କାହିଁକି ତାକୁ ଖାଇବ ।।
ଗୋରୁ ମାଡିଆକୁ ସେ ଖାଦ୍ୟ ଗଲା
ଔଷଧ ମୂଷାର ଗାତେ ପଶିଲା ।।
ପ୍ରଦୂଷିତ ପାଣି ପବନ ହେଲା
ପଞ୍ଚ ତତ୍ତ୍ୱେ ବିଷ ଭରି ରହିଲା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁମାନେ ଆମେ ବଡ଼ ହୋଇଲୁ

ପିଜା ବରଗଡ଼ ଖାଇ ବଢିଲୁ ।।

ବୀରର ମାଆ ଯେ କାହୁଁ ମିଳିବ

ଦିନେ ବୀରଶୂନ୍ୟ ଧରିତ୍ରୀ ହେବ ।।

ଏବେ ଠାରୁ ମୁନା ଧ୍ୟାନ ରଖିବା

ସୁଖାଦ୍ୟ ଭୋଜନେ ପେଟ ଭରିବା ।।

ଶୁଦ୍ଧ ଜଳେ ସ୍ନାନ ପାନ କରିବା,

ସକାଳରେ କସରତ କରିବା ।।

କୁପୋଷଣେ ସର୍ବେ ରକ୍ଷା ପାଇବା

ଆଗାମୀ ଶିଶୁଙ୍କୁ ସୁରକ୍ଷା ଦେବା

ଲାଲବାଗ, ଖାନନଗର

ମଙ୍ଗଳ ପୁର, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟର ଅର୍ଥ ବୁଝିବା



ସତ୍ୟନାରାୟଣ ସାହୁ

ସଂସାଧିତ କରେ ଯିଏ ସାମୂହିକ ହିତ
ସାହିତ୍ୟ ନାମ ରେ ସେହି ବିଦ୍ୟା ଅଭିହିତ ।
ସମାଜ ରୁ ନାନା ଆଶା ଭରସା ସପନ
ସଦଭାବନା ଭକ୍ତି, ନୀତି , ଧର୍ମ ଓ ଦର୍ଶନ ।
ସୁମଞ୍ଜୁଳ କାନ୍ତିମୟୀ ଭାବ ଆହରିଣ
ସାହିତ୍ୟେ ହୁଅଇ ଜାଣ ସେ ପରି ବେଶଣ ।
ସମାଜ ର ଦୋଷ ତ୍ରୁଟି ସାଥେ କୁସଂସ୍କାର
ସାହିତ୍ୟ ପ୍ରକାଶି ଆଣେ ସମାଜେ ସଂସ୍କାର ।
ସମାଜ ର ପ୍ରତି ଛବି - ନିଛକ ମୁକୁର
ସମାଜ ଅନୀତି ଭ୍ରଷ୍ଟାଚାର କରେ ଦୂର ।
ସମଜୁ ଆହରି ନିତ୍ୟ ଭାବ ନବ ନବ
ସାହିତ୍ୟ ପ୍ରକାଶି କବି କରେ ଅଭିନବ ।
ସମାଜ, ବ୍ୟକ୍ତିର ଚିନ୍ତା ଚେତନା ସ୍ପନ୍ଦନ
ସୁବିପୁଳ ଭାବ ଧାରା, ରୋମାଞ୍ଚ, ଆହ୍ବାନ ।
ସୃଷ୍ଟି କରି ସ୍ରଷ୍ଟା ନିତି ପାଠକ ପାଇଁ କି
ସୁବିଧା, ସୁଯୋଗ, ଚେଷ୍ଟା କରି ଥାଏ ନିତି ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭ୍ୟତା ସଂସ୍କୃତି ପ୍ରତି ଔତ୍କର୍ଷ୍ୟ ଭଣ୍ଡାର
ସାହିତ୍ୟରେ ଥାଏ ସଦା ପରିପୂର୍ଣ୍ଣ ଭାର ।
ସୌନ୍ଦର୍ଯ୍ୟର ମୂର୍ତ୍ତିମନ୍ତ ପରି ପ୍ରକାଶ ସେ
ଶୁଦ୍ଧ ଭାବ ଭାବନାରେ ଭରେ ନାନା ରସେ ।
ସରସ ଲାଳିତ୍ୟମୟୀ, ସ୍ୱଚ୍ଛନ୍ଦ -ରମ୍ୟତା
ସରଳ ତରଳ କଳା - ମଞ୍ଜୁଳ , ସଂହିତା ।
ସକଳ ବିଦ୍ୟାର ସେହି ବିପୁଳ ଭଣ୍ଡାର
ସତ୍ୟ ନ୍ୟାୟ ସାମ୍ୟ ମୈତ୍ରୀ କରଇ ପ୍ରସାର ।
ସମୟ ସହିତ ତାହା ଥାଏ ଗତିଶୀଳ
ସମୟ ଓ ସମାଜର ଅଜସ୍ର ବର୍ଣ୍ଣିଳ ।
ସର୍ତ୍ତା ରାଶି ପରକାଶି, କରେ ସଂରକ୍ଷଣ
ଶବ୍ଦ, ଅର୍ଥ, ବର୍ଣ୍ଣ ଧ୍ୱନି, ଭାଷା ବ୍ୟାକରଣ ।
ଶୋଭନୀୟ ହୋଇ ଭାଷା ଭାବ ସୁପ୍ରସାର
ଶୋକୀ, ଆର୍ତ୍ତ ମନେ ତୋଳେ ଆଶ୍ୱାସନା ଧାର ।
ସମାଲୋଚନାରେ ଯାହା ହୁଏ ଉର୍ଜସ୍ୱଳ
ସମୁତ୍‌ଫୁଲ କରେ ଚିତ୍ତ ପାଠକ ଶ୍ରୋତାର ।
ସର୍ବାର୍ଥ ସାଧକ ଯିଏ ସର୍ବ ସିଦ୍ଧି ଦାୟୀ
ସର୍ବସାଧାରଣଙ୍କର ହିତେ ସଦା ଥାଇ ।
ସାଧନ କରଇ ତାହା ସର୍ବ ଭୁତ ହିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଯାତ୍ରୀ ଭାବେ ଚାଲେ ଜୀବନେ ସାହିତ୍ୟ ।

ସାହସ ଶକତି ସ୍ୱପ୍ନ ସୃଜନୀଶୀଳତା

ସ୍ମାରକ ଭାବେ ସେ ଚିର କରେ ସହାୟତା ।

ସଭିଙ୍କୁ ଅରପେ ନିଜ ସୁସ୍ୱାଦୁ ଭଣ୍ଡାର

ସକ୍ରିୟ କରେ ମନକୁ ଖାଦ୍ୟ ରସ ଭାର ।

ସତତ ଯୋଗାଇ ମଧୁମୟି ରୁଚିକର

ସାହିତ୍ୟ ସାଧଇ ହିତ ସାରା ସଂସାରର ।

ସତ୍ୟ ନାରାୟଣ ସାହୁ

ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହିତ୍ୟର ଅର୍ଥ ବୁଝିବା



ନଳିନୀ ପ୍ରଭା ମିଶ୍ର

ସାହିତ୍ୟର ଅର୍ଥ ବ୍ୟାପକ ଅଟଇ
ବୁଝିବା ସହଜ ନୁହେଁ
ସାହିତ୍ୟକୁ ଯିଏ ରଖେ ହୃଦୟରେ
ତା'ର ଅର୍ଥ ସିଏ କୁହେ ।
ସାହିତ୍ୟ ମୁକୁର ଜନ ସମାଜର
ସାହିତ୍ୟ ହିଁ ଯୋଗ ସୂତ୍ର
ଅନୀତି, ଦୁର୍ନୀତି, ହିତ ଓ ଅହିତ
ସାହିତ୍ୟେ ପ୍ରତିଫଳିତ ।
ସାହିତ୍ୟ ହିଁ ଜାଳେ ଜାଗରଣ ବହ୍ନି
ଦେଶ ପ୍ରେମ ଭାବ ଉକ୍ତି
ସାହିତ୍ୟ ପୁରାଣ, ରାମାୟଣ
ପୁଣି ଗୀତା ଭାଗବତ ପୋଥି ।
ସାହିତ୍ୟ ସର୍ଜନା ନୁହେଁ କ୍ରୟ ଦ୍ରବ୍ୟ
ପୂର୍ବ ଜନ୍ମ କର୍ମ ଫଳେ
ସାହିତ୍ୟିକ ଟିଏ ଜନ୍ମ ନେଇ
ଯଶ ରଖିଯାଏ ଧରା ତଳେ ।
ଉଦାରତା ବଳେ ସୃଷ୍ଟ ସେ ସାହିତ୍ୟ
ହୋଇଥାଏ ଚିରସ୍ଥାୟୀ

ଯେଉଁଠି ସାହିତ୍ୟ ସେଠାରେ
ପବିତ୍ର ଭାବ ବିନିମୟ ହୋଇ ।
ସାହିତ୍ୟର ଅର୍ଥ ବୁଝିବା ଦିଗରେ
ପାଠକର ଆବଶ୍ୟକ
ରୁଚି, ଅଭିରୁଚି, ଜିଜ୍ଞାସାର କଥା
ହୃଦୟର ଅଭିଲେଖ ।
ସାହିତ୍ୟର ଚର୍ଚ୍ଚା, ସମାଲୋଚନାର
ସମୀକ୍ଷାର କଳେବର
ସାହିତ୍ୟ ଜଗତ ହୁଏ ହୁଅଇ ବ୍ୟାପୃତ
ସେ ସାହିତ୍ୟ ହୁଏ ଚିର ।
ସାହିତ୍ୟର ଅର୍ଥ ଅନେକ ରହିଛି
ବିଭାଗର ସ୍ତର ନେଇ
ଗଭୀର ଭାବରେ ଅନ୍ତର୍ଦୃଷ୍ଟି ବଳେ
ତାହା ହାସଲ ହୁଅଇ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟର ଅର୍ଥ ବୁଝିବା



ରାଧାଶ୍ୟାମ ମହାନ୍ତି

ଭାବନାକୁ ଆମେ ଲେଖନୀ ମୁନରେ
କରିଲେ ପରି ପ୍ରକାଶ
ଲେଖିବା ପଢ଼ିବା ତାହାକୁ ବୁଝିବା
ସେଥିରେ ଆମ ବିକାଶ ।
ସାହିତ୍ୟ ଶବଦ ତିନୋଟି ଅକ୍ଷର
ନୁହଇ କ୍ଲିଷ୍ଟ କହିବା
ସରଳ ଲିଖନ ତାହାକୁ ପଠନ
ଅନ୍ୟକୁ ଉତ୍ସାହ ଦେବା ।
ସମାଜରେ ଅଟେ ଦର୍ପଣ ସଦୃଶ
ଗର୍ବ ଗୌରବ ଆମର
ଉତ୍ତମ ପ୍ରବକ୍ତା ହୋଇଛନ୍ତି ଯିଏ
ତାଙ୍କ କଥାକୁ ବିଚାର ।

ସାହିତ୍ୟ ସଭିଙ୍କୁ ବାନ୍ଧି ରଖିପାରେ
ଦେଇଥାଏ ପରିଚୟ
ଭାଙ୍ଗି ଯାଇଥିବା ମନ ଅଗଣାକୁ
ଦେଇଥାଏ ସେ ଆଶ୍ରୟ ।
ସାହିତ୍ୟିକ ଜଣେ କରେ ସୁବିଚାର
ନଥାଏ ଅନ୍ୟାୟ ଭାବ
ସଭିଙ୍କ ହୃଦୟେ କରିପାରେ ଘର
ବାଣ୍ଟି ଚାଲେ ପ୍ରେମ ଭାବ ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟର ଅର୍ଥ ବୁଝିବା



ତାନଶ୍ରୀ ପାଣିଗ୍ରାହୀ

ସାହିତ୍ୟ ଅଟଇ ଅସୀମ ସମୁଦ୍ର
କେତେ ଯେ ଶବ୍ଦ ଜୁଆର
ଚିନ୍ତା ଓ ଚେତନା ଜୀବନ ଜିଜ୍ଞାସା
ସମୀକ୍ଷାର କଳେବର...

କବିତା, ଗଳ୍ପ ଛନ୍ଦ ବ୍ୟାକରଣ
ଏ ତ ସାହିତ୍ୟ ଶରୀର
ସୃଷ୍ଟି କରେ ନିତି କବି ସାହିତ୍ୟିକ
ଆଣେ ସମାଜ ସଂସ୍କାର...

ଭାଷାକୁ ଉନ୍ନତ କରଇ ସାହିତ୍ୟ
ଅଟେ ସେ ସ୍ୱଚ୍ଛ ଦର୍ପଣ
ସଭ୍ୟତା ସଂସ୍କୃତି ପ୍ରାଚୀନ ଐତିହ୍ୟ
ଦିଏ ସେ ଦିଗଦର୍ଶନ...

ସାହିତ୍ୟ ସର୍ଜନା ଅଟେ ଦିବ୍ୟଗୁଣ
ବାଗ୍ଦେବୀଙ୍କ କୃପାବଳେ
ସାହିତ୍ୟ ସାଧକ ଯଶ ଓ ଗୌରବ
ରଖିଥାନ୍ତି ଧରାତଳେ...

ଅସୀ ଠାରୁ ମସୀ ସଦା ବଳବାନ
ସାହିତ୍ୟରେ ହେବା ବ୍ରତୀ
ସତ୍ୟ ଶିବ ସୁନ୍ଦର ଝଙ୍କାର
ବିକାଶର ଅଭିବ୍ୟକ୍ତି ॥

ବାଲିଆ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ମୁହଁ କିଆଁ କରୁନ ଏକା



ସନ୍ତୋଷ କୁମାର ସାହୁ

ମନ ମୁହଁ ଦୁହେଁ ତନୁ ଅଙ୍ଗ ଭଳି
ଦୃଶ୍ୟ ଅଦୃଶ୍ୟରେ ରୁହନ୍ତି ଯୋଡ଼ି
ଅଭିନୟ କରି ଛଳନା କରିଲେ
ମୁହଁ ବଦଳିବ ଘଡ଼ିକୁ ଘଡ଼ି ....

ମନ ମୁହଁ ଭାବ ଏକ ନରଖିଲେ
ଅସଲ ରୂପକୁ ହୁଏନି ଦେଖି
ବାହାର ଭିତରେ ଭାବର ସ୍ୱରୂପ
ସଠିକ ହେବନି ଜମା ପରଖି ...

ମନର ଚିନ୍ତନ ମୁହଁରେ ପ୍ରକାଶ
କରାଯାଇ ପାରେ ଉତ୍ତମ ରୂପେ
ବେଳେବେଳେ ପୁଣି ମିଛ ଅଭିନୟ
ମୁହଁ ଭାବ ଭାଙ୍ଗି ମନରେ ଚାପେ ...

ଗୋଟିଏ ମୁହଁରେ ଉଆ ଉଷୁନାର
କଥାକୁ ହୁଏନି ଜମାରୁ ଜାଣି
କପଟ ଅନ୍ତରେ ମଧୁର ଭାଷଣ
ଛଳନାରେ ନିଏ ମନକୁ ଟାଣି

ମନର ଭାବନା ନିଜକୁ ହିଁ ଜଣା
ମୁଖ ଦେଖି ସତ୍ୟ ନହୁଏ ଜାଣି
ମୁଖ ମଣ୍ଡଳରେ ଭିନ୍ନ ଭିନ୍ନ ଭାବ
ଜହରକୁ କେବେ ଦେବ ବି ବୁଣି

ମନର ଭାବନା ସ୍ୱଚ୍ଛତା ରଖିଲେ
ମୁହଁ ଝଟକିବ ଦର୍ପଣ ଭଳି
ମନ ମୁହଁ ଯଦି ଏକ ହୋଇଯାଏ
ଭାବରେ ଅମୃତ ହୋଇବ ଢାଳି ....

ମନକୁ ମୁହଁର ସେବାରେ ଲଗାଇ
ଦିବ୍ୟତା ଗୁଣର ଭାବ ପ୍ରକାଶ
ପ୍ରକୃତ ଚିନ୍ତନ ଛବିକୁ ଆଙ୍କିଲେ
ଆତ୍ମ ସମ୍ମାନରେ ନଥିବ ଦୋଷ ...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ମୁହାଁ କିଆଁ କରୁନ ଏକା



ଭାସ୍କର ରାଉତ

ଧନ୍ୟ ତୁମେ ନେତା ଦେଉଛ ବାରତା
ସଭା ସମିତିକୁ କରି
ଚଉକି କିପରି ହୋଇବ ତୁମରି
ସେ ଲାଗି ପକାଅ ହୁରି ।
ମିଛ ବାହାଦୂରୀ ମାରି,
କପଟ ହସକୁ ପ୍ରକାଶି ତାହାକୁ
ନିତି ବୁଲ ଘିରି ଘିରି । ।
କେତେ ଯେ ଯୋଜନା ନାହିଁ ତା କଳନା
ହିତାଧିକାରୀ ନପାଏ
ଦଳୀୟ କର୍ମୀଟା ମାରିନିଏ ସେଟା
ଜନତା ଜଳକା ହୁଏ ।
ମିଟି ମିଟି ଚାହୁଁଥାଏ,
ଦପ୍ତରୁ ଦପ୍ତର ବୁଲି ବାରମ୍ବାର
ତା ଚପଲ ସରିଯାଏ । ।
ଯେତେ ଅଧିକାରୀ ଲୋଡ଼ନ୍ତି ଉପୁରି
ମିଛେ ଆଶ୍ୱାସନା ଦେଇ
ସମୟ ଗଡ଼ାଇ ଚାଲୁଥାନ୍ତି ସେହି
ଆଜି କାଲି କହି କହି ।
ରାଇଜ ବ୍ୟବସ୍ଥା ଏହି,
ଘର ଢେଙ୍କି ଆଜି କୁମ୍ଭୀରଟେ ସାଜି
ଗିଳି ଚାଲିଅଛି ସେହି । ।
ମନ ମୁହଁ ଦୁଇ ସମାନ ନୁହଇ
ନେତା ପ୍ରଶାସକଙ୍କର
ଅନ୍ତରେ କପଟ ବଢ଼ାଏ ଶଙ୍କଟ
ଦେଖାନାହିଁ ବିକାଶର ।
ମନ ମୁହଁ ସମ କର,
ଚୋରଙ୍କ ଘର ନଥାଏ ଅନ୍ଧାର
ଏକଥା ରଖ ମନର । ।

ଦେବମାୟା ଭବନ, ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାନ୍ଧୀଙ୍କୁ ଝୁରୁଛି ଭାରତ ଭୂଇଁ



ସୁଦ୍ରୁମା ପଣ୍ଡା

ହେ ଯୁଗ ପୁରୁଷ ଝୁରୁଛି ମୋ ଦେଶ
ଆଉଥରେ ଆସିବ କି ଓହ୍ଲେଇ,
ସତ୍ୟାଗ୍ରହ ଗଲା   ସ୍ୱଚ୍ଛତା ହଜିଲା
ଝୁରୁଛି ତୁମକୁ ଭାରତ ଭୂଇଁ ।।

ସରଳ ଜୀବନ   ସରଳ ବଚନ
ସରଳ ସ୍ୱଭାବ ସରଳ ଭାବ,
ସହନଶୀଳତା   ଆଉ ଉଦାରତା
ସମ୍ମୁଖେ ଫିରିଙ୍ଗି ହେଲେ ନିଷ୍ପ୍ରଭ ।।

କେଉଁ ମନ୍ତ୍ର ଥିଲା ସେ ଆବାହନରେ
ଶିଶୁ ଠାରୁ ବୃଦ୍ଧ ପୁଣି ବନିତା,
ଝାସ ଦେଇଥିଲେ ମୁକ୍ତି ଯଜ୍ଞ କୁଣ୍ଡେ
ମାତୃଭୂମି ପ୍ରତି ଦେଖାଇ ନିଷ୍ଠା ।।

ଆହାର ବିହାର ତୁଚ୍ଛ ମଣୁଥିଲେ
ବାଜି ରଖୁଥିଲେ ନିଜର ରକ୍ତ,
ସ୍ୱଜନ ସ୍ୱରୂପ ଭୁଲି ସାରିଥିଲେ
କରିବାକୁ ଦେଶ ଶୃଙ୍ଖଳ ମୁକ୍ତ ।।

ତାଙ୍କରି ଦାୟାଦ ସବୁ ଭୁଲିଲେଣି
ସ୍ୱାର୍ଥକୁ ସାରଥି ରୂପରେ ବରି,
ଦେଶ ସେବା ନାମେ ଦେଶକୁ ଲୁଟନ୍ତି
ସ୍ୱର୍ଗେ ଥାଇ ସହୁଅଛ କିପରି ??

ପୁଣି ଥରେ ଖୋଜେ ଏ ଦେଶ ତୁମକୁ
ଆସ ହେ ଗାନ୍ଧିଜୀ କରେ ବିନତି,
ସଂସ୍କାର ସଂସ୍କୃତି   ଉଜ୍ଜୀବିତ ହେଉ
ଭାରତୀୟ ଙ୍କର ହେଉ ଜାଗୃତି ।।

ଭଟ୍ଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନବ ସେବା ହିଁ ମାଧବସେବା



ପ୍ରତାପ କିଶୋର ରାଉତ

ଯୁଗେ ଯୁଗେ ତୁମେ ଆସିଅଛ ପ୍ରଭୁ
ମାନବର ଦେହ ଧରି
ସେଥିପାଇଁ ଅବା ଗଢିଛ ମାନଙ୍କ
ଦେବତ୍ୱ ଦେଇଛ ଭରି ।୧ ।

କାହା ଭାଗ୍ୟେ ପ୍ରଭୁ ଖଞ୍ଜିଦେଇଅଛ
ସରଗର ମହା ସୁଖ
କାହାକୁ ଦେଇଛ ନରକ ଯନ୍ତ୍ରଣା
ହୋଇଛ ତାକୁ ବିମୁଖ ।୨ ।

ସୁନ୍ଦର ସୃଷ୍ଟିରେ ମଣିଷକୁ କଲ
ସବୁଠାରୁ ଶ୍ରେଷ୍ଠ ଜୀବ
ବିଦ୍ୟା ବୁଦ୍ଧି ଜ୍ଞାନ ବିବେକ ଭରିଛ
ସ୍ନେହ ମମତା ସରବ ।୩ ।

ଦୁଃଖ ରୋଗ ଜ୍ୱାଳା ଯନ୍ତ୍ରଣା ଦେଇଛ
କରମ ଫଳ ସ୍ୱରୂପ
ମଥା ପାତି ତାହା ସହିବାକୁ ହୁଏ
ଅନ୍ୟଥା କେବେ ନୋହିବ ।୪ ।

ବିପଦରେ ପଡି ମଣିଷଟି ଯେବେ
ହୋଇଥାଏ ଅସହାୟ
ଆତ୍ମ ପର ଭାବ ନରଖି ତାହାକୁ
ସେବା ଦେବାଟି ବିଧେୟ ।୫ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପରର ଦୁଃଖେ ଦୁଃଖୀ ହୋଇ ସଦା
ସେବା ଟିକେ ଦେଇଥିଲେ
ଆପଣାର ବେଳେ ଦୁଇ ଗୁଣ ହୋଇ
ପାଇବ ନିଶ୍ଚୟ ଭଲେ ।୬ ।

ନର ନାରାୟଣ ସେବାର ଭିତରେ
ମିଳେ ଅପ୍ରମିତ ସୁଖ
ଏ ଜନମେ ତାହା କରି ଥିବ ଯିଏ
ଘୁଞ୍ଚିଯିବ ସର୍ବ ଦୁଃଖ ।୭ ।

ମାନବର ସେବା ମଧବର ସେବା
ଏକଥା ଅନ୍ୟଥା ନୋହି
ଜୀବନରେ ଏହି ସେବା ଟିକେ ଦେଲେ
କୋଟି ପୂଣ୍ୟ ମିଳିଥାଇ ।୮ ।

ତେନ୍ତୁଳିପଦୀ, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କେତେ ସ୍ୱଚ୍ଛ ଥିଲେ ଶାସ୍ତ୍ରୀ



ନୂତନ କୁମାର ବେହେରା

କେତେ ସ୍ୱଚ୍ଛ ଥିଲେ ଶାସ୍ତ୍ରୀ ଆମର
ଭାରତ ମାତାର ବରପୁତ୍ର ସୁଯୋଗ୍ୟ ସନ୍ତାନ
ଇତିହାସ ପୃଷ୍ଠାରେ ରହିଛନ୍ତି ଅମର
ଗାଆନ୍ତି ତାଙ୍କ ଜୟ ଗାଥା ଆଜିର ଦାୟାଦ
ତାଙ୍କ ପବିତ୍ର ପ୍ରାଣ ସ୍ୱଚ୍ଛ ମନ ବଳିଷ୍ଠ ଚରିତ୍ର
ଦେଶ ଜାତି ପାଇଁ ଦେଇଛନ୍ତି ଯେଉଁ ବଳିଦାନ
ଯୁଗେ ଯୁଗେ ରହିଛି ରହିବ ତାହା ଅମ୍ଳାନ
ପିତୃମାତୃ ଛେଉଣ୍ଡ ହୋଇ ବାଲ୍ୟକାଳରୁ
ଅଜା ଆଈଙ୍କ ପାଶେ ରହି ଗଢ଼ିଥିଲେ ଜୀବନ
ଲାଲ୍ ବାହାଦୂର ନାମ ବହି ଦୁଃଖ ଯନ୍ତ୍ରଣା ସହି
ଅପରିଚିତରୁ ସାରା ବିଶ୍ୱେ ହେଲେ ସୁପରିଚିତ
ଅବୋଧ ବାଲ୍ୟ ଅବସ୍ଥାରେ ସାଙ୍ଗଙ୍କ ସାଥେ ମିଳି
ଆମ୍ବ ବଗିଚାକୁ ଯାଇଥିଲେ ଆମ୍ବ ତୋଳି
ତୋଳୁ ତୋଳୁ ଆମ୍ବ ସଭିଏଁ ଧାଇଁ ଆସିଲା ମାଳି
ତାଙ୍କୁ ଏକା ଛାଡ଼ି ଦେଇ ସମସ୍ତେ ଗଲେ ପଳାଇ
ମାଳି ହାତେ ଧରା ପଡ଼ି ହେଲେ ସେ ଦୋଷୀ
ପଚାରିବାରୁ ମାଳି ବାପା ମାଆଙ୍କ ନାମ
କାନ୍ଦି କାନ୍ଦି କହିଥିଲେ ବାପା ମାଆ ନାହାଁନ୍ତି ବୋଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁକମ୍ପା ଦେଖାଇ ଏମିତି ନ କରିବାକୁ ଆଉ
ସେ ମାଳି ତାଙ୍କୁ ଛାଡି ଦେଇଥିଲେ ବୁଝାଇ
ଶପଥ କରିଥିଲେ ଦୁଷ୍ଟ ସାଙ୍ଗକୁ ରହିବେ ଛାଡ଼ି
ଦିନେ ଭଲ ସାଙ୍ଗମାନଙ୍କ ମେଳରେ ଖୁସି ମନରେ
ଦେଖିବାକୁ ଯାଇଥିଲେ ସୁପ୍ରସିଦ୍ଧ 'କୁମ୍ଭମେଳା'
ମେଳା ବୁଲୁ ବୁଲୁ ହୋଇ ଗଲା ରାତି ଅନ୍ଧାର
ନୌକାରେ ଘରକୁ ଫେରିଲେ ସାଙ୍ଗ ସବୁ
ଶାସ୍ତ୍ରୀଙ୍କ ପାଖରେ ନଥିଲା ପାହୁଲାଟିଏ ଆଉ
ମାଗିଥିଲେ ସାଙ୍ଗମାନେ ଦେଇଥାନ୍ତେ ନିଶ୍ଚିତ
ମାତ୍ର ସେ ଥିଲେ ଭାରି ସ୍ୱାଭିମାନୀ
ପଇସା ମାଗିବାକୁ ମନେ କଲେ ଅନୁଚିତ
ଅନ୍ଧାର ରାତିରେ ପହଁରି ପହଁରି ସେ ଏକା
ଗଙ୍ଗା ଭଳି ବିଶାଳ ଗଭୀର ନଦୀ ହେଲେ ପାରି
ବହୁ କଷ୍ଟରେ ଦିନ ବିତାଇ ପାଇଲେ ଉଚ୍ଚ ଶିକ୍ଷା
ଭାରତର ସ୍ୱାଧୀନତା ସଂଗ୍ରାମରେ ଦେଲେ ଝାସ
ମାହାତ୍ମା ଗାନ୍ଧୀଙ୍କ ଆଦର୍ଶ ନେତୃତ୍ୱରେ ଚଳି
ପାଳିଲେ ସତ୍ୟ ଅହିଂସାର ପରମ ବ୍ରତ
ସ୍ୱାଧୀନତା ପରେ ହେଲେ ସେ ମାନ୍ୟବର ମନ୍ତ୍ରୀ
ନ୍ୟାୟ ନୀତି ଆଦର୍ଶ ପାଳି କଲେ ଦେଶ ସେବା
ଦିନେ ତାଙ୍କ ନାତିର ସ୍ଲେଟ୍ ଭାଙ୍ଗି ଯିବାରୁ
ସେ ଚାଟଶାଳୀରୁ ଫେରୁଥିଲା କାନ୍ଦି କାନ୍ଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରି ବୁଝିଲେ ଶାସ୍ତ୍ରଜୀ କାନ୍ଦିବାର କାରଣ
ନାତି କହିଲା "ମୋ ସ୍ଲେଟ୍ ଟି ଭାଙ୍ଗିଗଲା"
ସାନ୍ତ୍ୱନା ଦେଇ ସରାଗେ କୋଳାଇ ନେଇ
ନାତିକୁ କହିଲେ "କାନ୍ଦ ନାହିଁ ଆଉ ମୋ ଧନ,
ମୁଁ ଏ ମାସ ଦରମା ପାଇଲେ ତୋ ସ୍ଲେଟ୍ କଣି ଦେବି "
ଆଉ ଦିନେ ତାଙ୍କ ଧର୍ମପତ୍ନୀ କହିଲେ ତାଙ୍କୁ
ଘରେ ଜମାରୁ ଟିକିଏ ବି ଚିନି ନାହିଁ
ସଙ୍ଗେ ସଙ୍ଗେ ସେ ପତ୍ନୀଙ୍କୁ ତାଙ୍କର କହିଲେ ସ୍ପଷ୍ଟ
"ଆଗରୁ ତ ବିନା ଚିନି ବି ଚଳି ଆସୁଥିଲୁ
ଏବେ ସରକାର ମାସକୁ ଯେତିକି ଦେଉଛନ୍ତି
ସେତିକିରେ ଚଳିବାକୁ ଅଭ୍ୟସ୍ତ ହୁଅ
ଅଧିକ କହିଲେ ମୁଁ କେଉଁଠାରୁ ଆଜି ଦେବି..." ?
ସତରେ କେତେ ସରଳ ଉଦାର ସାଧୁ ସଚ୍ଚୋଟ
କେତେ ପବିତ୍ର ହୃଦୟ କେତେ ସ୍ୱଚ୍ଛ ନିର୍ମଳ ମନ
କହି ଥିଲେ କାହାକୁ ଘରକୁ ଆଣି ଦିଅନ୍ତେ
ନାତି ପାଇଁ ଶହ ଶହ ସଂଖ୍ୟାରେ ସ୍ଲେଟ୍
ଆଉ ବସ୍ତା ବସ୍ତା ଚିନି ଏକ ଇସାରାରେ ତାଙ୍କର
କିନ୍ତୁ କ୍ଷମତାର କରି ନାହାଁନ୍ତି ସେ ଅପବ୍ୟବହାର
ତାଙ୍କ ଜୀବନର ଏମିତି ଅନେକ ଅନେକ ଘଟଣା
ଯା' ପ୍ରମାଣିତ କରେ ତାଙ୍କର ସ୍ୱଚ୍ଛତାକୁ
ରେଳ ମନ୍ତ୍ରୀ ଥିବା ବେଳେ ଘଟିବାରୁ ଦୁର୍ଘଟଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ପଦରୁ ଦେଲେ ଇସ୍ତଫା
ତାଙ୍କର ମହାନ ଆଦର୍ଶ ଦେଶ ପ୍ରୀତି ପାଇଁ
ହୋଇଥିଲେ ସେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ
ସର୍ବୋଚ୍ଚ ପଦର ଅଧିକାରୀ ହୋଇ ମଧ୍ୟ
କରୁଥିଲେ ସରଳ ନିରାଡାମ୍ବର ଜୀବନଯାପନ
"ତାସକେଣ୍ଟ ଚୁକ୍ତି" ତାଙ୍କର ଏକ ବଳିଷ୍ଠ
ଉଲ୍ଲେଖନୀୟ ଐତିହାସିକ ରାଜିନାମା
ଯା' ତତ୍କାଳୀନ କରିଥିଲା ଭାରତରେ ଶାନ୍ତି ପ୍ରତିଷ୍ଠା
ବାସ୍ତବିକ ଶାସ୍ତ୍ରୀଜୀଙ୍କ ବ୍ୟକ୍ତିତ୍ୱ ବିରଳ
ସର୍ବ ନମ୍ର ସ୍ତରରୁ ସର୍ବୋଚ୍ଚ ଶିଖରକୁ ଥିଲେ ଛୁଇଁ
ଦେଶ ମାଟି ଝୁରେ ତାଙ୍କୁ ମହନୀୟ ଗୁଣ ପାଇଁ
ଜୀବନ ଯାକ କେତେ ସ୍ୱଚ୍ଛ ଥିଲେ ଶାସ୍ତ୍ରୀ ଆମର
ତାଙ୍କ ପଦ ଯୁଗଳରେ କୋଟି କୋଟି ନମସ୍କାର ।

କବିରତ୍ନ ନୂତନ କୁମାର ବେହେରା
କୋହି, ବାରିପଦା, ମୟୂରଭଞ୍ଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆଖାଇ



ଶୋଭାଗିନୀ ନନ୍ଦ

ଭାଦ୍ରବ ମାସ ଫୁଲ ଫଳେ ଭରା
ସବୁଜ ବନାନୀରେ ହସି ଉଠେ ଧରା
ଗଣ ପର୍ବପଶ୍ଚିମାଞ୍ଚଳ ପ୍ରତି ଘରେ ଘରେ
ବାଜି ଉଠେ ନବାନ୍ନ ଭକ୍ଷଣ
ଢୋଲର ଯାତରା ।

ନୂତନ ଶସ୍ୟରେ ନୂଆ ଚୁଡା ସହ
ନୂତନ ବସ୍ତ୍ରେ କୁମାରୀଠୁ ନେଇ
ରମଣୀ କୁଳେ ଚାଲିଥାଏ
ହସର ପସରା ।

ଭାଇଚାରାର ପରବ ନୁଆଖାଇ ସେତ
ଏକ ଆରେକ ମନେ ଆଣିଦିଏ
ସରଗ ଆନନ୍ଦ ।
ଜାତି ଧର୍ମ ବର୍ଣ୍ଣନିର୍ବିଶେଷରେ
ପାଳନ ହୁଏ ନୂଆଖାଇ ପରବ ।

ବଡକୁ ପ୍ରଣାମ ସାନକୁ ଆଶିଷ ଏତ
ପ୍ରେମ ଭକ୍ତିର ଆନ ପ୍ରତି ଅନ୍ୟର
ସମର୍ପଣଭାବ ପ୍ରେମର ବନ୍ଧନ ।
ପ୍ରଥମ ଶସ୍ୟ କରି ଈଶ୍ୱରେ ପ୍ରଦାନ
ମଥା ନତକରି ଘେନିଆଶିଷର ଦାନ
ଜୀବନକୁ ମଣେ ଧନ୍ୟ ଧନ୍ୟ ।

ତିନି ଦିନ ଧରି ଛୁଟି ହୁଏ ବିଦ୍ୟାଳୟ
ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ମାନ ।
ନୂଆଖାଇର ବାସିଦିନ ଅଟେ ଯେ ମହାନ
ଚାହିଁ ରହିଥାନ୍ତି ଆଉ ଏକ ବରଷ
ଆସିବାର ନବାନ୍ନଭକ୍ଷଣ ।

ଜୟପୁର (କୋରାପୁଟ )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରୀ ରାଧେ



ଜ୍ୟୋସ୍ନାମୟୀ ସାହୁ

ତପ୍ତ କାଞ୍ଚନ ଗୌରାଙ୍ଗୀ ହେ....
ତବ ପାଦେ ଶରଣ ।
ଶ୍ରୀ ବିଷ୍ଣୁ ବାମାଙ୍ଗୀ ରାଧିକେ
କଲି ଅନୁବରଣ ।।

ସୁସ୍ୱାଗତମ ତୁମକୁ
ଘେନ କୋଟି ସୁମନ ।
ରାସେଶ୍ୱରୀ କୃଷ୍ଣ ଅର୍ଦ୍ଧାଙ୍ଗୀ
ଘେନ ଅଭିନନ୍ଦନ ।।

ତବ ଆଗମନେ ଧରିତ୍ରୀ,
ଧରେ ଲକ୍ଷେ ପଦୁଅଁ ।
ନୀଳକଇଁ ମେଳେ ଖେଳୁଚି
ଦେଖ, ଚାନ୍ଦ ପୁନିଅଁ ।।

ଇନ୍ଦ୍ର ପୁଷ୍ପ ବୃଷ୍ଟି କରନ୍ତି,
କୋଟି ବରଷା ବିନ୍ଦୁ ।
ତବ ପାଦ ଧୌତ କରନ୍ତି,
ଭୋଳେ ଉତ୍ତାଳ ସିନ୍ଧୁ ।।

ବିମଳ କିରଣ ବୁଣନ୍ତି,
ସ୍ନେହ ରେ ଦିନବନ୍ଧୁ ।(ସୂର୍ଯ୍ୟ)
ଜ୍ୟୋସ୍ନାର ଚାମର ଢାଳନ୍ତି,
ସତେ ଅଷ୍ଟମୀ ଇନ୍ଦୁ ।।

ସତ୍ୟରେ (ଯୁଗରେ) ବିଷ୍ଣୁଙ୍କୁ ତପସ୍ୟା,
ସୂର୍ଯ୍ୟ ଦେବ କରିଲେ ।
ଦ୍ୱାପର ଯୁଗର ମର୍ତ୍ତ୍ୟରେ,
ବୃଷଭାନୁ ହୋଇଲେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୀର୍ତ୍ତୀଦା ନାମେକ ଗୌଡୁଣୀ,
ସଙ୍ଗେ ବିବାହ କଲେ ।
ବିରସନା ପୁର ନଗ୍ରରେ,
ଗୋପାଳ ରାଜା ହେଲେ ।।

ଶୁଭ୍ରା ଭାଦ୍ରବର ଦିବସେ,
ଶୁକ୍ଳ ଅଷ୍ଟମୀ ତିଥୀ ।
ନିଳୋତ୍ପୋଳ କୋଳେ ଖେଳୁଛି,
ଶୁଭ୍ର କନ୍ୟା ରତ୍ନଟି ।।

ଅଯୁତେ ଭାସ୍କର ନିନ୍ଦୁଛି,
ତା'ର ଉଜ୍ଜ୍ୱଳ ଜ୍ୟୋତି ।
ଆନନ୍ଦେ କୀର୍ତ୍ତିଦା ରମଣୀ,
ନେଲେ କୋଳକୁ ଟେକି ।।

କୃଷ୍ଣ ଦରସନେ ମୁଦ୍ରିତ,
ଚକ୍ଷୁ ଫିଟାଇ ଥିଲେ ।
ବୃଷଭାନୁ ସୁତା, କୃଷ୍ଣଙ୍କ
ପୂଜାରିଣୀ ହୋଇଲେ ।।

ଅଯୋନି ସମ୍ଭୂତା ଶ୍ରୀରାଧା,
ନାମେ ଗୋପପୂରରେ ।
କୃଷ୍ଣ ବିରହିଣୀ ସାଜିଲେ
ଗୋପାଳୁଣୀ ରୂପରେ ।।

ବୃନ୍ଦାବନ ବିହାରିଣୀ ଗୋ,
ଶ୍ରୀରମ୍ୟା ରାସେଶ୍ୱରୀ ।
କୃଷ୍ଣ ପ୍ରାଣପ୍ରିୟା ପ୍ରଣାମ
ଘେନ ପରମେଶ୍ୱରୀ ।।

ଜ୍ୟୋସ୍ନା ମୟୀ ସାହୁ,
ବନ୍ତ, କ୍ରୀଷ୍ଣା ନୀଳୟମ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଝିଅପାଇଁ କେତେ ଗୀତ



ଦେବାଶିଷ
ଚକ୍ରବର୍ତ୍ତୀ

ପାଣିଝିଲ

ଦୁଇ କୁଳ ହିତ ସାଧେ ବୋଲି ସିନା
ଦୁହିତା ଅଟଇ ନାଆଁ ତାହାର
ସେ ନଥିଲେ ଶୁଖି ଯାଆନ୍ତା ନାହିଁକି
ପାଣିଝିଲ ଆମ ଛାତି ତଳର ?

କ୍ରମ

ଧରାର ଆଲୁଅ ଦେଖାଇଛି ଯିଏ
ସିଏ ଯେ ଅଟଇ ଝିଅ କାହାର
ତୁମ ଝିଅ ବି ତ ବୋହୂ ସାଜି ଦିନେ
ସଜାଡ଼ିବ ପୁଣି କାହା ସଂସାର ।

ବଖରା

ଛିଟଜାମା ପିନ୍ଧି ଝିଅଟିଏ ଯେବେ
ଘୁରି ବୁଲୁଥାଏ ଅଗଣା ସାରା
ଖୁସିର ଆଲୁଏ ଉଜୁଳି ଉଠେନି
କୁହନି କାହାର ମନ ବଖରା ?

ସିନ୍ଦୂର

ଅଳପ ବୟସେ ଝିଅଟିଏ ଯଦି
ଫେରଇ ସିନ୍ଦୂର ହଜେଇ ଦେଇ
ଲାଗେନି କି ତାର ଜୀବନ ଯେମିତି
ଦୁର୍ଭାବନାର ବଢିଲା ନଈ ।

ରତନ

କନ୍ୟା ସଂସାରର ଅମୂଲ୍ୟ ରତନ
ରଖିବା ତାହାକୁ ଯତନ କରି
ଯଦିଓ ସେ ଆଖି ମେଲିବା ଆଗରୁ
ଆମେ ହିଁ ତାହାକୁ ଦେଉଛୁ ଦଳି ।

ମଣ୍ଡୁଆ, କେନ୍ଦୁଝରଗଡ଼
ମୋ : ୯୪୩୭୭୫୨୩୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଶଂସା ଦେବାକୁ କୃପଣ କିଆଁ



ସ୍ୱପ୍ନା ମହାନ୍ତି

ପ୍ରଶଂସା ଏକ ହୃଦୟର
ପ୍ରଶାସ୍ତି ଚଟାଣ
ଶୁଣିଲେ କାହାପାଖରୁ
ମନ ହୁଏ କୁଣ୍ଢେମୋଟ
ଲାଗେ ସତେ ଯେ ପରି ଜ୍ଞାନରେ ପରିପୂର୍ଣ୍ଣ !
ହୃଦୟରୁ ଝରି ଆସେ କୃତଜ୍ଞତାର ସ୍ରୋତ !

ଅନ୍ୟକୁ ଉତ୍ସାହିତ କରିବା
ମଣିଷର ମହତ ଗୁଣ
ଭଲ ମନ ହେଉ ବା
ଅନ୍ୟର ପ୍ରଭାବ ହେଉ
ଭାବ ହେଉ ବା ଅଭାବ ହେଉ
ପ୍ରଶଂସା କରିଦେଲେ
ଲିଭିଯାଏ ରାଗ ଦ୍ୱେଷ ଅଭିମାନ !

ପ୍ରଶଂସା ଟିକେ ପାଇ
ଶିଶୁଟି ଆଗେଇ ଚାଲେ
ସଫଳତାର ସିଢ଼ି ଚଢେ !

ପ୍ରଶଂସା କରିବା ଅମୁଲ୍ୟ ଦାନ
ଅନ୍ୟକୁ କରିବା ପ୍ରଶଂସା
ଧରି ତା ଭଲ ଗୁଣ

ଉପରେ ପ୍ରଶଂସା
ଭିତରେ ଛୁରୀ ମାଡ
ଦୂରରୁ ରହିବା

ପ୍ରଶଂସା ନେଇ
ଭୁଲିବନି ଜମା
ଦେଖାଉଥିବା ହୃଦୟର କୃତଜ୍ଞତା !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନେ ହଜିଲା ସପନ ରାଣୀ



ସରିତା ମହାନ୍ତି

ସ୍ୱପ୍ନ ପୂରଣରେ ବିତିଲା ଜୀବନ
ସ୍ୱପ୍ନ ରାଣୀ ଖୋଜି ମନ ବିରସ
ଭାଗ୍ୟେ ଭୋଗଫଳ ସନ୍ତୋଷ ଲଭିଲି
ମନରେପାଇଲି ଶାନ୍ତି ସନ୍ତୋଷ ।

ଜୀବନ ଜଞ୍ଜାଳେ କର୍ତ୍ତବ୍ୟ ପଥରେ
ଅବହେଳା ନାହିଁ କାହାରି ପ୍ରତି
ନିଦ୍ରା ଦେବୀ କୋଳେ ଆଶ୍ରୟ ପାଇଲେ
ସପନ ରାଣୀକୁ ଭେଟେ ମୁଁ ନିତି ।

ସମୟ ବିତିଲା ଭୁଲିଲି ସପନ
ସପନେ ହଜିଲା ସପନ ରାଣୀ
ଦେଖିଥିବା ସ୍ୱପ୍ନ ସାରା ଜୀବନକୁ
ହୋଇ ରହିଗଲା ସତେ କାହାଣୀ ।

ଏମିତି ସମୟ ଆସି ପହଁଚିଲା
ସ୍ୱପ୍ନ ସତ ହୋଇ ହୋଇଲା ଭେଟ
ମନର ମାନସୀ ଉଭା ହେଲା ଆସି
ଦେଖୁ ଦେଖୁ ମନ ହେଲା ଉଚ୍ଚାଟ ।

ଈଶ୍ୱରଙ୍କ ଦାନ କରିଲି ଗ୍ରହଣ
ମନ କଥା ଖୋଲି କହିଲି ଯେବେ
ସପନେ ହଜିବା ସପନ ରାଣୀ ମୋ'
ମୋ କଥାରେ ରାଜି ହୋଇଲା ତେବେ ।

ତ୍ୟାଗ ସମର୍ପଣ ପ୍ରେମ ସଙ୍ଗା ପୁଣ
ନିଃସ୍ୱାର୍ଥ ଭାବନା ମନ କିଣିଲା
ସପନ ରାଣୀ ମୋ' ହୃଦ ମନ୍ଦିରରେ
ସବୁ ଦିନ ପାଇଁ ଯାଇ ବସିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ୟା ଘେରରେ ଛନ୍ଦିଲା ଜୀବନ
ସତ୍ୟ ପଥେ ପାଦ ବଢେ ଆଗକୁ
କଣ୍ଟକିତ ପଥ ପାରି ହୋଇପାରେ
ସତ୍ୟର ଜୟ ତ ଯୁଗ ଯୁଗକୁ ।

ସ୍ଥାନ ପାଏନାହିଁ ଶାଶ୍ୱତ ପ୍ରେମରେ
ପ୍ରତାରଣା ଅବା ହେଉ ଛଳନା
ଅଭିମାନ ଅବା ନାହିଁ ଅଭିଯୋଗ
କରେ ନାହିଁ କେବେ ମିଛ ବାହାନା ।

କରିଥାଉ ଯିଏ ଯେତେ ଷଡଯନ୍ତ୍ର
ଅବା ଚକ୍ରବ୍ୟୁହ ଯିଏ ରଚିବ
ଅଦୃଶ୍ୟ ଶକତି ପରୋକ୍ଷରେ ରହି
ବିଜୟର ଟୀକା ପିନ୍ଧାଇ ଦେବ ।


ଦୁନିଆ ଗାଇବ ଦୁହିଁଙ୍କ ଜୀବନୀ
ସ୍ୱପ୍ନ ନୁହେଁ ଅବା ନୁହେଁ କାହାଣୀ
ଦେଖିଥିବା ସ୍ୱପ୍ନ ସତ ହୋଇଥିଲା
ସପନେ ହଜିଲା ସପନ ରାଣୀ ।

କବି ଭାରତୀ ସରିତା ମହାନ୍ତି
ବାଲିଆପାଳ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ଶାନ୍ତି ଚାହୁଁ



ପ୍ରାଣବନ୍ଧୁ ରାଉତ

ନାହିଁ ଭେଦ ଭାବ ନାହିଁ ହିଂସା ଘୃଣା

ଏକ ଇ ତ୍ରିରଙ୍ଗା କରୁଣାର ବୀଣା ॥

ଶାନ୍ତିର କପୋତ ଆର୍ଯ୍ୟ ଭୂମି ସେତ

ଗାନ୍ଧୀ ଗୋପବନ୍ଧୁ ସତ୍ୟର ସାଧକ ॥

ରାମରାଜ୍ୟ ଆର୍ଯ୍ୟବର୍ତ୍ତ ମର୍ତ୍ୟ ସ୍ୱର୍ଗ

ବିଶ୍ୱେ କାହିଁ ଦେଖିଛକି ଅତିଥିଦେବ॥

ଲୋଡ଼ା ନାହିଁ  ଆମ ରକ୍ତର ମୁକୁଟ

ଦୁଇ ମୁଠା ବାସି ପଖାଳର ଭାତ॥

ପିତୃ ସତ୍ୟ, ଅସହଯୋଗ ହରତାଳ

ନାର୍ଯ୍ୟ ଅଧିକାର ପାଇଁ ଆନ୍ଦୋଳନ॥

ମୁନି ଋଷିର ଦାୟାଦ ଆମେ ମନେ

ଅହିଂସା ଶାନ୍ତି ଚାହୁଁ ଆମେ ॥

*ଜୟ ତ୍ରିରଙ୍ଗା ଜୟ*..........

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅଭୁଲା ସ୍ମୃତି



ନନ୍ଦିତା ବଢ଼ାଇ

ତୁମେ ଗଲା ପରେ
କେତେ ଯେ ଅଭୁଲା ସ୍ମୃତି
ଛାଡ଼ି ଯାଇଅଛ ତୁମେ
ମୋ ମନର କାଗଜ ଫର୍ଦ୍ଦରେ ।

କେମିତି ଭୁଲିବି କହିଲ ?
ସବୁ ମନେ ଅଛି ମୋର
ତାହାତ ମୋ ମନର ଅଭୁଲା ସ୍ମୃତି
ଯାହାବି ଦେଇଛ ଯାହାବି କହିଛ ।

ମନେ ପଡେ ଆଜି ସେହି କଥା
ସତେକି ପୁଣି ଥରେ ଫେରି ଆସନ୍ତା ସେହି ସମୟ
ଏମିତି ଲାଗେ ସତେ ଯେପରି ଘଣ୍ଟାର କଣ୍ଟାକୁ
ମୁଁ ଅତୀତକୁ ଟିକିଏ ଘୁଞ୍ଚାଇ ଦେବିକି ।

ଅତୀତର ସେହି ସୁନ୍ଦର ମୁହୂର୍ତ୍ତ
ସୃଷ୍ଟି କରିଛି ମୋ ମନରେ ଏକ ଚିତ୍ରପଟ୍ଟ
ସେହି ସ୍ମୃତି ଆଜି ଶାନ୍ତି ଦେଉଛି ମୋ ମନକୁ
ତୁମେ ଗଲା ପରେ ......

ଠିକଣା - କଦଳୀମୁଣ୍ଡା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକବିଂଶ ଶତାବ୍ଦୀର ନାରୀ



ସୁସନ୍ଧ୍ୟା
ପ୍ରିୟଦର୍ଶିନୀ ନାୟକ

ସାହାଡ଼ା ଗଛରୁ
ବାହାରି ମୁକ୍ତ ବୋଲି
ଚିତ୍କାର କରୁ,
ସଭା କରୁ, ସମିତି କରୁ
ପୁରୁଷଙ୍କ ସହ ସଂଗ୍ରାମ କରିବାକୁ
ଅଣ୍ଟା ଭିଡୁ,
ମହାକାଶର ପରିଧିକୁ
ତର୍ଜମା କରୁ
ରାଷ୍ଟ୍ରର ମୁଖ୍ୟ ବୋଲି
ଗର୍ବ କରୁ,
ପରମ୍ପରା ଆଦର୍ଶ ମର୍ଯ୍ୟାଦାର
ଶିକୁଳିରେ ବାନ୍ଧି ହୋଇ
କହୁ ମୁଁ ମୁକ୍ତ
ମୁଁ ସ୍ୱାଧୀନ
ମୁଁ ଏକବିଂଶ ଶତାବ୍ଦୀର ନାରୀ
ହେଲେ ତୁ ମୁହଁ ଲୁଚାଇ
କାନ୍ଦୁ ଲୁଚି ଲୁଚି
ତୋ ଅନ୍ତର ତଳର କୋହକୁ
ଛାତି ତଳେ ଢାଙ୍କି ଦେଉ,
ନିଜକୁ ବି ଜାଣିବାକୁ ଦେଉନା,
କେହି ଜାଣି ଦେଲେ
ତୋ ଅହଂ ଭାଙ୍ଗିଯିବ,
ତୋ ମନ ହୃଦୟ ଫୁଙ୍ଗୁଳା
କରିଦେଲେ,
ତୋତେ ପୁଣି ଥରେ ଭୁଆଁ ବୁଲାଇ
ନେଇଯିବେ
ସେଇ ପାତାଳ ପୁରକୁ
ଯେଉଁଠି ତୁ ଭୋଗିଥିଲୁ କାରାବାସ
ଦୀର୍ଘ ଶତାବ୍ଦୀ ଧରି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁ ସଂଘର୍ଷ କରି

ଆଜି ହୋଇଛୁ

ବିଜୟ ପଥର ଯାତ୍ରୀ,

ହେଲେ ତୋ ହୃଦୟ

ବାରମ୍ବାର ମରୁଛି

ମରି ପୁଣି ନୂତନ ସ୍ୱପ୍ନ ନେଇ

ଜନ୍ମ ହେଉଛି,

ତୋ ସ୍ୱପ୍ନ ପୂର୍ଣ୍ଣ ହେଉ

ତୋ ହୃଦୟ ମୁକ୍ତ ହେଉ

ଅନ୍ଧ ପରମ୍ପରା ଆଦର୍ଶ ମର୍ଯ୍ୟାଦାର କାରାପୁରରୁ ।

ସୁସନ୍ଧ୍ୟା ପ୍ରିୟଦର୍ଶନୀ ନାୟକ


ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆପଣାପଣ



ମହେନ୍ଦ୍ର ପ୍ରସାଦ ଦାସ

ସହଜରେ ସବୁ ମିଳି ଯାଉଚି
ଶବ୍ଦ ସ୍ୱାଦ ସ୍ୱାର୍ଥ ସବୁ ଏବେ ସସ୍ତା
ରକ୍ତର ପରିବା ଅରକ୍ତରେ
ହାତପାହାନ୍ତାରେ ସବୁ
କୁହନ୍ତି ବାପା ମାଆ ଛଡା
ପଇସା ଥିଲେ ସବୁ ମିଳିଯିବ
ସେକଥାବି ମିଛ ହେଲାଣି
ଯଶୋଦା ଭଳି ମାଆ ମିଳି ଯାଉଛନ୍ତି
ରାଇଚରଣ(ଚନ)ଭଳି ପିତା ସମ୍ପୂର୍ଣ୍ଣ ବିରଳ
ଆଉ ଏବେ ଛଅ ରକ୍ତର ନାହିଁ ସ୍ପର୍ଶ
ସବୁ ନକଲିଟା ଏବେ ଅସଲି । ।

ପାଇବା ଏଠି ସହଜ ନୁହେଁ
ଦେବା ବି ଅସହଜ
ସମସ୍ତେ ନେ'ତା କେହି ଦେ'ତା ନାହିଁ
ଦିଅନ୍ତି ତାଙ୍କୁ ଯିଏ କୃପାଣଧାରୀ
ନହେଲେ ଗୋଛି କାଟିଦେବ । ।

ସାଙ୍ଗ ହୋଇ ଲଳନାମାନେ
ସହର ଯାଆନ୍ତି ବିଭିନ୍ନ ବେଶଧରି
କୌଣସି ସମୟରେ କଦବା
ଜଣେ ଯଦି ଅପଦସ୍ତ ହେଲା
ଧିରେ ଆଳ ଦେଖାଇ ସମସ୍ତେ ଚାଲିଯାନ୍ତି
ଏକୁଟିଆ ସାଙ୍ଗଟି ଅସାମାଜିକ ଆଗରେ
ଅପଦସ୍ତ ହୁଏ
ବଞ୍ଚି ଯାଇ ଯଦି ଫେରିଆସେ
ସେହି ସଙ୍ଗିନୀ ମାନେ ମୁହଁ ମୋଡି ନିଅନ୍ତି
କାହିଁକି ନା ସେ ଅପଦସ୍ତା
ତାର ଖୁଣ ନଥିଲେ କିଏ କହନ୍ତା !
କିଛି ଥିବନା'ନହେଲେ--- !
ଆଉ କାହାକୁ ତ ଏମିତି ଧରିଲେନି ! ! !
ଇତ୍ୟାଦି ଭାଷଣ ବାଜି ଶୁଣିବା ହୋଇଛି । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜେ ନିଜ ଉପରକୁ ନେଇ

ଗୁଣବତ୍ତା ପରଖିଲେ

ଆପେଆପେ ଆଖିରୁ ଲୁହ ଆସିଯିବ

ମୋ ସାଙ୍ଗଟି କି କଷ୍ଟ ପାଇଥିବ

ଜୀବନରେ ସାହାଯ୍ୟ ନକରିପାର

କିନ୍ତୁ ସହାନୁଭୂତିର ମର୍ଯ୍ୟାଦା ହରାଇବାନି

କାଳର କରାଳ ଗ୍ରାସରେ

ଆମେ ଆପଣାପଣର ପୃଷ୍ଠପୋଷକ

ପରୋପକାର ଅଦୃଶ୍ୟରେ

ଆପଣା ପାଖକୁ ଫେରିଆସେ

ଏହାକୁ ସ୍ୱୀକାର କରିବାକୁ ପଡିବ ।।

ମହେନ୍ଦ୍ର ପ୍ରସାଦ ଦାସ(ଦୁର୍ବାଦଳ)

ବୈପାରିଗୁଡା/କୋରାପୁଟ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମେଲାଣି



ଚିତ୍ତରଞ୍ଜନ
ମହାପାତ୍ର

ସୁନ୍ଦର ଛୁଆଁରେ ପାହାନ୍ତି ପରଶ
ମନେ ସ୍ୱପ୍ନ ଭରି ଦେଲାଣି
ଆକାଶ ବୁକୁରେ ଜହ୍ନ ସାଥେ ତାରା
ଯିବା ପାଇଁ ମାଗେ ମେଲାଣି ।-୦-

ଶୀତଳ ପବନେ ପୁଷ୍ପର ସୁରଭି
ମନକୁ ତ ମୋହି ନେଲାଣି
ଶଯ୍ୟା ଛାଡି ଜନେ ସ୍ନାନ ସାରିବାକୁ
ନିଦ୍ରା ଠୁ ମାଗନ୍ତି ମେଲାଣି ।-୧-

ପୂରୁବ ଆକାଶେ ସୁରୁଜ ପ୍ରକାଶ
ନୂଆ ଆଶା ଆଣି ଦେଲାଣି
ରଜନୀ ରାଣୀର ଘନକୃଷ୍ଣ ରଙ୍ଗ
ଫିକା ପଡି ମାଗେ ମେଲାଣି ।-୨-

ଘଣ୍ଟ ଘଣ୍ଟି ଶବ୍ଦେ ମନ୍ଦିର ପ୍ରାଙ୍ଗଣ
ମୁଖରିତ ଏବେ ହେଲାଣି
ଭକତି ଦୀପାଳି ହୃଦୟରେ ଜଳି
ଆସକ୍ତି ନେଲାଣି ମେଲାଣି ।-୩-

ଆହାର ପାଇଁକି ଉଡାଣ ଭରିବ
ବିହଙ୍ଗ ମେଲାଣି ନେଲାଣି
କିଚିରି ମିଚିରି ଶବଦରେ ତା'ର
ନଭ ଗୁଞ୍ଜରିତ ହେଲାଣି ।-୪-

ପାଠଶାଳା ଯାଇ ଅଧ୍ୟୟନ ପାଇଁ
ବାଳକେ ପ୍ରସ୍ତୁତ ହେଲେଣି
ପଣତ କାନିର ମମତାକୁ ଛାଡି
ମାଆ କୁ ମାଗନ୍ତି ମେଲାଣି ।-୫-

ଦୁନିଆ ମୁଖରେ ଭରିବ ଆହାର
ଚାଷୀ ହଳ ସଜ କଲାଣି
ପଖାଳ କଂସାଏ ସାଥୀରେ ଧରି ସେ
ଘରଣୀଠୁ ମାଗେ ମେଲାଣି ।-୬-

ଯେଝା କାମ ପାଇଁ ଯେଝା ପଥ ଧରି
ଆନନ୍ଦେ ବାହାରି ଗଲେଣି
ଦଇବ ରଚନା ଅତିବ ସୁନ୍ଦର
ମେଲାଣିରେ କିମ୍ପା ଭାଳେଣି ।-୭-

ଗୋପିନାଥପୁର, ବଡ଼ମ୍ବା, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏ କାହାର କ୍ରନ୍ଦନ



ସୁପ୍ରିୟା ମହାନ୍ତି

ଶୁଭିଯାଏ କାନେ କାନେ
କେହି ଜଣେ କାନ୍ଦୁଅଛି ବାହୁନି ବାହୁନି,
କାଇଁ ଦିଶୁନି ତ ଜଣେ କେହି
ପାଦ ଶବ୍ଦ ବି ଶୁଭୁନାହିଁ
ଏଣେ ତେଣେ ଆଖି ଫେରେଇ କେତେ ଖୋଜିଲିଣି
ପାଉନାହିଁ କଇଁ କଇଁ କାନ୍ଦ ଶବ୍ଦ ଆସୁଛି କେଉଁଠୁ...... ?

ଏ କେଉଁ ଅଯୁତ ଯୁଗର କ୍ଷୋଭ
ସାଇତା କୋହର ବୁକୁଫଟା ଚିତ୍କାର
ମତେ ସ୍ୱାଧୀନତା ଦିଅ
ମତେ ସ୍ୱାଧୀନତା ଦିଅ.
ଲୁହ ଲହୁ ଯନ୍ତ୍ରଣା କୁ ପିଇ ପିଇ
ଆଗକୁ ପାଦ ଉଠେଇ ଚାଲିବାର ସାହସ ଧୈର୍ଯ୍ୟ ନାହିଁ
ମହାନ ହେଇଯାଅ କେହି
ଫେରି ଆସ ଗୋପବନ୍ଧୁ ସାଜି
କରିଦିଅ କରିଦିଅ ସ୍ୱାର୍ଥ ଛଳନାରୁ ମୁକ୍ତି........ ।

ଶୁଣି ଯାଅ କେହି ଥରେ ଏ କାହାର କ୍ରନ୍ଦନ
ମୁକ୍ତି ଦିଅ ମୁକ୍ତି ଦିଅ ଫିଟେଇ ସକଳ ବନ୍ଧନ...... ।

ନିକିରାଇ, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରୁଦ୍ଦିଷ୍ଟ



ରଞ୍ଜିତା ଦାଶ

ବର୍ଷାର ମୃଦୁ ମୃଦୁ ହିଲ୍ଲୋଳ ରେ

ତମେ ଯେବେ ମାଟି ଛୁଅଁ---

କାଗଜି ଫୁଲ ସବୁ ଗୋଲାପି ରଙ୍ଗ ଛାଡି ନୀଳ ପଡନ୍ତି ।

ଆଉ ଜରିଲଗା ପୀତ ବସନ ବି ନୀଳ ଦିଶେ ।

ସର୍ବତ୍ର ନୀଳମୟ---

ଯମୁନା ବି କୋଳେଇ ନିଏ ତା ମମତା ଝରରେ ।

କୁଞ୍ଜବନରୁ ଭାସି ଆସେ ଆହ୍ଲାଦ ସଙ୍ଗୀତ ।

ପ୍ରୀତି ପୁରୁଷର ମିଠା ପଣକୁ ଜାବୁଡି ରଖି ପାରେନି ସିନା

ହେଲେ ନୀଳ ରଙ୍ଗର ସ୍ୟାହୀରେ ନିଜକୁ ବୁଡେଇ ଦିଏ ।

ସବୁ ଆଜି ନିରୁଦ୍ଦିଷ୍ଟ !!!

ପଥ ପ୍ରାନ୍ତରେ ଅଭିମାନ

ଆଉ ଅଭିମାନର ନୀଳ ସଡକରେ ସମ୍ଭାବନାର ଆଖି ।

କେଇ ଯୋଡା ପାଦ ଶବ୍ଦକୁ ଗୋଟାଇ ଲେଖୁଛି କବିତା

ଅଭିଯୋଗର ଅଭିମାନଟା ବି ହଜେଇ ଦେଇଛି

ଅଭିନୟର ରାସ୍ତା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲବି ଫୁଟିବା ଛାଡି

ହରେଇ ଦେଇଛି ବାସ୍ନା ।

ଆଖିରେ କେବଳ ସାତ ସମୁଦ୍ର

ସେଇ ସମୁଦ୍ର କୂଳରେ କିଛି ଭାବାନ୍ତର ।

ଆଉ କିଛି ଝଡି ପଡିଥିବା କୋରେଇ ଫୁଲର ମହକ ।

ତୁମେ ଯଦି ଅଶିଣର କାଶତଣ୍ଡି ହୁଅନ୍ତ !

ସେ ଧଳା ରଙ୍ଗ ବି ନୀଳ ହୋଇ ଯାଆନ୍ତା ।

ବୃକ୍ଷ ଲତା ମାନେ ସବୁଜ ରଙ୍ଗକୁ ଛାଡି ନୀଳ ରଙ୍ଗ ମାଖି ହୁଅନ୍ତେ ।

ଆମ୍ବ ଗଛରେ ବଉଳ କଢି ସବୁ ସୁରଭିର ଛୁଆଁରେ ବିମୋହିତ ହୋଇ ନୀଳ ନୀଳ ବାସନ୍ତେ ।

ତୁମ ଶରୀରର ନୀଳ ରଙ୍ଗରେ ଅଛି ଅୟୁତ ଯୁଗର ଅବଶୋଷ

ଆଉ ସମାଧିସ୍ଥ କିଛି କ୍ଷଣର ବେପଥୁ ଜୀବନ

ସେତେବେଳେ ତୁମେ କେଉଁଠି ଥାଅ ନୀଳ ପୁରୁଷ ।

ଆଖିଏ ଲୁହକୁ ଓଠରେ ଭିଜେଇ ଚାହିଁଥାଏ ତୁମ ବାଟ ।

ହେଲେ ତୁମେ ନିଖୋଜ ! ! ! !

ପ୍ରତିଥର ପରି ଏଥର ବି

ବସନ୍ତ ଆସୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଗଛରେ ନବ ପତ୍ର ସବୁ ସବୁଜ ରଙ୍ଗରେ ସଜ୍ଜିତ

ମାଳତୀ ଲତାରେ ସବୁ ରଙ୍ଗର ରୋଷଣୀ ଲାଗିବ

ଜଡା ପତ୍ରରେ ଲାଜେଇ ହଳଦୀ ବସନ୍ତ

ତୁମ ନାଁ ସାଥେ ମୋ ନାଁ ଯୋଡି ଲେଖିବ ।

ହେଲେ ତମେ ----

ତମେ ତ ନିରୁଦ୍ଧିଷ୍ଟ କେଉଁ କାଳୁ ।

ଅୟୁତେ ବରଷ ସରି ଗଲେ ବି ତୁମେ ଫେରିବନି ।

କେଉଁଠି ପାଇବି ତୁମକୁ ?

ଯମୁନା କୂଳ

କଦମ୍ବ ମୂଳ

ଗୋପ ଦାଣ୍ଡ

ଗାଈ ଗୋଠ

କେଉଁଠି ବି ତୁମ ଚିହ୍ନ ନାହିଁ ।

ସତରେ କଣ୍ ତୁମେ ନିଖୋଜ ।

ହେ କୃଷ୍ଣ ---

ତମେ କଣ୍  ଜାଣିନ

ତମ ପଥ ଚାହିଁ ଏ ରାଧା ବସିଛି ସାରା ଜୀବନ ।

ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏ ବଉଳ



ଦୀପ୍ତି ଦେବଦର୍ଶିନୀ ସୁତାର

ଏ ବଉଳ ! ଆସ ଟିକେ ବୁଲିଯିବା
ନଦୀ ପଠା, ଆମ୍ବତୋଟା ମାଳ
ଯହିଁ ଆମେ ସାଙ୍ଗ ହୋଇ କରୁଥିଲେ
ମାଟି କଣ୍ଢେଇରେ ପୁଅ ଝିଅ ବାହାଘର
ତା ସହିତ ପତରରେ ଶାଗ ଭଜା ପୁଣି
ମିଛି ମିଛି ଭାତ ରନ୍ଧା ଖେଳ ।

ରାଗ ରୁଷା ଅଭିମାନ ,
କଳି ଆଉ ମିଛ ବଡ଼ପଣ
ଆଉ କାହିଁ ମିଳୁନାହିଁ ସେଇ ପିଲାଦିନ
ସାକ୍ଷୀ ଖାଲି ସେଇ ବରଗଛ
ଅତୀତ ର ସ୍ମୃତି ଲୁଗା ପିନ୍ଧି
ଆମକୁ ଖୋଜି ଚାଲିଛି ତା ଦୁଇ ନୟନ ।

ତୁମେ ନାହଁ, ମୁଁ ନାହିଁ
ବହୁଦୂରେ ଆମ ଧୂଳିଘର
ଆସ ନା ବଉଳ ଟିକେ ଯିବା ଦେଖି
ରହିଛି ନା ଅକ୍ଷତ ସେ ଇତିହାସ ପୃଷ୍ଠା
ଆଉ ଟିକେ ସଜାଡ଼ିବା ଦେଇ ଆମ
ସ୍ନେହ, ପ୍ରେମ, ମମତା ସ୍ୱାକ୍ଷର ।।

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ଏମିତି



ପ୍ରଭଞ୍ଜନ ତ୍ରିପାଠୀ

ଜୀବନ ଏମିତି ନୀଇତି ଗଙ୍ଗା
ଅକଳ୍ପ ସମୁଦ୍ର କଣିକା ଡଙ୍ଗା
ଭ୍ରାନ୍ତ ନୁହେଁ ଆଶା କୁଳିଆ ଲଂଘା
ଭାବ ଥିଲେ ଭବ ଦୁନିଆ ରଙ୍ଗା ।।।।

ସମ୍ପର୍କ ଏମିତି ଭାବର ଭେଦ
ଅକଳ୍ପ ତାହାରି ଅଭୁଲା ସ୍ୱାଦ
ଭ୍ରାନ୍ତ ନୁହେଁ ପ୍ରେମ ନୁହେଁ ପ୍ରମାଦ
ସମ୍ପର୍କରେ ସଦା ବଚନ ଖାଦ ।।

ସାଥିଟିଏ ସାଙ୍ଗ ସାତ ଜନମ
ଅଧା ବାଟେ ଛାଡେ ନାହିଁ ମରମ
ଜୀବନ ବାଟରେ ଗୁଡାଏ ଭ୍ରମ
ଅବାଟୁଆ ବନ୍ଧୁ ମଥା ଗରମ ।।

ବନ୍ଧୁ ଏମିତି ଦୁଃଖରେ ଠିଆ
ଶ୍ମଶାନ ତୁଠରେ ପାଣି ଗାଧୁଆ
ରାଜ ଦରବାରେ , ବଇଦ ଘରେ
ବନ୍ଧୁଜାଣ ଯେବେ ଦୁଖୀ ଦୁଆରେ ।।

କୃପଣ କପଟୀ ବନ୍ଧୁରେ ବାଟ
ଅଜଣା ଅଦେଖା ବନ୍ଧୁର ନାଟ
ଚଲା ବାଟେ କରେ ସଂକ୍ଷି ଟି କାଟ
ମାହାତ୍ମ୍ୟ ଜାଣିଲେ ଭେଦ ବିରାଟ ।।।।।

ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରହଶିତ ଶିକ୍ଷା



ଜୟଦେବ
ସେନାପତି

ଶିକ୍ଷା ନାମେ ଚାଲେ ଅନେକ ଯୋଜନା
ଲୋକଙ୍କୁ ଆକୃଷ୍ଟ ପାଇଁ
ପ୍ରକୃତ ଶିକ୍ଷାଟି ହୁଏ ବାଟବଣା
କାହାକୁ ଦିଶଇ ନାହିଁ ।
ପ୍ରାଥମିକ ଶିକ୍ଷା ହେଉଛି ବିନାଶ
ବୁଦ୍ଧିଜୀବୀ ଆଜି ଅନ୍ଧ
ଶିକ୍ଷକ ହାତରେ ନାହିଁ ସ୍ୱାଧୀନତା
ଚାଲେ ରାଜନୀତି ଯୁଦ୍ଧ ।
ସବୁ ବିଦ୍ୟାଳୟେ ଶିକ୍ଷକ ଅଭାବ
ଗଦା ଗଦା ବାଜେ଼ କାମ
ଫଟୋରେ ଫଟୋରେ ଚାଲେ ସବୁ କାର୍ଯ୍ୟ
ପାଠପଢ଼ା ଖାଲି ଶୂନ ।
ପ୍ରଧାନ ଶିକ୍ଷକ ଆଶିଷ୍ଟାଣ୍ଟ ମିଶି
କରନ୍ତି କିରାଣୀ କାମ
ପିଲାମାନେ ତେଣେ ଶ୍ରେଣୀରେ ଚିଲାନ୍ତି
ଶିକ୍ଷା ଏଠି ପ୍ରହସନ ।

ଅଣଶୈକ୍ଷିକ କାର୍ଯ୍ୟେ ଶିକ୍ଷକ ବାଉଳା
ହେଉଅଛି ନିତି ଧନ୍ଦି
ସରକାର ଆମ ଶୋଇଛି ନିଦ୍ରାରେ
ଡାଲେ ଅନଲାଇନ ଚିଠି ।
ନିରୀହ ନିଷ୍ପାପ ଶିଶୁ ଭବିଷ୍ୟତ
ହେଉଅଛି ଅନ୍ଧକାର
ଜୋତା, ଛତା, ଡ୍ରେସ୍ ବଣ୍ଟାରେ ଯାଉଛି
ଅର୍ଦ୍ଧେକ ଦିନ ବର୍ଷର ।
ଆଜିର ଶିଶୁଟି କାଲି ନାଗରିକ
ହୁଏ ନୀତି ବାକ୍ୟ ସାର
ପ୍ରହଶିତ ଶିକ୍ଷା ଚାଲୁଅଛି ରାଜ୍ୟେ
ଶିକ୍ଷା ଏଠି ମିଥ୍ୟା ଠାର ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁର୍ନୀତି ଜାଲରେ ସବୁ କର୍ମଚାରୀ

ମେଡିଆ ସାଜିଛି ଅନ୍ଧ

ଲାଞ୍ଚରେ ଲାଞ୍ଚରେ ଚାଲିଛି ଦୁନିଆ

ଶିକ୍ଷା,କୃଷି ବରବାଦ ।

ଆବଶ୍ୟକ ଠାରୁ ଅଧିକ ଦେବାରୁ

ଲୋକେ ହେଲେ ଅଳସୁଆ

ଅଖାଦ୍ୟ ସେବନେ ମରୁଛି ମଣିଷ

ଭୋଗି ରୋଗ ନୂଆ ନୂଆ ।

ଦିନୁ ଦିନୁ ବଢେ ବେକାରୀ ସମସ୍ୟା

ବଢେ ନିଶା କାରବାର

ମଧ୍ୟବିତ୍ତ ହୁଏ ସବୁଠି ହିନସ୍ତା

ତେଲିଆ ମୁଣ୍ଡରେ ତେଲ ।

ସରଦପୁର, ଭଗିବିନ୍ଧା, ବାରିକପୁର, ଭଦ୍ରକ

ପିନ୍ -୭୫୬୧୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜାଗ ହେ ନାରୀ ଜାଗ



ଆହ୍ଲାଦିନୀ
ପାଣିଗ୍ରାହୀ ଦାସ

ନିଦ୍ରା ତେଜି ଉଠ ହେ ଆଜି ସୁପ୍ତ ନାରୀ ଜାଗ
ଅନ୍ଧାର ଚିରି ଉଇଁଛି ଦେଖ ନବ ସମ୍ଭାବନା ସୂର୍ଯ୍ୟ
ସୁନେଲି କିରଣ ଝରାଇ ଝରାଇ ହସୁଛି ପୂର୍ବ ଦିଗ
ନୁଆଁ ସକାଳର ନବୀନ ଆଲୋକେ ନିଜକୁ ଚିହ୍ନିବା ଆସ
ଜାଗ ହେ ନାରୀ ଜାଗ ସୁପ୍ତ ନାରୀ ଜାଗ ।।।୧।।।

ଦୁର୍ଗାଙ୍କ ଶକ୍ତି, ସରସ୍ୱତୀ ଧନ ହୃଦୟେ ରହିଛି ଆମ୍ଭ
ତଥାପି କାହିଁକି ଆଜିର ନାରୀ ହେଉଅଛି ନିର୍ଯାତିତ
ସର୍ବଂସହା ଉପାଧିର ଲୋଭ ଦେଖାଇ ଏହି ସମାଜ
ଅଗ୍ନି ପରିକ୍ଷା ନିଏ ପୁଣି କେବେ ଦିଏ ପାଷାଣୀ ରୁପ
ଜାଗ ହେ ନାରୀ ଜାଗ ସୁପ୍ତ ନାରୀ ଜାଗ ।।।୨।।।

ସହିବାନି ଆଉ କ୍ରୁର ନିର୍ଯାତନା, ସହିବାନି ଅପମାନ
କଷଣ ସହିବା, ପାଇଁ କି, କିଆଁ ଗୋ ? ନେଇଅଛୁ ନାରୀଜନ୍ମ
ତ୍ରସ୍ତ ନ ହୋଇ ଦୀପ୍ତ ସ୍ୱର ରେ ରଖ ନିଜ ସମ୍ଭାଷଣ
ଜାଗ ହେ ନାରୀ ଜାଗ ସୁପ୍ତ ନାରୀ ଜାଗ ।।।୩।।।
ଭୁଲି ଯାଇଛୁ କି ଏଇ ଦେଶ ପରା ଲକ୍ଷ୍ମୀ ବାଇଙ୍କ ଦେଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପବନକୁ ଯିଏ ପବନେ ଉଡାଇ ଧରିଲେ ଯୋଦ୍ଧା ବେଶ
ବାଦଲ ପୃଷ୍ଠରେ ବସି କେବେ ପୁଣି ଗର୍ଜିଲେ ଧରି ଖଡଗ
ପୃଷ୍ଠ ଦେଶରେ ପୁତ୍ରକୁ ଧରି ରଣଭୂମେ ଅଗ୍ରସର
ସେଇ ମହିୟସୀ ନାରୀ ଦେଶେ ଜନ୍ମି ଆମର କାହିଁକି ଭୟ ?
ଅବଳା, ଦୂର୍ବଳା କହିବାକୁ ଟିକେ ଦୂନିଆଁକୁ ଲାଗୁ ଲାଜ..
ଜାଗ ହେ ନାରୀ ଜାଗ ସୁପ୍ତ ନାରୀ ଜାଗ ।।୪।।

ଦୂର୍ଗାବତୀ ରାଣୀ ସେ ବିରା ରମଣୀ ମରି ବି ଆଜି ଅମର
ଆମ ପରି ନାରୀ ଇନ୍ଦିରା ଗାନ୍ଧୀ ଚଳାଉଥିଲେ ଦେଶ ଆମର
ଏପରି ଦେଶରେ ଜନ୍ମ ଲଭି ବି ଆଜି ନାରୀ ନୁହେଁ ସୁରକ୍ଷିତ !
ତଥାପି ନିର୍ଭୟା, କୁନ୍ଦୁଲି କାଣ୍ଡ କାହିଁକି ଘଟଇ କୁହ
ଜାଗ ହେ ନାରୀ ଜାଗ ସୁପ୍ତ ନାରୀ ଜାଗ ।।୫।।

ସୁଧୁରି ଯାଅ, ସୁଧୁରି ଯାଅ, ସୁଧୁରି ଯାଅ ସମାଜ
ନାରୀ ବିନା କେବେ ସୃଷ୍ଟି ସର୍ଜନା ହୋଇ ପାରିଛି କି କୁହ
ଦିନ ଟେ ଆସିବ, ନିଶ୍ଚେ ଆସିବ ଜାଗିବ ନାରୀ ସମାଜ
ବସୁଧା କମ୍ପିବ, ଆକାଶ ଥରିବ, ସୃଷ୍ଟି ହେବ ଥରହର
ଲକ୍ଷ୍ମୀ ରୁପରୁ ନାରୀ ଯେବେ ନେବ ମହାକାଳୀ ଅବତାର
ଜାଗ ହେ ନାରୀ ଜାଗ ସୁପ୍ତ ନାରୀ ଜାଗ ।।୬।।

ସଇଁନ୍ତଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବ ମୃତ୍ୟୁ



ଗୀତାଞ୍ଜଳି ଭୂୟାଁ

ମୃତ୍ୟୁ ପୂର୍ବରୁ ବାର ବାର ମରିବାକୁ ହୁଏ
ମାରିଦିଏ ନୀରବତା ।
ଛଡେଇ ନିଏ ଜୀବନରୁ ସତ୍ତା ।
ବୁଢିଆଣୀ ଜାଲର ଅଡୁଆ ସୂତାରେ
ଛନ୍ଦି ବାନ୍ଧି ହୋଇ
ହଜିଯାଏ ଭରସା ବିଶ୍ୱାସ ।
ଖୋଜିଲେ ମିଳେନି କୋଉଠି
ତା ଆରମ୍ଭ କି ଶେଷ ।
ଅବୋଧ୍ୟ ତାର ଭାଷାର ବିନ୍ୟାସ
ଅଗମ୍ୟ ସେ ହୃଦୟ ପ୍ରବେଶ ।
ସମ୍ପର୍କର ସୂତାଖିଅ ଲମ୍ବିଯାଏ
ଦିଗରୁ ଦିଗନ୍ତ ।
ମନ ହୃଦୟ ନିର୍ବାକ୍ ନିସ୍ପନ୍ଦ ।
ଅଭେଦ୍ୟ ପ୍ରାଚୀର ସମ ନୀରବତା
ରୋଧିଦିଏ ମମତାର ପଥ ।

ଆଶା ଆକାଂକ୍ଷା ସବୁ ଛଟପଟ ହୋଇ
ମଥା ପିଟନ୍ତି ଭାବନାର ଜାଲେ ଛନ୍ଦି ହୋଇ ।
ସମୟ କାଟିବାକୁ ହୁଏ
ଗଛ ଲତା, ପାଣି ପବନ, ସୂର୍ଯ୍ୟ ଚନ୍ଦ୍ର
ନଦୀ ସମୁଦ୍ର ଆକାଶର ତାରାମାନଙ୍କୁ ଚାହିଁ ।
କାହିଁକି ଏ ନୀରବପଣ ?
ଆତ୍ମୀୟତାର ଦ୍ୱାହି ଦେଇ
ଛଳନାର ବଶବର୍ତ୍ତୀ ହୋଇ
ଘୁଞ୍ଚିଯିବା ବାହାନାରେ
ନୀରବତା ସିନା ବୃଥା ଅଭିମାନ ।
ସାଗର ନୀରବି ଗଲେ ଉଠେ ବାଡ଼ବାଗ୍ନି
ପବନ ନୀରବି ଗଲେ ଝଡ଼ର ଆଶଙ୍କା
ମଣିଷ ନୀରବିଗଲେ ଆସେ ମୃତ୍ୟୁର କଷଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧର ସ୍ଥିର, ହୃଦୟ ଅସ୍ଥିର

ନିସ୍ତେଜ୍ ଶରୀର ମନ ପ୍ରାଣ ।

ମୃତ୍ୟୁ ଦଂଶନର ବିଷ ଜ୍ୱାଳାରେ

ଜର୍ଜରିତ ପ୍ରତି କ୍ଷଣ ।

କାହିଁକି ଏ ଅହେତୁକ ଜଡ

ନୀରବ ଆଘାତରେ କୋକେଇ ସଜାଡ ? ?

ଓଠେ ସିନା ଲାଗିଯାଏ ଅଠା

ମୁଣ୍ଡ କିନ୍ତୁ କହୁଥାଏ କଥା ।

ନୀରବତା ......

ଚିହ୍ନେଇ ଦିଏ ମାନବିକତା

ବୁଝେଇ ଦିଏ ଅନ୍ତର ତଳ କୁଟିଳତା

ଜଣେଇ ଦିଏ ନିଷ୍ଠୁର ଶବ୍ଦମାନ

ଯେତେ ମନ ତଳେ ସାଇତା ।

"ନୀରବ ମୃତ୍ୟୁ "ର ଶର ଶଯ୍ୟାରେ

ନାହିଁ ରକ୍ତ ଛିଟା

ଅଛି ଅସହ୍ୟ ଅସୁମାରୀ ବ୍ୟଥା

ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ,


ସରସ୍ୱତୀ ବିଦ୍ୟାମନ୍ଦିର ସାଲେପୁର, କଟକ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଦ ଥାପିଦେଲେ



ଶାନ୍ତିଲତା ପଣ୍ଡା

ପାଦ ଥାପିଦେଲେ ଶରତ ଋତୁଟା
ପୃଥିବୀର ଚଟାଣରେ
ନାନା ବେଶଭୂଷା ଆଭରଣ ବଳେ
ଧରା ହସେ ଉଲ୍ଲାସରେ
କେଦାରେ କେଦାରେ ବନ ଉପବନେ
ସବୁଜ ସପନ ଉଭା
ଖୋସାରେ ତାହାର ନାନା ଅଳଙ୍କାର
ଦିଶେ କେଡେ ମନଲୋଭା
ନଈପଠା ଧାରେ ବିଲ ହିଡ଼ ମୂଳେ
କାଶତଣ୍ଡୀ ଅଣ୍ଟା ଭାଙ୍ଗେ
ଧୀର ସମୀରରେ ନାଚି ନାଚି ଯାଏ
ଭଳିଭଳି ନାନାରଙ୍ଗେ
ନିରିମଳ ଶୋଭା ହରିନେଇ ମନ
ସଭିଙ୍କ ପରାଣ ମୋହେ
ନଈ ପୋଖରୀର କାଚଧାର ପାଣି
ସ୍ୱଚ୍ଛତା ଇଙ୍ଗିତ ଦିଏ

ନୀଳ ଆକାଶର ନୀଳିମାର କୋଳେ
ଧଳା ବଉଦର ଭେଳା
ଯେପରି ଶୋଭଇ ସମୁଦ୍ର ବକ୍ଷରେ
ବୋଇତମାନଙ୍କ ମେଳା
ଚାନ୍ଦର ଚାନ୍ଦିନୀ ଢାଳିଦେଇ ଯାଏ
ପ୍ରୀତିର ଅଧର ପଣା
ପ୍ରେମ ଆହ୍ଲାଦିନୀ ହସେ କୁମୁଦିନୀ
ପୁଷ୍କରିଣୀ ପିନ୍ଧେ ଗୁଣା
ଧବଳ ମଣ୍ଡିତ ଧରଣୀର ବେଶ
ରୁଚିର ଶରତ କାଳ
ଚାରୁକଳାକୃତି ଭରିରହିଅଛି
ପ୍ରକୃତି ରାଣୀ ଅଞ୍ଚଳ
ମାଆ ଆଗମନୀ କରେ ଆବାହନୀ
କାଶତଣ୍ଡୀ ଆଞ୍ଜୁଳିରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଗତଜନଙ୍କ  ଦୁଃଖ  ହରିବାକୁ ।

କେତେ ନିବେଦନ କରେ

ବାସହୀନ ସିନା ଅନ୍ତର ତାହାର

ରୂପ ତ ଲାବଣ୍ୟମୟୀ

ଜଗତ ଜନଙ୍କ ମନ କିଣିନିଏ

ହସ ଫୁଲ ବିଞ୍ଚି ଦେଇ  ।

ଦୁଇପଦ କଥା ହରିନିଏ ବ୍ୟଥା

ସ୍ମିତହାସ୍ୟ ଓଠେଥିଲେ

ଦୁନିଆଟା ଲାଗେ ଅତି ଆପଣାର

ଏକମନ ପ୍ରାଣ ବଳେ ।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେବି ମୁଁ ଝରାଶେଫାଳୀ



ବୀଣା ସାହୁ

ନିଃଶବ୍ଦ ରାତିର ଘନ ଅନ୍ଧକାରେ
ଝରା ଶେଫାଳୀ ର ବାସ୍ନା,
ସୁରଭି ସୁମନ ମହ ମହ ବାସ
ଜହ୍ନ ଆଲୋକର ଜ୍ୟୋସ୍ନା ।

ଶୁଭ୍ର ତନୁ ରେ ମୋହିନିଅ ମନ
ବୁଣିହୋଇ ମାଟିପରେ,
ଚାହିଁ ପାର ନାହିଁ ତପନ କିରଣ
ଅପସରି ଯାଅ ଧିରେ ।

ନିସ୍ତେଜ ନିରବି ସାଧିକା ପରି
ଅତି ଶୀଘ୍ର ଯାଅ ହଜି,
ଆହାଃ କି ରୂପସୀ ନିୟତି ଗଢିଛି
ସଭିଏ ଯାଆନ୍ତି ଭିଜି ।

ଶୁଭ୍ର ପାଖୁଡ଼ା ରେ ନାରଙ୍ଗୀ ରଙ୍ଗରେ
ଦିଶ ଭାରି ମନୋହର,
ମଧୁରାଗିଣୀର ମନ ହୁଏ ଚୂନା
ପାଗଳ ହୁଏ ଭ୍ରମର ।

ପ୍ରକୃତି କୋଳରେ ଲୋଟି ପଡ଼ି
ଭରିଛି ଔଷଧୀୟ ଗୁଣ,
କ୍ଷଣିକ ଆୟୁଷ ଧରି ମଧ୍ୟ
ନାହିଁ ଟିକେ ଅଭିମାନ ।

ସଂସାର ହିତେ ରହିଛି ରହିବି
ଦେଇ ଶ୍ରଦ୍ଧାଞ୍ଜଳି,
ସଭିଙ୍କ ହୃଦୟ ରେ ରହି
ହେବି ମୁଁ ଝରା ଶେଫାଳୀ ।

କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗ୍ନ କୋଣାର୍କ



ସୁବାସ ଚନ୍ଦ୍ର
ତାରିଣୀ

ସାଗର କୂଳରେ ବେଳା ଭୂମି ପରେ
ଠିଆ ସେ ଶିଳାର ସ୍ତୁପ,
କାରୁକାର୍ଯ୍ୟ ଭରା  ପ୍ରସ୍ତର ମୂରତି
ଉଲଗ୍ନ ନାରୀର ରୂପ  ା

ଓଡିଆ ପୁଅର  କଳା କାରିଗରୀ
ମୁଗୁର ନିହଣ ମୂନେ
କଥା ସେ କହୁଛି  ଆଜି ବି ହସୁଛି
କହୁଛି  ଗାରିମା କାନେ ା

ତିକ୍ତ ହର୍ଷ କାନ୍ଦ ବିଷାଦ ବିମର୍ଷ
କଟି ଥିଲା ଶିଳା ସାଥେ
ମୁଖ ଶାଳା ଠାରୁ  ଗର୍ଭ ଗୃହଯାଏ
କଥା କହେ ଦ୍ୱାର ପଥେ  ା

ଆଜି ଦ୍ୱାର ପଥ ନାହିଁଟି ଉନ୍ମୁକ୍ତ
କାନ୍ଥ ଚର୍ତୁପାର୍ଶ୍ୱେ ହସେ
ପ୍ରକୃତିର ଶୋଭା ଅନୁପମପ୍ରଭା
ଶିଳା ଦେହେ ଚିତ୍ର ଭାଷେ  ା

ହାତୀ ଘୋଡା ରଥ   ଅଛି ରାଜଥାଟ
ଛତ୍ର ଛତ୍ରି ରାଜପଥ ,
ଶିଳ୍ପୀ ତା ନମୂନା  ନିହଣ ମୂନରେ
ଫୁଟାଇଛି ରାଜ ରଥ   ା

ଓଡିଶୀ ନୃତ୍ୟାଙ୍ଗୀ  ରଖି ନାନା ଭଙ୍ଗୀ
ନୃତ୍ୟାଙ୍ଗନା ନୃତ୍ୟା ନାରୀ
ଶିଳିପୀ ଆଙ୍କିଲା    ପଥର ଗାତ୍ରରେ
ବୃକ୍ଷ ଲତା ପଥଚାରୀ ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୂର୍ଯ୍ୟଙ୍କ ମନ୍ଦିର ଶିଳା ରାଶି ଦେହେ
ବାଲୁକା ରାଶିରେ ଗଢି
ଉତ୍କଳୀୟ ଶିଳ୍ପୀ ଉତ୍କଳ ମାଟିରେ
ଶିଳ୍ପକୁ ଦେଇଛି ବାଢି ◌ା

ଶିଳ୍ପୀ ଆଜି ନାହିଁ ଶିଳ୍ପ ତା ରହିଛି
ହସୁଛି ଶିଳ୍ପୀର କର୍ମ
ନିଖୁଣ ସେ ଚିତ୍ର ପଥର ଗାତ୍ରରେ
ଗାଉଛି ତାଗୁଣ ଧର୍ମ ◌ା

ମୃତ୍ୟୁ ହୋଇନାହିଁ ଶିଳିପୀ ମାନଙ୍କ
କୃତି ତା ଗାଉଛି ଗୀତ ,
ନାହିଁ ବିଶୁ ଆଜି ନାହିଁଟି ଧରମା
ଉଡୁଛି ଶିଳ୍ପୀର ନେତ ◌ା

ଓଡିଶାର ଗର୍ବ କଳା ଗଉରବ
ଉତ୍କଳୀୟ କାରିଗର ,
ଏ ସାରା ବିଶ୍ୱରେ ଉଡାଏ କେତନ
ଚିତ୍ରଶିଳ୍ପ କୋଣାର୍କର ◌ା

ସପ୍ତାଶ୍ଚର୍ଯ୍ୟ ମଧ୍ୟେ ଏ ଏକ ଆଶ୍ଚର୍ଯ୍ୟ
ସିଏ ପରା କୋଣାରକ,
ଏ ସାରା ବିଶ୍ୱରେ ସୁନାମ ରହିଛି
ଉତ୍କଳୀୟ କଳା ଟେକ ◌ା

ବାରଶ ବଢେଇ ମନତନ ଢେଇ
ତ୍ୟାଗକରି ସଂସାରକୁ ,
ନିଖୁଣ କଳାକୁ ସୃଷ୍ଟି କରିଥିଲେ
ସମର୍ପିଲେ ସମାଜକୁ ◌ା

ସୃଷ୍ଟି ଥିଲା ଯାଏ ସ୍ରଷ୍ଟା ରହିଥିବ
ସ୍ୱର୍ଣ୍ଣାକ୍ଷରେ ଲେଖି ନାମ ,
ମନ୍ଦିରରେ ପୂଜା ପାଏନି ଦେବତା
ପୂଜା ପାଏ ଶିଳ୍ପୀ କର୍ମ ◌ା

ଶିଳିପୀ ବଞ୍ଚିଛି ଶିଳିପ ଗାତ୍ରରେ
ସହାସ୍ୟେ କହୁଛି କଥା,
ମରିନାହିଁ ମୁହିଁ ଆଜିବି ବଞ୍ଚିଛି
ଶିଳ୍ପରେ ରହିଛି ବ୍ୟଥା ◌ା

ତୁଳସୀପଲ୍ଲୀ, ଭଞ୍ଜନଗର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିରଅମର ଲୌହମାନବ



ବିକାଶ କୁମାର ମହାନ୍ତ

ଗୋଟି ଗୋଟି କରି ଅନେକ ଭାଗରେ
ବିଭାଜିତ ଥିଲା ଦେଶ,
ହିଂସା ଦ୍ୱେଷ ରେ ପୁରି ଉଠିଥିଲା
ଆମ ଏ ଭାରତ ବର୍ଷ ।

ଶିଳ୍ପୀକାର ହୋଇ ଏକତା ରଜ୍ଜୁରେ
ବାନ୍ଧି ଏ ଭାରତକୁ,
ଅମର ହେଲେ ସେ ଜନ ମାନସେ
ଜାଣିଛ କି ପିଲେ ତାଙ୍କୁ ।

ଭାରତ ମାତାର ସୁଯୋଗ୍ୟ ସନ୍ତାନ
ସ୍ୱଭାବ ଥିଲା କଠୋର,
ହୃଦୟରେ ଥିଲା ଜଗତ ପାଇଁ
ଅଶେଷ ପ୍ରେମର ଧାର ।

କୃଷକ ମାନଙ୍କ ସର୍ଦ୍ଦାର ହେଲେ
ଫୁଟାଇ ମୁଖରେ ହର୍ଷ,
ସ୍ୱାଧୀନତାର ସଂଗ୍ରାମୀ ହୋଇ
ଜିତିଲେ ଭାରତ ବର୍ଷ ।

ରାଜନୀତିର ମହାଜ୍ଞାନୀ ସେ
ନିର୍ଣ୍ଣୟ ଥିଲା ଶକ୍ତ,
ସେ ନିର୍ଣ୍ଣୟେ ଜିଣିଲେ ହୃଦୟ
ଯୋଡି ଏ ଭାରତ ବର୍ଷ ।

ଲୌହ ମାନବେ ଜଗତ ଜାଣିଲା
ତାଙ୍କରି ସ୍ୱଭାବ ପାଇଁ,
ଚିର କାଳ ପାଇଁ ହେଲେ ସେ ଅମର
ଏପରି ସୁକାର୍ଯ୍ୟ ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟର ଭାବନା



ଜୟଦେବ ମାଝୀ

ଅଝଟିଆ ମଣିଷର ଅବୁଝା ହୃଦୟ ବେଦନା
ହୁଗୁଳା ଜୀବନର ଅନ୍ତର୍ବେଦନା କହି ହୁଏନା

ତୁମେ କେଉଁ ଦୁନିଆର ଝଲସିତ ଅପସରି
ଦିଶଇ ମୁକ୍ତ ଆକାଶର ବିହାଙ୍ଗ ପରି

କାହିଁ କେଜାଣି ଫିକା ଲାଗେ ମୋତେ....
ହୃଦୟ ଖୋଜୁଛି ତୁମପରି ସାଥୀଟିଏ ସତେ...

ପ୍ରଥମ ଦେଖାରେ ତୁମକୁ ଭୁଲି ମୁଁ ପାରୁନି
ପ୍ରେମର ଏ କି ଚଗଲାମୀ ଜାଣି ହେଉନି

ତୁମକୁ ନ ଦେଖିଲେ ଝାଉଁଳି ପଡୁଛି ମୁହଁ
ନିଜକୁ ସାନ୍ତ୍ୱନା ଦେଉଛି ମୁକ୍ତ ଆକାଶକୁ ଚାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ ହୋଇଛି ବୋଲି ଏ ଅବୁଝା ମନ ମାନେନା
କାହାକୁ କହିବି ହୃଦୟର ଅସରନ୍ତି ବେଦନା

ଅଭାଗା ହୃଦୟର ଅକୁହା କଥା କହିବାକୁ ଅଛି ଅନେକ
ଭୁଲିଯାଏ ବେଳେ ବେଳେ ପ୍ରେମର ଏ କି ପ୍ରତୀକ

ତୁମ ବିନା ଲାଗେ ମୋର ହୃଦୟ ଅଧୁରା
କେମିତି ବଞ୍ଚିବି ମୁହିଁ ଜୀବନ ସାରା

ପ୍ରତିଟି ମୁହୂର୍ତ୍ତରେ ତୁମ କଥା ମନେ ପଡେ
କୋଟି ତାରା ମଧ୍ୟେ ସୁନେଲି ସପନ ଗଢ଼େ

ମନେ ହୁଏ ଜଳନ୍ତା ନିଆଁରେ ମୋ ହୃଦୟ ଜଳୁଛି
ତୁମ କଥା ଭାବି ଭାବି ବଞ୍ଚିକି ମୁଁ ନିତି ମରୁଛି

ଅଧୁରା ହୃଦୟର ପାଗଳାମୀ କେତେ...
ଅଭାଗା ମଣିଷର କି ବିଚିତ୍ର ପ୍ରେମ ସତେ ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବନାର ତରଙ୍ଗେ ଅବିରହ ଅଶ୍ରୁ ଝରେ....

ଯେବେ ତୁମେ ନଥାଅ ପ୍ରିୟା ମୋ ପାଖରେ ....

ଆଜି ମନର ଭାବନା କହୁଛି ହୃଦୟ ଖୋଲି ...

ତୁମ ପ୍ରେମ ନ ପାଇ ପ୍ରିୟା ମୁଁ ଯିବି ମଉଳି

ମୋର ହୃଦୟ ଗଭୀରତା ବୁଝିବ କେବେ..

ତୁମ ଅପେକ୍ଷାରେ ରହିବି ଶେଷ ନିଶ୍ୱାସ ଯାଏ

କଲେଜ ଛକ୍, କଟକ

ପିନ୍- ୭୫୩୦୦୩

ଦୂରଭାଷ - ୮୧୧୪୩୧୭୬୭୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଖି ବୁଜିଦେଲେ



ହରେରାମ ପଣ୍ଡା

ଆଖି ବୁଜିଦେଲେ ମୋ ମନ ଭିତରେ
ତୋ ମୂରତି ନାଚେ ଆହା ,
ବିପଦେ ଆପଦେ ସୁଖେ ଅବା ଦୁଃଖେ
ହେଉ ତୁ ଆଗରେ ଠିଆ ,
ତୁହି ମୋ ମଙ୍ଗଳା ମାଆ ।୦ ।

ସପନରେ ତୋର ଶ୍ରୀମୁଖକୁ ଦେଖି
ଆଖିରେ ଭରିଛି ଲୁହ ,
ସାରା ଜୀବନର କ୍ଳେଶ ମୁଁ ଭୁଲିଛି
ଦୂରେଇଛି ମନୁଁ କୋହ ,
ଆଗକୁ ଯିବାକୁ ବାଟ ଦେଖେଇଛୁ
ବିପଦେ ହୋଇଛୁ ସାହା ।୧ ।

ଝୁଣ୍ଟି ପଡିଲେ ତୁ ଉଠେଇ ନେଇଛୁ
ଝାଡିଛୁ ଦେହର ଧୂଳି ,
ପେଟ ଭରି ମୋତେ ଖୁଆଇ ଦେଇଛୁ
ହାତେ ଧରି ଅନ୍ନ ଥାଳି ,
ପଣତରେ ମୋର ମୁହଁ ପୋଛିଦେଉ
ଯେମିତି ନିଜର ମାଆ ।୨ ।

ପଚାରିଲେ କଥା ଉତ୍ତର ଦେଇଛୁ
ଦେଇଛୁ ମୁହଁ ଆଉଁସି ,
ସପନେ ମୋ ସାଥେ ଲୁଚକାଳି ଖେଳି
କେତେ ଦେଇଛୁ ତୁ ଖୁସି ,
ଏମିତି ସପନ ଦେଖୁଥାଏ ତୋତେ
ଏତିକି କରିବୁ ଦୟା ।୩ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ,
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆକାଶର ମୁକ୍ତ ଶାରୀ



ଅନୁପମା ବିଶ୍ୱାଳ

କୁଆଁଡାକ ତାର    ନିରାଶର ଭାବ
ସୃଜେ ଚକ୍ଷୁ ଅନ୍ତରାଳେ
ପରିବାର ମୁଖେ    ମନଗଢ଼ା କଥା
ଲକ୍ଷ୍ମୀରାଣୀ ଆସିଗଲେ ।
କଥାଟି କେବଳ    ତଣ୍ଟି ଉପରର
ଅନ୍ତରାତ୍ମା କାନ୍ଦୁଥାଏ
ମାଆ ଛଡା ଅନ୍ୟ    ବନ୍ଧୁ ବର୍ଗ ଜନ
ଦେଖାଣିଆ ହସୁଥାଏ ।
ପ୍ରଭୁ ଉପହାର    ସରଗ ସୁନ୍ଦର
ଅପୂର୍ବ ସୌନ୍ଦର୍ଯ୍ୟ ତାର
କୋଇଲି କଣ୍ଠରେ    କୁହୁ କୁହୁ ତାନେ
ମନକୁ ହରେ ଅନ୍ୟର ।
ନବ ଉନ୍ମାଦନା    ଗଗନେ ପବନେ
ନୂତନ ଆଶା ସଂଚାରେ
କୋମଳମତି ସେ    ବୁଝିପାରେ ନାହିଁ
ଭଉଁରୀ ଖେଳେ ଭ୍ରମରେ ।
ଜୀବନ ଯାତ୍ରାରେ    ଯାତ୍ରୀଟିଏ ହୋଇ
ଭାଗ୍ୟକୁ ଆଦରି ନିଏ
ଦୁନିଆଁ ଆଗରେ    ସମୟ ଚକ୍ରରେ
ଅପରାଧୀ ସାଜିଯାଏ ।
ପାଠୋଇ ହୋଇବି    ପାଏ ମୂର୍ଖ ଆଖ୍ୟା
ଉଚ୍ଚ ହେଲେବି ନଗଣ୍ୟ
ଶକ୍ତିମୟୀ ହୋଇ    ଶକ୍ତିହୀନା ହୁଏ
ଦୁନିଆଁ ନ ଦିଏ ମାନ୍ୟ ।
ପିଞ୍ଜରା ଭିତରେ    ନୁହେଁ ତା ଜୀବନ
ଆକାଶର ମୁକ୍ତ ଶାରୀ
ନବ କଳିକାରୁ    ନ ଯାଉ ମଉଳି
ଦାୟିତ୍ୱ ରହୁ ସବୁରି ।
ପୁରୁଷ ପୁରାଣ    ଜଗତ କାରଣ
ତା ମୁଖେ ଖେଳାଇ ହସ
ଶୁଭାଶିଷେ ତାଙ୍କ    ମହକି ଉଠୁ ସେ
ପବିତ୍ର ଚନ୍ଦନ ବାସ ।

ଶିକ୍ଷୟିତ୍ରୀ, ମୋଦିପଡ଼ା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକାନ୍ତ



ପଙ୍କଜ କୁମାର ମଙ୍ଗଳ

ଦ୍ୱାରିକା ଥିଲା ଦ୍ୱାରିକାବାସୀ ବି
ତଥାପି ଶାନ୍ତି ଓ ବିଶ୍ରାମ ପାଇଁ,
ତ୍ୟାଗି ସହୋଦର ଏକାନ୍ତ ବାଛିଲ
ନିର୍ଜନ ଅରଣ୍ୟେ ରହିଲ ଯାଇ ।
ବିଶ୍ୱାସ ଭରସା ଭାଙ୍ଗୁଛି ଯେ ସ୍ଥାନେ
ଯେତେ ନିବିଡ଼ତା ଥାଇ,
ତ୍ୟାଗିବା ଶ୍ରେୟସ୍କର ସେ ସ୍ଥାନ
ଯଦି ତୁମ୍ଭ ମୂଲ୍ୟ କେହି ବୁଝୁ ନାହିଁ ।

ପ୍ରତିବାଦ କାହିଁ ସବୁଠି କରୁଛ
ସବୁ ସ୍ଥାନ ରଣକ୍ଷେତ୍ର ନୁହଁ,
ଯୁଦ୍ଧ ସ୍ଥିତିରୁ ନିଜକୁ ଦୂରେଇବା
ବୁଦ୍ଧିମାନର ପରିଚୟ ।
ଯୁଦ୍ଧ ପୂର୍ବରୁ ଶତୃର ଶକ୍ତିକୁ ପରୋକ୍ଷ
ନହେଲେ ପରାଜୟ ସୁନିଶ୍ଚିତ,
ବାହୁବଳ ସଦା ସାଥିରେ ରହେନି
ବୁଦ୍ଧିର କୌଶଳ ନିଶ୍ଚେ ଜିତାଇବ ।

ଏକାନ୍ତରେ ଦିଅ ସମୟ ନିଜକୁ
ଆତ୍ମସମୀକ୍ଷା କର ପ୍ରତି କ୍ଷଣେ,
ସବୁ ସମସ୍ୟାର ଜଡ଼ ବାହାରେ ନ ଥାଏ
କିଛି ମିଳେ ଅନୁଧ୍ୟାନେ ।
ନିଜପାଇଁ ଖୁସି ଅନ୍ୟତ୍ର ଖୋଜନି
ଟିକେ ଅନ୍ତରରେ ଖୋଜି ଦେଖିବ,
ଅନ୍ୟ କାହାପାଖେ କ୍ଷଣ ସ୍ଥାୟୀ ଅଟେ
ହୃଦୟର ଖୁସି ସଦା ହସେଇବ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର
ଫୋନ-୭୭୪୯୯୩୬୬୮୧

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସାତ ସ୍ୱରେ ବନ୍ଧା ଏ ଜୀବନ



ବାସନ୍ତୀଲତା ଜେନା

ସାତ ସ୍ୱରେ ବନ୍ଧା ଏ ଜୀବନ ଆମ
ସଂଗୀତ ମୂର୍ଚ୍ଛନା ଗାଏ
ସଂଗୀତର ତାଳେ ମନ ପ୍ରାଣ ଝୁଲେ
ଅବସାଦ ଭୁଲି ଯାଏ ।୧।

ମାନସିକ ସ୍ଥିତି ଦୁର୍ବଳ ହୋଇଲେ
ବଞ୍ଚିବା ତ କଷ୍ଟକର
କର୍ତ୍ତବ୍ୟରେ ମନ ନ ଲାଗଇ କ୍ଷଣେ
ଆନ୍ଦୋଳନ ହୃଦୟର ।୨।

କଷ୍ଟ ଯନ୍ତ୍ରଣାର ଉପଶମ ହୁଏ
ସଂଗୀତ କଲେ ନିଜର
ସଂଗୀତର ତାଳ ଲୟ ଏକାଗ୍ରତା
ଜୀବନ କରେ ସୁନ୍ଦର ।୩।

ଗୀତ ବାଦ୍ୟ ନୃତ୍ୟ ଆକର୍ଷଣ ଭରା
ମନକୁ ସ୍ଥିର କରାଏ
ଦର୍ଶନ ଶ୍ରବଣେ ପୁଲକିତ ମନେ
ଆନନ୍ଦ ଢେଉ ଖେଳାଏ ।୪।

ସ୍ୱଚ୍ଛ ଜଳ ସମ ସାତ ସ୍ୱରେ ବନ୍ଧା
ଆମ ଜୀବନ ନାଟିକା
ମନ କୁଞ୍ଜ ବନେ ରାଗିଣୀର ସ୍ୱର
ପ୍ରୀତି ଝରଣା ବିଥିକା ।୫।

ପ୍ରତି ପଦକ୍ଷେପ ବାଧା ବିଘ୍ନ ଆସେ
ବନ୍ଧୁରର ଶିଳା ସମ
ଜଟିଳ ଜୀବନ ସରଳ କରଇ
ସାଧନା ସଂଗୀତ କାମ ।୬।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଗ୍ନୀ ଶିଖା ସମ ଜୀବନ ହୁଅଇ

ଜଳି ଜଳି ଦିନ ଯାଏ

ମନ ହୃଦୟରେ ପୁଲକ ଯୋଗାଏ

ଗୀତ ଶାନ୍ତି ଭରି ଦିଏ ।୭।

ସବୁ ବାଧା ବିଘ୍ନ ଅପସରି ଯାଏ

ବିଭୁଙ୍କ ନାମ ଗାଇଲେ

ତାଙ୍କ ପାଦତଳେ ଶରଣ ପଶିଲେ

ସଂଗୀତରେ ହଜି ଗଲେ ।୮।

ସାତ ସ୍ୱରେ ବନ୍ଧା ଏ ଜୀବନ ଆମ

ସାତ ସ୍ୱରେ ମିଶି ଯାଏ

ଝରଣା ଲହରୀ ସାଗରର ଢେଉ

ସାତ ସ୍ୱରେ ବାନ୍ଧି ହୁଏ ।୯।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାନ୍ଧୀ ହେ ତୁମ ରାଇଜରେ



ଗୁଣମତି ଭୋଇ

ଗାନ୍ଧୀ ହେ ତୁମ ରାମ ରାଇଜରେ...୨
ପ୍ରଶାସନ ଲଗାମ ରାଜନୀତି ହାତରେ
ଅପରାଧୀ ବୁଲେ ଏଠି ମନ ମଉଜରେ
ଯୁଇ ଜଳେ ନାରୀର ପ୍ରତିଦିନ ଲଜ୍ଜାରେ
ନ୍ୟାୟ ମିଳେ ପରଜାକୁ ଆତ୍ମଦାହ ପରେ
ଗାନ୍ଧୀ ହେ ତୁମ ରାଇଜରେ...୨
ଅନ୍ଧ ପୁଟୁଳି ବାନ୍ଧି ଭାରତୀୟ ଆଖିରେ
ଚାଲିଛନ୍ତି ଗୋରା ବିଦେଶୀ ବାବୁ ପଛରେ
ଜିନ୍‌ସ ପ୍ୟାଣ୍ଟ ସାର୍ଟ ଚାଲେ ଖଦୀ ବଦଳରେ
ପିଜ୍ଜା ବର୍ଗର ସୁଖ କାହିଁ କୁଟା ଖୁଦରେ
ଗାନ୍ଧୀ ହେ ତୁମ ରାଇଜରେ...୨
ବୁଡି ଗଲାଣି ଦେଶ ଆଜି ଭ୍ରଷ୍ଟାଚାରରେ
ଲିପ୍ତ ରାଜା ପରଜା ବିଳାସ ବ୍ୟସନରେ
କନ୍ୟାରତ୍ନ ଯେ ସମାଜ କୁଦୃଷ୍ଟି ଛଳରେ
ଯୁବକ ଯୁବତୀ ବି ପ୍ରୀତି ପ୍ରତାରଣାରେ

ଗାନ୍ଧୀ ହେ ତୁମ ରାଇଜରେ...୨
ବିଦ୍ୟା ବୁଦ୍ଧି ଆସୁନାହିଁ ହେ ପ୍ରୟୋଜନରେ
ସବୁ କାରବାର ଟଙ୍କା ପଇସା ଦମ୍ଭରେ
ପାପଚାରି ଯେତେ ସବୁ ଉଚ୍ଚ ଆସନରେ
ଗରିବ ମେଧା ବସିରହେ ପ୍ରେକ୍ଷାଳୟରେ
ଗାନ୍ଧୀ ହେ ତୁମ ରାଇଜରେ ...୨
ବାପୁ ପୁନର୍ଜନ୍ମ ନିଅ ଭାରତୀ ଗର୍ଭରେ
ରାବଣ ସଂହାର କରି ଅହିଂସା ବଳରେ
ସଜେଇ ପୁଣି ସତ୍ୟ ଅହିଂସା ଆଦର୍ଶରେ
ରାମରାଜ୍ୟ ଗଢି ଦିଅ ଏକତା ସୂତ୍ରରେ
ଗାନ୍ଧୀ ଫେରି ଆସ ତୁମ ରାଇଜକୁ ଥରେ
ଦୃଷ୍ଟି ଦିଅ ବାରେ ଗାନ୍ଧୀ ତୁମ ରାଇଜରେ
ଗାନ୍ଧୀ ହେ ତୁମ ରାମ ରାଇଜରେ
ଗାନ୍ଧୀ ହେ ତୁମ ରାମ ରାଇଜରେ

ନୁନିଆଁ ଜାମପାଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜ କଥା



ଡଃ ମନୋରଞ୍ଜନ ବିଷୋୟୀ

ଅଳକା ପ୍ରତିମା କିମ୍ବା ରଜନୀଗନ୍ଧାର
ପ୍ରତିଛବି ବିନା ନାରୀ କ'ଣ ନାହିଁ ?
ସୀତା କିମ୍ବା ଯାଜ୍ଞସେନୀ ଅଥବା
ଏ ଧରା ବକ୍ଷେ ଅତୀତ ଗୌରବ ଗାଥା
ଗାଇବାକୁ ମୁକୁଳା କଣ୍ଠର ସ୍ୱର
ଏ କଣ୍ଠରେ କେବେବି ତ ତାଳ ଦେଇନାହିଁ ।
ମୋ ମା'ର କଲିଜା ଦେଇ
ପ୍ରେମ କିଣିବାର ଅଭିଜ୍ଞତା କିମ୍ବା
ଦୁଃସାହସ ଏବେ ବି ମୋର ନାହିଁ ।
ସ୍ୱପ୍ନ ମୋର ଅଧା ଜଳା
ତେଣୁ ମୋ ସ୍ୱପ୍ନର ମାନସୀମାନେ
ତୁମକୁ କିଣିବା ପାଇଁ ମୋ ସାହସର
ଲମ୍ବ ପ୍ରସ୍ଥ ଏବେ ବି ମୋତେ ଜଣାନାହିଁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୦୫୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା, ତୁମେ ଗଲାପରେ



ସାଇଶ୍ରୀ ସୌମିତ୍ରୀ
ହରପ୍ରସାଦ

ବାପା ତୁମେ ଗଲା ପରେ
ନିଛାଟିଆ ନିର୍ଜନ ଲାଗେ
ସକାଳର କୋଳାହଳ ଗାଁ ଦାଣ୍ଡ
ଅଭେଦ୍ୟ ଦିଶେ ଆମ ଘର ଅଗଣା
ଦୋକାନ ପିଣ୍ଡା ଆଉ ତୁମ ଶୋଇବା ଖଟ ।
ମାଆର ଖାଲି ସିନ୍ଥି, ଫୁଙ୍ଗୁଳା ହାତ
ତା ଆଖିର ଗରମ ଲୁହରେ
ଢେଉ ଭାଙ୍ଗନ୍ତି ଅପୁରା ସ୍ୱପ୍ନ ସବୁ
ତା ବେରଙ୍ଗୀ ଶାଢୀ ପଣତରେ
ମଶିଣା ପାରି ଡେରା ପକାଇଛନ୍ତି
ଦୁଃଖ, ଯନ୍ତ୍ରଣା ଆଉ ବିଷର୍ଣ୍ଣତା ।
ଅଫେରା ଅତୀତର ସ୍ମୃତି ସବୁ
ଆଖିଠାର ମାରି ଉଭେଇ ଯାନ୍ତି
ଦୂର ଦିଗନ୍ତର ସେ ସନ୍ଧ୍ୟା ତାରାରେ
ଦିବା ସ୍ୱପ୍ନର କ୍ଷଣଭଙ୍ଗୁର ଆଶାରେ
ଆଖି ଖୋଜେ ଘରର ମୂଳଦୁଆକୁ
ଆମ ସମସ୍ତଙ୍କ ଅସ୍ତିତ୍ୱର ଆଭାକୁ
ତୁମକୁ କେବଳ ତୁମକୁ ବାପା ।

ଠିକଣା ନଦେଇ ଚୁପ୍ କରି
କାହାକୁ କିଛି ନଜଣାଇ
ଅଭିମାନରେ ଅବା ରୁଷି କରି
ଚାଲିଗଲ କେଉଁ ଅଜଣା ରାଇଜକୁ
ସବୁଠୁ ନିଜର, ନିଷ୍କପଟ ବାପାଙ୍କ
ସ୍ନେହବୋଳା ଗେଲବସର
ମିଠାକଥା, ମୁଣ୍ଡ ଶାଉଁଳା, ପିଠି ଥାପୁଡା
ସବୁକିଛି ମନେପଡେ ଆଖି ଲୁହ ହେଇ
ଝରିପଡ଼େ ସବୁ ସପ୍ନ ସବୁ ଆଶା ।
ଦୁନିଆଟା ଲାଗେ ଭାରି ଅସୁନ୍ଦର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅସଜଡା ଲାଗେ ଏ ଜୀବନ

ଏକାକୀତ୍ୱ ର ଆଭରଣ ରେ

ଝାପ୍ସା ଦିଶେ ଧୂ-ଧୂ ଖରାବେଳ

ଅଚିହ୍ନା ଲାଗେ ନିଜର ଛାଇ

ନିଶ୍ୱପ୍ରାୟ ଲାଗେ ଆଜି ଏ ବିଶ୍ୱ

ଦାଣ୍ଡ ପୋଖରୀ, ବାଇଗଣ ବାଡିର

ତୁମ ପିଇଣ୍ଡି, ଏଠି ସେଠି ସବୁଠି

ମୋ ମନ ଖୋଜିବୁଲେ

ତୁମକୁ କେବଳ ତୁମକୁ ବାପା ।

ସାଇଶ୍ରୀ ସୌମିତ୍ରୀ ହରପ୍ରସାଦ

ରାୟପୁର, ଛତିଶଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇଜ୍ଜତ ନାହିଁ ବୋଲି



ବିଜୟ କୁମାର ସାହୁ

ଇଜ୍ଜତ ନାହିଁ ବୋଲି ମୋର ରେ କାଳିଆ

ଦିନେ ପଚାରିଲୁ ନାହିଁ

କେମିତି ଅଛ ହୋ କେମିତି ଅଛ

ହେ ଜଗନ୍ନାଥ ! ହେ ଜଗନ୍ନାଥ ! ୨

ଝାଟିମାଟି ଘର ମୋର ତୋ ପାଇଁ ରାଜ ଉଆସ

ବାସି ପଖାଳ ମିଳେ ନା ମୋତେ

ତୋ ପାଇଁ ଛପନ ଭୋଗ

ରେ କାଳିଆ ତୋ ପାଇଁ ଛପନ ଭୋଗ

ହେ ଜଗନ୍ନାଥ ! ହେ ଜଗନ୍ନାଥ ! ୨

ତୋ ଘରେ ଚନ୍ଦ୍ର ସୂର୍ଯ୍ୟ ମୋ ଘର ଅନ୍ଧକାର

ରେ କାଳିଆ ମୋ ଘର ଅନ୍ଧକାର

ତୋ ପାଇଁ ରାଜରାସ୍ତା ମୋ ପାଇଁ ବାଲି ଝଡ

ରେ କାଳିଆ ମୋ ପାଇଁ ବାଲି ଝଡ

ହେ ଜଗନ୍ନାଥ ! ହେ ଜଗନ୍ନାଥ ! ୨

ତୋ ଘରେ ଲକ୍ଷ୍ମୀରାଣୀ ମୋ ଘର ଶୂନ୍ୟ ଖାଲି

ରେ କାଳିଆ ମୋ ଘର ଶୂନ୍ୟ ଖାଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁ ରାଜରାଜେଶ୍ୱର କୋଟି ବ୍ରହ୍ମାଣ୍ଡ ଠାକୁର

ରେ କାଳିଆ କୋଟି ବ୍ରହ୍ମାଣ୍ଡ ଠାକୁର

ହେ ଜଗନ୍ନାଥ ! ହେ ଜଗନ୍ନାଥ ! ୨

ମୁଁ ହତଭାଗ୍ୟ ମଣିଷ ଇଜ୍ଜତ ନାହିଁ ମୋର

ରେ କାଳିଆ ଇଜ୍ଜତ ନାହିଁ ମୋର

ତୋ କୃପା ପାଇବା ପାଇଁ

ବଞ୍ଚିତ ହେବି କି କହ ୨

ହେ ଜଗନ୍ନାଥ ! ହେ ଜଗନ୍ନାଥ ! ୨

ତୁ ଚକାଡୋଳା ସମଦୃଷ୍ଟି ଭାବ ତୋର

ରେ କାଳିଆ ସମଦୃଷ୍ଟି ଭାବ ତୋର

କେମିତି ନିରବ ଅଛି ମୋ ପାଇଁ ହୃଦୟ ତୋର

ମୋ ପାଇଁ ହୃଦୟ ତୋର

ରେ କାଳିଆ ହେଲକି ପଥର କହ

ପଥର କହ

ହେ ଜଗନ୍ନାଥ ! ହେ ଜଗନ୍ନାଥ ! ୨

ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୧୪୮୬୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ହେ ଈଶ୍ୱର, ଆମକୁ ରକ୍ଷାକର !



ରାଧାମୋହନ
ପୂଜାହାରୀ

ହେ ଈଶ୍ୱର !

ଆମକୁ କ୍ଷମା କର....

ଭୁଲିଯାଇଛୁ ଆମେ ଆଜି

ନିଜ ଅସ୍ତିତ୍ୱ, ନିଜ ନୈତିକତା,

ହଜାଇ ଦେଇଛୁ ନିଜ ବୁଦ୍ଧି ଓ ବିବେକ

ଏବଂ ମାନବିକତା ।

ଶ୍ରେଷ୍ଠ ଜାତି ହେବାର ସ୍ୱାର୍ଥରେ

ଅନ୍ଧ ହୋଇଛୁ ଆମେ,

କଳୁଷିତ କରୁଛୁ ଏ ଦେଶ ଓ ଜାତିକୁ

ନିଜେ 'ଅମଣିଷ' ନାମେ ।

ତୁମ ସର୍ଜନାର ପ୍ରଭୁ

ଆମେ ବିଲକ୍ଷଣ ସୃଷ୍ଟି,

କ୍ଷମା ଦିଅ ପ୍ରଭୁ ଢାଳି

ନିଜ କୃପା-ଦୃଷ୍ଟି ।

ସ୍ୱାର୍ଥାନ୍ୱେଷୀ ହୋଇ ଆମେ

ଭୁଲିଛୁ ସଂସ୍କାର,

ହେ ଈଶ୍ୱର !

ଆମକୁ କ୍ଷମା କର...

ଆମକୁ କ୍ଷମା କର...

ପୁସ୍ତକରେ ପଢ଼ିଥିଲୁ

"ଏକତା ହିଁ ବଳ",

ସେ ଏକତା ଅଭାବେ ଆଜି

ଆମ ଭାଗ୍ୟ ଟଳମଳ ।

ଭବିଷ୍ୟତ ପଡ଼ିଅଛି

ଅମା ଅନ୍ଧକାରେ,

ତଥାପି ବି ବ୍ୟସ୍ତ ଆମେ

ସ୍ୱାର୍ଥକୁ ଆବୋରିବାରେ ।

ଆମ ଭଳି ନିର୍ଲଜ୍ଜ ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆରେ ନାହିଁ,
ମଝି ନଈ ଧାରେ ଭାସୁ
ଆମ ହୀନ ବୁଦ୍ଧି ପାଇଁ ।
ଜିନ୍ଦା ଲାଶ୍ ହୋଇ ସବୁ
ଦେଖୁ ଜଳଜଳ,
ଆମ ପାଇଁ ମୂଲ୍ୟହୀନ
ଏ 'ଏକତାର ବଳ' ।
ଆଖି ଅଛି ଆମ ସତ
ସ୍ୱପ୍ନ କିନ୍ତୁ ନାହିଁ,
ଅନ୍ୟର ଆଖିରେ ସ୍ୱପ୍ନ
ଦେଖୁ ନିଜ ପାଇଁ ।
କ'ଣ ବା କରିବୁ ଜାଣି
କିଏ କ'ଣ କଲା !
ଯାହାର ଭାସିଲେ ଭାସୁ
ଆମ ବୋପାର କି ଗଲା ?
ଏଭଳି ଭାବନା ନେଇ
ଆମେ ଘରେ ରହୁ ଶୋଇ,
ନୀରବରେ ଦେଖୁ ସବୁ
ନପୁସଂକ ହୋଇ ।

ଏହି ନପୁସଂକ ବ୍ୟାଧି ସତେ
କେତେ ଯେ ଜର୍ଜର,
ହେ ଈଶ୍ୱର !
ଆମ ଭଳି ନିର୍ଲଜ୍ଜଙ୍କୁ
ଏ ବ୍ୟାଧିରୁ ମୁକ୍ତ କର ।
ଆମକୁ କ୍ଷମା କର...
ଆମକୁ କ୍ଷମା କର...

ପଶୁ ହୋଇ ଶ୍ୱାନ ବୁଝେ
ଏକତାର ମୂଲ୍ୟ,
ମଣିଷ ହୋଇ ବି ଆମେ
ନୁହଁ ତା'ର ତୁଲ୍ୟ ।
ଦଳବଦ୍ଧ ଭାବେ ଶ୍ୱାନ
ବୁଲନ୍ତି ଗଳିରେ,
ଥାଆନ୍ତି ସେମାନେ ଜଣେ
ଆରକୁ ବଳି ରେ ।
ଅନ୍ୟ କେହି ଶ୍ୱାନ ଯେବେ
ସେ ଗଳିକୁ ଆସେ,
ତାଙ୍କ କାମୁଡ଼ାରେ ସେ ଯେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରାଣ ତା'ର ନାଶେ ।

କାମୁଡ଼ି ଗୋଡ଼ାନ୍ତି ତା'କୁ

କଚାଡ଼ନ୍ତି ତଳେ,

ତହୁଁ ସିଏ ଧାଏଁ ସେଠୁ

ଜୀବନ ବିକଳେ ।

ଶ୍ୱାନ ବି ପାଳଇ ଆଜି

ନିଜ ପଶୁ-ଧର୍ମ,

କହେ "ବୁଝି ଯା' ରେ ନର

ଏକତାର ମର୍ମ ।"

ପଶୁ ହୋଇ ଶ୍ୱାନ ମଧ୍ୟ

ବୁଝୁଛି ଏତିକି,

ତା' ପରିକା ବୁଦ୍ଧି ନାହିଁ

ଆମରି ସେତିକି ।

ହେଉଅଛି ସାଂଘାତିକ

ଆମ ସ୍ଥିତି ଦିନୁଦିନ,

ମଣିଷ ହୋଇ ବି ଆଜି

ଆମେ ପଶୁ ଠାରୁ ହୀନ ।

ପଶୁ ଠାରୁ ହୀନ ହେବା

କେତେ ଯେ ବର୍ବରେ,

ହେ ଈଶ୍ୱର !

ଏ ସ୍ୱାର୍ଥପର ଜୀବନରୁ

ଆମକୁ ଶୀଘ୍ର ମୁକ୍ତ କର ।

ଆମକୁ କ୍ଷମା କର...

ଆମକୁ କ୍ଷମା କର...

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡଃ ସୁଦର୍ଶନ ଆଚାର୍ଯ୍ୟ ସ୍ମୃତିରେ



ଦଣ୍ଡାସି ପ୍ରଧାନ

ମୋ ହୃଦୟ ଭକ୍ତି ଗଙ୍ଗୋତ୍ରୀ ସମାନ
ଶ୍ରଦ୍ଧା ମୋ ପ୍ରୟାଗ ରାଜ
ପବିତ୍ର ସମ୍ମାନ ଘେନ ମହାତ୍ମନ୍
ହେ ! ପ୍ରଜ୍ଞା ପୁରୁଷ ଆଚାର୍ଯ୍ୟ  !୦୧

ସାରସ୍ୱତ ଶୌର୍ଯ୍ୟ ସମୃଦ୍ଧ ସାହିତ୍ୟ
ଅମୃତ ମୟ ସାଧନା
ଆହେ ଗୁରୁ ଶ୍ରେଷ୍ଠ ପ୍ରବୀଣ ପ୍ରବର
ବୃତ୍ତିନିଷ୍ଠ ଅଧ୍ୟାପନା  ।୦୨

କର୍ମ-ଜ୍ଞାନ ଯୋଗେ ବରିଷ୍ଠ ଗରିଷ୍ଠ
ଅସୁମାରି ଶିଷ୍ୟ ସ୍ରୋତ
କୋଟି ବିନ୍ଦୁ ଧାରେ ସରିତ ସାଗର
ସଦଗୁଣେ ମହିମାନ୍ୱିତ । ୦୩

ଓଡ଼ିଆ ସଂସ୍କୃତି ଭାଷା ପରିଚିତ
ଅନୁବାଦ ଇତିହାସ
ଗବେଷଣା ଲବ୍ଧ ଜ୍ଞାନ ସମ୍ପାଦନେ
ବିବୃଦ୍ଧ ଭାରତୀ ହର୍ଷ  ।୦୪

ଜନପ୍ରିୟ ଧନ ମହତ୍ତ୍ୱ ସଜନ
ସୂର୍ଯ୍ୟକାନ୍ତି ସୁଦର୍ଶନ
ଦିବ୍ୟ ବ୍ରହ୍ମ ତେଜେ ପ୍ରକାଶିତ ଓଜେ
ଧନ୍ୟ ମାନ୍ୟେ ତୁମେ ଗଣ୍ୟ  ।୦୫

ସୁପ୍ରସନ୍ନ ମନ ପୌରୁଷ ପ୍ରଧାନ
ସୁବିଖ୍ୟାତ କିର୍ତ୍ତୀମାନ
ଧନ୍ୟ ପିତାମାତା ଧନ୍ୟ ଜନ୍ମ ମାଟି
ଧନ୍ୟ ଧନ୍ୟ ସୁସନ୍ତାନ । ୦୬***

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସଂସ୍କୃତିକ
ସେବା ସଂସଦ, ପାତ୍ରପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଘ୍ନ ବିନାଶନ



ପ୍ରହ୍ଲାଦ ସାହୁ

ଜୟ ଜୟ ପ୍ରଭୁ ବିଘ୍ନ ବିନାଶନ
ଦିଅ ପ୍ରଭୁ ଦିବ୍ୟ ଜ୍ଞାନ ।
ତବ ପାଦପଦ୍ମରେ ଦେଇ ଶରଣ
ଦୂରିତ କର ଅଜ୍ଞାନ ।।

ମଙ୍ଗଳ କର୍ମେ ପ୍ରଭୁ ମହା ବିଭୂତି
ବକ୍ରତୁଣ୍ଡ ମହାକାୟ ।
ମଙ୍ଗଳ ମୟ ବିଭୁ ଶ୍ରୀଗଣପତି
ରଖିବ ପ୍ରଭୁ ସଦୟ ।।

ସିଦ୍ଧିଦାତା ବିଘ୍ନହାରି ଗଜାନନ
ଉଲ୍ଲାସେ ହରସ ଚିତ୍ତ ।
ଯାହା ଲାଗି ଅଥୟ ଏ ମନ ପ୍ରାଣ
ନଷ୍ଟ କର ସେ ଅନିଷ୍ଟ ।।

ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ
ବିରାଜିତ ମର୍ତ୍ତ୍ୟପୁରେ ।
ଅଯୋନିସମ୍ଭୂତ ଗଉରୀ ତନୟ
ଚିତ୍ତ ରହୁ ତୁମ୍ଭ ପୟରେ ।।

ସୂର୍ଯ୍ୟସମ ଜ୍ୟୋତିପ୍ରଭ ସ୍ଥୁଳତନୁ
ବିଦ୍ୟାଦାତା ଗଣନାଥ ।
ଅବୋଧ ଭକ୍ତ ଜନ ମିନତି କରେ
ଅଜ୍ଞାନ କର ଦୂରିତ ।।

ମୋଦକ ପ୍ରୀୟ ହେ ଏକଦନ୍ତେଶ୍ୱର
ଗଜକର୍ଣ୍ଣ ଗଣେଶ୍ୱର ।
ସୁର ମୁନି ଜନ ବନ୍ଦିତ ବିଘ୍ନେଶ
ଗଜମୁଖ ବିଘ୍ନେଶ୍ୱର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

ନମୋ ନମୋ ପ୍ରଭୁ ପାର୍ବତୀ ନନ୍ଦନ
ସର୍ବ ସ୍ଥଳେ ଅଗ୍ରପୂଜ୍ୟ ।
କ୍ଷୟ କରି ପ୍ରଭୁ ତମସା ଅଜ୍ଞାନ
ଘେନ ମୋ ପ୍ରଣତୀ ଅର୍ଘ୍ୟ ।।

ଗୁଫା ମଧ୍ୟେ ମାତାଙ୍କ ସମ୍ମତି ବିନା
ଛାଡିବନି କାହାରିକୁ ।
କରିଲ ପ୍ରତିଜ୍ଞା ମାନି ମାତା ଆଜ୍ଞା
ହୋଇଥାନ୍ତୁ ପଛେ ପିତୃ ।।

ଆସିଲେ ମହେଶ ପାର୍ବତୀଙ୍କ କତି
ନ ଛାଡିଲ ତାଙ୍କୁ ପଥ ।
ଯୁଦ୍ଧରେ ଦେଖାଇ ପରାକ୍ରମ ଶକ୍ତି
ହାରିଲ ମସ୍ତକ ତବ ।।

ଚିତ୍କାର ଶୁଣି ମାତା ଆସିଲେ ଧାଇଁ
ଦେଖିହେଲେ ଧରାଶାୟୀ ।
କି କଲ ତ୍ରିଲୋଚନ ଶ୍ମଶାନ ବାସି
ନିଜ ହସ୍ତେ ପୁତ୍ର ଛେଦି ।।

ପୁତ୍ର ପିଣ୍ଡେ ଦିଅ ପ୍ରାଣ ପଶୁପତି
ନୋହିଲେ ମରିବି ନିମିଷେ ।
ଚମକି ଉଠିଲେ ଶିବ ମା'ଙ୍କୁ ଶୁଣି
ଏ କିହେଲା କ୍ରୋଧ ବଶେ ।।

ଶୈଳପୁତ୍ରୀ କୋପେ ଭୋଳାନାଥ ଭୀତ
ସର୍ବ ଦେବ ସଙ୍ଗେ ମିଶି ।
ଜୀବ ନ୍ୟାସ ଦେଲେ ହସ୍ତୀର ବଦନ
ଗଣେଶ ଉଠିଲେ ହସି ।।

ଦେବଗଣ ସହ ପୁଷ୍ପ ବୃଷ୍ଟି କଲେ
ପାତ୍ର ମନ୍ତ୍ରୀ ଶିବଗଣ ।
ବିଘ୍ନ ନାଶ ହେବ ତୁମକୁ ସ୍ମରିଲେ
ସର୍ବାଗ୍ରେ ପୂଜିତ ପୁଣ ।।

ସେହି ଦିନ ଠାରୁ ଗଣପତି ନାମ
ସଙ୍ଗେ ଲମ୍ବୋଦର ଦେଲେ ।
ଗଣାଧିଶ ଭାବେ ତ୍ରିଭୁବନେ ଖ୍ୟାତ
ବିଦ୍ୟା ଅଧିପତି ଭଲେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିନ୍ଦୂର ଚର୍ଚ୍ଚିତ ତ୍ରିନେତ୍ର ଶୋଭିତ
 ମୋ ହୃଦକନ୍ଦର ବିଜେ ।
ଏକ ଦନ୍ତ ପ୍ରଭୁ ରିଦ୍ଧି ସିଦ୍ଧି ଦାତା
 ଅଗ୍ରପୂଜ୍ୟ ସର୍ବ ସ୍ଥାନେ ।।

ପ୍ରଭୁ ପ୍ରଜାପତି ବିଶ୍ୱରୂପା ସୁତା
 ବିନାୟକ ଶ୍ରଦ୍ଧାକର୍ତ୍ତା ।
ମହାଭାରତ ଗ୍ରନ୍ଥର ରଚୟିତା
 ବ୍ୟାସଦେବ ଭକ୍ତିଗାଥା ।।

ଧ୍ୟାନ ଭଗ୍ନ ନହେବା ପାଇଁ ମାତାଙ୍କ
 ଦ୍ୱାରେ ହେଲ ଦ୍ୱାରପାଳ ।
ପାର୍ବତୀଙ୍କ ଅଙ୍ଗ ମଉଳିରୁ ଜାତ
 ବିଘ୍ନ ହର୍ତ୍ତା ଲମ୍ବୋଦର ।।

ଭୂବନ ମୋହନ ବିଘ୍ନ ବିନାଶନ
 ଧରି ମୂଷିକ ବାହନ ।
ପିତାମାତାଙ୍କ ଚତୁର୍ପାର୍ଶ୍ୱେ ଭ୍ରମିଣ
 ଜିତିଥିଲ ତାଙ୍କ ମନ ।।

ଚନ୍ଦନ କର୍ପୂର ଘିଅ ଧୂପ ଦୀପ
 ସଙ୍ଗେ ଚୁହା ଅଗୁରରେ ।
ମୃଣ୍ମୟ ପ୍ରତିମା କଲେ ଆବାହନ
 ମନସ୍କାମ ପୂର୍ଣ୍ଣ ହୁଏ ।।

ପୂଜିଥିଲେ ଦିନେ ସେ ପଞ୍ଚୁପାଣ୍ଡବ
 ତୋଷ କଲେ ଗ୍ରହ ଦୋଷ ।
ଶ୍ରୀକୃଷ୍ଣଙ୍କ ଘରଣୀ ରୁକ୍ମିଣୀ ରାଣୀ
 ଦୋଷାଦୋଷୁ ହେଲେ ମୁକ୍ତ ।।

ନମୋ ଜ୍ଞାନବନ୍ତ ପାର୍ବତୀ ତନୟ
 ଘେନ ମୋର ଭକ୍ତି ଅର୍ଘ୍ୟ ।
ପର୍ଶୁଧାରି ପ୍ରଭୁ ପିନାକ ହସ୍ତାୟ
 ପ୍ରହ୍ଲାଦରେ କୃପା ରଖ ।।

ଚିଫ୍ ଏଡିଟର,
ଆକାଶ ଇନଷ୍ଟିଚ୍ୟୁଟ୍, ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଗୋଟିଏ ଦିନରେ କୋଟିଏ ସ୍ୱପ୍ନ



ବିଶ୍ୱ ରଞ୍ଜନ ମହାନ୍ତି

ରମ୍ଭା ମେନକା ଉର୍ବଶୀର
ନୃତ୍ୟର ତାଳେ ତାଳେ
ପ୍ରସ୍ଫୁଟିତ ସୁବାସିତ ପୁଷ୍ପ
ବୃକ୍ଷର ଡାଳେ ଡାଳେ ।

ଦିନେ ଦୁଇଦିନ ପରେ
ମଉଳିବେ ନିଜେ ନିଜେ
ନ ଥିବ ରଙ୍ଗ କି ବାସ
ମନଦେଇ ଯେତେ ଖୋଜେ ।

ଆସୁଥିଲେ ଭ୍ରମରବର
ସଙ୍ଗେ ସଙ୍ଗେ ପରଜାପତି
ନ ଢାଳିଲେ ମନ ଜ୍ଞାନ
ବଦଳିଲା ତାଙ୍କ ପ୍ରୀତି ।

ଯଦି ତାର ଥିବ ଭାଗ୍ୟ
ବାଲ୍ୟକାଳେ ତୋଳା ହେବ
ମନଲାଖି ଦେବତାଙ୍କ
ମସ୍ତକେ ଶୋଭା ପାଇବ ।

ନ ହେଲେ ହୋଇବ ଅତର
ଅବା ହେବ ଗାଢ଼ ରଙ୍ଗ
ପୁଣି ନୃତ୍ୟର ଆସରେ
କରିବ କା ନିଦ୍ରାଭଙ୍ଗ ।

ହୋଇବ ବା ଗଜରା ମାଳ
ମଞ୍ଚରେ ହୋଇ ଠିଆ
କା ହୃଦୟ କୋଣରେ ବସି
ଲଗାଇ ଦେବ ନିଆଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଉଁ ଘର ଏରୁଣ୍ଡି ବନ୍ଧେ
ସକାଳୁ ହୋଇବ ସଜା
ଅବା ଫୁଲଦାନିରେ ସଜାଇ
ପାଇବ କିଏ ମଜା ।

କିମ୍ବା ବାସର ରଜନୀରେ
ଶୋଭା ପାଇବ ଶଯ୍ୟାରେ
ଅବା ବିଞ୍ଚାହେବ ଅତି ଦୁଃଖେ
ମୃତ୍ୟୁପରେ କା ଉପରେ ।

ଗୋଟିଏ ଦିନରେ କୋଟିଏ ସ୍ୱପ୍ନ
ଆକର୍ଷିତ କରି ଧ୍ୟାନ
ତୋଳିଦିଏ ଜୀବନ ସର୍ବସ୍ୱ
ଭାବିବାକୁ ନାହିଁ ଜ୍ଞାନ ।

ଚାଟର୍ଡ୍ ଆକାଉଣ୍ଟାଣ୍ଟ
କ୍ୱାର୍ଟର୍ ନଂ : ୫ଆର୍୫, ଓୟୁଏଟି କଲୋନୀ
ୟୁନିଟ୍ : ୮, ଭୁବନେଶ୍ୱର, ମୋ : ୯୩୩୭୧୨୪୯୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା କଥା



କିରନ୍ ସ୍ୱାଇଁ

କବିତାର ଅଭିବ୍ୟକ୍ତି
ନଥାଏ କାଗଜ ଅବା କଲମରେ
ନା ଶବ୍ଦ ନା ଆକୃତିରେ...
ସେ ଭରପୁର
ଆବେଗ ଓ ଉଚ୍ଛ୍ୱାସରେ
ଥାଏ ହୃଦୟରେ, ଉପଲବ୍ଧିରେ ।

କବିତା ପାଲଟେ କଅଁଳ ପାଖୁଡ଼ା
ପରସେ ଫୁଲର ବାସ୍ନା,
କବିତାରେ ଥାଏ ଭିଜା ନୀରବତା
ଥାଏ ଜହ୍ନର ଜ୍ୟୋସ୍ନା ।
କେଜାଣି କେତେକ ନଦୀ ପର୍ବତ,
ଅରଣ୍ୟ ଝରଣା ଡେଇଁ
କବିତା ଝରେ ନିଖୋଜ ମନରେ
କବିର ଭାବନା ହୋଇ ।

କବିତା କେବେ ମରି ପାରେନା
କବି ମନ ଅଗଣାରୁ,
ସଜଳ ମେଘରେ
କବିତାର ଚମକ୍
ନିଦୁଆ ଆକାଶ କୋଳେ
କବିତା ଏକ ଅଲିଭା ଚପଳା
ଗରଜି ବରଷି ଜଳେ ।

ବହିଆପଦର, ବରପାଲି, ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଲୋକଭାଷା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ
ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୯ )

ଜଗା କହେଲେ  ଦାତା ଦଉଛେ ଯଦି ନିଜେ ଯାଚି
କାହିଁ ଡରୁଛ  ଭିତିରେବସ ନାଇଁ ହୁଏ କିଛି ।
ଡରି କରି ହଲ ଧର ନାଇଁ ଉଠୁଥାଇ
ହାତ ଧରି ଘିଚି ନେଲେ ଜଗତ ଗୁସେଇଁ  ।
ପଟି ଉପୁରେ ବଲ ରାମ ନାଇଁ ବସୁ ଥାଇ
ହାତ ଧରି ବସେଇ ଦେଲେ ମାଧବ କହ୍ନାଇ  ।
ଭିତିରେ ଥାଇ ମାତା ବଏଲେ ଆଲୋ ତୁଳସୀ ରାନ୍ଧିନି
ଦେଢ଼ସୁର ମୋର୍ ହଳଧର, ପାସ୍ କେ କେଂନ୍ତି ଯିମି  ।
ଇନୁ ବଢ଼ିଦେମି ଭାତ୍ ନେଇ ଥୁଇବୁ ତୁଇ
ବଡ଼ କିଏ ସାନ କିଏ ଦେବୁ ପଚରେଇ  ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଡ଼ ର୍ ଆଗେ ପହେଲା ଦେବୁ ପର୍ସି କରି ତୁଇ
ତୁଲ୍ ସି ଯାଇ ପଚରାଉଛେ କିଏ ବଡ଼ ଭାଇ ?
ରାଗି କରି ରାମ୍ କହେଲେ ହେଲୁ କାଁ କାଁଣି
ମୁଇ ବଡ଼ ଦେ ଭାତ୍ ଆରୁ ଯା ଆନି ।
ରିସ୍ ନାଇଁ ହୁଅ ବୋଲି ଭାତ୍ ରଖଲା ତୁଲସି
ଜଗାର୍ ଭାତ୍ ଆନି ଗଲା ରନ୍ଧା ଘରେ ପଶି ।
ଦେଖଲା ଫିରି ବଳରାମ ର୍ ଥାଲି ଅଛେ ଖାଲି
ରଡି ଦେଲା ଗୁସେଇଁ ର୍ ଭାତ୍ କିଏ ନେଲ ବୋଲି ।
ବଲିଆ ବୋଲେ ବଡା ଦିନୁ ଭୁକେ ରହିଥିଲି
ଥାଲେ ଯାକର୍ ଭାତ କେ ମୁଇ ଗର୍ସେ କରିଦେଲି ।
ହସି କହେ ତୁ ଲ୍ ସୀ ତମେ ଦୁହେଁ ଯାକ ଭାଇ
କୁଟୁମ୍ ନାଇଁ ପୁସୁଥିବ ଜାନି ଗଲି ମୁଇ ।
ପୁଅ ମେହେଜି ଅଛନ୍ କି ନି ବୁଲୁଛ ମାଗି ଭିକ୍
ଗାଗର୍ ଅଛେ ମୁଟା ସୁଟା କରୁଛ ଚିକ୍ ଚିକ୍ ।
ନାଇଁ ସୁନବାର୍ କିଛି କଥା ଖାଏବାର୍ ଥି ମନ୍
ଭଲ୍ ଲାଗୁଛେ ରନ୍ଧା ବୋଲି ଉସତ୍ ହେଉଥନ୍ ।
ବଲିଆ ବୋଲେ ଲଖିର୍ ହାତର୍ ରନ୍ଧା ଇନ୍ତି ଲାଗୁଛେ
ଖାଇ କରି ରନ୍ଧା ତାକେ ବଡା ମନେ ପଡୁଛେ ।
ହରି କହେଲେ ଲଖିକେ ଆରୁ କାହିଁ ପାଏମି ଦାଦା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଲି ଦେଲି ଖେଦି ଦେଲି ଭାଗି ଗଲା ସିଧା ।

କାହିଁ ଗଲା କେନେ ରହେଲା ନାଇଁ ତାହାର୍ ପତା

କହୁଁ କହୁଁ କମଳିନୀ ପଠାଲେ ପୁଡା ପିଠା ।

ଖାଇ ସାରି ଉଠି ଗଲେ ଦୁଇ ଭାଇ ଅଂଚି

କଥା ହେଲେ ପୁଡ଼ାପିଠା ଲକ୍ଷ୍ମୀ ଏକା ଦେସି ।

ଇନେ କେନ୍ତା ମନ ଜାନି ମିଲୁଛେ ଦରବ୍ ଏତେ

ଲଖି ବାଗିର୍ ସେବା ମିଲୁଛେ କାବା ଲାଗୁଛେ ସତେ,

ଦାସୀ ମାନେ ଆସି କରି ଧରେଇ ଦେଲେ ପାନ୍

ବିହାଚୁରା ହେଇଛ କିନି କେନେ ତମ ର୍ ଧାମ୍ ?

କେନେ କରୁଛ ଧନ୍ଦା ବାଡ଼ି ବୁଲୁଛ କେନ୍ତା ମାଗି

ହରି କହେଲେ ହେଲି ଗୋ ମା କଲା କର୍ମ ଭୁଗୀ ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ସମ୍ବଲପୁରୀଏନ୍



ବର୍ଷାରାଣୀ
ମହାମଲ୍ଲିକ

ନନି ଆମେ ସମ୍ବଲପୁରୀଏନ୍
ଖଣ୍ ଖିରସା ଆମର୍ ଭାଷା,
ହର୍ମିସା ମୁହେଁ ହସିଁ ର୍ ଲହରି
ମନେ ନାଇଁ ନ ହକାର୍ ହିସାଁ ।

ଗାଏଲେ ପଦେ ଲାଗସି ସତେ
କୁଇଲିର୍ ସୁର୍ ଯେନ୍ତା,
ଦୁଲକି ଯିବା ଏରିଆ ଯାକିର୍
ନାଚସୁ ଆମେ ହେନ୍ତା ।

ନାଇଁ କହୁ ଆମେ ଟପୋଟାପୋ
କାହାକେ ବାଧଲା କଥା,
ଗାଲି ଦେଇକରି କଥା କହେଲେ ବି
ଲାଗସି ପରେ ମିଠା ।

ମନ୍ ଆମର୍ ପଏର୍ଛା ସତେ
ନାଇଁ ଜାନୁ ଛନ୍ଦ୍ କପଟ୍,
ହାରବାର୍ ଶିଖିନାଇଁ ଆମେ
ଦିହେଁ ବହୁଛେ ଶହୀଦ୍ ମାଟିର୍ ରକତ୍ ।

ପାଠ୍ ଶାଠ୍ ସାଙ୍ଗେ କବାର୍ ବୁତା
ସବୁ ଥି ଏକ୍ ଆମେ,
ବସି ନାଇଁ ରହୁ ଲାଗିଥିସୁ ତ
ଆମେ ଆମର୍ ସବୁ କାମେ ।

ଜିଲ୍ଲା :ବରଗଡ଼

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନୂଆଁଖାଇ ଜୁହାର୍



ନିତ୍ୟାନନ୍ଦ ଖମାରୀ

ନୁଆଁଖାଇ ଜୁହାର ଗୋ.....
ନୁଆଁଖାଇ ଜୁହାର
ଆସିଛେ ଆମର୍ ତିହାର
ଗୋ ତମକୁ ଜୁହାର ॥

ଘରଦ୍ୱାର ଖଟପିଣହାଁ ଧୁଇ ବନ୍ଧୁ ହୋ,
ହେସୁଁ ତିଆର
ଇଷ୍ଟଦେବୀର୍ ପାଦେ ପୂଜା ସୁନ୍ଦର
ଚାଲିଥିସି ହଜେଗଜେ ବେଭାର
ଦେଶ ବିଦେଶନୁ ଭାଏ ବୁହେନ ହୋ
ଆଏସନ୍ ଘର
ଆସିଛେ ଆମର୍ ତିହାର ହୋ
ନୁଆଁଖାଇ ଜୁହାର ॥

ଭାବେ ଝରୁଥିସି ମହୁର ଝର
ସରିଆ ଧାନ, କୁରେ ପତର
ଆସ ଆସ ବନ୍ଧୁ ହୋ...
ବୁଲିଯିମା,ମହୁଲ ଝାର
ଆମର୍ ତିହାର ସତେ ହୋ, ଆମକୁ ସୁନ୍ଦର
ଆସିଛେ ଆମର୍ ତିହାର
ନୁଆଁଖାଇ ଜୁହାର ॥

ମହମହ ବାସୁଥିସି ପିଠା ପନାର୍ କହଁର
ପ୍ରେମର୍ ଗଙ୍ଗା ସଂସ୍କୃତିର୍ ଘର
ଇଟା ଆମର୍ ବୈକୁଣ୍ଠପୁର
ଧରତୀ ରାନୀ ସତେ ହୋ...
ଲାଗସି ଗୁଟେ ପରିବାର
ମାଆର୍ ପେଟୁଁ ଜନମ୍ ଆମେ ସହୋଦର
ଆସିଛେ ଆମର୍ ତିହାର
ନୁଆଁଖାଇ ଜୁହାର ॥

ସମ୍ବଲପୁରେ ଅଛେ ମାଆର୍ ନିହୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମାଆ ଯୁଗିଅଛେ ଚବିଶ୍ ପହର

ମାଆ ଗୋ ଉଲେଦୁଲେ ତୋର୍ ପାଦେ ଜୁହାର

ଚିତ୍ରୋପ୍ଳା ଖଣି ସେମେଲ ତଲେ ଗୋ...

ତୁମର୍ ମନ୍ଦିର

ମାଆ ଗୋ କରେଁ ଆଦର ନାଇଁ କରବ ପର

ଆସିଛେ ଆମର୍ ତିହାର

ନୁଆଁଖାଇ ଜୁହାର ॥

କାଏଁସ ଫୁଲ ମାଆ ଗୋ ମାରେ ଚାମର

କଲାମେଘ ଦେଖି ନାଚେ ମୟୁର

ମହାନଦୀର ପାନି ସତେ ମାଆ ଗୋ ମାରେ ଲହର

ଗୀତ ନାଚ କପଡ଼ା ସଦା ହୁଏ ଆମର ବେଭାର

ମାଆ ଗୋ ଆମର ମନୁ ହଟେଦେବୁ

ହିଂସା ଅହଙ୍କାର

ମାଆ ଗୋ କରୁ ଜୁହାର

ଆସିଛେ ଆମର ତିହାର

ନୁଆଁଖାଇ ଜୁହାର ॥

ମୋର ସଖା ହୋ ... ମୋର ବନ୍ଧୁ ହୋ..

ନୁଆଁଖାଇର ଶିଘା ଦିଘା ତିହାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାତ ବହେନ ଯାକ ମାଗୋ, ହେଲ ବାହାର

ବିନତି କରୁଛେଁ ପାଦେ ତୁମର

ଦୁଃଖ ସତେ କରିବ ଦୂର

ଆମେ ସଭେଁ ଛୁଆ ଗୋ, ମାଆ ତୁମର

ଆସିଛେ ଆମର ତିହାର

ନୁଆଁଖାଇ ଜୁହାର ॥

ବଲାଙ୍ଗୀରେ ପାଟମେଶ୍ୱରୀ

ସମ୍ବଲପୁରେ ସମଲେଶ୍ୱରୀ

ସୋନପୁରେ ମାଆ ଗୋ ସୁରେଶ୍ୱରୀ

ସୀମା ଭିତରେ ଚନ୍ଦ୍ର ହାସିନୀ କଳାହାଣ୍ଡି ମାଣିକେଶ୍ୱରୀ

ଚିପଲିମାରେ ପୂଜା ପାଉ ମାଆ ଘଣ୍ଟେଶ୍ୱରୀ

ମାଆ ଗୋ ମା କରମସାନୀ

ତୁମର ପାହାଁ ତଲେ କରେଁ ମାଆ ଗୋ ହାରି ଗୁହାରି

ସତେ ସାତ ବୁହେନ ହେଲ ବାହାର

ଆସିଛେ ଆମର ତିହାର

ନୁଆଁଖାଇ ଜୁହାର ॥

ହୀରାକୁଦ, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଏଁଶ ଫୁଲ



ଶୋଭାରାଣୀ
ମାଝୀ

କଏଁଶ ଫୁଲର ପସରା ନେଇ ଆସିଛେ ଦଶରା

ଆସବେ ବଲି ମାଁ ସମଲେଇ ନାଚି ଦଉଛେ ଅଛରା

ଧୁବଲା ଧଡି କେ ସାଗୁଆ କପଟା ପିନ୍ଧି ନାଚେ ତାଲଖାଇ

ଯେନ ଆଡେ ଦେଖ ଯେତକି ଯାଏ ଆଏଁଖ

ସବୁ ନେ ମୁଇଁ ମୁଇଁ

କାଏଁ ନଏଦ ଖଡଁ କାଏଁ ଧାନ ଖେତ୍ ପାହାଡ୍ ପରବତ୍ ତରେ

ଯାହିଁ ଦେଖ୍ ଫୁଲେଇ କଏଁଶ ତାର ମୁହୁଁ କେ ଡେରେ

ଧରତୀ ରାନୀ ବି ତାର ସାଙ୍ଗେ ମିଶି ଯଉଛେ ଖିଲଖିଲେଇ


ଆସବେ ବଲି ମା ସମଲେଇ ଦଉଛନ ବାଟ ସଜେଇ

ଶୋଭାରାଣୀ ମାଝୀ
ଡୁଷରା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ସମଲେଇ



ଶୋଭାରାଣୀ
ମାଝୀ

ସବୁ ଦିନେଁ ତତେ ଦେଖୁଛେଁ ହେଲେ
ମନ ନାଇଁ ଭରେ କେଭେ
ଆରୁ ଦେଖତିଁ ଆରୁ ଦେଖତିଁ
ସବୁବେଳେ ମନ ଘାରେ
ସଁସାରର ମାଁ ହେଲୁ ଯେ କାଁଏ
ପାସରି ଦେଲୁ ଗୋ ମତେ
ମୁଁଇ ବି ତୋର ଛୋଟ ଭଗତ ଟେ
କାନି ପାତି ଥିବୁ ମତେ
ଦଶରା ଆଏଲେ ଆଏସୁ ମାଁ ଗୋ
ବଜା ଦୁଲଦୁଲି ର ତାଲେ
ବରୁଆ ର ଦିହେଁ ଆଏସୁ ମାଁ ଗୋ
ପାଟ ସାଢି ଝଲମଲେ
ଲାଲ୍ ଜର୍ ଜର୍ ସେନ୍ଦୁର ମୁହିଁ ମାଁ
ଦହନା ମନ୍ଦାର ମାଲ ସାଜେ
ଛତର ଟେକି ଆସଲା ବେଲେ ଗୋ
ସୁଲହ ଭରନୀ ତୋର୍ ବାଜେ

ଅଁଟେ ଅଁଟା ପଟି ବାହେଁ ବାଁହାଁ ଟାଡ
ପାଦେ ଯେ ଘୁଲଘୁଲା
ବାହାରି ଆଏସୁ ମାଁ ମନ୍ଦିରୁ ବାହାର କେ
ବଛର କେ ଥରେ ଗୋ ଦଶଭୂଜା
ହାରି ଗୁହାରି ଶୁନସୁ ମାଁ ଗୋ
ଯେଇ କରି ଘର ଘର
ଦଶରା ଅଷ୍ଟମୀ ଉଜଲ୍ ପକ୍ଷେ ମାଁ ଗୋ
ତୋର୍ ଯେ ଉଜାଗର୍
ଦଶମୀ ଦିନେ ମାଁ ଦେଇ ଯଏଁଗ କୁଣ୍ଡେ
ତୁଇ ଗୋ ପୂର୍ଣ୍ଣାହୁତି
ନିଆଁ ସାଙ୍ଗେ ମାଁ ଗୋ ଜାଲି ଦେସୁ ତୁଇ
ସଁସାର ର ଯେତେ ଗୋ ବିପତି ।

ତୁଷୁରା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫୁଲ ଘମଲା



ଅଜିତ କୁମାର ପାଢ଼ୀ

ଏ ମୋର ଫୁଲ ଘମଲା  ଇମୋର ଫୁଲ ଘମଲା
ଘମଲା ରେ ଫୁଲ ରହିଥା   ତୁହି  ।
ପେରେମ ଫୁଲ ର ବାସ୍ନା ମତେ
କରୁଛେ ବାଇ
ଏ ଫୁଲ ଯାଉଛେରେ ଇ ନୂଆଖାଇ ।

ତୁଇ ଫୁଲ ନୂଆ ଗଛର ନୂଆ ଚେହେରା  !
ନୂଆ ଧନର ନୂଆ ଚିହିରା
ଏ ଫୁଲ ତୋର ଚେହେରା
ତୋର ଚେହେରା ମତେ କରୁଛେ ବାଇ
ଏ ଫୁଲ ମୁଇଁ ଯାଉଛେଁ ରେ ନୂଆଖାଇ  ।
ଏ ଫୁଲ ଯାଉଛେ  ମୁଇଁ,,,,,,,,,,,,

କଲାହାଁଣିର ବାଜେ ଘୁମୁରା
ଘୁମରା ତାନେ ବସିର ଧ୍ୟାନେ
ଏ ମୋର ଫୁଲର ବନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଇମି ଯାଇ !

ଏ ଫୁଲ ତୋର ଘମଲାର ଧ୍ୟାନେ ନାଚିମି ଯାଇ

ଏ ପୁଲ ଯାଉଅଛେଁ ରେ ନୂଆଖାଇ

ଏ ଫୁଲ ଘମଲା ମୋର ଫୁଲ ଘମଲା

ଘମଲା ଭିତରେ ଲୁକେଇଥା ତୁହି !

ଏ ଫୁଲ ଯାଉଛେ ରେ ଇ ନୂଆଖାଇ

*ଶ୍ରୀ ଅଜିତ କୁମାର ପାଢ଼ୀ*

*ମହୁଲଭଟା ( କୋମନା )*

*ନୂଆପଡା*

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳୀୟ ନବବର୍ଷ



ପ୍ରହ୍ଲାଦ ସାହୁ

ବୈଶାଖ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିଠାରୁ ସୂର୍ଯ୍ୟ ମେଷରାଶିରେ ପ୍ରବେଶ କରନ୍ତି ଏବଂ ଏହି ଦିନଠାରୁ ସୌରମାନ ଅନୁସାର ନୂତନ ଶକାବ୍ଦ ବା ବର୍ଷର ପ୍ରଥମ ଗଣନାର ଆରମ୍ଭ ହୁଏ । ଏହ ଦିନଟି ସୌର ବୈଶାଖର ପ୍ରଥମ ଦିବସ । ଏହ ଗଣନା ସୂର୍ଯ୍ୟଙ୍କ ସ୍ଥିତିକୁ ନେଇ ନିର୍ଣ୍ଣୟ କରାଯାଇଥାଏ । ଏହି ପଦ୍ଧତି ଓଡ଼ିଶାର ସୁପ୍ରସିଦ୍ଧ ପ୍ରଥମ ଜ୍ୟୋତିର୍ବିଜ୍ଞାନୀ ଶତାନନ୍ଦାଚାର୍ଯ୍ୟଙ୍କଠାରୁ ଚଳିଆସୁଥିବାର ଅନୁମାନ କରାଯାଏ । ଏହି ଓଡ଼ିଆ ନବବର୍ଷର ଆରମ୍ଭ ପ୍ରଣାଳୀ ବିଜ୍ଞାନ ସମ୍ମତ ଓ ଯୁକ୍ତିଯୁକ୍ତ ମଧ୍ୟ ଅଟେ । ଭାରତୀୟ ଜ୍ୟୋତିର୍ବିଦମାନଙ୍କ ନିରୟଣ ମତ ଅନୁଯାୟୀ ସୂର୍ଯ୍ୟ ମେଷ ବିନ୍ଦୁରେ ପ୍ରତ୍ୟେକ ବର୍ଷ ପ୍ରାୟ ଅପ୍ରେଲ ୧୪/୧୫ ତାରିଖରେ ପ୍ରବେଶ କରନ୍ତି । ଏହିଠାରୁ ହିଁ ଓଡ଼ିଆ ନବବର୍ଷର ଆରମ୍ଭ ହୋଇଥାଏ । ଓଡ଼ିଆ ପଞ୍ଜିକାରେ ଏହି ଦିବସଟିକୁ ମହାବିଷୁବ ସଂକ୍ରାନ୍ତି ଭାବେ ଉଲ୍ଲେଖ କରାଯାଇଥାଏ ।

ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଇଥାଏ । ଆଜିଠାରୁ ନୂତନ ଓଡ଼ିଆ ପାଞ୍ଜି ମଧ୍ୟ ଆରମ୍ଭ ହୋଇଥାଏ । ପୃଥିବୀର କ୍ରାନ୍ତ ପଥକୁ ୧୨ ଭାଗ, ୧୨ ମାସ ବା ୧୨ଟି ରାଶିରେ ବିଭକ୍ତ କରାଯାଇଥାଏ । ରାଶି ଚକ୍ରର ପ୍ରଥମ ରାଶି ମେଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବାରୁ ମେଷ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ଗଣନା କରାଯାଇଥାଏ । ନୂତନ ପାଞ୍ଜି ଅନୁଯାୟୀ, ମେଷ ସଂକ୍ରାନ୍ତି ହେଉଛି ବର୍ଷର ପ୍ରଥମ ସଂକ୍ରାନ୍ତି । ଏହି ଦିନଠାରୁ ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ ।

ଓଡିଆ ନବ ବର୍ଷର ଏହି ଦିନରେ ଘରେ ଘରେ ଦେବୀ ଦେବତାଙ୍କ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଇଥାଏ । ମୁଖ୍ୟତଃ ଏହି ଦିନରେ ପ୍ରଚଣ୍ଡ ରୌଦ୍ରତାପରୁ ମାଆ ବୃନ୍ଦାବତୀଙ୍କୁ ରକ୍ଷା କରିବା ପାଇଁ ଚଉରା ଉପରେ ଛାମୁଡିଆ ବାନ୍ଧି ଏକ ଛିଦ୍ରଯୁକ୍ତ ଛୋଟ ମାଠିଆ ବନ୍ଧାଯାଏ । ସେହି ମାଠିଆରେ ପାଣି ରଖି ମାଠିଆର କ୍ଷୁଦ୍ର ଛିଦ୍ରରୁ ମାଆ ବୃନ୍ଦାବତୀଙ୍କୁ ଜଳ ଅର୍ପଣ କରାଯାଇଥାଏ । ଚଉରା ମୂଳରେ ବନ୍ଧା ଯାଇଥାଏ । ଯାହା ବର୍ଷା ଜଳ ସଦୃଶ କାମ କରିଥାଏ । ଏହି ମାଠିଆ ବା ଠେକିକୁ ବସୁନ୍ଧରା ଠେକି ବୋଲି କୁହାଯାଇଥାଏ ।

ଏହି ସମୟରେ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ତାପମାନ ବୃଦ୍ଧି ହୁଏ । ଖାଦ୍ୟ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ତେବେ ଏହି ସମୟରେ ଦେହର ଅତ୍ୟଧିକ ତାପମାତ୍ରାକୁ ସନ୍ତୁଳିତ କରିବା ପାଇଁ ବିଭିନ୍ନ ପଣା ପାନ କରାଯାଇଥାଏ । ଉତ୍କଳୀୟ ପରମ୍ପରା ଅନୁଯାୟୀ ଓଡ଼ିଆମାନେ କଞ୍ଚାକ୍ଷୀର, ଛେନା, ଗୁଡ, କଦଳୀ, ନଡ଼ିଆ, ବେଲ, ଗୋଲମରିଚ ମିଶାଇ ପଣା ପ୍ରସ୍ତୁତ କରି ଭଗବାନଙ୍କୁ ଅର୍ପଣ କରିବା ପରେ ନିଜେ ପିଇଥାନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଶରୀରକୁ ସୁସ୍ଥ ରଖିବା ଲାଗି ଏହି ପଣା ପିଆଯାଇଥାଏ । ଓଡ଼ିଆମାନଙ୍କର ନବ ବର୍ଷରେ ଘରେ ଘରେ ପଣାର ଆସର ଜମିଥାଏ । ଏହି ସମୟରେ ଘରେ ଘରେ ବୁଟ, ଗହମ, ଚାଉଳ, ମୁଢି, ଜଅ ଆଦିରେ ଛତୁଆ ପ୍ରସ୍ତୁତ କରି ଲୋକମାନେ ଖାଆନ୍ତି ଯାହା ଗରମ ପ୍ରକୋପରୁ ରକ୍ଷା କରିଥାଏ । ଜଳ ଛତ୍ର ଖୋଲି ରାସ୍ତାଘାଟରେ ଜଳ ଦାନ କରାଯାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଣା ସଂକ୍ରାନ୍ତି ଦିନ ଝାମୁ ବା ଦାସୀ ବା କାଳିସୀ ନିଷ୍ଠାର ସହିତ ବ୍ରତ ପାଳନ କରି ନିଆଁରେ ଚାଲନ୍ତି ଏବଂ ଉଚ୍ଚ ଦଣ୍ଡ ଉପରେ ରସି ସହିତ ନିଜ କାନ୍ଧ ଓ ଅଣ୍ଟାରେ କଣଟା ଫୁଟେଇ ଆକାଶରେ ଉଡିଥାନ୍ତି ।

ଏହି ଦିନର ଅନ୍ୟ ଏକ ବିଶେଷତ୍ୱ ହେଉଛି, ପ୍ରଭୁ ପବନ ପୁତ୍ର ହନୁମାନ ଏହି ଦିନ ଜନ୍ମଗ୍ରହଣ କରିଥିଲେ । ତେଣୁ ଏହି ଦିନକୁ ହନୁମାନ ଜନ୍ମୋତ୍ସବ ନକହି ହନୁମାନ ଜୟନ୍ତୀ ଭାବେ ପାଳନ କରାଯାଏ ।

ଏହି ସଂକ୍ରାନ୍ତିଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳ ସଂକ୍ରାନ୍ତି ବୋଲି କଥିତ ଅଛି । ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ବୋଲି ମଧ୍ୟ କୁହାଯାଇଥାଏ । ଦକ୍ଷିଣ ଓଡ଼ିଶାରେ ପଣା ସଂକ୍ରାନ୍ତି ସମୟରେ ଦଣ୍ଡନାଚ ଉତ୍ସବ ଅନୁଷ୍ଠିତ ହୋଇଥାଏ । ବହୁତ ଆନନ୍ଦ ଉଲ୍ଲାସର ସହିତ ଏହି ଦଣ୍ଡ ନାଚ ପର୍ବ ପାଳନ କରାଯାଏ ।

ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତିର ବ୍ୟବସ୍ଥା କରାଯାଇଥାଏ । ସକାଳ ଧୂପ ନୀତି ସରିବା ପରେ ଦକ୍ଷିଣ ଘରେ ଥିବା ଶ୍ରୀହନୁମାନଙ୍କୁ ରତ୍ନ ସିଂହାସନକୁ ଅଣାଯାଇ ଆଜ୍ଞାମାଳ ପ୍ରଦାନ କରାଯାଏ । ଏହାପରେ ମୁକ୍ତିମଣ୍ଡପ ତଳେ ଥିବା ବିମାନରେ ବସାଇ ବିଜେ କରାଯାଏ । ଏହି ସମୟରେ ଶ୍ରୀମନ୍ଦିରର ଚାରିଦ୍ୱାର ଓ ଦକ୍ଷିଣ ଦ୍ୱାରରେ ଥିବା ବାରଭାଇ ହନୁମାନଙ୍କୁ ଆଜ୍ଞାମାଳ ମଧ୍ୟ ଦିଆଯାଏ ।

ପର୍ଯ୍ୟାୟକ୍ରମେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଜଗନ୍ନାଥ ବଲ୍ଲଭ ମଠକୁ ଗମନ କରନ୍ତି । ଜଗନ୍ନାଥ ବଲ୍ଲଭ ମଠରେ ଥିବା ମହାବୀରମାନଙ୍କୁ ଆଜ୍ଞା ମାଳ ଦିଆଯିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ନେଇ ଦରିଆ ମହାବୀରଙ୍କ ପାଖକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଆନ୍ତି । ସେଠାରୁ ଫେରିବା ପରେ ଜଗନ୍ନାଥ ବଲ୍ଲଭ ମଠରେ କେତେକ ନୀତିକାନ୍ତି ସମ୍ପନ୍ନ କରାଯାଏ । ତାପରେ ଶ୍ରୀହନୁମାନ ବାହୁଡ଼ା ବିଜେ କରି ବଡ଼ଦେଉଳକୁ ଆସିଥାନ୍ତି ।

ଏମିତି ଏକ ଅପୂର୍ବ ଆନନ୍ଦ ଉଲ୍ଲାସ ସହିତ ପଣା ସଂକ୍ରାନ୍ତି ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଅନବଦ୍ୟ ପର୍ବ ରୂପେ ପାଳନ କରାଯାଏ । ଏହା ଏକ ବିଶେଷ ଦିନ ହୋଇଥିବାରୁ ଏହି ପର୍ବ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଶାନ୍ତି, ମୈତ୍ରୀ ଓ ଏକତାର ପ୍ରତୀକ ସଦୃଶ କାହିଁ କେତେକାଳୁ ଓଡ଼ିଶାର ଗର୍ବ ଓ ଗୌରବର ସାଂସ୍କୃତିକ ପର୍ବ ।

ପାଠ୍ୟ ପୁସ୍ତକ ସମ୍ପାଦକ,
ଆକାଶ ଇନଷ୍ଟିଚ୍ୟୁଟ, ନିଊଦିଲ୍ଲୀ
୯୫୪୦୫୩୯୨୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଦିତ୍ୟ ଏଲ୍-୧ : ସୂର୍ଯ୍ୟ ମିଶନ୍



ଅସିତ ମହାନ୍ତି

ଚନ୍ଦ୍ରଯାନ-୩ର ଐତିହାସିକ ସଫଳତାର ୨ ସପ୍ତାହ ହୋଇନାହିଁ କିନ୍ତୁ ପୁଣି ଥରେ ISRO ଇତିହାସ ସୃଷ୍ଟି କରିବାକୁ ଯାଉଛି, ଆଦିତ୍ୟ L୧ ମିଶନ୍ । PSLV-ଇ୫୭ ସଫଳତାର ସହିତ ଆଦିତ୍ୟ- L୧ ପୃଥିବୀ-କେନ୍ଦ୍ରିକ ପାର୍କିଂ କକ୍ଷପଥରେ ଲଞ୍ଚ କଲା । ଭାରତର ପ୍ରଥମ ସୌର ଅବଜରଭେଟୋରୀ ସୂର୍ଯ୍ୟ-ପୃଥିବୀ L୧ ପଏଣ୍ଟ ଗନ୍ତବ୍ୟ ସ୍ଥଳକୁ ଯାତ୍ରା ଆରମ୍ଭ କରିଛି । ହାସଲ ହୋଇଥିବା କକ୍ଷପଥ ହେଉଛି: ୧୯୪୮୩.୨ କିଲୋମିଟର x ୨୩୩.୩ କିମି ୧୯.୨୦ ଓ ଇନକ୍ଲିନେସନ ସହିତ । ଆଜି ଇସ୍ରୋ ଚନ୍ଦ୍ରକୁ ନୁହେଁ ବରଂ ସୂର୍ଯ୍ୟଙ୍କୁ ଦେଖୁଛି । ବାସ୍ତବରେ ସୂର୍ଯ୍ୟ ଅଧ୍ୟୟନ ପାଇଁ ଆଦିତ୍ୟ L୧ ଭାରତର ପ୍ରଥମ ମିଶନ୍ । ଚନ୍ଦ୍ରଯାନ-୩ ଚନ୍ଦ୍ରରେ ଅବତରଣ କରିଥିଲା, କିନ୍ତୁ ଆଦିତ୍ୟ ଦୂରରୁ ସୂର୍ଯ୍ୟଙ୍କୁ ଦେଖିବ । ବାସ୍ତବରେ, ଏହି ମହାକାଶଯାନ ମିଶନ ସମୟରେ ସୂର୍ଯ୍ୟଙ୍କ ଅପେକ୍ଷା ପୃଥିବୀର ନିକଟତର ହେବ । ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ଉତକ୍ଷେପଣ ପରେ ଏହା ପୃଥିବୀଠାରୁ ୧.୫ ମିଲିୟନ୍ କିଲୋମିଟର ଦୂରକୁ ଯିବ ଏବଂ ଲାଗରେଞ୍ଜ ପଏଣ୍ଟ L୧ରୁ ଏକ ହାଲୋ କକ୍ଷପଥରେ ଘୁରିବୁଲିବ । ସେହି ଅବସ୍ଥାରେ ପହଞ୍ଚିବାକୁ ପ୍ରାୟ ୪ ମାସ ସମୟ ଲାଗିବ ଏବଂ ଥରେ ସେଠାରେ ପହଞ୍ଚିବା ପରେ ଏହା ସେଠାରେ ୫ ବର୍ଷ ରହିବ ଏବଂ ସୂର୍ଯ୍ୟଙ୍କୁ ଦେଖିବ । ସେଥିପାଇଁ ଏହା କେବଳ ଏକ ମହାକାଶଯାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ ବରଂ ଏକ ସ୍ପେସ୍ ଅବଜରଭେଟୋରୀ ମଧ୍ୟ ଅଟେ । ବର୍ତ୍ତମାନ ଆପଣଙ୍କ ମନକୁ ଆସୁଥିବା ପ୍ରଥମ ପ୍ରଶ୍ନ - ଏହି ଲାଗରେଞ୍ଜ ପଏଣ୍ଟ କ'ଣ ? ଲାଗରେଞ୍ଜ ପଏଣ୍ଟଗୁଡ଼ିକ ହେଉଛି ସେହି ଅନନ୍ୟ ବିନ୍ଦୁ ଯେଉଁଠାରେ ଦୁଇଟି ସ୍ୱର୍ଗୀୟ ଶରୀରର ମାଧ୍ୟାକର୍ଷଣ ଶକ୍ତି ସନ୍ତୁଳିତ ହୁଏ । ଯଦି ଆମେ ସୂର୍ଯ୍ୟ ଏବଂ ପୃଥିବୀକୁ ବିଚାର କରିବା ତେବେ ଆମେ ୫ ଲାଗରେଞ୍ଜ ପଏଣ୍ଟ ପାଇଥାଉ । ଏଗୁଡ଼ିକ ହେଉଛି ପଏଣ୍ଟ ଯେଉଁଠାରେ ଯଦି ଆମେ ଏକ ମହାକାଶଯାନକୁ ମହାକାଶଯାନର କକ୍ଷପଥକୁ ସେଣ୍ଟ୍ରିଫୁଗୁଲ୍ ଫୋର୍ସ ପଠାଇଥାଉ, ତେବେ ପୃଥିବୀ ଏବଂ ସୂର୍ଯ୍ୟର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ବାତିଲ ହୋଇଯିବ । ଏହାର ଲାଭ କ'ଣ ? ଆମେ ସ୍ଥିରତା ପାଇଥାଉ । ଆମେ ଯେକୌଣସି ମହାକାଶଯାନକୁ ଲାଗ୍ରେଞ୍ଜ ପଏଣ୍ଟକୁ ପଠାଉ । ଆମେ ଲାଗ୍ରେଞ୍ଜ ପଏଣ୍ଟକୁ ଯାହା ବି ମହାକାଶଯାନ ପଠାଉ, ସେହି ସମୟରେ ଏହାକୁ ବଜାୟ ରଖିବା ପାଇଁ ଆମକୁ ପ୍ରାୟ କୌଣସି ପ୍ରୟାସ କରିବାକୁ ପଡିବ ନାହିଁ । ମହାକାଶଯାନର ଇନ୍ଧନ ସଞ୍ଚୟ ହେବ ଏବଂ ସୂର୍ଯ୍ୟ ଚାରିପଟେ ପୃଥିବୀର ଘୂର୍ଣ୍ଣନ ସହିତ, ମହାକାଶଯାନ ମଧ୍ୟ ଘୂର୍ଣ୍ଣନ କରିବ । ଏହା ସହିତ ଲମ୍ବା ମିଶନ କରାଯାଇ ପାରିବ । ଦ୍ୱିତୀୟ ଲାଭ ହେଉଛି ନିରନ୍ତର ପର୍ଯ୍ୟବେକ୍ଷଣ । ଯଦି ଆମେ ଲାଗରେଞ୍ଜ ପଏଣ୍ଟ L ୧ ର ଉଦାହରଣ ନେଉ , ଯାହାକି ଆମେ L୧ କୁ ପଠାଇଥାଉ, ସେହି ସ୍ଥିତିରେ ରହିବ ଯେଉଁଠାରେ ଉଭୟ ପୃଥିବୀ ଏବଂ ସୂର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରାଯାଇପାରିବ ଏବଂ ସୂର୍ଯ୍ୟ ଏବଂ ପୃଥିବୀ ପରସ୍ପରର ଛାଇରେ ଲୁଚି ରହିବେ ନାହିଁ । ଉଦାହରଣ ସ୍ୱରୂପ, ଯେତେବେଳେ ଆମେ ଚନ୍ଦ୍ରଯାନ ପରି ଏକ ଚନ୍ଦ୍ର କକ୍ଷପଥକୁ ଏକ ମହାକାଶଯାନ ପଠାଇଥାଉ, କିମ୍ବା ଯଦି ଆମେ ଚନ୍ଦ୍ରକୁ ଘୂର୍ଣ୍ଣନ କରି ପୃଥିବୀର କକ୍ଷପଥକୁ ପଠାଇଥାଉ, ପୃଥିବୀ ବାରମ୍ବାର ଲୁଚି ରହିଥାଏ । ସେହିଭଳି ପୃଥିବୀ ଚାରିପଟେ ଘୂରି ବୁଲିଲେ ସୂର୍ଯ୍ୟ ଲୁଚି ରହିବେ । ସେଥିପାଇଁ ଲାଗ୍ରେଞ୍ଜ ପଏଣ୍ଟଗୁଡିକ ଏତେ ଗୁରୁତ୍ୱପୂର୍ଣ୍ଣ ଏବଂ ଆଦିତ୍ୟ L୧ କୁ L୧ ସ୍ଥିତିରେ ରଖାଯିବ । ବାସ୍ତବରେ ଏଇଥିପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏହାର ନାମ ଆଦିତ୍ୟ L୧ ରଖାଗଲା । ଅନ୍ୟାନ୍ୟ ସ୍ପେସ୍ ଏଜେନ୍‌ସିଗୁଡିକ ଯାହାକି L୧ ରେ ସ୍ଥାନିତ ହେବା ପୂର୍ବରୁ ସୋଲାର୍ ଓବେସେଟୋରୀ ପଠାଇଛି । ସୋଲାର୍ ଏବଂ ହେଲିଓସ୍ପେରିକ୍ ଅବଜର-ଭେଟୋରୀ ପରି । ସଂକ୍ଷେପରେ SOH । ଏହା ନାସା ଏବଂ ଇଉରୋପିଆନ୍ ସ୍ପେସ୍ ଏଜେନ୍‌ସି ମଧ୍ୟରେ ଏକ ମିଳିତ ମିଶନ୍ ଥିଲା । L୧ ଏବଂ L୨ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲାଗରେଞ୍ଜ ପଏଣ୍ଟ । କାରଣ ସେମାନେ ପୃଥିବୀର ଅତି ନିକଟବର୍ତ୍ତୀ । ପ୍ରସିଦ୍ଧ ଜେମ୍‌ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ L୨ ପଏଣ୍ଟ ରେ ରଖାଯାଇଛି । ବାସ୍ତବରେ L୨ ବିନ୍ଦୁରେ ସୂର୍ଯ୍ୟ ପୃଥିବୀ ପଛରେ ଲୁଚି ରହିବ ଏବଂ ଏହି ଟେଲିସ୍କୋପକୁ ବ୍ରହ୍ମାଣ୍ଡର ଗଭୀରତା ପର୍ଯ୍ୟନ୍ତ ଆଲୋକ ବର୍ଷ ଦେଖିବାକୁ ପଡିବ, ତେଣୁ ସୂର୍ଯ୍ୟଙ୍କ ଆଲୋକକୁ ଘୋଡାଇବା ଆବଶ୍ୟକ, ଯେପରି ଏଥିରେ କୌଣସି ବାଧା ନହେଉ । ସେଥିପାଇଁ ଏଠାରେ L୨ ପଏଣ୍ଟ ଚୟନ କରାଯାଇଥିଲା । ବର୍ତ୍ତମାନ ପ୍ରଶ୍ନ ହେଉଛି - ଏହା ସୂର୍ଯ୍ୟ ବିଷୟରେ କ'ଣ ଅଧ୍ୟୟନ କରିବ ? ଏହାକୁ ବୁଝିବା ପାଇଁ ଆମକୁ ସୂର୍ଯ୍ୟ ବିଷୟରେ ଟିକିଏ ଜାଣିବା ଆବଶ୍ୟକ । ଆମର ସୌର ପ୍ରଣାଳୀର ସୂର୍ଯ୍ୟ, ଏହାର ବ୍ୟାସ ପୃଥିବୀ ତୁଳନାରେ ୧୦୯ ଗୁଣ ବଡ । ପୃଥିବୀର ଓଜନ ଠାରୁ ୩୩୩,୦୦୦ ଗୁଣ ଅଧିକ । ପୃଥିବୀର ଆକାର ତୁଳନାରେ ଯଦି ଆପଣ ସୂର୍ଯ୍ୟଙ୍କ ଆକାରକୁ କଳ୍ପନା କରିବାକୁ ଚାହାଁନ୍ତି, ତେବେ ୧.୩ ନିୟୁତ ପୃଥିବୀ ଏକ ସୂର୍ଯ୍ୟରେ ଫିଟ୍ ହୋଇପାରେ । ଯେପରି ପୃଥିବୀ-କୋର, ମାଣ୍ଟାଲ ଏବଂ କ୍ରଷ୍ଟ ବିଭିନ୍ନ ସ୍ତର ଅଛି । ସେହିଭଳି, ଭୂପୃଷ୍ଠରେ ମଧ୍ୟ ବିଭିନ୍ନ ସ୍ତର ଅଛି । ସୂର୍ଯ୍ୟରେ ମଧ୍ୟ ଏକ କୋର ଅଛି । ଆଣବିକ ଫ୍ୟୁଜନ୍ ପ୍ରତିକ୍ରିୟା କୋରରେ ଘଟିଥାଏ, ଯେଉଁଠାରେ ହାଇଡ୍ରୋଜେନ୍ ଏବଂ ହିଲିୟମ୍ ଶକ୍ତିରେ ପରିଣତ ହୁଏ । ଏହି ଶକ୍ତି ସୂର୍ଯ୍ୟ କିରଣ ଏବଂ ଉତ୍ତାପ ଉତ୍ପାଦନ କରେ । ଯାହାକୁ ଆମେ ପୃଥିବୀରେ ମଧ୍ୟ ଅନୁଭବ କରୁ । କୋରର ତାପମାତ୍ରା ୧୫ ନିୟୁତ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିପାରେ । ଏହାର ଡାହାଣ ପାର୍ଶ୍ୱରେ ରେଡିଏଟିଭ୍ ଜୋନ୍ ଅଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୂର୍ଯ୍ୟଙ୍କ ୭୦% ବ୍ୟାସାର୍ଦ୍ଧ ବିକିରଣ ଜୋନ୍ ଦ୍ୱାରା ଗଠିତ । ତା'ପରେ କନଭେକ୍ଟିଭ୍ ଜୋନ୍ ଆସେ । ସୂର୍ଯ୍ୟର ବ୍ୟାସାର୍ଦ୍ଧର ପ୍ରାୟ ୩୦% । ଏଠାରେ ଶକ୍ତି ସଂକଳନ ମାଧ୍ୟମରେ ସ୍ଥାନାନ୍ତରିତ ହୁଏ । ଏହା ପରେ ସୂର୍ଯ୍ୟଙ୍କ ପୃଷ୍ଠ ଆସେ, ଯାହାକୁ ଆମେ ଫୋଟୋସ୍ଫିୟର ନାମ ଦେଇଛୁ । ଯଦିଓ ଆମେ ଏହାକୁ ଏକ ପୃଷ୍ଠ ବୋଲି କହିଥାଉ, କିନ୍ତୁ ବାସ୍ତବରେ ସୂର୍ଯ୍ୟଙ୍କର ପୃଥିବୀ ପୃଷ୍ଠ ପରି ପୃଷ୍ଠ ନାହିଁ । କାରଣ ସେଠାରେ କେବଳ ଗରମ ଗ୍ୟାସ୍ ଏବଂ ପ୍ଲାଜ୍ମା ଅଛି । ତେଣୁ ଏହାକୁ ସୂର୍ଯ୍ୟର ବାୟୁମଣ୍ଡଳର ସର୍ବନିମ୍ନ ସ୍ତର ମଧ୍ୟ କୁହାଯାଏ । ଏଠାରେ, ତାପମାତ୍ରା ଅପେକ୍ଷାକୃତ ଥଣ୍ଡା, କେବଳ ୫,୫୦୦ ସେଲସିୟସ୍ । ଏହା ଉପରେ, କ୍ରୋମୋସଫିସରର ଏକ ସ୍ତର ଅଛି, ଯେଉଁଠାରେ ତାପମାତ୍ରା ପୁଣି ବଢିବାକୁ ଲାଗେ । ଏହା ୬,୦୦୦ ଡିଗ୍ରୀ ସେଲସିୟସରୁ ଆରମ୍ଭ ହୋଇ ୨୦,୦୦୦ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିବ । ତା'ପରେ ଟ୍ରାନ୍ସଜିସନ ରିଜିଅନ୍ ନାମକ ଏକ ପତଳା ସ୍ତର ଅଛି ଏବଂ ଏହା ପରେ ସୂର୍ଯ୍ୟଙ୍କ ବାହ୍ୟ ସ୍ତର ଆସେ ଯାହାକୁ କରୋନା କୁହାଯାଏ । କରୋନା ସ୍ତରରେ ଅତ୍ୟଧିକ ଗରମ ପ୍ଲାଜମା, ୧-୩ ନିୟୁତ ଡିଗ୍ରୀ ସେଲସିୟସ୍ ଥାଏ । ବର୍ତ୍ତମାନ ଆମ ମନରେ ଏକ ପ୍ରଶ୍ନ ଉଠିଛି ଯେ, ସୂର୍ଯ୍ୟର କୋର କାହିଁକି ଗରମ, କିନ୍ତୁ ଭୂପୃଷ୍ଠ ଥଣ୍ଡା ହୋଇଯାଏ ଏବଂ କରୋନା ସ୍ତର ପୁଣି ଗରମ ହୁଏ । ଏହି ପ୍ରଶ୍ନ ବୈଜ୍ଞାନିକମାନଙ୍କ ପାଇଁ ଏପର୍ଯ୍ୟନ୍ତ ଏକ ରହସ୍ୟ ଅଟେ । ଏହା ସମ୍ଭବ ଯେ ଆଦିତ୍ୟ L୧ ର ସ୍ପେସ୍ ମିଶନ୍ ଏଠାରେ କିଛି ରହସ୍ୟ ପ୍ରକାଶ କରିପାରେ । ଏହା ପଛର କାରଣ ବିଷୟରେ ବୈଜ୍ଞାନିକ ମାନଙ୍କର ନିଜସ୍ୱ ତତ୍ତ୍ୱ ଅଛି । କିନ୍ତୁ ନିଶ୍ଚିତ, ଏହାର ପ୍ରକୃତ କାରଣ କେହି ଜାଣନ୍ତି ନାହିଁ । ଯେତେବେଳେ ଆମେ ପୃଥିବୀରୁ ସୂର୍ଯ୍ୟଙ୍କୁ ଦେଖୁ, ଆମେ ସାଧାରଣତ ଫୋଟୋସ୍ଫିୟର ସ୍ତର ଦେଖୁ, କିନ୍ତୁ ଯେତେବେଳେ ସୂର୍ଯ୍ୟ ଗ୍ରହଣ ସମୟରେ ଆମେ ସୂର୍ଯ୍ୟ ଗ୍ରହଣର ଚାରିପାଖରେ ଲାଲ ରଙ୍ଗର ଆଲୋକ ଦେଖୁ । ତାହା ହେଉଛି କ୍ରୋମୋସଫର ସ୍ତର । ଏବଂ ସମୁଦାୟ ସୂର୍ଯ୍ୟ ଗ୍ରହଣ ସମୟରେ ସେହି ସ୍ତର ମଧ୍ୟ ଲୁଚି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରହିଥାଏ ଏବଂ କେବଳ କରୋନା ସ୍ତର ଦୃଶ୍ୟମାନ ହୁଏ । ଏହା ସୂର୍ଯ୍ୟଙ୍କ ଚାରିପାଖରେ ଏକ ଦୁର୍ବଳ ହାଲୋ ସୃଷ୍ଟି କରେ । ଆଦିତ୍ୟ L୧ ର ମିଶନ୍ ହେଉଛି ସୂର୍ଯ୍ୟର ତିନୋଟି ଶୀର୍ଷ ସ୍ତର ଅଧ୍ୟୟନ କରିବା । ସେଗୁଡ଼ିକ ହେଉଛି ଫଟୋସ୍ଫିୟର, କ୍ରୋମୋସ୍ଫିୟର ଏବଂ କରୋନା । କିନ୍ତୁ ସୂର୍ଯ୍ୟଠାରୁ ଲକ୍ଷ ଲକ୍ଷ କିଲୋମିଟର ଦୂରରେ ଏହା କିପରି କରାଯିବ ? ଏଥିରେ ଥିବା ଯନ୍ତ୍ରଗୁଡ଼ିକ ବିଷୟରେ କହିବା ପୂର୍ବରୁ, ଆମକୁ ସୂର୍ଯ୍ୟଙ୍କ ଦ୍ୱାରା ନିର୍ଗତ ଜିନିଷଗୁଡ଼ିକୁ ବୁଝିବାକୁ ପଡିବ । ସର୍ବପ୍ରଥମେ, ଆମେ ସମସ୍ତେ ଜାଣୁ ଯେ ସୂର୍ଯ୍ୟଙ୍କ ଦ୍ୱାରା ଉତ୍ତାପ ଏବଂ ଆଲୋକ ନିର୍ଗତ ହୁଏ । ଏହା ବ୍ୟତୀତ ସୂର୍ଯ୍ୟଙ୍କ ଦ୍ୱାରା ସମସ୍ତ ପ୍ରକାରର ବିଦ୍ୟୁତ୍-ଚୁମ୍ବକୀୟ ବିକିରଣ ନିର୍ଗତ ହୁଏ । କେବଳ ଆମର ଦୃଶ୍ୟମାନ ଆଲୋକ ନୁହେଁ ଯାହାକୁ ଆମେ ଖାଲି ଆଖିରେ ଦେଖୁ କିନ୍ତୁ ଅଲଟ୍ରାଭାଇଓଲେଟ୍ ବିକିରଣ, UV ରଶ୍ମୀ ଯାହା ଚର୍ମ କର୍କଟ ସୃଷ୍ଟି କରେ, ଇନଫ୍ରାରେଡ ରେଡିଏସନ୍, ରେଡିଓ ତରଙ୍ଗ, ଏକ୍ସ-ରେ, ଗାମା ରଶ୍ମି ସୃଷ୍ଟି କରେ । ଏହି ଦୁଇଟି କିରଣ ଅଧିକ କ୍ଷତିକାରକ, କିନ୍ତୁ ଆମର ପୃଥିବୀର ବାୟୁମଣ୍ଡଳ ଆମକୁ ସେମାନଙ୍କଠାରୁ ରକ୍ଷା କରିଥାଏ । କିନ୍ତୁ ଏସବୁ ବ୍ୟତୀତ ସୂର୍ଯ୍ୟ ମଧ୍ୟ ସୌର ପବନ (ସୋଲାର ଉଇଣ୍ଡ) ନିର୍ଗତ କରେ । ସୌର ପବନ ମୂଳତଃ ଚାର୍ଜ ହୋଇଥିବା ଇଲେକ୍ଟ୍ରନ୍ ଏବଂ ପ୍ରୋଟନ୍ ର ଏକ ବିରାଟ ତରଙ୍ଗ । ଯେତେବେଳେ ଏହି ପବନ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସହିତ କାର୍ଯ୍ୟ କରେ, ଆମେ ଉତ୍ତର ଆଲୋକ ଦେଖନ୍ତି । ଏହି ସୁନ୍ଦର ଆଲୋକ ଯାହାକୁ ଆମେ ସ୍ୱିଡେନ, ଫିନଲ୍ୟାଣ୍ଡ ଏବଂ ଆଇସଲ୍ୟାଣ୍ଡ ଭଳି ଦେଶରେ ଦେଖିବାକୁ ପାଇଥାଉ । ଏହା ବ୍ୟତୀତ, ସୂର୍ଯ୍ୟ କରୋନାଲ୍ ମାସ୍ ଇଜେକସନ ନିର୍ଗତ କରନ୍ତି । ଏଗୁଡ଼ିକ ହେଉଛି ସୌର ପବନ ଏବଂ ଚୁମ୍ବକୀୟ କ୍ଷେତ୍ରର ବଡ଼ ବିସ୍ଫୋରଣ ଏବଂ ତା'ପରେ, ସୂର୍ଯ୍ୟ ବେଳେବେଳେ ସୌର ପ୍ରଜ୍ୱଳିତ କରେ ଯାହା ଆଲୋକ ଏବଂ ଶକ୍ତିର ତୀବ୍ର ଝଲକ ଅଟେ । ଏହି ସମସ୍ତ ଜିନିଷ ମାପିବା ପାଇଁ, ଆଦିତ୍ୟ L୧ ମଧ୍ୟରେ ୭ଟି ଯନ୍ତ୍ର ସ୍ଥାପିତ ହୋଇଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାହାକୁ ୭ ପେ-ଲୋଡ୍ କୁହାଯାଏ । ପ୍ରଥମ - ଦୃଶ୍ୟମାନ ଏମିଶନ ଲାଇନ୍ କରୋନାଗ୍ରାଫ୍ (VELC) । ଏହା କରୋନା ସ୍ତର ଅଧ୍ୟୟନ କରିବ ଏବଂ କରୋନାଲ୍ ମାସ୍ ଇଜେକସନ୍ସ ପାଳନ କରିବ । ଦ୍ୱିତୀୟ- ସୋଲାର ଅଲଟ୍ରାଭାଇଓଲେଟ୍ ଇମେଜିଙ୍ଗ୍ ଟେଲିସ୍କୋପ୍ (SUET) । ଅଲଟ୍ରାଭାଇଓଲେଟ୍ ସ୍ପେକ୍ଟ୍ରମରେ ସୂର୍ଯ୍ୟର ଫଟୋସ୍ଫିୟରର ଏବଂ କ୍ରୋମୋସ୍ଫିୟରର ଚିତ୍ରଣ ସହିତ ଏହା ଟାସ୍କ ହୋଇଛି .. ତୃତୀୟ - ସୋଲାର ଲୋ ଏନର୍ଜି ଏକ୍ସ-ରେ ସ୍ପେକ୍ଟ୍ରୋମିଟର (SLEXS) ଏବଂ ଚତୁର୍ଥ - ହାଇ ଏନର୍ଜି L୧ ଅର୍ବିଟିଙ୍ଗ ଏକ୍ସ-ରେ ସ୍ପେକ୍ଟ୍ରୋମିଟର (HELOXS) । ସେମାନଙ୍କ ମଧ୍ୟରୁ ଉଭୟ ସୂର୍ଯ୍ୟଙ୍କ ଦ୍ୱାରା ନିର୍ଗତ ଏକ୍ସ-ରେ ଅଧ୍ୟୟନ କରିବେ । ବିଶେଷ ଭାବରେ, ସୌର ପ୍ରଜ୍ୱଳନ ସମୟରେ ନିର୍ଗତ ଏକ୍ସ-ରେ । ପଞ୍ଚମ - ଆଦିତ୍ୟ ସୋଲାର ଉଇଣ୍ଡ ପାର୍ଟିକିଲ ଏକ୍ସପେରିମେଣ୍ଟ (ASWPX)। ଷଷ୍ଠତମ - ପ୍ଲାଜ୍ମା ଆନାଲାଇଜର୍ ପ୍ୟାକେଜ୍ ଫର ଆଦିତ୍ୟ (PAPA) । ଏହି ଦୁଇଟି ସୌର ପବନକୁ ଅଧ୍ୟୟନ କରିବେ । ଶେଷ ପେଲୋଡ୍ ହେଉଛି ମ୍ୟାଗ୍ନେଟୋମିଟର (MM) ଯାହା ବ୍ୟବହାର କରାଯାଇଛି ମ୍ୟାଗ୍ନେଟିକ୍ ଫିଲ୍ଡସ୍ ମାପ କରିବା ପାଇଁ । ଚୁମ୍ବକୀୟ କ୍ଷେତ୍ର ଯାହା ଏହି L୧ ପଏଣ୍ଟରେ ପହଞ୍ଚେ । ଏହି ୭ ଟି ପେଲୋଡ୍ ମଧ୍ୟରୁ ୪ ଟି ସୂର୍ଯ୍ୟଙ୍କୁ ସିଧାସଳଖ ଅଧ୍ୟୟନ କରିବ । ଏବଂ ଅବଶିଷ୍ଟ ୩ ଟି ପେଲୋଡ୍ L୧ ପଏଣ୍ଟରେ ମାପ ନେବ । ବର୍ତ୍ତମାନ ସୁଦ୍ଧା, ଆପଣ ନିଶ୍ଚିତ ଭାବରେ ବୁଝି ସାରିଛନ୍ତି ଯେ ଏହି ମାପଗୁଡିକ ଗ୍ରହଣ କରିବା ପାଇଁ ପୃଥିବୀରୁ ବାହାରିବା ଆବଶ୍ୟକ, କାରଣ ପୃଥିବୀର ବାୟୁମଣ୍ଡଳ ବହୁ ବିକିରଣ, ଏକ୍ସ-ରେ ଏବଂ ଅନ୍ୟାନ୍ୟ ଜିନିଷକୁ ପୃଥିବୀରେ ପହଞ୍ଚିବାରେ ରୋକିଥାଏ । ବର୍ତ୍ତମାନ ଆମକୁ ୪ ମାସ ଅପେକ୍ଷା କରିବାକୁ ହେବ ।

ସୁଜନପୁର , ଯାଜପୁର
୯୩୪୮୭୬୩୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହିନ୍ଦୁ ଭାବନାକୁ କୁଠାରଘାତ



ଆଶୁତୋଷ ନାୟକ

ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରାଘାତ

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡ଼ିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୋଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ । କ୍ଷମତାପିପାସୁ ରାଜନେତା ମାନେ ନିଜର ରାଜନୀତିକ ସ୍ୱାର୍ଥ ଏବଂ କ୍ଷମତା ହାସଲ ପାଇଁ ସମସ୍ତ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଅତ୍ୟନ୍ତ ସଂକୀର୍ଣ୍ଣ ହୀନ ରାଜନୀତି କରୁଛନ୍ତି । ଏହା ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଅଶୁଭନୀୟ ଏବଂ ବିପଜ୍ଜନକ । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାରେ ଲାଗିଛି । କ୍ଷମତା ପାଇଁ ଯେକୌଣସି କର୍ମ କରିବା ପାଇଁ ପ୍ରସ୍ତୁତ ଏକବିଂଶ ଶତାବ୍ଦୀର ରାଜନେତା । ସ୍ୱାଧୀନତା ପୂର୍ବର ରାଜନେତା ଏବଂ ଏକବିଂଶ ଶତାବ୍ଦୀର ରାଜନେତା ମଧ୍ୟରେ ଆକାଶ ପାତାଳ ଫରକ ପ୍ରତୀୟମାନ ହେଉଛି । କ୍ଷମତା ପିପାସୁ ରାଜନେତା ଯେଉଁମାନେ ଏହିଭଳି ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି ଏହା ଭବିଷ୍ୟତରେ ସେମାନଙ୍କ ପାଇଁ ଘାତକ ସାଜିବ ଓ ପତନର କାରଣ ହେବ । ଆଜିର ରାଜନେତା ମାନଙ୍କର ଏତାଦୃଶ କାର୍ଯ୍ୟ ରୁଗ୍ଣ ମାନସିକତା ଏବଂ କୁତ୍ସିତ ଚିନ୍ତାଧାରାରେ ଏହା ଅନ୍ତର୍ଭୁକ୍ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଦେଶ ତଥା ଆମ ଦେଶ ବାହାରେ ରହୁଥିବା ଅଗଣିତ ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଏହିଭଳି ଘଟଣା ଗଭୀର ଆଘାତ ଦେଇଛି । ଗତ ଶନିବାର ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୨ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି ।

ଉଦୟନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱର ମିଳାଇ ଡି ଏମ୍ କେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍ନୈଇର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଏଥିରେ ହିଂସାର କୌଣସି ସ୍ଥାନ ନାହିଁ । "ବସୁଧୈବ କୁଟମ୍ବକମ" ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ । ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ । ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତ ଗୀତାରେ ଏହାର ଯଥେଷ୍ଟ ପ୍ରଣାମ ରହିଛି । ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ । ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି ।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି "ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।

ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।

ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।

ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।

ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।"

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତ୍ଥାନ ହୁଏ, ମୁଁ

Listen to Odia Podcast on https://anchor.fm/aahwaan
ଆହ୍ବାନ ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ "ଧର୍ମ" ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମ ନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି ।

ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି । ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ । ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା । ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି "ଦିନ -ଇ -ଇଲାହି" ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ । ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି "ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ରଜ" ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ । ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ । କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ । ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ । ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ । ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ । ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ ।

ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ । ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, "ବସୁଧୈବ କୁଟୁମ୍ବକମ୍" ଅର୍ଥାତ ସମର୍ଗ ବସୁଧା ହେଉଛି ଗୋଟିଏ କୁଟୁମ୍ବ । ଏହି ମହାନବାଣୀକୁ ଆମେ ଭାରତୀୟମାନେ ମନ୍ତ୍ରଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ ।

ଗୋପାଳପୁର,, ବାଲେଶ୍ୱର
୭୦୨୦୬୧୧୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁଅ ଜିଉଁତିଆ



ସାଇପ୍ରସାଦ ସାହୁ

ଅନାବିଳ ମାତୃତ୍ୱର ପ୍ରତୀକ : ପୁଅ ଜିଉଁତିଆ

ଭାରତୀୟ ପରମ୍ପରା ଓ ସଂସ୍କୃତିରେ ମାନବ ସମାଜରେ ସୁଖ ଶାନ୍ତି କାମନା କରି ଅନେକ ଗୁଡିଏ ପର୍ବପର୍ବାଣୀ, ଓଷା, ବ୍ରତ ପାଳିତ ହୋଇଥାଏ । ପଶ୍ଚିମ ଓଡ଼ିଶାର ପୁଅ ଜିଉଁତିଆ ହେଉଛି ଏକ ସାମାଜିକ, ସାଂସ୍କୃତିକ ଜୀବନର ନିଆରା ପରମ୍ପରା । ଏହି ଅଞ୍ଚଳରେ ସମସ୍ତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପାଳିତ ହୋଇ ଆସୁଥିବା ପୁଅ ଜିଉଁତିଆ ଓଷା ଅନ୍ୟତମ । ମାଆ ଏବଂ ପୁଅ ଝିଅଙ୍କ ଅନାବିଳ ସ୍ନେହ ଓ ମମତାର ପ୍ରତୀକ ପୁଅ ଜିଉଁତିଆ ପର୍ବ । ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ମୂଳାଷ୍ଟମୀ ବା ପୁଅ ଜିଉଁତିଆ ରୂପେ ପାଳନ କରାଯାଏ । ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ ଓ ମହାନ ପର୍ବ ମାନଙ୍କ ମଧ୍ୟରେ ପୁଅ ଜିଉଁତିଆ ଅନ୍ୟତମ । ମାଆମାନେ ସନ୍ତାନମାନଙ୍କ ଦୀର୍ଘାୟୁ, ନିରାମୟ ଜୀବନ, ଉଜ୍ଜ୍ୱଳ ଭବିଷ୍ୟତ, ସୁଖ ସମୃଦ୍ଧି କାମନା କରି ଏବଂ ହସ୍ତ ବିବାହିତା ନାରୀ, ବନ୍ଧ୍ୟା ଓ ପୁତ୍ରହରା ନାରୀମାନେ ପୁତ୍ରଲାଭ କରିବା ଆଶାରେ ଏହି ଦିନ ଜଳସ୍ପର୍ଶ ନ କରି ନିର୍ଜଳା ଉପବାସ ରହି ଏହି ଓଷାକୁ ପାଳନ କରିଥାନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା "ପୁଅ ଜିଉଁତିଆ" ନାମରେ ଏକ ମୁଖ୍ୟ ଓଷା ଭାବେ ପାଳିତ ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ "ଦୁତିଆ / ଦୂତୀଆ" ବା "ଦୂତୀବାହନ ଓଷା" ନାମରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଚଳିତ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ଜଣାଶୁଣା । ଏହି ପର୍ବ ଦୂତୀବାହନ ଓଷା ବା ଦୁତିଆ ଓଷା ବା ଜୀମୂତବାହନ ଉପବାସ ନାମରେ ମଧ୍ୟ ଓଡ଼ିଶାର ବେଶ୍ ଖ୍ୟାତ । ଏହି ବ୍ରତର ଉପାସ୍ୟ ଦେବତା ଜିମୂତ ବାହନ । ପ୍ରଚଳିତ ଓଷା କଥା ଅନୁସାରେ ଜିମୂତବାହନ ସୂର୍ଯ୍ୟଙ୍କର ପୁତ୍ର ଏବଂ ଜଣେ ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମ ହୋଇଥିଲେ । କେତେକ ସ୍ଥାନରେ ଭାଇମାନଙ୍କର ଶୁଭମନାସୀ ଭଉଣୀମାନେ ମଧ୍ୟ ଏ ପ୍ରକାର ଓଷା କରୁଥିବାର ଦୃଷ୍ଟାନ୍ତ ରହିଛି ।

ଦାମ୍ପତ୍ୟ ଜୀବନରେ ପୁତ୍ର ଲାଭ କରିବା ଓ ସେହି ପୁତ୍ରର ମଙ୍ଗଳ କାମନା କରିବା ପାଇଁ ପୁଅ ଜିଉଁତିଆ ଓଷା ପାଳନ କରାଯାଇଥାଏ ବୋଲି ସମସ୍ତଙ୍କର ଅଗାଧ ବିଶ୍ୱାସ । ଜିଉଁତିଆର ପୂର୍ବ ଦିନ ଓଷାକାରିଣୀମାନେ ନଦୀ କିମ୍ବା ପୋଖରୀ ତୁଠକୁ ଭଲ ଭାବରେ ପରିଷ୍କାର କରିଦିଅନ୍ତି । ୧୦୮ ଅକ୍ଷତ ଅରୁଆ ଚାଉଳ, ୧୦୮ ଦୁବ, ନାନାପ୍ରକାରର ଫୁଲ ଓ ଆଖୁ, କଦଳୀ, କନ୍ଦମୂଳ, ନଡ଼ିଆ, ଗଜା ମୁଗ, ବଡ଼ଚଣା, ସୋଲା, ନାରଙ୍ଗ, ପାନ, କାକୁଡି, କମଳା, ଜହ୍ନି, କଖାରୁ ଆଦି୨୧ ପ୍ରକାରର ଫଳ ଓ ପରିବା ଆଣିଥାନ୍ତି । ସପ୍ତମୀ ରାତ୍ରିରେ ଚିଲ ଓ ଶିଆଳକୁ ମନେମନେ ସ୍ମରଣକରି ତା' ପରଦିନ ପ୍ରଭାତରୁ ତାଙ୍କୁ ଯାଇ ଭେଟିବାକୁ ହୋଇଥାଏ । ସ୍ନାନ ଶେଷକରି ସେହି ଦିନଯାକ ନିର୍ଜଳା ଉପବାସ କରିବାକୁ ପଡ଼େ । ସନ୍ଧ୍ୟା ସମୟରେ ପୂଜା ସ୍ଥାନକୁ ପବିତ୍ର କରି ସେଠାରେ ଗୋଟିଏ କୋଠି ତିଆରି କରାଯାଏ । ଚାରିପାଖରୁ ମାଟିଖୋଳି ନେଇ ମଝିଟିକୁ ଛାଡ଼ି ଦିଆଯାଏ, ସତେ ଯେମିତି ଚାରିପାଖରେ ପାଣି ରହିଲେ ମଝି ଅଂଶ ଗୋଟିଏ ଦ୍ୱୀପପରି ଜଣାପଡ଼ିବ । ଏହି କୋଠି ଅତି କମରେ ଦୁଇହାତ ଲମ୍ବା ହେବା ଦରକାର । ତା' ମଝିରେ ତୁଳସୀ ଗଛ ଲଗାଯାଏ ଏବଂ କଦଳୀ ଗଛ ପୋତାଯାଏ । ମାଟି ଖୋଳାଯାଇ ଏକ ବିଲ ସଦୃଶ ବେଦୀ ନିର୍ମାଣ କରାଯାଇ ତା' ଉପରେ ବାଲି ପକାଯାଇଥାଏ । ନିର୍ମାଣ ହୋଇଥିବା ବେଦୀର ପୂର୍ବ ପାଖରେ ସୂର୍ଯ୍ୟ ଓ ପଶ୍ଚିମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଖରେ ଏକ କଦଳୀ ଗଛକୁ ସ୍ଥାପନ କରାଯାଇ ସେଠାରେ ଜିମୂତବାହନଙ୍କ ପ୍ରତୀକ ରୂପେ ପୂଜା କରାଯାଇଥାଏ । ଲେଉଟିଆ ଶାଗ ବ୍ୟତୀତ ଅନ୍ୟାନ୍ୟ ପନିପରିବାକୁ ନେଇ ବ୍ୟଞ୍ଜନ ପ୍ରସ୍ତୁତ କରି ଖିରିପିଠା ଇତ୍ୟାଦି ପ୍ରସ୍ତୁତ କରାଯାଏ । ପରେ ସନ୍ଧ୍ୟା ସମୟରେ ସ୍ନାନ କରି ସାରି ଗଙ୍ଗାମାତାଙ୍କୁ ପୂଜା କରାଯିବା ସହ ରାତିରେ ଦୂତୀବାହନଙ୍କୁ ଫଳ ଭୋଗ ଦେଇ ଓଷାର ଉପାଖ୍ୟାନ ଶୁଣିଥା'ନ୍ତି । ପୂଜାରେ ବ୍ୟବହୃତ ଫଳ ନିର୍ଦ୍ଦିଷ୍ଟ ଭାବରେ ଯୋଗାଡ କରିବା ଅତ୍ୟନ୍ତ କଷ୍ଟକର ହୋଇଥିବା ବେଳେ ମଧ୍ୟ ଏହି ଋତୁରେ ସମସ୍ତ ପ୍ରକାରର ଫଳ ମିଳୁଥିବାରୁ ବଜାରରେ ଉପଲବ୍ଧ ଫଳକୁ ପୂଜା ସାମଗ୍ରୀ ଭାବରେ ବ୍ୟବହାର କରାଯାଏ । ଏହି ପର୍ବର ଅନେକ ବିଶେଷତ୍ୱ ରହିଛି । ଅନେକ ସ୍ଥାନରେ ପାଳିତ ଏହି ଓଷାରେ ବ୍ୟବହୃତ ଯୁଇ ଡାଳର ବିଶେଷ ମହତ୍ତ୍ୱ ରହିଛି । ଯଦି କେହି ଅପୁତ୍ରିକ ଥାଆନ୍ତି ତା'ହେଲେ  ଯୁଇ ଡାଳ ଆଣି ପୂଜା ସ୍ଥଳୀରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିବାର ଦେଖାଯାଏ  ।

ବିଭିନ୍ନ ବର୍ଣ୍ଣର ମୁରୁଜରେ ସୂର୍ଯ୍ୟ ଦେବତାଙ୍କର କାଳ୍ପନିକ ଚିତ୍ର ଆଙ୍କି, ଚିଲ ଏବଂ ଶିଆଳକୁ ଉତ୍ତରରେ ରଖି ପଶ୍ଚିମରେ ଦୂତୀବାହନଙ୍କୁ ସ୍ଥାପନ କରାଯାଇ ଥାଏ  । ବ୍ରତ ଧାରଣ କରିଥିବା ନାରୀମାନେ ବାଲିରେ ଚିଲ ଏବଂ ଶିଆଳର ଚିତ୍ର ଆଙ୍କି ଅପାମାର୍ଗ କାଠିରେ ଦାନ୍ତ ଘସିଥାନ୍ତି । ଏହା ବ୍ୟତୀତ ସେଦିନ ସମସ୍ତେ ଶୁକ୍ଳବସ୍ତ୍ର ପରିଧାନ କରନ୍ତି । ଏଥିପାଇଁ ଯୋଗାଡ଼ କରିଥିବା ୨୧ପ୍ରକାର ଫଳ ଓ ପରିବାକୁ ଚାଙ୍ଗୁଡ଼ିରେ ଥୋଇ ତା' ଉପରେ ଗୋଟିଏ ନୂଆଲୁଗା ପକାଇ ଆସ୍ଥାନ ପାଖରେ ନେଇ ରଖିଥାନ୍ତି । ତା' ସହିତ କଉଡ଼ି, ଚଉରାଅଶୀଟା ଗୁଆ ସେହି କୋଠି ଭିତରେ ପକାଇବାକୁ ହୁଏ । ଏହି ପ୍ରକାର ବିଧିରେ ଓଷା ଶେଷକରି ଓଷା ଦ୍ରବ୍ୟକୁ ନିଜେ ନଖାଇ ରାତି ନ ପାହୁଣୁ ସ୍ନାନ କରି ବିବିଧ ବ୍ୟଞ୍ଜନ ପ୍ରସ୍ତୁତ ସହ ସମସ୍ତଙ୍କୁ ବାଣ୍ଟି ଦିଆଯାଏ । ପୂଜା ଶେଷକରି ସୂର୍ଯ୍ୟଦେବତାଙ୍କୁ ପ୍ରଣାମକରି ଏକମୁହାଁ ହୋଇ ଘରକୁ ଲେଉଟି ଆସନ୍ତି । ଓଷାର ପରଦିନ ସେମାନେ ନୂଆ ଲୁଗା ପିନ୍ଧି ଘରେ ପୂର୍ଣ୍ଣ କୁମ୍ଭ ବସାଇ ଗୋଟିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ଥାନକୁ ଗୋବର ପାଣିରେ ଲିପି ପୋଛି ରନ୍ଧାବଢ଼ା କରିଥିବା ଜିନିଷକୁ ସେଇଠାରେ ଥୋଇ ଦିଅନ୍ତି । କୁମ୍ଭ ଆଗରେ ଦୀପ ଜାଳି ପୂଜା ସ୍ଥଳରେ ୧୦୮ ଚାଉଳ ଓ ୧୦୮ ଦୁବ ସହ ଏକ କଷି କାକୁଡ଼ିକୁ ଶାଳପତ୍ରରେ ବାନ୍ଧି ପୁଅମାନଙ୍କୁ ବନ୍ଦାଇଥାନ୍ତି । ଏହା ପରେ ଦୂତୀବାହନଙ୍କୁ ନୈବେଦ୍ୟ ଦିଅନ୍ତି । ସେହି ସାମଗ୍ରୀକୁ ମାଆମାନେ ପୁଅମାନଙ୍କ ଆପାଦମସ୍ତକ ଛୁଆଁଇ ବ୍ରତ ବା "ଜିଉଁତିଆ"କୁ ସେମାନଙ୍କ ହାତରେ କବଚ ଭଳି ବାନ୍ଧି ଦେଇଥାନ୍ତି ଓ ବନ୍ଧୁବାନ୍ଧବ ପିଲା ସମସ୍ତଙ୍କୁ ପରସିଥାନ୍ତି । ଏହି ଓଷା କେବଳ ପୁଅମାନଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ପାଳନ କରାଯାଇଥାଏ ତାହା ନୁହେଁ; ବରଂ ମାଆ ଓ ପୁଅ ମଧ୍ୟରେ ଥିବା ମଧୁର ସଂପର୍କକୁ ଆହୁରି ସୁଦୃଢ଼ କରିଥାଏ । କୌଣସି ଲୋକ ବିପଦରୁ ରକ୍ଷା ପାଇଲେ ଲୋକମାନେ କହିଥାନ୍ତି; ସତରେ ମାଆ ତୋର ଜିଉଁତିଆ ପୂଜିଥିଲା । ତେଣୁ ରକ୍ଷା ପାଇଗଲୁ ।

ଭାରତ ବର୍ଷରେ ବାର ମାସରେ ତେର ପର୍ବ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ମହା ନିଷ୍ଠାର ସହ ଏଭଳି ଓଷା ପାଳନରେ ମହିଳାମାନେ ଯେଉଁ ନିଷ୍ଠା ଓ ଧର୍ମ ଆଚରଣ କରିଥାନ୍ତି ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ପୁଅ ଜିଉଁତିଆ ଓଷା ମଣିଷର ଧର୍ମୀୟ ଅନୁଚିନ୍ତାକୁ ସୁଦୃଢ଼ କରିବା ସହିତ ମାତା ଓ ପୁତ୍ରର ଅନାବିଳ ସ୍ନେହ ମମତାକୁ ଋଦ୍ଧିମନ୍ତ କରିଥାଏ । ଏହି ଓଷା ପଶ୍ଚିମ ଓଡ଼ିଶାରେ ସର୍ବତ୍ର ପାଳିତ ହେବା ସହ ଏହି ଦିନଠାରୁ ପାର୍ବଣ ଋତୁର ଶୁଭାରମ୍ଭ ହୋଇଥାଏ । ଚିରଶୁଦ୍ଧି, ଧର୍ମୋପାସନା ଓ ଭାଗବତପ୍ରାପ୍ତି ଦିଗରେ ଏହି ପୁଅ ଜିଉଁତିଆ ଓଷାର ଉପାଦେୟତା ଅପରିହାର୍ଯ୍ୟ ।

ସାଇପ୍ରସାଦ ସାହୁ
ଗବେଷକ ଓ ସ୍ତମ୍ଭକାର , ସିନ୍ଧେକେଲା , ବଲାଙ୍ଗୀର
ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବହୁମୁଖୀ କୁନି ପ୍ରତିଭା 'ସାଇଲିପ୍ସା'



ରାମଚନ୍ଦ୍ର ପ୍ରଧାନ

ଦୁନିଆରେ ଏମିତି କିଛି ପିଲା ଅଛନ୍ତି, ଯେଉଁମାନେ ନିଜ ବହୁମୁଖୀ ପ୍ରତିଭା ଦ୍ୱାରା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥାନ୍ତି । ଖାଲି ସେତିକି ନୁହେଁ ଏଭଳି ପ୍ରତିଭାମାନେ ନିଜ ବୟସ ତୁଳନାରେ ଅନେକ ଅସାଧରଣ କାର୍ଯ୍ୟ କରିଥାନ୍ତି, ଯାହାକୁ ପ୍ରଶଂସା ନ କରି ରହି ହୁଏ ନାହିଁ । ଆଉ ସେଇ ଭଳି ଜଣେ ବହୁମୁଖୀ ପ୍ରତିଭା ହେଉଛନ୍ତି ଗଞ୍ଜାମ ଜିଲ୍ଲା ଆସିକା ସୂତାକଳ ଛକ ସ୍ଥିତ ରଙ୍ଗନାଥ ବିହାରର ସାଇ ଲିପ୍ସା ପଟ୍ଟନାୟକ । ବୟସ ମାତ୍ର ୯ ବର୍ଷ । ସେ ବର୍ତ୍ତମାନ ଆସିକା ଚିନିକଳ ସ୍ଥିତ ଡ଼ି.ପଲ୍ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି । ତାଙ୍କ ପିତାଙ୍କ ନାମ ରାଜନନ୍ଦ ପଟ୍ଟନାୟକ ଓ ମାତାଙ୍କ ନାମ ପ୍ରଜ୍ଞା ପରମିତା ପଣ୍ଡା । ମାଆ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ବାପା ଜଣେ ଆଗଧାଡିର ଓକିଲ । ସାଇ ଲିପ୍ସାଙ୍କ ଘରର ଯୁଆଡ଼େ ଚାହିଁବ ଖାଲି ପୁରସ୍କାର । ଘର ପୁରା ପୁରସ୍କାରରେ ଭର୍ତ୍ତି । ବୟସ କମ୍ ହେଲେ ବି ପୁରସ୍କାର ଆଶା ଠୁ ଅଧିକ । ନୃତ୍ୟ ହେଉ କି ଯୋଗ, ଚିତ୍ରାଙ୍କନ ହେଉ କି ସୁନ୍ଦର ହସ୍ତାକ୍ଷର, ବକ୍ତୃତା ହେଉ କି ମଡେଲିଙ୍ଗ ; ସବୁଥିରେ ରହିଛି ତାଙ୍କ ସଫଳତାର ଛାପ । ଏତଦ୍ ବ୍ୟତୀତ ସେ ବିଦ୍ୟାଳୟରେ ଜଣେ ମେଧାବୀ ଛାତ୍ରୀ ମଧ୍ୟ । ପାଠ ହେଉ କି ଖେଳ, ସବୁଥିରେ ସେ ଆଗୁଆ । ଖାଲି ବୁଦ୍ଧିରେ ନୁହେଁ ଆଚାର ବ୍ୟବହାରରେ ବି ସେ ପୁରା ମାର୍ଜିତ ଆଉ ସଂସ୍କାରୀ । ତାଙ୍କ ଭଦ୍ର, ନମ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମେଳାପୀ ସ୍ୱଭାବ ପାଇଁ ସଭିଏଁ ତାଙ୍କୁ ଖୁବ୍ ଭଲ ପାଆନ୍ତି । ଉତ୍ତମ ପାଠପଢା ସାଙ୍ଗକୁ ଏତେ କମ୍ ବୟସରୁ ବିଭିନ୍ନ କ୍ଷେତ୍ରରେ ତାଙ୍କ ସଫଳତା ବିଦ୍ୟାଳୟ ତଥା ସ୍ଥାନୀୟ ଅଂଚଳ ପାଇଁ ଗୌରବ ଆଣି ଦେଇଛି । ଏଥିପାଇଁ ସେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହପାଠୀ ମାନଙ୍କ ପ୍ରିୟପାତ୍ର ପାଲଟି ଯାଇଛନ୍ତି । ପିଲାଟିର ଏଇ ନିଆରା ସଫଳତା ପାଇଁ ପିତାମାତା ଖୁବ୍ ଗର୍ବିତ । ସମସ୍ତଙ୍କ ଇଚ୍ଛା ସେ ଆହୁରି ଆଗକୁ ବଢୁ । ନିଜର ଦୃଢ଼ ଏକାଗ୍ରତା ଆଉ ନିରନ୍ତର ପ୍ରୟାସ ତାଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଢେର ସାରା ସଫଳତା ଆଣିଦେଇଛି ।

ସାଇ ଲିପ୍ସାଙ୍କ ଏଇ ସଫଳତା ପଛରେ ତାଙ୍କ ପିତାମାତାଙ୍କ ପ୍ରେରଣାଦାୟୀ ହାତ ରହିଛି । ବାପାମାଆ ତାଙ୍କ ପ୍ରେରଣାର ଉତ୍ସ ଏବଂ ବିଜୟ ଅମୃତ କୁଲାଙ୍ଗେ ତାଙ୍କ ଜୀବନର ଆଦର୍ଶ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଜେଜେ ମା', ଜେଜେବାପା ଓ ଅଜାଆଇ ଏଥିରେ ତାଙ୍କୁ ଟିକେ ପ୍ରେରଣାର ଲଘୁ ଇନ୍ଧନ ଯୋଗାଇଥାନ୍ତି ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ । ଆଉ ସେଥିପାଇଁ ବୋଧେ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଗୋଟିଏ ପରେ ଗୋଟିଏ ସଫଳତାର ସିଡ଼ି ଚଢ଼ି ଆଗକୁ ମାଡ଼ି ଚାଲିଛନ୍ତି । କମ୍ ବୟସରେ ଏତେ ଚମତ୍କାର ଯୋଗଭ୍ୟାସ କରି ସାଇ ଲିପ୍ସା ସଭିଙ୍କୁ ଚକିତ କରି ଦେଉଛନ୍ତି । ପ୍ରତିଦିନ ସେ ୧୫ ରୁ ୨୦ ପ୍ରକାର ଯୋଗ କରନ୍ତି । ଆଉ ଏଥିରେ ଯୋଗ ପ୍ରଶିକ୍ଷକ ପ୍ରୀତିମୟୀ ସିଅ ତାଙ୍କୁ ପୂର୍ଣ୍ଣ ସହଯୋଗ କରି ଆସୁଛନ୍ତି । ଏଥିପାଇଁ ବୋଧେ ସ୍ଥାନୀୟ ଅଞ୍ଚଳରେ ସେ କୁନି ଯୋଗାରାଣୀ ଭାବେ ପରିଚିତ । ନୃତ୍ୟରେ ବି ସେ ପୁରା ଓସ୍ତାଦ୍ । ନର୍ସରି,ଏଲ୍ କେ.ଜି ଓ ୟୁ.କେ. ଜିରେ ପଢୁଥିବା ବେଳେ

ସେ ରାଇମ୍ସ ଓ ରାମ୍ପ ସୋରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଷ୍ଟାଣ୍ଡାର୍ଡ ଟୁ ଓ ଥ୍ରୀରେ ପଢୁଥିବା ବେଳେ ସେ ଗଳ୍ପ କଥନ ଓ ଫେନସି ଡ୍ରେସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏତିକିରେ ସାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲିପ୍ସାଙ୍କ ସଫଳତାର ଲମ୍ବା ତାଲିକା ଅଟକି ଯାଇନି । ସେ ୨୦୨୨ ଅକ୍ଟୋବର ମାସ ମହାରାଷ୍ଟ୍ରର ଔରଙ୍ଗାବାଦ ଠାରେ 'SD' ସୋସାଇଟି ଦ୍ୱାରା ଆୟୋଜିତ "ଆଜାଦି କି ଅମୃତ ମହୋତ୍ସବ ନେସନାଲ ହ୍ୟାଣ୍ଡ ରାଇଟିଙ୍ଗ ଓ କଲରିଙ୍ଗ କଣ୍ଟେଷ୍ଟ' ୨୦୨୨ରେ ଅଂଶ ଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ । ପୁଣି ଚଳିତ ବର୍ଷ ମାର୍ଚ୍ଚ ୨୦୨୩ ମସିହାରେ ନେସନ୍ସ ନଂବର-୧ "ଇଣ୍ଡିଆନ୍ ଟ୍ୟାଲେଣ୍ଟ ଅଲମ୍ପିଆଡ଼"ର ଜି.କେ ବିଭାଗରେ ଅଂଶ ଗ୍ରହଣ କରି କ୍ଲାସ୍ ଟପର୍ ହୋଇଥିଲେ । ଏଥିପାଇଁ ତାଙ୍କୁ ଉକ୍ତ ସଂସ୍ଥା ତରଫରୁ ମାନପତ୍ର ସହ ସ୍ୱର୍ଣ୍ଣ ପଦକ ମିଳିଥିଲା । ରାଇଟେରର୍ସ କୁଇଜରେ ପ୍ରଥମ ସ୍ଥାନ ଅଧିକାର କରି ସ୍ଥାନୀୟ ଅଂଚଳ ପାଇଁ ଗୌରବ ଆଣିଥିଲେ । ଖାଲି ସେତିକି ନୁହେଁ ସେ ଚଳିତ ବର୍ଷ ବିଶ୍ୱ ଯୋଗ ଦିବସ ଅବସରରେ ଟେକ୍ନିକାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଯୋଗଶିବିରରେ ଯୋଗ କଳାକୁ ନିଖୁଣ ଭାବେ ପ୍ରଦର୍ଶନ କରି ଢେର ସାରା ପ୍ରଶଂସା ସାଉଁଟି ଥିଲେ । ବାସ୍ତବରେ ସାଇ ଲିପ୍ସାଙ୍କ ଏଇ ନିଆରା ସଫଳତା ଆମ ଅଂଚଳ ପାଇଁ ଗୌରବ ଆଣି ଦେଇଛି । ମୋଟ ଉପରେ କହିବାକୁ ଗଲେ ସେ ଆମ ଅଞ୍ଚଳର ଜଣେ ଜଣାଶୁଣା ବହୁମୁଖୀ ପ୍ରତିଭାଟିଏ, ଯିଏ କି ନିଜ ସାଧନା ବଳରେ ଭବିଷ୍ୟତରେ ନିଜ ନାଁ ଓ ଜନ୍ମମାଟିର ନାଁ 'କୁ ଜାତୀୟ ସ୍ତରରେ ପହଞ୍ଚାଇ ଦେଇ ପାରିବେ ବୋଲି ସଭିଏଁ ମନରେ ଆଶା ବାନ୍ଧିଛନ୍ତି । ସେ ଆଗାମୀ ଦିନରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ନିଜ ବହୁ ପ୍ରତିକ୍ଷୀତ ସ୍ୱପ୍ନକୁ ପୁରା କରିବା ସହ ଦେଶ ମାତୃକାର ସେବା କରିବା ପାଇଁ ମନରେ ଆଶା ବାନ୍ଧିଛନ୍ତି । ଆଉ ସାଇ ଲିପ୍ସାଙ୍କ ଏଇ ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ତାଙ୍କୁ ଦିନେ ସଫଳତା ଆଣିଦେବ ଏଥିରେ ସନ୍ଦେହର ଦ୍ୱିମତ ନାହିଁ ।


ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ

ମୋ: ୯୮୭୧୯୬୩୮୭୩୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ୱାସ୍ଥ୍ୟ ହିଁ ସମ୍ପଦ



ଜଗଜ୍ଜୀବନ ସେଠୀ

ଚଳିତ ବର୍ଷ ଭାରତ G20 ବୈଠକରେ ସଭାପତିତ୍ୱ କରିଥିଲା । ଉଦଯାପନୀ ଭାଷଣରେ ଭାରତର ପ୍ରଧାନମନ୍ତ୍ରୀ କହିଥିଲେ, "ସ୍ୱସ୍ତି ଅସ୍ତୁ ବିଶ୍ୱ" ଅର୍ଥ ବିଶ୍ୱର ସ୍ୱାସ୍ଥ୍ୟ ଭଲ ରହୁ । ମହାନ ଦାର୍ଶନିକ ପ୍ଲାଟୋ କହିଥିଲେ "ଦେଶ ହେଉଛି ବ୍ୟକ୍ତି ବିଶେଷର ବଡରୂପ" । ଏହି ଦୁଇ ଉକ୍ତିକୁ ଏକାଠି କରିବା, ତେବେ ଆମେ କହିପାରିବା, ସୁସ୍ଥ ମଣିଷମାନଙ୍କ ବ୍ୟତୀତ ସୁସ୍ଥ ବିଶ୍ୱର ପରିକଳ୍ପନା କରିବା ସମ୍ଭବ ନୁହଁ । ତେଣୁ ତ କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ ଅଟେ । ସୁସ୍ଥ ମାନସିକତା ହିଁ ସୁସ୍ଥ ବିଶ୍ୱ ଗଠନରେ ସାହାଯ୍ୟ କରେ । ତେଣୁ ତ ଦର୍ଶନ ଶାସ୍ତ୍ରରେ କୁହାଯାଇଛି,

"ଯାବତ ଜିବେତ ସୁଖେ ଜିବେତ
ଋଣ କୃତା ଘୃତ ପିବେତ "

ଅର୍ଥାତ ଯେତେଦିନ ପର୍ଯ୍ୟନ୍ତ ବଞ୍ଚିବା ସୁସ୍ଥ ହୋଇ ବଞ୍ଚିବା, ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଆବଶ୍ୟକ ହେଲେ ଋଣ କରିପାରିବା । ଶରୀରର ନିରୋଗ ଅବସ୍ଥାକୁ ସ୍ୱାସ୍ଥ୍ୟ କୁହାଯାଏ । ଶାରୀରିକ, ମାନସିକ, ଆବେଗିକ ସୁସ୍ଥତା ମନୁଷ୍ୟର ଜୀବନକୁ ସୁଖମୟ କରେ । ଜଗତିକରଣ ବିଶ୍ୱରେ ଆଜି ମନୁଷ୍ୟର ଖାଦ୍ୟଭ୍ୟାସ, କାର୍ଯ୍ୟଶୈଳୀ ଯୋଗୁଁ ଜୀବନଯାପନ ପ୍ରଣାଳୀରେ ବେଶ ପରିବର୍ତ୍ତନ ଆସିଛି । ଅତ୍ୟଧିକ କାର୍ଯ୍ୟଭାର, ବ୍ୟସ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁଳ ଜୀବନ ପ୍ରଣାଳୀ ଯୋଗୁଁ ୯୦% ଲୋକ ମାନସିକ ରୋଗଗ୍ରସ୍ତ । ଭାରତ ଯୋଗର ଜନନୀ ଅଟେ, ଭାରତ ଆଜି ଯୋଗଗୁରୁ । ଭାରତର ପ୍ରଚେଷ୍ଟାରେ ଜୁନ ୨୧ ତାରିଖ ଆଜି ଯୋଗ ଦିବସ । ଉପଯୁକ୍ତ ବ୍ୟାୟାମ, ପ୍ରାଣାୟାମ କରି ଆମେ ସୁସ୍ଥ ମାନସିକ ଜୀବନ ବଞ୍ଚିପାରିବା । ମନସ୍ତତ୍ୱ ବିଜ୍ଞାନର ଜନକ ଫ୍ରଇଡ଼ ଜଣେ ତରଳ ଝାଡ଼ାରେ ଆକ୍ରାନ୍ତ ରୋଗୀକୁ, ଡର ଦୂର ହେବାର ଔଷଧ ଦେବାରୁ ଝାଡା ବନ୍ଦ ହୋଇଗଲା । ଏଥିରୁ ଅନୁମାନ କରାଯାଏ ଯେ ମାନସିକ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ତ କୁହାଯାଏ "A healthy mind resides in a healthy body"

ଆଜି ମନୁଷ୍ୟର ଖାଦ୍ୟଭ୍ୟାସ ବଦଳିଛି, ଚଟପଟା ଖାଦ୍ୟର ବହୁଳ ପ୍ରସାର ଘଟିଛି । ଏହା ଯୋଗୁଁ ମେଦ ବହୁଳତା, ହୃତଘାତ, ପେଟରୋଗ, ଯୌନ ସ୍ୱାସ୍ଥ୍ୟରେ ବେଶ ପ୍ରଭାବ ପଡିଛି । ମାଣ୍ଡିଆ ଜାଉ, ସିଝା ସନ୍ତୁଳା ଆଦି ବିରଳ । ଉତ୍ତମ ଖାଦ୍ୟାଭ୍ୟାସକୁ ଆପଣାଇ ପାରିଲେ ସ୍ୱାସ୍ଥ୍ୟ ଗଠନ ସମ୍ଭବ ହେବ, ପ୍ରାଣବନ୍ଧୁ ତରେଇ କହିଛନ୍ତି,

"ଧନ୍ୟ ସେ ମାଣ୍ଡିଆ ଜାଉରେ ପିଲେ
ଧନ୍ୟ ସେ ମାଣ୍ଡିଆ ଜାଉ,
କହେ ପ୍ରାଣବନ୍ଧୁ ମାଣ୍ଡିଆ ମୋ ବନ୍ଧୁ
ମୋ ଦେଶ ସେବାରେ ଯାଉରେ ପିଲେ
ଧନ୍ୟ ସେ ମାଣ୍ଡିଆ ଜାଉ"

ଚାରବାକ କହିଥିଲେ "ପୀତ୍ୱା ପୀତ୍ୱା ପୁନଃ ପୀତ୍ୱା ଯାବତ ପତତି ଭୁତଳେ " ଅର୍ଥାତ ମାଟିରେ ଗଡ଼ିଲା ପର୍ଯ୍ୟନ୍ତ ନିଶା ସେବନ କରିବ । ବୋଧେ ଯୁବସମାଜ ଏହି ଦୁଇ ଧାଡିକୁ ଗଣ୍ଠି ପକାଇ ରଖିଛି । ମଣିଷ ଆଜି ମଦ, ବିଡି, ସିଗାରେଟ, ଗୁଟଖା, ଭାଙ୍ଗ ଆଦିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କବଳରେ । ଏହା ଫଳରେ କାନ୍‌ସର, କିଡ଼ନୀ ଫେଲ, ସଡ଼କ ଦୁର୍ଘଟଣା ଆଦିର ଶିକାର ହେଉଛି । ବିଶ୍ୱ କରୋନା ମହାମାରୀକୁ ଭୁଲି ପାରିନାହିଁ । ସ୍ୱାସ୍ଥ୍ୟ ଏକ ସମସ୍ୟାରେ ପରିଣତ ହୋଇଛି । ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବା ପାଇଁ ଆୟୁଷ୍ମାନ ଭାରତ, ବିଜୁ ସ୍ୱାସ୍ଥ୍ୟ ଯୋଜନା, ଟୀକାକାରଣ କାର୍ଯ୍ୟକ୍ରମ ଆଦି ଅନେକ ବ୍ୟବସ୍ଥା କରିଛି । ତଥାପି ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନତା, ଉତ୍ତମ ଖାଦ୍ୟାଭାସ, ନିଶା ଦ୍ରବ୍ୟ ବର୍ଜନ, ଯୋଗ ପ୍ରାଣାୟାମ କରିବ ତେବେଉତ୍ତମ ସ୍ୱାସ୍ଥ୍ୟ ଗଠନ ହୋଇପାରିବ । ତେଣୁ କୁହାଯାଏ "prevention is better than cure" ଆସନ୍ତୁ ସମସ୍ତେ ଏକ ସ୍ୱରରେ କହିବା ସ୍ୱାସ୍ଥ୍ୟ ହିଁ ସମ୍ପଦ ଅଟେ ।

୮୯୮୪୦୪୯୫୭୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାକାଶ ଆଇନ ଓ ଆନ୍ତର୍ଜାତୀୟ ଚୁକ୍ତି



ସୀମା କାନୁନ୍‌ଗୋ

ଅନୁସନ୍ଧିତ୍ସୁ ମନୁଷ୍ୟ କାହିଁ କେତେ କାଳରୁ ମହାକାଶ ବା ଅନ୍ତରୀକ୍ଷ ବିଷୟରେ ଜାଣିବାକୁ ଚେଷ୍ଟାକରି ଗବେଷଣା କରିଛି । କେତେବେଳେ ବିଫଳତା ଓ କେତେବେଳେ ସଫଳତାର ସ୍ୱାଦ ଚାଖିଛି । ବିଫଳତାରୁ ମଣିଷ କିଛି ଜ୍ଞାନ ଆହରଣ କରିଛି  ତ ସଫଳତା ଆଗକୁ ଆହୁରି ଉନ୍ନତି କରିବାର ବାଟ ଦେଖେଇଛି । ହେଲେ ପୃଥିବୀର ଆଗଧାଡିର ବୈଜ୍ଞାନିକ, ବିଶେଷଜ୍ଞ, ବୁଦ୍ଧିଜୀବୀ, ରାଜନେତା ଗଣ ଅନୁଭବ କଲେ ଯେ ଏହି ମହାକାଶ ବା ଅନ୍ତରୀକ୍ଷକୁ ଯାତ୍ରା କିମ୍ବା ଗବେଷଣା କରିବା ପାଇଁ କିଛି ନିୟମ କାନୁନର ଆବଶ୍ୟକତା ରହିଛି ।

ପ୍ରତ୍ୟେକ କାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ସମଗ୍ର ବିଶ୍ୱରେ ଅନେକ ଆଇନ୍ କାନୁନ୍ ଓ ନିୟମ ମାନ ପ୍ରଣୟନ କରାଯାଇଛି । ତେଣୁ ମହାକାଶକୁ ଯାତ୍ରା କିମ୍ବା ତା' ବିଷୟ ଗବେଷଣା ଓ ବ୍ୟବହାରକୁ ନେଇ କିଛି ନିୟମ ପ୍ରଣୟନ କରାଗଲା । ଯେଉଁ  ନିୟମ ଦ୍ୱାରା ସମଗ୍ର ମାନବ ଜାତି କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ମଧ୍ୟ ଉପକୃତ ହେଇପାରିବେ । ତେଣୁ, ମହାକାଶକୁ ଶାନ୍ତିପୂର୍ଣ୍ଣ ଭାବରେ ବ୍ୟବହାର କରି ସମସ୍ତେ ଉପକୃତ ହେଇପାରିବେ, ସେ ବିଷୟରେ ଚିନ୍ତାକରି ମହାକାଶ ଆଇନ୍ (Space Law) ପ୍ରଣୟନ କରାଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଆଇନ୍ ରେ ଜାତୀୟ ଓ ଆନ୍ତର୍ଜାତୀୟ ଚୁକ୍ତି(Agreement), ନିୟମ, ଅଧିନିୟମ, ମହାକାଶ ଗବେଷଣା, ପରିବେଶର ସୁରକ୍ଷା, ଗବେଷଣା ଜନିତ କୌଣସି କ୍ଷୟକ୍ଷତି, ମହାକାଶକୁ ବ୍ୟବହାର କରି କ୍ଷେପଣାସ୍ତ୍ରର ପ୍ରୟୋଗ ଏବଂ ମହାକାଶ ସମ୍ବନ୍ଧୀୟ ବୈଷୟିକ ଜ୍ଞାନ କୌଶଳ, ଦେଶ ଦେଶ ମଧ୍ୟରେ ଗବେଷଣା ତଥ୍ୟର ଚୁକ୍ତିଭିତ୍ତିକ ଆଦାନପ୍ରଦାନ ପ୍ରଭୃତି ବିଷୟମାନ ଅନ୍ତର୍ଭୁକ୍ତ ହେଇଛି ।

Intellectual Property Rights,

Arms Control Law,

Insurance Law,

Environmental Law,

Criminal Law,

Commercial Law.

ଏହିସବୁ ଆଇନ୍ ଗୁଡିକ ମଧ୍ୟ ମହାକାଶ ଆଇନରେ ସ୍ଥାନ ପାଇଛି ।

୧୯୧୯ ମସିହାରେ ପ୍ରଥମେ ଆନ୍ତର୍ଜାତୀୟ ମହାକାଶ ଆଇନ ପ୍ରଣୟନ କରାଗଲା । ଏହି ଆଇନ ଅନୁସାରେ ପୃଥିବୀର ଯେକୌଣସି ଦେଶ ତା' ନିଜ ଦେଶ ଉପରେ ଥିବା ମହାକାଶ ବା ଆକାଶକୁ ନିଜ ଦରକାର ମୁତାବକ ବ୍ୟବହାର କରିପାରିବ ।

୧୯୪୪ ମସିହା ଚିକାଗୋ ଠାରେ ବିଶ୍ୱ ଆନ୍ତର୍ଜାତୀୟ ସମ୍ମିଳନୀରେ ମହାକାଶ ବ୍ୟବହାର ପାଇଁ ୧୯୧୯ ମସିହାରେ ପ୍ରଣୟନ କରାଯାଇଥିବା ନିୟମ ଗୁଡ଼ିକର କୌଣସି ପରିବର୍ତ୍ତନ କରାଗଲା ନାହିଁ ।

ତା'ପରେ କିନ୍ତୁ "International Council Of Scientific Union"ର ସଭ୍ୟ ଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଶମାନଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗିରହିଲା । ଦେଶ ଦେଶମାନଙ୍କ ମଧ୍ୟରେ ମତଭେଦ ହେତୁ ମହାକାଶ ଗବେଷଣା ଖୁବ୍ ବାଧାପ୍ରାପ୍ତ ହେଲା ।

ତେଣୁ, ୧୯୫୯ ମସିହାରେ "United Nations Committee On Peaceful Usage Of Outer Space" ନାମକ କମିଟୀ ଗଠିତ କରାଗଲା, ଯାହାକି ଆନ୍ତର୍ଜାତୀୟ ସ୍ତରରେ "COPUOS" ନାମରେ ପରିଚିତ । ବର୍ତ୍ତମାନ ସୁଦ୍ଧା ସମଗ୍ର ବିଶ୍ୱର ୧୦୨ଟି ଦେଶ ଏହାର ସଦସ୍ୟତା ଗ୍ରହଣ କରିଛନ୍ତି । ଏହି କମିଟିର ପ୍ରଥମ ବୈଠକ ଅଷ୍ଟ୍ରିଆ ଦେଶରେ ଆୟୋଜିତ ହେଇଥିଲା । ବିଶ୍ୱର ସବୁ ଦେଶ ବାହ୍ୟ ଆକାଶ ଓ ମହାକାଶକୁ ଶାନ୍ତିପୂର୍ଣ୍ଣ ଭାବରେ ଓ ବିନା କ୍ଷୟକ୍ଷତିରେ କିପରି ବ୍ୟବହାର କରିବେ, ସେ ବିଷୟରେ ଆଲୋଚନା ହେଇ ନିୟମ ପ୍ରଣୟନ କରାଗଲା । ଏହି ନିୟମ ପ୍ରଣୟନ ପରେ ଦେଶ ଦେଶ ମଧ୍ୟରେ ମହାକାଶ ଗବେଷଣା ଓ ବ୍ୟବହାରକୁ ନେଇ କୌଣସି ବିବାଦ ସୃଷ୍ଟି ହେଲାନାହିଁ ।

ତା'ପରେ ୧୯୬୩ ମସିହାରେ ବିଶ୍ୱର ୧୨୬ଟି ଦେଶକୁ ନେଇ ଏକ ରାଜିନାମା ସ୍ୱାକ୍ଷରିତ ହେଲା । ଏହି ଚୁକ୍ତିକୁ "Partial Test Banned Treaty" ବୋଲି ନାମିତ କରାଗଲା । ଏହି ଚୁକ୍ତି ଅନୁସାରେ କୌଣସି ଦେଶ ଗଭୀର ସମୁଦ୍ର ତଳେ କିମ୍ବା ମହାକାଶରେ ପରମାଣୁ ବୋମା ପରୀକ୍ଷଣ କରିପାରିବେ ନାହିଁ ।

ପୁଣି ୧୯୬୭ ମସିହାରେ ବିଶ୍ୱର ୧୧୧ଟି ଦେଶ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ । ଏହି ଚୁକ୍ତିକୁ "Outer Space Treaty" ବୋଲି କୁହାଯାଇଛି । ଏହି ଚୁକ୍ତି ଅନୁସାରେ ସମଗ୍ର ବିଶ୍ୱର ବୈଜ୍ଞାନିକ ମାନେ ବାହ୍ୟ ଆକାଶ ବା ମହାକାଶ, ଚନ୍ଦ୍ର ଏବଂ ଅନ୍ୟ ମହାଜାଗତିକ ବସ୍ତୁ ବା ପଦାର୍ଥ ବିଷୟରେ ମୁକ୍ତ ଭାବରେ ପରୀକ୍ଷା ନିରୀକ୍ଷା କରିପାରିବେ ।

୧୯୬୮ ମସିହାରେ ୯୮ ଟି ଦେଶ ମିଶି ପୁଣି ଗୋଟିଏ ରାଜିନାମାରେ ସ୍ୱାକ୍ଷର କଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହା "Rescue Agreement" ନାମରେ ନାମିତ ହେଇଛି । ଏହି ଚୁକ୍ତି ଅନୁସାରେ କୌଣସି ମହାକାଶ ଯାତ୍ରୀ ମହାକାଶରୁ ପ୍ରତ୍ୟାବର୍ତ୍ତନ ସମୟରେ ଯେଉଁ ଦେଶରୁ ମହାକାଶକୁ ଗମନ କରିଥିଲେ, ସେହି ଦେଶରେ ଅବତରଣ ନକରି ବିଶ୍ୱର ଅନ୍ୟ ଯେକୌଣସି ଦେଶରେ ଅବତରଣ କରିପାରିବେ ।

ପୁନର୍ବାର ୧୯୮୪ ମସିହାରେ ମହାକାଶ ଗବେଷଣାରେ ସଫଳତା ପାଇଥିବା ବିଶ୍ୱର ୧୮ ଟି ଦେଶ "Moon Treaty" ନାମରେ ଆଉ ଏକ ଚୁକ୍ତିରେ ସ୍ୱାକ୍ଷର କଲେ । ଏହି ଚୁକ୍ତି ଅନୁଯାୟୀ, ଚନ୍ଦ୍ରମା ଉପରେ ଗବେଷଣା ଜନିତ ତଥ୍ୟ ଗୋଟିଏ ଦେଶ ଅନ୍ୟ ଦେଶକୁ ପ୍ରଦାନ କରିପାରିବେ ।

ମହାକାଶ ସମ୍ବନ୍ଧୀୟ ଏହିସବୁ ଚୁକ୍ତି ବା ରାଜିନାମା ସବୁ ଏକତ୍ର କରି ମହାକାଶ ଆଇନ୍ ବା "Space Law" ଆନ୍ତର୍ଜାତୀୟ ସ୍ତରରେ ପ୍ରଣୟନ କରାଯାଇଛି । ଜନସାଧାରଣଙ୍କୁ ଏହି ଆଇନ ବିଷୟରେ ଅବଗତ କରାଇବା ପାଇଁ ମୁଁ ଏହି ଲେଖା ମାଧ୍ୟମରେ ଛୋଟ ପ୍ରୟାସଟିଏ କରିଛି ।

ସୀମା କାନୁନ୍‌ଗୋ
ଆଇନଜୀବୀ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶରତେ ଶାରଦୀୟ



ବନ୍ଦନା ମହାପାତ୍ର

ଶାରଦୀୟ ନବରାତ୍ରି ସମୟରେ ବ୍ରହ୍ମାଣ୍ଡର ସବୁ ଗ୍ରହ ସକ୍ରିୟ ଥିବାରୁ ଶକ୍ତି ଉପାସକଙ୍କର କିଛି ବି କ୍ଷତି ହୁଏ ନାହିଁ, ସେତେବେଳେ ନବାର୍ଣ୍ଣ ମନ୍ତ୍ର ଉଚ୍ଚାରଣ ହୁଏ, ଐଁ, ହ୍ଲିମ, କ୍ଲିଂ ଚାମୁଣ୍ଡାୟ ବିଚେ । ଏହି ମନ୍ତ୍ରର ପ୍ରତି ଅକ୍ଷର ଦୁର୍ଗାଙ୍କ ଗୋଟିଏ ଗୋଟିଏ ଶକ୍ତି ।

ଦୁର୍ଗାପୂଜା ହିନ୍ଦୁମାନଙ୍କ ଶ୍ରେଷ୍ଠ ପର୍ବ । ଦୁର୍ଗାପୂଜା ଷୋଳଦିନ, ନ ଦିନ, ତିନି ଦିନ ପୂଜା ହୁଏ । ଶରତ ଋତୁରେ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ପୂଜା ଓ ଶେଷ ଦିନ ଦଶହରା ହୁଏ, ଯାହା ବିଜୟା ଦଶମୀ ନାମେ ଖ୍ୟାତ । ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହା ଯାଉଥିବାବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜା କୁହାଯାଏ । ଶ୍ରଦ୍ଧାର ସହ ଦୁର୍ଗାପୂଜା କଲେ ନବଶକ୍ତି ପ୍ରାପ୍ତ ହୁଏ । ଏହି ମା ଦୁର୍ଗାଙ୍କ ପୂଜା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ଦେବୀ ଭାଗବତ, ସପ୍ତଶତି ଚଣ୍ଡିରେ ରଚିତ, ରାଜ୍ୟହୀନ ରାଜସୁରଥ ମେଧାଋଷିଙ୍କ ଦର୍ଶନ ଓ ଆଶୀର୍ବାଦରେ ମା ଦୁର୍ଗାଙ୍କୁ ପୂଜାରେ ସନ୍ତୁଷ୍ଟ କରି ରାଜ୍ୟ ଫେରି ପାଇଥିଲେ । ସମାଧି ବୈଶ୍ୟ ନିଜ ଅଭିଳାଷ ବର ପାଇଥିଲେ । ସର୍ବେ ଦେବତା ଯେତେବେଳେ ମହିଷାସୁରର ଅତ୍ୟାଚାରରେ ବିବ୍ରତ ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ରହ୍ମାଙ୍କ ଶରଣ ଗଲେ, ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶିବଙ୍କ ପରାମର୍ଶରେ ସର୍ବ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜ ଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ମା ଦୁର୍ଗାପ୍ରକଟିତ ହେଲେ । ସବୁ ଦେବତା ନିଜ ନିଜର ଆୟୁଧ ପ୍ରଦାନ କଲେ ଶେଷରେ ମା ମହିଷା ସହ ଯୁଦ୍ଧ କଲେ ସିଂହବାହିନୀ ହୋଇ, ଶୂଳ ଦ୍ୱାରା ହୃଦ ବିଦ୍ଧ କଲେ, ଖଡ୍ଗ ଦ୍ୱାରା ଶିର ଛେଦ କଲେ । ସେ ଦିନ ଥିଲା ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ ଏହି ସମୟରେ ମା'ଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତୟା ଯୁଗରେ ଶ୍ରୀରାମ ରାବଣକୁ ପରାସ୍ତ କରିବା ପାଇଁ ଆଶ୍ୱିନରେ ଏହି ପୂଜା କରିଥିଲେ । ଆଶ୍ୱିନରେ ଶାରଦ ନବରାତ୍ର ଓ ଚୈତ୍ରରେ ବାସନ୍ତୀ ନବରାତ୍ର ମାଙ୍କୁ ପୂଜା ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାନ୍ଧୀ ଓ ଗାନ୍ଧୀବାଦୀ ବ୍ୟକ୍ତି



ପ୍ରଭାସ କୁମାର ମହାପାତ୍ର

ସତ୍ୟ, ଅହିଂସା, ତ୍ୟାଗ, ଶାନ୍ତିର ପୂଜାରୀ ସରଳତାର ମୂର୍ତ୍ତି, ସମୟକୁ ସମ୍ମାନ ଦେଉଥିବା ଜାତିର ପିତା ମହାତ୍ମା ଗାନ୍ଧୀ ହେବା ଏତେ ସହଜ କଥା ନୁହେଁ ! କି ତାଙ୍କ ଆଦର୍ଶ, ବିଚାରଧାରାକୁ ନିଜ ଜୀବନରେ ପାଳନ କରିବା ମଧ୍ୟ ଏତେ ସହଜ ନୁହେଁ । ଆମ ସମାଜରେ ଅନେକ ବ୍ୟକ୍ତି ନିଜକୁ ଗାନ୍ଧୀବାଦୀ ବୋଲି ଆତ୍ମଘୋଷିତ କରିଥାନ୍ତି । ଖଦି ପୋଷାକ ପରିଧାନ କରିଥାନ୍ତି, ମାତ୍ର ସତରେ କଣ ଏମାନେ ଗାନ୍ଧିବାଦୀ ? ନୈତିକ ମାର୍ଗରେ ଅଗ୍ରସର ହୋଇଥିବା ମଣିଷଟି ଜୀବନରେ କେତେ ଯେ କଣ୍ଟକିତ ପଥ ଅତିକ୍ରମ କରି ଦେଶକୁ ସ୍ୱାଧୀନତା ଫେରାଇ ଆଣିଥିଲେ ସେଇଟା କଣ ଏବେକାର ବ୍ୟକ୍ତି ଓ ଗାନ୍ଧିବାଦୀ ବୁଝନ୍ତି ? ଏଇ ମାଟିର ମଣିଷ ପିନ୍ଧିବାକୁ ଖଣ୍ଡେ ଲୁଗା ପାଉ ନଥିବାର ଦେଖି ଜୀବନବ୍ୟାପି ଯିଏ ଗୋଟିଏ ଧୋତିକୁ କାଟି ଖଣ୍ଡେ ଆଣ୍ଠୁ ଉପରକୁ ତ ଆଉ ଖଣ୍ଡେ ଦେହରେ ପକାଉଥିଲେ ସେଇ ଦରଦୀ ମଣିଷ । ବ୍ରହ୍ମଚାରୀ ପରି ନିଜ ଜୀବନକୁ ଅତିବାହିତ କରୁଥିବା ମଣିଷଟି ଏତେ ସହଜରେ ଗାନ୍ଧୀ ହୋଇ ନଥିଲେ ! ତାଙ୍କ ଭିତରେ ଭରି ରହିଥିଲା ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା, ପ୍ରେମ ଓ ଦୃଢ଼ ମନବଳ ଏବଂ ସାହାସ ମାତ୍ର ଆମ ସମାଜରେ ଆଜିବି ଅନେକ ବ୍ୟକ୍ତି ଗାନ୍ଧୀମୁଖା ପିନ୍ଧି ନିଜକୁ ଗାନ୍ଧୀବାଦୀ କହି ଘୁରି ବୁଲୁଛନ୍ତି । କିନ୍ତୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆପଣମାନେ ସତରେ ଥରେ ଭାବିଲେ, ଚିନ୍ତାକଲେ, ବିଚାର କଲେ ଏମାନେ କଣ ବାସ୍ତବରେ ଗାନ୍ଧୀଙ୍କ ନୀତି ଆଦର୍ଶକୁ ପାଳନ କରୁଛନ୍ତି, ନା ବିରାଡ଼ି ବୈଷ୍ଣବ ପରି ଗାନ୍ଧୀଙ୍କୁ ବିକ୍ରି କରୁଛନ୍ତି । ଯେଉଁ ମହାତ୍ମା କହୁଥିଲେ ଅହିଂସା ପରମଧର୍ମ, ସେଥିପାଇଁ ଯିଏ ଜୀବନର ଶେଷ ନିଶ୍ୱାସ ଥିବାଯାଏ ଅହିଂସା ପଥରେ ଅଗ୍ରସର ହୋଇଥିଲେ ମାତ୍ର ଏମାନେ କଣ ଅହିଂସାକୁ ବାସ୍ତବରେ ପାଳନ କରୁଛନ୍ତି ? ଯେଉଁ ମହାତ୍ମା କହୁଥିଲେ ଖାରପ କଥା ଦେଖନି, ଖରାପ କଥା କୁହନି, ଖରାପ କଥା ଶୁଣନି, ଏମାନେ କଣ ବାସ୍ତବରେ ଏସବୁ ପାଳନ କରୁଛନ୍ତି ? ଯଦି ହଁ ତେବେ ଠିକ ଅଛି ଯଦି ନାଁ ଥରେ ନିଜେ ପରୀକ୍ଷା କରିନିଅନ୍ତୁ । ଗାନ୍ଧୀଜୀ ବିପଦର ବନ୍ଧୁ ସାଜୁଥିଲେ, ଦେଶରେ ଯେଉଁଠିବି ଅସୁବିଧା ହେଉଥିଲା ସେ ନିଜେ ନଚେତ ନିଜ ସାଥୀଙ୍କୁ ସେହି ସ୍ଥାନକୁ ପଠାଉଥିଲେ, ନିଜ ହାତରେ କେତେ କେତେ କୁଷ୍ଠ ରୋଗୀଙ୍କୁ ସେବା କରୁଥିଲେ କିନ୍ତୁ ଆମ ସମାଜରେ ଥିବା କେତେ ଜଣ ଗାନ୍ଧୀବାଦୀ ବ୍ୟକ୍ତି ବାହାନଗା ଟ୍ରେନ ଦୁର୍ଘଟଣା ବେଳେ ଛିଡା ହୋଇଥିଲେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ବିଶେଷଙ୍କ ପାଖରେ ? କେତେଜଣ ଫନି ବାତ୍ୟା ପରେ ଆଗକୁ ଆସିଥିଲେ ? କେତେଜଣ କରୋନା ସମୟରେ କାର୍ଯ୍ୟ କରିଥିଲେ ? ଆଉ କେତେଜଣ ଅସ୍ପୃଶ୍ୟତା ଦୂରେଇବା ପାଇଁ କାର୍ଯ୍ୟ କରୁଛନ୍ତି ? କେତେ ଜଣ ଗାନ୍ଧୀବାଦୀ ବାସ୍ତବରେ ସତ୍ୟ କହୁଛନ୍ତି ? ଗାନ୍ଧୀଙ୍କ ଡାକରାରେ ଲକ୍ଷ ଲକ୍ଷ ଲୋକ ଏକାଠି ହେଉଥିଲେ ମାତ୍ର ଏମାନେ ଡାକିଲେ କେତେଜଣ ଆସୁଛନ୍ତି ନା ଆସୁନାହାନ୍ତି ? ଗାନ୍ଧୀ ଶୋଷଣ, ନିର୍ଯାତନା ପାଇଁ ସର୍ବଦା ପ୍ରତିବାଦ କରି ଆସୁଥିଲେ ମାତ୍ର ଆଜିର ଗାନ୍ଧୀବାଦୀ ବ୍ୟକ୍ତିମାନେ ଶୋଷଣକୁ ପ୍ରତିବାଦ କରୁଛନ୍ତି ନା ନିଜେ ଶୋଷଣ କରିବାରେ ଲାଗିଛନ୍ତି ? ନିର୍ଯାତନା ରୋକିବାକୁ କେତେଜଣ, କେତେଦିନ ଅନଶନରେ ବସୁଛନ୍ତି ? ମିଡ଼ିଆ ଆଗରେ, ସଭାମଞ୍ଚରେ, ମାନପତ୍ର, ଉପାଧି ପାଖରେ ହଜାର ହଜାର ଗାନ୍ଧୀବାଦୀ ବ୍ୟକ୍ତି ଦେଖା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଉଥିବା ବେଳେ ଦେଶକୁ ପ୍ରକୃତ ବିପଦ ବେଳେ କେତେଜଣ ଗାନ୍ଧୀବାଦୀ ବ୍ୟକ୍ତି ଦେଖାଯାଉଛନ୍ତି ? ଗାନ୍ଧୀ କହୁଥିଲେ ଖଟି ଖାଅ, କାଟି ପିନ୍ଧ । ସେଥିପାଇଁ ତ ସେ ନିଜେ ଚରଖା ସାହାଯ୍ୟରେ ସୂତାକାଟି ନିଜେ ଲୁଗା ବୁଣି ପିନ୍ଧୁଥିଲେ । ଆଉ କାଟି ପିନ୍ଧିବାକୁ କହୁଥିଲେ ମାତ୍ର ଆଜିର ଦୁନିଆରେ କେତେଜଣ ଗାନ୍ଧୀବାଦୀ ବ୍ୟକ୍ତି ଖଟିକି ଖାଉଛନ୍ତି ? ଆଉ କେତେଜଣ କାଟିକି ପିନ୍ଧୁଛନ୍ତି ? ଗାନ୍ଧୀଙ୍କ ଜୀବନ ତ ସାଧାରଣରୁ ଅତି ସାଧାରଣ ଥିଲା, ଖଣ୍ଡିଏ ଧୋତିକୁ କାଟି ଗୋଟେ ପିନ୍ଧୁଥିଲେ ଆଉ ଗୋଟେ ଦେହରେ ପକାଉଥିଲେ । ଖଣ୍ଡେ ବାଡ଼ିକୁ ଅଣ୍ଟାରେ ଗୋଟେ ଘଡି । ମାତ୍ର ଆଜିର ଗାନ୍ଧୀବାଦୀ ବ୍ୟକ୍ତିମାନଙ୍କ ପାଖରେ ଗଣ୍ଡା ଗଣ୍ଡା ଗାଡି ଆଉ ବାଡ଼ି ଆସୁଛି କେମିତି ? ନା ଆଜିବି ଏମିତି କିଛି ଗାନ୍ଧୀବାଦୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ସାଧାରଣରୁ ଅତି ସାଧାରଣ ଜୀବନ ଯାପନ କରୁଛନ୍ତି । ଯେଉଁ ମହାପୁରୁଷଙ୍କୁ ସମଗ୍ର ବିଶ୍ୱ ସତ୍ୟ, ଅହିଂସା, ଶାନ୍ତିର ଦୂତ ଭାବରେ ପୂଜା କରୁଛି । ମାତ୍ର ଏବେକାର ଗାନ୍ଧୀବ୍ୟକ୍ତି ମାନଙ୍କୁ ତାଙ୍କ ଘର, ଗାଁ, ଅଞ୍ଚଳର ଲୋକମାନେ ପୂଜା କରୁଛନ୍ତି କି ନାହିଁ ? ଯଦି ହିଁ ଠିକ ଅଛି ଯଦି ନା ତେବେ କାହିଁକି ? ସମ୍ମାନ ଦେଉଛନ୍ତି ନା ସମ୍ମାନ ଦେଉ ନାହାନ୍ତି ? ବର୍ତ୍ତମାନ ଭାଷଣ ଦେବାର ଅନେକ ଗାନ୍ଧୀବ୍ୟକ୍ତି ଦୃଶ୍ୟମାନ ହେଉଥିବା ବେଳେ କାମ କରୁଥିବା ଗାନ୍ଧୀବ୍ୟକ୍ତି କେତେ ଜଣ ଅଛନ୍ତି ? ଯଦି ଅଛନ୍ତି ତେବେ ସେମାନେ କେଉଁଠି ଅଛନ୍ତି ? ଥରେ ଖୋଜିବାର ଆବଶ୍ୟକତା ଅଛିକି ନାହିଁ ? ଜାତିପ୍ରଥାକୁ ନେଇ ଯେତେଜଣ ବ୍ୟକ୍ତି ଲମ୍ବା ଲମ୍ବା ଭାଷଣ ଦେଉଛନ୍ତି, କେତେଜଣ ନିଜ ଘରୁ, ପରିବାରରୁ ଆଉ ନିଜ ମସ୍ତିଷ୍କରୁ ଜାତିପ୍ରଥାକୁ କାଢ଼ିଛନ୍ତି ନା ଏବେବି ସେ ସବୁ ଚିନ୍ତାଧାରା ଅଛି ? ହିନ୍ଦୁ, ମୁସଲିମ୍, ଶିଖ, ଇସାଇ, ଆମେ ସବୁ ଭଉଣୀ ଭାଇ କହୁଥିବା ଗାନ୍ଧୀବ୍ୟକ୍ତିମାନେ ବାସ୍ତବରେ ସମସ୍ତେ ପ୍ରତି ଧର୍ମର ଲୋକଙ୍କ ସହ ମିଶୁଛନ୍ତି ତ ? ତାଙ୍କ ସହ ଖାଉଛନ୍ତି ତ ? ପରସ୍ପର ଭିତରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦଭାବନା, ଭାଇଚାରା ଅଛି ତ ? ନା କେବଳ ନାରାବାଜି ମାତ୍ର, ଆଜିର ଗାନ୍ଧୀମାନେ ବାସ୍ତବରେ ବର୍ଣ୍ଣଭେଦ ଛାଡିଲେଣି ନା ନାହିଁ? ଯଦି ଛାଡିଲେଣି ତେବେ ନିଜ ଝିଅ, ପୁଅ, ବିବାହ ସମୟରେ  ଜାତି, ଧର୍ମକୁ ସେମାନେ ଦେଖୁନାହାନ୍ତି ତ ? ଗାନ୍ଧୀଜୀ ସର୍ବଦା ସତ କହୁଥିଲେ ଆଉ ସତ କହିବାକୁ ମଧ୍ୟ କେବେ ଡରୁନଥିଲେ । ସେ ସତ୍ୟକୁ ଈଶ୍ୱର ମନେ କରୁଥିଲେ ଆଉ ସତ କହିବାକୁ ମଧ୍ୟ ସେ ଅନ୍ୟକୁ କହୁଥିଲେ ।  ତେବେ ଆଜିର ଗାନ୍ଧୀମାନେ କେତେ ସତ କହୁଛନ୍ତି କି ନାହିଁ ତାହା ଜାଣିବାର ନିଶ୍ଚୟ ଆବଶ୍ୟକତା ଅଛି କି ନାହିଁ ? ବାପୁ କହୁଥିଲେ ହିଂସା କରନାହିଁ, ଅହିଂସା ପରମଧର୍ମ ତେଣୁ ସେ କାହାରିକୁ ହିଂସା କରୁନଥିଲେ ଆଉ ହିଂସା ନ କରିବାକୁ ମଧ୍ୟ କହୁଥିଲେ । କାରଣ ସେ ଜାଣିଥିଲେ ଅହିଂସା ଦ୍ୱାରା ସବୁ ସମସ୍ୟାର ସମାଧାନ ହେଇ ପାରିବ ମାତ୍ର ଆଜିର ଗାନ୍ଧୀମାନେ କେତେଜଣ ଅହିଂସା ପଥରେ ସତରେ ଅଗ୍ରସର ହେଉଛନ୍ତି ? ଯଦି ହଁ ତେବେ ଥରେ ପରୀକ୍ଷାର ଆବଶ୍ୟକତା ରହିଛି କି ନାହିଁ ? ଗାନ୍ଧୀ କହୁଥିଲେ ଜୀବ ହତ୍ୟା କରନାହିଁ, ମଦ, ମାଂସ (ଆମିଷ) ଖାଅ ନାହିଁ । କାରଣ ମନ, ବଚନ, ଶରୀରରେ ସେ କାହାରିକୁ ଦୁଃଖ ଦେବାକୁ ଚାହୁଁନଥିଲେ ତେଣୁ ସେ ଏସବୁ ଠାରୁ ବହୁତ ଦୂରରେ ଥିଲେ ମାତ୍ର ଆଜିର ଗାନ୍ଧୀମାନେ କେତେଜଣ ମଦ, ମାଂସ ଖାଉଛନ୍ତି ନା ଖାଉନାହାନ୍ତି ? ଥରେ ପାଖରୁ ଦେଖିବାର ଅଛି କି ନାହିଁ? ମହାତ୍ମା ଗାନ୍ଧୀ ପ୍ରଥମେ କରୁଥିଲେ, ଆଉ ତାପରେ କରିବାକୁ କହୁଥିଲେ ମାତ୍ର ଆଜିର ଗାନ୍ଧୀମାନେ ବାସ୍ତବରେ କରୁଛନ୍ତି ନା ଖାଲି କହି କହି କାମ କରାଉଛନ୍ତି ? ଏହି ଗାନ୍ଧୀବ୍ୟକ୍ତିମାନେ ସତରେ ଦୁଃଖୀ, ଅସହାୟ, ପିଡିତ, ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରୁଛନ୍ତି ତ ? ଅନ୍ୟର ଟଙ୍କା, ଧନ, ସମ୍ପତିକୁ ବାସ୍ତବରେ ଏମାନେ ହାତରେ ଧରୁ ନାହାନ୍ତି ତ ? ଏହି ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅଭିମାନ ନାହିଁ ତ ? ସମସ୍ତଙ୍କୁ ନିଜର ଭାବୁଛନ୍ତି ତ ? କୌଣସି କଥାକୁ ନେଇ କାହାରିକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିନ୍ଦା, ଅପମାନ କରୁନାହାନ୍ତି ତ ? ସମସ୍ତଙ୍କୁ ସାମନ ଦୃଷ୍ଟିରେ ଦେଖୁଛନ୍ତି ତ ? ପରର ସ୍ତ୍ରୀକୁ ମା ରୂପରେ ଦେଖୁଛନ୍ତି ନା ଆଉ କିଛି ନଜରରେ ଦେଖୁଛନ୍ତି ? ବାପୁ ବ୍ରାହ୍ମଚର୍ଯ୍ୟକୁ ଅତି ଶୃଙ୍ଖଳାର ସହିତ ପାଳନ କରୁଥିଲେ । ସେଥିପାଇଁ ସେ ଖାଇବା, ପିଇବା, ସ୍ୱାଦ, ଶୃଙ୍ଗାର ଉପରେ ସଂଯମତା ରକ୍ଷା କରୁଥିଲେ, ଯେତିକି ଆବଶ୍ୟକ ସେତିକି ବ୍ୟବହାର କରୁଥିଲେ । ଆଉ ଅନ୍ୟକୁ ପାଳନ କରିବାକୁ ପରାମର୍ଶ ଦେଉଥିଲେ । ତେଣୁ ସପ୍ତାହରେ ଗୋଟିଏ ଦିନ ସେ ଉପବାସ ରହିବା ସହିତ ମୌନ ବ୍ରତ କରୁଥିଲେ । ମାତ୍ର ଆଜିର ଆତ୍ମଘୋଷିତ ଗାନ୍ଧୀବାଦୀ ବ୍ୟକ୍ତିମାନେ ଏସବୁ କେତେ ପାଳନ କରୁଛନ୍ତି ତାହା ଦେଖିବାର ଅଛି କି ନାହିଁ ? ବାପୁଜୀ ଚୋରି କରିବା ମହାପାପ କହୁଥିବା ବେଳେ ଅପରିଗ୍ରହ ଅର୍ଥାତ କୌଣସି ଜିନିଷ ଆବଶ୍ୟକତା ଠାରୁ ଅଧିକ ସଂଚିତ ନକରିବାକୁ କହୁଥିଲେ । ମାତ୍ର ଆଜିର ଗାନ୍ଧୀମାନେ ଚୋରି କରୁଛନ୍ତି କି ନାହିଁ, ଆବଶ୍ୟକତା ଠାରୁ ଅଧିକ ଜିନିଷ ସଂଚିତକରି ରଖୁଛନ୍ତି କି ନାହିଁ ନିଜେ ପରଖିବାର ଅଛି ? ନା ଗୁପ୍ତ ଭାବରେ ସଂଚୁଛନ୍ତି ତାହା ଦେଖିବାର ଅଛିକି ନାହିଁ ? ପ୍ରତ୍ୟେକ କାମରେ ସମାଜର ସଭା ପଛରେ ଥିବା ବ୍ୟକ୍ତି ବିଶେଷଙ୍କୁ କିଛି ଫାଇଦା ମିଳୁଛି ତ ? ନା ଆଜିର ଗାନ୍ଧୀରୂପଧାରୀ ବ୍ୟକ୍ତିବିଶେଷ ମାନଙ୍କର ଖାଲି ଫାଇଦା ହେଉଛି ? ବାସ୍ତବରେ ସ୍ୱଚ୍ଛତା ପ୍ରତି କେତେ ସେମାନେ ଯତ୍ନଶିଳ ନା କେବଳ ଅକ୍ଟୋବର ଏକ ତାରିଖ ଦିନକ ପାଇଁ ଝାଡୁ ଧରୁଛନ୍ତି ଏମାନେ ? ଏମାନଙ୍କ ମନ ବାସ୍ତବରେ ସ୍ୱଚ୍ଛ ଅଛି କି ନାହିଁ ? ଅନ୍ୟକୁ ସ୍ୱାବଲମ୍ବୀ, ରୋଜଗାରକ୍ଷମ କରେଇବାରେ ଏମାନେ କେତେ ଯତ୍ନଶୀଳ ତାହା ଜାଣିବାର ଅଛି କି ନାହିଁ ? ନା ଏମାନଙ୍କ ନିଜ ରୋଜଗାର ବଢେଇବାର ନିଶା ରହିଛି ? ଏମାନେ ନିଜ ଅଞ୍ଚଳକୁ ସବୁଜମୟ କରିବାର ସ୍ୱପ୍ନ ଦେଖୁଛନ୍ତିତ ନା କେବଳ ପରିବେଶ ଦିବସରେ ବୃକ୍ଷଟି ହାତରେ ରହୁଛି ? ଆଉ ଫୋଟୋ ଉତ୍ତୋଳନ ହୋଇ ସାମାଜିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଣମାଧ୍ୟମରେ ଦେଖା ହଉଛି । ପରସ୍ପର ପ୍ରତି ଭାଇଚାରା, ସହଯୋଗ ଆଉ ସଦଭାବନା ଭାବ ରହିଛି ତ ? ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଜ ଅଞ୍ଚଳର ବିକାଶ ପାଇଁ ଏମାନେ ବାସ୍ତବରେ କାମ କରୁଛନ୍ତି ନା ନାହିଁ ? ଯାହା ବାକ୍ୟରେ କହୁଛନ୍ତି ତାହା କାର୍ଯ୍ୟରେ କରୁଛନ୍ତି କି ନାହିଁ ? ଗ୍ରାମ୍ୟ ଦ୍ରବ୍ୟ (ଯେପରି ଗାଁରେ ତିଆରି ହେଉଥିବା ଜିନିଷ ପତ୍ର, ପନିପରିବା, ଲୁଗାପଟା, ବେତ, ବାଉଁଶ, ସବାଇ ଘାସର ଜିନିଷ ଇତ୍ୟାଦି) ବାହାରକୁ ଯାଉଛି ନା କେବଳ ବାହାର ଜିନିଷ ଗ୍ରାମକୁ ଆସୁଛି । ନିଜେ ସ୍ୱାଭିମାନୀ ହେବା ସହ ନିଜ ଅଞ୍ଚଳକୁ ସ୍ୱାଭିମାନୀ କରାଇବାରେ ଏମାନେ କେତେ ଯତ୍ନବାନ ତାହା ପରଖିବାର ନିତ୍ୟାନ୍ତ ଆବଶ୍ୟକତା ଅଛି କି ନାହିଁ? ବାସ୍ତବରେ ଏସବୁ ପାଳନ ହେଉଛି ନା କେବଳ ଭାଷଣ ଓ ଫୋଟୋ ମଧ୍ୟରେ ସୀମିତ ରହୁଛି ? ଥରେ ନିଜେ ପରୀକ୍ଷା କରିନିଅନ୍ତୁ, ଯଦି ଉତ୍ତର ଆସେ ହଁ ଏମାନେ ସବୁ ଗାନ୍ଧୀଙ୍କ ବିଚାର, ଆଦର୍ଶରେ ଚାଲିଛନ୍ତି ତେବେ ଏମାନେ ସତରେ ଗାନ୍ଧୀବାଦୀ ବ୍ୟକ୍ତି ! କାରଣ ଗାନ୍ଧୀ ହେବା ଏତେ ସହଜ ନୁହେଁ !

କାରଣ ଗାନ୍ଧୀ ଜୟନ୍ତୀ ଦିନ ଅନେକ ଗାନ୍ଧୀବାଦୀ ବ୍ୟକ୍ତି ଗାନ୍ଧୀମୂର୍ତ୍ତି ପାଖରେ ଫୁଲ ହାର, ଫୁଲ ତୋଡ଼ା, ଉତ୍ତରୀୟ ଏମିତି ଅନେକ କିଛି ଆଉ ନାରା ଦେଇ ଫୋଟୋ ଉଠେଇବାକୁ ଆସିଥାନ୍ତି । ମାତ୍ର ଆଉ ବର୍ଷସାରା ଦେଖାଯାନ୍ତି ନାହିଁ । କାରଣ ଗାନ୍ଧୀବାଦୀ ବ୍ୟକ୍ତି ହେବା ଏତେ ସହଜ କଥା ନୁହେଁ !

ପ୍ରଭାସ କୁମାର ମହାପାତ୍ର
ମୟୁରଭଞ୍ଜ, ଓଡ଼ିଶା
ଦୂର ଭାଷ-୯୮୬୧୬୦୭୩୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ନଭେମ୍ବର ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan